

ଉନ୍ନତିଙ୍କ ବିଜୟ ଅଭିଯାନ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-55 ♦WEDNESDAY ♦19 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୫୫ ♦ବୁଧବାର ♦୧୯ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ମୃତ୍ୟୁଦଣ୍ଡ ପାଇଁ ଜାରି ରହିବ ଫାଶୀ ପ୍ରଥା: ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ମୃତ୍ୟୁଦଣ୍ଡାଦେଶ ପାଇଥିବା କଏଦୀମାନଙ୍କୁ ଫାଶୀ ଦିଆଯିବା ପ୍ରଥାକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ପିଟିସନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ଅଦାଲତଙ୍କ ଏହି ନିଷ୍ପତ୍ତି ପରେ ଦେଶରେ ମୃତ୍ୟୁଦଣ୍ଡ ପାଇଁ ପ୍ରଚଳିତ ଫାଶୀ ପ୍ରଥା ଜାରି ରହିବ ବୋଲି ସ୍ପଷ୍ଟ ହୋଇଛି। ମଙ୍ଗଳବାର ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଫାଶୀ ବଦଳରେ କମ୍ ଯନ୍ତ୍ରଣାଦାୟକ ପଦ୍ଧତି, ଯେପରିକି ଘାତକ ଇଞ୍ଜେକ୍ସନ, ଗୁଳି କରିବା କିମ୍ବା ଗ୍ୟାସ୍ ଚାମ୍ବର ବ୍ୟବହାର କରିବାକୁ ଆବେଦନରେ ଦର୍ଶାଯାଇଥିଲା। ତେବେ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି



### ଅନ୍ୟ ପଦ୍ଧତି ପାଇଁ ଆବେଦନ ଖାରଜ

ଯେ, ଦଣ୍ଡାଦେଶ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଆପଣାଇବାକୁ କୋର୍ଟ ବିଧାୟିକାଙ୍କୁ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ। ଅଦାଲତ ଏହା ମଧ୍ୟ କହିଛନ୍ତି ଯେ, ଫାଶୀ ବଦଳରେ ଅନ୍ୟ କୌଣସି ଉନ୍ନତ ଓ କମ୍ ଯନ୍ତ୍ରଣାଦାୟକ ବିକଳ୍ପ ନେଇ କେନ୍ଦ୍ର ସରକାର ଏକ ବିଶେଷଜ୍ଞ କମିଟି ଜରିଆରେ ସମୀକ୍ଷା କରିପାରିବେ। ପୂର୍ବରୁ କେନ୍ଦ୍ର ସରକାର ଏହି ପ୍ରଥା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଫାଶୀ ହେଉଛି ଏକ ଶୀଘ୍ର ଏବଂ ସରଳ ପଦ୍ଧତି ଏବଂ ଏହା ଅନ୍ୟ ପଦ୍ଧତି ଅପେକ୍ଷା କମ୍ ଯନ୍ତ୍ରଣାଦାୟକ ବୋଲି ସରକାର କହିଥିଲେ। ୨୦୧୭ରେ ବରିଷ୍ଠ ଆଇନଜୀବୀ ଋଷି ମାଲହୋତ୍ରାଙ୍କ ଦ୍ୱାରା ଏହି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାୟର କରାଯାଇଥିଲା। ଏଥିରେ ଲ' କମିଶନଙ୍କ ୧୮୭ତମ ରିପୋର୍ଟକୁ ଆଧାର କରି ଫାଶୀ ପ୍ରଥା ଉଚ୍ଛେଦ କରିବାକୁ ଅନୁରୋଧ କରାଯାଇଥିଲା।

# ବନ୍ଧ-ବାଡ଼ ମାନୁନି ପାଣି

# ଉତ୍ତର ଓଡ଼ିଶା ବେହାଲ୍

■ ଭୁବନେଶ୍ୱର, ୧୮।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଏବେ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି। ଏହା ପ୍ରଭାବରେ ସେଠାରେ ପ୍ରବଳ ବର୍ଷା ଜାରି ରହିଛି। ଫଳ ସ୍ୱରୂପ ବ୍ରାହ୍ମଣୀ ସମେତ ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ବୈତରଣୀ ନଦୀର ବନ୍ୟା ପ୍ରଭାବରେ ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ଲକ୍ଷାଧିକ ଲୋକ ଜଳବନ୍ଦୀ ଅବସ୍ଥାରେ ଥିବା ବେଳେ ଏବେ ବ୍ରାହ୍ମଣୀ ଓ ସୁବର୍ଣ୍ଣରେଖା ସ୍ଥିତି ମଧ୍ୟ ଚିନ୍ତା ବଢ଼ାଇଛି।

ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ସୁବର୍ଣ୍ଣରେଖା ନଦୀ ଜାମଶୋଳାଘାଟ ନିକଟରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ଜଳକା ଓ ଆଖୁଆପଦାଠାରେ ବୈତରଣୀ ମଧ୍ୟ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଏହା ବ୍ୟତୀତ ବୁଢ଼ାବଳଙ୍ଗ ନଦୀ ଗୋବିନ୍ଦପୁର, ବୈତରଣୀ ଆନନ୍ଦପୁର ଓ ବ୍ରାହ୍ମଣୀ ନଦୀ ଜେନାପୁର ନିକଟରେ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଝାଡ଼ଖଣ୍ଡ ସମେତ ଶିମିଳିପାଳ ଆଦିରେ ବର୍ଷାର ପ୍ରଭାବ ଅଧିକ ରହିଥିବାରୁ ଏହି ପାଣି ବୁଧବାର ବୈତରଣୀ ଓ ବ୍ରାହ୍ମଣୀରେ ପହଞ୍ଚିବା ଆଶଙ୍କା ରହିଛି। ତେଣୁ ଏହି ନଦୀଗୁଡ଼ିକରେ ଜଳସ୍ତର ଆହୁରି ବଢ଼ିବାର ଆଶଙ୍କା ରହିଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତଙ୍କ ସୂଚନା ଅନୁସାରେ ଗତକାଲି ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ହୋଇଛି, ଏହାର ପ୍ରଭାବ ଆସନ୍ତାକାଲି ସୁଦ୍ଧା ଓଡ଼ିଶାରେ ▶ପୃଷ୍ଠା-୭



### ଝାଡ଼ଖଣ୍ଡରେ ବର୍ଷା; ଫୁଲୁଛି ବ୍ରାହ୍ମଣୀ, ସୁବର୍ଣ୍ଣରେଖା
### ଏବେ ବି ବିପଦ ସଂକେତ ଉପରେ ୩ ପ୍ରମୁଖ ନଦୀ
### ଆହୁରି ୪ ଦିନ ପର୍ଯ୍ୟନ୍ତ କମି ନ ପାରେ ବନ୍ୟା ପାଣି
### ବନ୍ୟାରେ ପ୍ରଭାବିତ ହୋଇଛନ୍ତି ୧୦ ଲକ୍ଷରୁ ଊର୍ଦ୍ଧ୍ୱ

## ଓଲଟିଲା ବୋଟ୍; ଭାସିଗଲା ରିଲିଫ୍ ସାମଗ୍ରୀ

■ ଯାଜପୁର,୧୮।୮ (ସମିସ): ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତ ଓଲେଇପଡା ଗାଁକୁ ରିଲିଫ ସାମଗ୍ରୀ ନେଇ ଯାଉଥିବା ଏକ ବୋଟ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ବୋଟରେ ୧୫ ଜଣ ଥିବା ବେଳେ ସମସ୍ତେ ସୁରକ୍ଷିତ ଥିବା ଜଣାପଡିଛି। ତେବେ ବୋଟ୍‌ରେ ଥିବା ରିଲିଫ୍ ସାମଗ୍ରୀ ବନ୍ୟାଜଳରେ ଭାସିଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଓଲେଇପଡ଼ା ଗାଁକୁ ଏକ ଟିମ୍ ରିଲିଫ ସାମଗ୍ରୀ ନେଇ ଯାଉଥିଲେ। ବଡ଼ବଜାର ବ୍ୟବସାୟୀ ସଂଘ ପକ୍ଷରୁ ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ ସାମଗ୍ରୀ ନେଇ ବୋଟରେ ଯାଉଥିବା ବେଳେ ବୁଢ଼ାଘାଟ ▶ପୃଷ୍ଠା-୭

## କାନ୍ଥ ପଡ଼ି ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

■ ବାରିପଦା/ରାଇରଙ୍ଗପୁର, ୧୮।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଉପଖଣ୍ଡ ଅଞ୍ଚଳରେ ବର୍ଷା ବିପ୍ରାତ ବ୍ୟାପକ କ୍ଷତି କରିଛି। ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ସ୍ତ୍ରୀ ମୃତ୍ୟୁବରଣ କରିଥିବାବେଳେ ସ୍ୱାମୀ ଗୁରୁତର ଆହାତ ହୋଇଛନ୍ତି। ବାଦାମପାହାଡ ଥାନା ଅନ୍ତର୍ଗତ ଚୁଆପାଣି ପଞ୍ଚାୟତର ଛଣୁଆ-ବଡ଼ସାହିର ବୀରଭଦ୍ର ମହାନ୍ତ (୫୨) ଓ ତାଙ୍କ ସ୍ତ୍ରୀ ହେମଲତା ମହାନ୍ତ (୪୫) ସୋମବାର ରାତିରେ ଶୋଇଥିଲେ। ତେବେ ରାତି ସାରା ଲଗାଣ ବର୍ଷା ପାଇଁ ପ୍ରାୟ ୩ଟା ସମୟରେ ପଡ଼ୋଶୀ ଘରର କାନ୍ଥ ଭୁଶୁଡ଼ିବା ପରେ ବୀରଭଦ୍ରଙ୍କ କାନ୍ଥ ଉପରେ ପଡ଼ିଥିଲା। ଫଳରେ ଦୁଇଟି କାନ୍ଥ ଉଭୟ ଦମ୍ପତିଙ୍କ ▶ପୃଷ୍ଠା-୭

## ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି

■ ଭୁବନେଶ୍ୱର, ୧୮।୮ (ସମିସ): ରାଜ୍ୟର ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିବା ପରେ ଲୋକସେବା ଭବନ ଠାରେ ଗଣମାଧ୍ୟମକୁ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଅର୍ଥ ଏ ଦିଗରେ ପ୍ରତିବନ୍ଧକ ହେବ ନାହିଁ, ଯାହା ଆବଶ୍ୟକ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବନ୍ୟା ପ୍ରଭାବିତ ଚାଷୀଙ୍କୁ କୃଷି ଇନପୁଟ୍ ସବ୍‌ସିଡି ବାବଦକୁ ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଏବଂ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ କୃଷି ଇନପୁଟ୍ ସବସିଡି ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ଅଣଧାନ (ଯଥା-ବିରି) ବିହନ କିଣିବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସରକାରୀ ଓ ଘରୋଇ ବ୍ୟବସ୍ଥା ମାଧ୍ୟମରେ ବିହନ ଉପଲବ୍ଧ କରାଯିବ। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ କରାଯିବ।



### ପ୍ରଭାବିତ ଚାଷୀଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଇନପୁଟ୍ ସହାୟତା
### ଯୁଦ୍ଧକାଳୀନ ଭିତ୍ତିରେ ହେବ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ
### ପୂର୍ବସ୍ଥିତି ଫେରାଇ ଆଣିବାକୁ ବାଧକ ସାଜିବନି ଅର୍ଥ: ମୁଖ୍ୟମନ୍ତ୍ରୀ

ବନ୍ୟା ପରବର୍ତ୍ତୀ ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୭୫ ପ୍ରତିଶତ ସବ୍‌ସିଡି ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ▶ପୃଷ୍ଠା-୭

### ଜୁଲାଇ ୨୦ରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

## କଠୋର ଆଭିମୁଖ୍ୟ ଗ୍ରହଣ କଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଦିଲ୍ଲୀରେ ଜୁଲାଇ ୨୦ ତାରିଖରେ କକ୍ରୋଚ୍ ପାର୍ଟିର ଆନ୍ଦୋଳନ ବେଳେ ଛାତ୍ରଛାତ୍ରୀଙ୍କ ବିରୋଧରେ ପୁଲିସର ବର୍ବରତା ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ବି ସାରା ଦେଶରେ ଆକ୍ରୋଶ ଜାରି ରହିଛି। ଏହି ଘଟଣାରେ ସୁପ୍ରିମ କୋର୍ଟ ମଧ୍ୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପୁଲିସ ବର୍ବରତାର ଯାଞ୍ଚ କରିବା ଲାଗି ସର୍ବୋଚ୍ଚ ଅଦାଲତ ଏକ ଉଚ୍ଚକ୍ଷମତାସଂପନ୍ନ କମିଟି ଗଠନ କରିବାକୁ ଘୋଷଣା କରିଛନ୍ତି। ଏହି କମିଟିରେ ପୂର୍ବତନ ବିଚାରପତି,

### ପୁଲିସ ବର୍ବରତାର ଯାଞ୍ଚ କରିବ ଉଚ୍ଚ କ୍ଷମତାସଂପନ୍ନ କମିଟି
### ଛାତ୍ରୀମାନଙ୍କ ବିରୋଧରେ ଅସଦାଚରଣର ମଧ୍ୟ ଯାଞ୍ଚ ହେବ
### ଭିଡିଓ ଫୁଟେଜ୍, ସିସିଟିଭି ରେକର୍ଡିଂ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ

ପୂର୍ବତ୍ ପୁଲିସ ଡିଜି ଏବଂ ସିବିଆଇର ପୂର୍ବତନ ନିର୍ଦ୍ଦେଶକ ରହିବେ। ପ୍ରତିବାଦ ଆନ୍ଦୋଳନରେ ସାମିଲ ଥିବା ଛାତ୍ରୀଙ୍କ ପ୍ରତି ଅଶାଳୀନ ବ୍ୟବହାର ଅଭିଯୋଗର ମଧ୍ୟ ଏହି କମିଟି ଯାଞ୍ଚ କରିବ।

ଆଜି ଏହି ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଆସନ୍ତାକାଲି କମିଟି ଗଠିତ ହେବ ଏବଂ ସଦସ୍ୟଙ୍କ ନାମର ଘୋଷଣା କରାଯିବ। ଜୁଲାଇ ୨୦ ଆନ୍ଦୋଳନ ବେଳର ଭିଡିଓ ଫୁଟେଜ୍ ଏବଂ ସିସିଟିଭି ରେକର୍ଡିଂ ଏହି କମିଟିରେ ଦାଖଲ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆନ୍ଦୋଳନ ବେଳେ ଦିଲ୍ଲୀ ଏବଂ ଅନ୍ୟ ଅଞ୍ଚଳରେ ଛାତ୍ରୀମାନଙ୍କ ବିରୋଧରେ ଅସାଦରଣର ଯେଉଁ ଅଭିଯୋଗ ଆସିଛି, ତାହର ମଧ୍ୟ ▶ପୃଷ୍ଠା-୭

## ଭିଜିଲାନ୍ସ ଜାଲରେ ସିଡିପିଓ

■ ବାଲେଶ୍ୱର, ୧୮।୮ (ସମିସ): ୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ବାଲେଶ୍ୱର ସଦର ସିଡିପିଓ ମଧୁସ୍ମିତା ମହାନ୍ତି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ରେମୁଣା ଅଞ୍ଚଳର ରାମଚନ୍ଦ୍ର ନାୟକ ନିଜର ଗାଡ଼ି ସିଡିପିଓ କାର୍ଯ୍ୟାଳୟରେ ଭଡ଼ାରେ ଲଗାଇଥିଲେ। ତାଙ୍କର ଜୁନ୍ ଓ ଜୁଲାଇ ମାସର ପ୍ରାୟ ୫୨ ହଜାର ଟଙ୍କାର ବକେୟା ବିଲ୍ ପାସ୍ କରାଇଦେବା ପାଇଁ ଶ୍ରୀମତୀ ମହାନ୍ତି ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଗାଡ଼ି ମାଲିକ ଶ୍ରୀ ନାୟକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ସାରି ଫେରିବା ସମୟରେ ଶ୍ରୀମତୀ ମହାନ୍ତି ୫ ହଜାର ଟଙ୍କା ନିଜ ଭ୍ୟାନିଟି ବ୍ୟାଗ୍‌ରେ ରଖି କାର୍‌ରେ ଯାଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯିବା ସହ ଗୋପାଳଗାଁସ୍ଥିତ ତାଙ୍କ ବାସଭବନରେ ଚଢ଼ଉ ଜାରି ରହିଥିବା ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ନାୟକ ସୂଚନା ଦେଇଛନ୍ତି।

### ସୁପ୍ରିମକୋର୍ଟରେ ଆମିକସ୍ କ୍ୟୁରିଙ୍କ ତଥ୍ୟ

## ଓଡ଼ିଶାର ୭୬% ସାଂସଦ ଅପରାଧ ଅଭିଯୁକ୍ତ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ରାଜନୀତିରେ ଅପରାଧୀକରଣକୁ ନେଇ ପୁଣି ଥରେ ଦେଶରେ ଆରମ୍ଭ ହୋଇଛି ବିତର୍କ। ସୁପ୍ରିମକୋର୍ଟରେ ଆମିକସ୍ କ୍ୟୁରିଙ୍କ ପକ୍ଷରୁ ଦାଖଲ ତଥ୍ୟ ଅନୁଯାୟୀ, ଦେଶର ୫୪୩ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୨୫୧ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେଥିମଧ୍ୟରୁ ୧୭୦ ଜଣଙ୍କ ବିରୋଧରେ ଗୁରୁତର ପ୍ରକୃତିର ଅଭିଯୋଗ ରହିଥିବା କୁହାଯାଇଛି। ତେବେ ଉଦ୍‌ବେଗଜନକ ବିଷୟଟି ହେଉଛି ନିର୍ବାଚିତ ସାଂସଦଙ୍କ ସଂଖ୍ୟା ଓ ଅପରାଧ ହାର ଦୃଷ୍ଟିରୁ ଓଡ଼ିଶା ବି ପଛରେ ନାହିଁ। ୨୧ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୧୬ ଜଣ, ଅର୍ଥାତ୍ ପ୍ରାୟ ୭୬ ପ୍ରତିଶତଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏହି ହାର ଦେଶର ସର୍ବାଧିକ ପ୍ରଭାବିତ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାକୁ ସ୍ଥାନ ଦେଇଛି। ରାଜ୍ୟଭିତ୍ତିକ ତାଲିକାରେ କେରଳ ପରେ ତେଲେଙ୍ଗାନା, ଓଡ଼ିଶା ଓ ଝାଡ଼ଖଣ୍ଡର ସ୍ଥିତି ଉଦ୍‌ବେଗଜନକ ରହିଛି।

### ▶ ୨୧ରୁ ୧୬ ସାଂସଦଙ୍କ ବିରୋଧରେ ମାମଲା
### ▶ ଅଭିଯୁକ୍ତ ହାରରେ ଓଡ଼ିଶା ଦେଶରେ ତୃତୀୟ
### ▶ ଦେଶର ୧୪ ମୁଖ୍ୟମନ୍ତ୍ରୀ ଅପରାଧ ଅଭିଯୁକ୍ତ

୨୦୨୪ ଲୋକସଭା ନିର୍ବାଚନ ସମୟରେ ଦାଖଲ ହୋଇଥିବା ସ୍ୱ-ଘୋଷିତ ଶପଥପତ୍ର ଆଧାରରେ ଏଡ଼ିଆର୍ ବିଶ୍ଳେଷଣ ଅନୁଯାୟୀ ଓଡ଼ିଶାର ୧୬ ଜଣ ବିଜୟୀ ସାଂସଦ ବିଭିନ୍ନ ଅପରାଧରେ ଅଭିଯୁକ୍ତ। ପ୍ରତାପ ଷଡ଼ଙ୍ଗୀ, ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ ପୁରୋହିତ, ରୁଦ୍ର ନାରାୟଣ ପାଣି, ବୈଜୟନ୍ତ ପଣ୍ଡା, ଧର୍ମେନ୍ଦ୍ର ପ୍ରଧାନ, ସୁକାନ୍ତ ପାଣିଗ୍ରାହୀ, ▶ପୃଷ୍ଠା-୭

## ସୁପ୍ରିମକୋର୍ଟରେ ଝୁଲିଲା ଡିଜିପି ନିଯୁକ୍ତି

■ ଭୁବନେଶ୍ୱର, ୧୮।୮ (ସମିସ): ଓଡ଼ିଶା ଡିଜିପି ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ଆଇନଗତ ଲଢେଇ ପୁଣି ଲମ୍ବିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ହୋଇଥିବା ଜବାବ କୋର୍ଟ ରେକର୍ଡରେ ଉପଲବ୍ଧ ନଥିବାରୁ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣିକୁ ସେପ୍‌ଟେମ୍ବର ୨ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି।

ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଆଜି ମାମଲାର ଶୁଣାଣି କରିଥିଲେ। ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ କହିଥିଲେ ଯେ, ରାଜ୍ୟ ସରକାର ଏହି

### ସେପ୍ଟେମ୍ବର ୨ରେ ପରବର୍ତ୍ତୀ ଶୁଣାଣି
### ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ଲଢ଼ିଲେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା

ମାମଲାରେ ନିଜର ଉତ୍ତର ଦାଖଲ କରିଛନ୍ତି। ମାତ୍ର ଅଦାଲତର ରେକଡର୍‌ରେ ରାଜ୍ୟ ସରକାରଙ୍କ ଜବାବ ନ ଥିବା ଯୋଗୁଁ ମୁଖ୍ୟ ବିଚାରପତି ଏହି ମାମଲାର ଶୁଣାଣି ନିମନ୍ତେ ଅସମ୍ମତ ହୋଇଥିଲେ। ରାଜ୍ୟ ସରକାରଙ୍କ ଜବାବକୁ ରେକର୍ଡରେ ନେଇ ତାହାର ପକ୍ଷ ଜାଣିବା ପରେ ହିଁ ମାମଲାର ବିସ୍ତୃତ ଶୁଣାଣି କରାଯିବ ବୋଲି ମୁଖ୍ୟ ବିଚାରପତି ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ତାରିଖ ଆସନ୍ତା ସେପ୍‌ଟେମ୍ବର ୨ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାର ପୁଲିସ ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ରାଜ୍ୟ ସରକାର ଡିଜିପି ଚୟନରେ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଜାରି କରିଥିବା ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରିଥିବା ଅଭିଯୋଗ କରି ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ମାମଲା ପରିଚାଳନା କରୁଛନ୍ତି। ପୂର୍ବ ଶୁଣାଣିରେ ରାଜ୍ୟ ସରକାରଙ୍କ ପକ୍ଷରୁ ▶ପୃଷ୍ଠା-୭

## ମହଙ୍ଗା ମାଡ଼ରେ ପକେଟ୍ ଖାଲି

### ପଚାଶ ଟପିଲା ପିଆଜ ■ ଅଦା, ରସୁଣ ଦୁଇ ଶହ ପାର୍ ■ ପରିବା ମୂଲ୍ୟ ୮୦ ଉପରେ

■ ଭୁବନେଶ୍ୱର, ୧୮।୮ (ସମିସ): ବର୍ତ୍ତମାନ ସାରା ଦେଶରେ ଜାରି ରହିଛି ବନ୍ୟା ବିପ୍ରାତ। ପ୍ରବଳ ବନ୍ୟାରେ ଜନଜୀବନ ଅସ୍ତବ୍ୟସ୍ତ। ଏଥିରେ ଦାଉ ସାଜିଛି ମହଙ୍ଗା ବଜାର। ସହରଠାରୁ ଗାଁ ହାଟ ବଜାରଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀର ଉଚ୍ଚ ବଜାର ଦରରେ ଖାଉଟି ଅତିଷ୍ଠ। ବଜାରରେ ଆଳୁ, ପିଆଜ, ଡାଲି, ତେଲ, ଚିନି ଓ ଚାଉଳ ଦରରେ ହଠାତ୍ ବୃଦ୍ଧି ଖାଉଟିଙ୍କ ଅବସ୍ଥା ଘାଇଲା କରିଦେଇଛି। ଏଥିରେ ତେଲ, ବିସ୍କୁଟ୍, ସାବୁନ୍, ଡିଟରଜେଣ୍ଟଠାରୁ ଆରମ୍ଭ କରି ନୁଡୁଲ୍ସ ଯାଏ ଏଫ୍‌ଏମ୍‌ସିଜି



### ଚିନି ମୂଲ୍ୟ ବୃଦ୍ଧିକୁ ନେଇ ଚିନ୍ତାରେ କେନ୍ଦ୍ର
### ସାର ଅଭାବରେ ଉଜୁଡ଼ିବ ଫସଲ
### ୨୦୨୭ ଆକାଶ ଛୁଇଁବ ଦରଦାମ୍

ସାମଗ୍ରୀଗୁଡିକର ଆକାଶଛୁଆଁ ଦର ବେଡି ଉପରେ କୋରଡା ମାଡ଼ ସଦୃଶ। ହଠାତ୍ ଅଦା,ରସୁଣ, ପିଆଜ ସହ ଚିନି ଦର ବୃଦ୍ଧ ସରକାରଙ୍କ ନିଦ ହଜାଇ ଦେଲାଣି। ତେବେ ଏତିକିରେ ଖାଉଟିଙ୍କ ଉପରେ ଦର ବୃଦ୍ଧିର ଦାଉ ଶେଷ ହେଉନାହିଁ। ୨୦୨୭ରେ ଏହି ମହଙ୍ଗା ମାଡ଼ ଆହୁରି ଜୋରଦାର ହେବ। ଅର୍ଥାତ୍ ଆକାଶଛୁଆଁ ହେବ ଖାଦ୍ୟ ସାମଗ୍ରୀ ଦର ବୋଲି ଏବେଠାରୁ ଚେତାବନୀ ଦେଇଛି, ବହୁରାଷ୍ଟ୍ରୀୟ ଆର୍ଥିକ ସେବା ସଂସ୍ଥା ଜେପି ମୋର୍ଗାନ୍। ବଜାରରେ ସାର ଅଭାବ ଯୋଗୁ ଆସନ୍ତା ବର୍ଷ ଫସଲ ଉଜୁଡିଯିବ ବୋଲି ଏଜେନ୍ସି ସତର୍କ କରାଇଛି।

୨୦୨୭ ସୁଦ୍ଧା ଭାରତ ସମେତ ସାରା ବିଶ୍ୱରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇପାରେ। ଏହି ସତର୍କତା ଜେପି ମୋର୍ଗାନ୍ ଦ୍ୱାରା ଜାରି କରାଯାଇଛି। ଏଜେନ୍ସି ଦାବି କରିଛି ଯେ ଏଲ୍ ନିନୋ ଯୋଗୁଁ ଦୁର୍ବଳ ମୌସୁମୀ, ଇରାନ-ଆମେରିକା ଯୁଦ୍ଧ ଯୋଗୁଁ ତୈଳ ମୂଲ୍ୟ ବୃଦ୍ଧି ଏବଂ ମହଙ୍ଗା ସାର ଦ୍ୱାରା କୃଷି ପ୍ରତିକୂଳ ଭାବରେ ▶ପୃଷ୍ଠା-୭

# ଇମ୍ରାନ ଖାନଙ୍କୁ ଆଶ୍ୱସ୍ତି



ଇସଲାମାବାଦ, ୧୮।୮(ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ-ଏ-ଇନସାଫ (ପିଟିଆଇ)ର ପ୍ରତିଷ୍ଠାତା ଇମ୍ରାନ ଖାନଙ୍କୁ ତାଙ୍କର ଆଖି ସମସ୍ୟାର ପରୀକ୍ଷା ପାଇଁ ଇସଲାମାବାଦର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିବାକୁ

**ଜେଲରୁ ଆଣି ଘରୋଇ ଡାକ୍ତରଖାନାରେ ଭର୍ତ୍ତି ପାଇଁ ପାକ୍ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ପାକିସ୍ତାନ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ୭୩ ବର୍ଷୀୟ ଖାନଙ୍କ ଆଖିରେ ହୋଇଥିବା ଜଟିଳ ସମସ୍ୟା ଦେଖାଦେଇଛି। ଏହାର ଚିକିତ୍ସା ପାଇଁ ବିଭିନ୍ନ ଆବେଦନକୁ ଶୁଣାଣି କରି କୋର୍ଟ ଏହି ନିଷ୍ପତ୍ତି ଶୁଣାଇଛନ୍ତି। କୋର୍ଟ ଏହି ଅବସରରେ କହିଛନ୍ତି ଯେ, ବନ୍ଦୀମାନଙ୍କର ମୌଳିକ ଅଧିକାର, ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆସନ୍ତା କିଛି ଦିନ ମଧ୍ୟରେ ଇମ୍ରାନ ଖାନଙ୍କୁ ଇସଲାମାବାଦ ସ୍ଥିତ 'ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲ'କୁ ନିଆଯିବ। ସୂଚନାଯୋଗ୍ୟ, ଅଗଷ୍ଟ ୨୦୨୩ ରୁ ଜେଲରେ ଥିବା ଇମ୍ରାନ ଖାନଙ୍କୁ ଏହା ପୂର୍ବରୁ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ସରକାରୀ ଡାକ୍ତରଖାନାରେ ପ୍ରଦାନ କରାଯାଉଥିବା ଚିକିତ୍ସାରେ ଆବେଦନକାରୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କୁ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରିବା ପାଇଁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ, ଆଡିଆଲା ଜେଲ କର୍ତ୍ତୃପକ୍ଷ କୋର୍ଟରେ ଏକ ରିପୋର୍ଟ ଦାଖଲ କରି ଦାବି କରିଛନ୍ତି ଯେ, ଇମ୍ରାନ ଖାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ଏବଂ ତାଙ୍କର ଦୃଷ୍ଟିଶକ୍ତି ବର୍ତ୍ତମାନ ପ୍ରାୟ ସ୍ୱାଭାବିକ ଅଛି।

# ଫିଲିପାଇନ୍ସ ସ୍କୁଲରେ ଗୁଳିକାଣ୍ଡ; ୨ ମୃତ

ମନିଲା, ୧୮।୮(ଏଜେନ୍ସି): ଦକ୍ଷିଣ ଫିଲିପାଇନ୍ସର ଜାମ୍ବୋଆଙ୍ଗା ସହରରେ ଏକ ଶିକ୍ଷାନୁଷ୍ଠାନ ପରିସରରେ ଜଣେ ଛାତ୍ର ଗୁଳିକାଣ୍ଡ କରିଛି। ଏହି ଘଟଣାରେ ତାର ଜଣେ ସହପାଠୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆକ୍ରମଣକାରୀ ନିଜେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମଙ୍ଗଳବାର ଘଟିଥିବା ଏହି ଘଟଣାକୁ ସ୍ଥାନୀୟ ମିଡିଆରେ ସିଧା ପ୍ରସାରଣ କରିଥିଲା। ଅଟେନିଓ ଡି ଜାମ୍ବୋଆଙ୍ଗା ବିଶ୍ୱବିଦ୍ୟାଳୟର



ହାଇସ୍କୁଲ ବିଲ୍ଡିଂରେ ଏହି ହିଂସାକାଣ୍ଡ ଘଟିଛି। ଅଭିଯୁକ୍ତ ଛାତ୍ରଙ୍କୁ ନବମ ଶ୍ରେଣୀର ମହମ୍ମଦ ମାଇଲ ଜକାମୀ ଭାବେ ଚିହ୍ନଟ କରାଯାଇଛି। ସେ ଦୁଇଟି ପିସ୍ତଲ ଧରି ବିଦ୍ୟାଳୟ ପରିସରରେ ପ୍ରବେଶ କରିବା ସହ ନିଜ ଶରୀରରେ ଲାଗିଥିବା ଏକ କ୍ୟାମେରା ସାହାଯ୍ୟରେ ଘଟଣାର ସିଧା ପ୍ରସାରଣ ଆରମ୍ଭ କରିଥିଲା। ଜକାମୀ ପ୍ରଥମେ ଜଣେ ଶିକ୍ଷକଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲା। କିନ୍ତୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାପରେ ସେ ବିଲ୍ଡିଂର ଚତୁର୍ଥ ମହଲାରେ ଜଣେ ଦଶମ ଶ୍ରେଣୀର ଛାତ୍ରଙ୍କୁ ଗୁଳି କରି ହତ୍ୟା କରିଥିଲା। ପରେ ପଞ୍ଚମ ମହଲାକୁ ଯାଇ ସେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ପୁଲିସ ସ୍ପଷ୍ଟ କରିଛି। ଏହି ଗୁଳିକାଣ୍ଡରେ ଅନ୍ୟ ଦୁଇଜଣ ବ୍ୟକ୍ତି ଆହତ ହୋଇଛନ୍ତି। ତେବେ କେଉଁ କାରଣରୁ ଛାତ୍ର ଜଣକ ଏଭଳି ଚରମ ପଦକ୍ଷେପ ନେଲେ ତାହା ଜଣାପଡ଼ିନାହିଁ। ଘଟଣା ପରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ସ୍କୁଲରୁ ବାହାର କରାଯାଇଛି। ଫିଲିପାଇନ୍ସରେ ମାତ୍ର ଦୁଇ ମାସ ମଧ୍ୟରେ ଏହା ଦ୍ୱିତୀୟ ସ୍କୁଲ ଗୁଳିକାଣ୍ଡ।

**ଛାତ୍ର ଆନ୍ଦୋଳନ ବେଳେ ଏକେ-୪୭ ଗୁଳିଚାଳନା**

# ଏସ୍‌ପିଙ୍କୁ ହଟାଇଲେ ବିହାର ସରକାର, ୧୮ ଆଇପିଏସ୍‌ଙ୍କ ବଦଳି



ପାଟନା, ୧୮।୮(ଏଜେନ୍ସି): ବିହାରର ଶିୱାନ୍ ଜିଲ୍ଲାରେ ଗତ ଜୁଲାଇ ମାସରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ଏକେ-୪୭ ରାଇଫଲ ବ୍ୟବହାରକୁ ନେଇ ସୃଷ୍ଟ ବିବାଦ ପରେ ରାଜ୍ୟ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଘଟଣାରେ ପୁଲିସ ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାର ପଦକ୍ଷେପ ସ୍ୱରୂପ ଶିୱାନ୍ ପୁଲିସ ଅଧୀକ୍ଷକ (ଏସପି) ପୁରନ କୁମାର ଝାଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ଜୁଲାଇ ୨୫ରେ ଶିୱାନ୍‌ର ଜେପି ଛକର ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ଏହି ଘଟଣା ଘଟିଥିଲା। ଆନ୍ଦୋଳନକାରୀ ଘେରିଦେବା ପରେ କନଷ୍ଟେବଲ ଅଭିଷେକ କୁମାର ନିଜ ସୁରକ୍ଷା ପାଇଁ ଏକେ-୪୭ ରୁ ୪ ରାଉଣ୍ଡ ଆକାଶକୁ ଗୁଳି ଚଳାଇଥିଲେ। ଏହି ଘଟଣାରେ କନଷ୍ଟେବଲଙ୍କୁ ପୂର୍ବରୁ ନିଲମ୍ବିତ କରାଯାଇଛି। ଏବେ ଜିଲ୍ଲା ପୁଲିସ ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ମାମଲାରେ ସରକାର ପୁଲିସ ପ୍ରଶାସନର ୧୮ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ବଦଳି କରିଛନ୍ତି। ଶିୱାନରେ ଏକେ-୪୭ ଗୁଳିକାଣ୍ଡ ଏବଂ ଭୋଜପୁରରେ ହୋଇଥିବା ଏକ ଏନକାଉଣ୍ଟରକୁ ନେଇ ବିବାଦ ହୋଇଥିଲା। ପୁରନ କୁମାରଙ୍କ ସ୍ଥାନରେ ନାଳନ୍ଦାର ପୂର୍ବତନ ଏସପି ଭରତ ସୋନିଙ୍କୁ ସିୱାନର ନୂଆ ଏସପି ଭାବେ ନିଯୁକ୍ତ କରାଯାଇଛି। ସେହିପରି ଭୋଜପୁରରେ ସ୍ଥାନୀୟ କର୍ମକର୍ତ୍ତା ଭରତ ତିୱାରୀଙ୍କ ସହ ଜଡ଼ିତ ଏକ ଏନକାଉଣ୍ଟରକୁ ନେଇ ବିବାଦ ଦେଖାଦେବା ପରେ ସେଠାକାର ଏସପି ମିଷ୍ଟର ରାଜଙ୍କୁ ରୋହତାସ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଅବଧେଶ ଦୀକ୍ଷିତଙ୍କୁ ଭୋଜପୁରର ନୂଆ ଏସପି ଭାବେ ନିଯୁକ୍ତ ଦିଆଯାଇଛି।

ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ବିହାର ସରକାର ଏକ ସତ୍ୟପାଠ ଦାଖଲ କରିଛନ୍ତି। ସରକାରଙ୍କ ଅନୁଯାୟୀ, କନଷ୍ଟେବଲ ଜଣକ ଭିଡ଼ ମଧ୍ୟରେ ଆତ୍ମରକ୍ଷା ପାଇଁ ଖାଲି ଆକାଶକୁ ଗୁଳି ଚଳାଇଥିଲେ ଏବଂ ଏଥିରେ କେହି ଆହତ ହୋଇନାହାଁନ୍ତି। ତେବେ ସେହି ଦିନ ଅନ୍ୟ ସ୍ଥାନରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନରେ ତିନିଜଣ ପ୍ରଦର୍ଶନକାରୀ ସାମାନ୍ୟ ଆହତ ହୋଇଥିବା ସରକାର ସ୍ୱୀକାର କରିଛନ୍ତି। ଏଥିସହିତ ସହକାରୀ ସବ୍-ଇନ୍ସପେକ୍ଟର ନୀଲେଶ କୁମାର ସିଂ ମଧ ଭିଡ଼କୁ ହଟାଇବା ପାଇଁ ନିଜ ପିସ୍ତଲରୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଛାତ୍ର ଆନ୍ଦୋଳନ ପାଇଁ ଜଣେ କନଷ୍ଟେବଲଙ୍କୁ କିପରି ଏକେ-୪୭ ଭଳି ଅତ୍ୟାଧୁନିକ ମାରଣାସ୍ତ୍ର ପ୍ରଦାନ କରାଗଲା ଏବଂ ଏଥିପାଇଁ କିଏ ଅନୁମତି ଦେଇଥିଲେ, ସେ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ସମ୍ପୂର୍ଣ୍ଣ କମାଣ୍ଡ ଚେନ୍‌ର ଯାଞ୍ଚ ହେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। ପଦରୁ ହଟାଯିବା ପରେ ପୁରନ କୁମାର ଝାଙ୍କୁ ବର୍ତ୍ତମାନ କୌଣସି ନୂତନ ନିଯୁକ୍ତି ଦିଆଯାଇ ନାହିଁ। ସେ ବର୍ତ୍ତମାନ ନୂତନ ପୋଷ୍ଟିଂ ପାଇଁ ୱେଟିଂରେ ଅଛନ୍ତି। ଛାତ୍ର ଆନ୍ଦୋଳନ ବେଳେ ପୁଲିସର ଏହି ଆଚରଣକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜାରି ରହିଛି।

# ପିଏମ୍ କେୟାର୍ସ ଫଣ୍ଡରେ ତଥ୍ୟ ଦେଲେ ସରକାର

ନୂଆଦିଲ୍ଲୀ, ୧୮।୮(ଏଜେନ୍ସି): ପ୍ରଧାନମନ୍ତ୍ରୀଙ୍କ ନାଗରିକ ସହାୟତା ଏବଂ ଜରୁରୀକାଳୀନ ପରିସ୍ଥିତି ରିଲିଫ୍ ପାଣ୍ଠି (ପିଏମ୍ କେୟାର୍ସ ଫଣ୍ଡ)ର ସବିଶେଷ ଅଡିଟ୍ ରିପୋର୍ଟ ସାମ୍ନାକୁ ଆସିଛି। ଏହାପରେ ରାଜନୈତିକ ବାଦବିବାଦ ତେଜିଛି। ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ପାଣ୍ଠିକୁ ମିଳୁଥିବା ଦାନ ପରିମାଣରେ ବଡ଼ ଧରଣର ହ୍ରାସ ଘଟିଛି। କିନ୍ତୁ ଏହାର ମୋଟ ଜମା ରାଶି ବୃଦ୍ଧି ଘଟିଛି। ଅନ୍ୟପଟେ, ପାଣ୍ଠିର ମାତ୍ର ଏକ କ୍ଷୁଦ୍ର ଅଂଶ ଖର୍ଚ୍ଚ କରାଯାଇଥିବାରୁ ବିରୋଧୀ କଂଗ୍ରେସ ଦଳ ସରକାରଙ୍କୁ ତୀବ୍ର ସମାଲୋଚନା କରିଛି।

ରିପୋର୍ଟ ଅନୁଯାୟୀ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ପିଏମ କେୟାର୍ସ ଫଣ୍ଡରେ ମୋଟ ୮, ୪୫୨ କୋଟି ଟଙ୍କା ଗଚ୍ଛିତ ଅଛି। ଏହା ପୂର୍ବ ବର୍ଷର ୭, ୧୭୩ କୋଟି ଟଙ୍କା ତୁଳନାରେ ଅଧିକ। ଏହି ମୋଟ ରାଶିରୁ ୭, ୮୪୬ କୋଟି ଟଙ୍କା ଫିକ୍ସଡ୍ ଡିପୋଜିଟ୍‌ରେ ରଖାଯାଇଥିବା ବେଳେ ୬୦୫ କୋଟି ଟଙ୍କା ଜମା ଆକାଉଣ୍ଟରେ ରହିଛି। ତେବେ ୨୦୨୪-୨୫ ବର୍ଷରେ ପାଣ୍ଠିକୁ ଦେଶ ପକ୍ଷରୁ ମିଳୁଥିବା ଦାନରେ ୩୦% ହ୍ରାସ ଘଟି ଏହା ୪୭୯ କୋଟି ଟଙ୍କାକୁ ଖସି ଆସିଛି। ସେହିପରି ବିଦେଶୀ ଅନୁଦାନ ମଧ୍ୟ ୧୮% ହ୍ରାସ ପାଇ ମାତ୍ର ୯୨.୮ ଲକ୍ଷ ଟଙ୍କା ରହିଛି। ରିପୋର୍ଟ ଅନୁଯାୟୀ, ଗତ ଆର୍ଥିକ ବର୍ଷରେ ପାଣ୍ଠିର




- ଫଣ୍ଡରେ ରହିଛି ୮ ୪୫୨ କୋଟି ଟଙ୍କା
- କମିଛି ଦେଶ ଓ ବିଦେଶୀ ଅନୁଦାନ
- ଖର୍ଚ୍ଚ ହୋଇଛି ମାତ୍ର ୦.୦୧%

ବ୍ୟବହାର ଯଥେଷ୍ଟ କମ୍ ରହିଛି। ୨୦୨୪-୨୫ରେ ସମୁଦାୟ ୮୭.୮୫ ଲକ୍ଷ ଟଙ୍କା ବିତରଣ କରାଯାଇଛି, ଯାହା ପୂର୍ବ ବର୍ଷର ୧୫.୬ କୋଟି ଟଙ୍କା ତୁଳନାରେ ଯଥେଷ୍ଟ କମ୍। ଏଥିରୁ ଅଧିକାଂଶ ଅର୍ଥ ଅର୍ଥାତ୍ ୮୭.୮ ଲକ୍ଷ ଟଙ୍କା ପିଏମ କେୟାର୍ସ ଫର ଚିଲ୍ଡ୍ରେନ୍ ଯୋଜନା ଅଧୀନରେ ବ୍ୟୟ କରାଯାଇଛି।

୨୦୨୦ରେ ଗଠିତ ଏହି ପାଣ୍ଠି ପୂର୍ବରୁ କୋଭିଡ-୧୯ ମହାମାରୀ ସମୟରେ ଅକ୍ସିଜେନ ପ୍ଲାଣ୍ଟ ଏବଂ ଭେଣ୍ଟିଲେଟର କିଣିବା ପାଇଁ ବଡ଼ ଅଙ୍କର ଅର୍ଥ ବିନିଯୋଗ କରିଥିଲା। ପାଣ୍ଠିରେ ବିପୁଳ ପରିମାଣର ଅର୍ଥ ଥିଲେ ମଧ୍ୟ ଏହାର ସ୍ୱଳ୍ପ ବ୍ୟବହାରକୁ ନେଇ କଂଗ୍ରେସ ନେତା ପୱନ ଖେରା ସରକାରଙ୍କ ଉପରେ ବର୍ଷିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସରକାର ଉପଲବ୍ଧ ପାଣ୍ଠିର ମାତ୍ର ୦.୦୧ ପ୍ରତିଶତ ବ୍ୟବହାର କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ସେ ଲେଖିଛନ୍ତି ଯେ, 'ଯେତେବେଳେ ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ଲୋକଙ୍କ ଜୀବନ ଦୁର୍ବିସହ କରିଦେଉଛି, ସେତେବେଳେ ୮, ୪୫୨ କୋଟି ଟଙ୍କା ଅକାମୀ ହୋଇ ପଡ଼ିରହିଛି। ଏହା କି ପ୍ରକାର ପିଏମ କେୟାର୍ସ ବୋଲି ସେ ପ୍ରଶ୍ନ କରିଛନ୍ତି। ୨୦୨୦-୨୧ରେ ଏହି ପାଣ୍ଠି ସର୍ବାଧିକ ୭, ୧୮୪ କୋଟି ଟଙ୍କାର ଦେଶୀୟ ଅନୁଦାନ ପାଇଥିଲା। କିନ୍ତୁ ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଏହା ଏକ ସ୍ୱେଚ୍ଛାକୃତ ଜନ କଲ୍ୟାଣକାରୀ ଟ୍ରଷ୍ଟ ଭାବେ ପଞ୍ଜିକୃତ ହୋଇଛି, ଯେଉଁଥିରେ ପ୍ରଧାନମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିଛନ୍ତି। ତେବେ ଏହି ଫଣ୍ଡ ସରକାରୀ ବଜେଟରୁ କୌଣସି ଅର୍ଥ ଗ୍ରହଣ କରେ ନାହିଁ।

# ଜ୍ଞାନେଶ କୁମାରଙ୍କୁ ଟ୍ରମ୍ପ ନେଇଯାଆନ୍ତୁ: କଂଗ୍ରେସର କଟାକ୍ଷ

ନୂଆଦିଲ୍ଲୀ, ୧୮।୮(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ନିର୍ବାଚନ ବ୍ୟବସ୍ଥା ଏବଂ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ପ୍ରଶଂସା କରିଛନ୍ତି। ଏହାପରେ ଭାରତୀୟ ରାଜନୀତିରେ ବିବାଦ ମୁଣ୍ଡ ଟେକିଛି। କଂଗ୍ରେସ ଏହି ପ୍ରଶଂସାକୁ ନେଇ ଟ୍ରମ୍ପ ଏବଂ ନିର୍ବାଚନ କମିଶନଙ୍କୁ ତୀବ୍ର ସମାଲୋଚନା କରିଛି। ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟସଭା ସାଂସଦ ପବନ ଖେରା ଟ୍ରମ୍ପଙ୍କୁ ଟାର୍ଗେଟ କରିଛନ୍ତି। ଯଦି ଟ୍ରମ୍ପ ଭାରତୀୟ ବ୍ୟବସ୍ଥାକୁ ଏତେ ପସନ୍ଦ କରୁଛନ୍ତି, ତେବେ ସେ ଜ୍ଞାନେଶ କୁମାରଙ୍କୁ ଆମେରିକା ନେଇଯାଆନ୍ତୁ। ଆମେ ଆମର ଇଭିଏମ୍ ଗୁଡ଼ିକୁ ମଧ୍ୟ ପରବର୍ତ୍ତୀ ବିମାନରେ ପଠାଇଦେବୁ ବୋଲି ଖେରା ସମାଜିକ ଗଣମାଧ୍ୟମ ଏକ୍ସରେ ଲେଖିଛନ୍ତି। ପୂର୍ବରୁ ଟ୍ରମ୍ପ ଭାରତ ପ୍ରତି କରିଥିବା କଟାକ୍ଷର ପ୍ରତିବଦଳରେ ଏହା ଭାରତ ତରଫରୁ ଏକ ଉପହାର ବୋଲି ସେ ବ୍ୟଙ୍ଗ କରିଛନ୍ତି।

ଟ୍ରମ୍ପ ତାଙ୍କର ଟ୍ରୁଥ୍ ସୋସିଆଲ୍ ପୋଷ୍ଟରେ ଭାରତର ନିର୍ବାଚନ ମଡେଲକୁ ଉଦାହରଣ ଭାବେ ଦେଖାଇଥିଲେ।




ଆମେରିକାରେ 'ସେଭ୍ ଆମେରିକାନ ଆକ୍ଟ' ଲାଗୁ କରିବାକୁ ସେ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଭାରତର ଶେଷ ସାଧାରଣ ନିର୍ବାଚନରେ ପ୍ରାୟ ୬୪.୬ କୋଟି ଭୋଟର ଥିଲେ ଏବଂ ପ୍ରତ୍ୟେକ ଭୋଟରଙ୍କ ପାଇଁ ବୈଧ ଫଟୋ ପରିଚୟ ପତ୍ର ବାଧ୍ୟତାମୂଳକ ଥିଲା। ଟ୍ରମ୍ପ ଆହୁରି କହିଛନ୍ତି ଯେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଆମେରିକା ପ୍ରଶାସନକୁ ପଚାରିଥିଲେ - 'ବିନା ବୈଧ ପରିଚୟ ପତ୍ରରେ ଆପଣ ଆମେରିକାରେ ନିର୍ବାଚନ କିପରି କରୁଛନ୍ତି?' ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର ମଧ ଟ୍ରମ୍ପଙ୍କ ଏହି ମତକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ, ଭାରତର ୨୦୨୪ ସାଧାରଣ ନିର୍ବାଚନ ଭୋଟର ପ୍ରାମାଣିକିକରଣ ପାଇଁ ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ସଦୃଶ। ତେବେ କଂଗ୍ରେସ ଦଳ ଦୀର୍ଘ ଦିନ ଧରି ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନଙ୍କ ଉପରେ ଶାସକ ଦଳ ପ୍ରତି ପକ୍ଷପାତ କରୁଥିବା ଅଭିଯୋଗ ଆଣିଛି।

**ରାମ ମନ୍ଦିର ଦାନ ଚୋରି ମାମଲା**

# ଏସ୍‌ଆଇଟି ରିପୋର୍ଟରେ ନାହିଁ ଚମ୍ପତ ରାୟଙ୍କ ନାମ

ଅଯୋଧ୍ୟା, ୧୮।୮(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଟ୍ରଷ୍ଟର ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ପୂର୍ବତନ ସଦସ୍ୟ ଅନିଲ ମିଶ୍ରଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରି କ୍ଲିନଚିଟ୍ ପ୍ରଦାନ କରିଛି। ଉତ୍ତରପ୍ରଦେଶ ଗୃହ ବିଭାଗ ପକ୍ଷରୁ ଗତ ସୋମବାର ଏସ୍‌ଆଇଟିର ଚୂଡ଼ାନ୍ତ



ରିପୋର୍ଟ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ହସ୍ତାନ୍ତର କରାଯାଇଛି। ଦାନ ଚୋରି ସମ୍ପର୍କିତ ଅଭିଯୋଗ ପରେ, ଚମ୍ପତ ରାୟ ଏବଂ ଅନିଲ ମିଶ୍ର ନୈତିକତା ଆଧାରରେ ଜୁନ ୨୭ରେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ତଦନ୍ତ ପ୍ରକ୍ରିୟା ମଧ୍ୟରେ ଏସ୍‌ଆଇଟି ଉଭୟଙ୍କୁ ମନ୍ଦିରର ଦାନ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ପଚରାଉଚରା କରିଥିଲା। ସୂତ୍ର ଅନୁଯାୟୀ, ଜେରା ସମୟରେ ଚମ୍ପତ ରାୟ ଏହି ଚୋରି ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନଥିବା ଦୃଢ଼ ଭାବେ ଦର୍ଶାଇଥିଲେ। ସେ କହିଥିଲେ ଯେ, ଚୋରି ସମ୍ପର୍କରେ ସୂଚନା ପାଇବା ମାତ୍ରେ ସେ ହିଁ ପ୍ରଥମେ ଅଭିଯୋଗ କରିଥିଲେ, ଯାହା ଫଳରେ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଦାନ ସଂଗ୍ରହରେ ଯେପରି କୌଣସି ଅନିୟମିତତା ନ ହେବ ତାହା ନିଶ୍ଚିତ କରିବା ତାଙ୍କର ଦାୟିତ୍ୱ ଥିଲା ଏବଂ କିଛି ଭୁଲ୍ ହେଉଥିବା ଜାଣିବା ପରେ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ବୋଲି ସେ ପ୍ରକାଶ କରିଥିଲେ। ଏହି ୩ ଜଣିଆ ଏସ୍‌ଆଇଟିର ନେତୃତ୍ୱ ଲକ୍ଷ୍ନୌ ବିଭାଗୀୟ କମିଶନର ବିଜୟ ବିଶ୍ୱାସ ପନ୍ତ ନେଇଥିଲେ। ଏଥିରେ ଅନ୍ୟ ସଦସ୍ୟ ଭାବେ ରେଞ୍ଜ ଆଇଜି କିରଣ ଏସ ଏବଂ ସ୍ୱତନ୍ତ୍ର ସଚିବ (ଅର୍ଥ) ନୀଲ ରତନ କୁମାର ସାମିଲ ଥିଲେ। ଟ୍ରଷ୍ଟର ଅନୁରୋଧ କ୍ରମେ ରାଜ୍ୟ ସରକାର ଜୁନ ୧୩ ତାରିଖରେ ଏହି ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଥିଲେ।

ସୂଚନାଯୋଗ୍ୟ, ଏସ୍‌ଆଇଟିର ପ୍ରାଥମିକ ରିପୋର୍ଟ ଆଧାରରେ ଏହି ମାମଲାରେ ଅଭିନାଶ ଶୁକ୍ଲା, ଅନୁକଲ୍ପ ମିଶ୍ର, ଲବକୁଶ ମିଶ୍ର, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରାମଶଙ୍କର ମିଶ୍ର, ସୁଭାଷ ଶ୍ରୀବାସ୍ତବ ଏବଂ ରାମ ଶଙ୍କର ଯାଦବଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯାଇଛି।

## ସୁପ୍ରିମକୋର୍ଟରେ ଦିଲ୍ଲୀ ପୁଲିସର ସଫେଇ

# ଅତ୍ୟଧିକ ବଳ ପ୍ରୟୋଗ ହୋଇନି

ନୂଆଦିଲ୍ଲୀ, ୧୮।୮(ଏଜେନ୍ସି): ଯନ୍ତର ମନ୍ତରଠାରେ ଜୁଲାଇ ୨୦ରେ ହୋଇଥିବା ଛାତ୍ର ଆନ୍ଦୋଳନ ଏବଂ ସଂସଦ ଅଭିମୁଖେ ପଦଯାତ୍ରା ସମୟରେ ପୁଲିସ ଅତ୍ୟଧିକ ବଳ ପ୍ରୟୋଗ କରିନାହିଁ ବୋଲି ଦିଲ୍ଲୀ ପୁଲିସ ସୁପ୍ରିମକୋର୍ଟଙ୍କୁ ଜଣାଇଛି। ପୁଲିସ ନିଜର ପକ୍ଷ ରଖି କହିଛି ଯେ, ସେହି ଦିନର ସଂସଦ ଅଭିମୁଖେ ଶୋଭାଯାତ୍ରା ବେଆଇନ ଥିଲା ଏବଂ ଏଥିପାଇଁ କୌଣସି ଅନୁମତି ଦିଆଯାଇ ନଥିଲା। ଡେପୁଟି କମିଶନର ସଚିନ ଶର୍ମାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠ ଅନୁଯାୟୀ, ଆନ୍ଦୋଳନକାରୀମାନେ ବ୍ୟାରିକେଡ୍ ଭାଙ୍ଗିବା ସହ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ ଏବଂ ସୁରକ୍ଷା ଉପକରଣ ଛଡ଼ାଇ ନେଇଥିଲେ। ପରିସ୍ଥିତି ନିୟନ୍ତ୍ରଣ ପାଇଁ ବଳ ପ୍ରୟୋଗ କରିବା ଜରୁରୀ ହୋଇପଡ଼ିଥିଲା। କିନ୍ତୁ ଏହା ବେଶ୍ ସୀମିତ ଥିଲା। ଏହି ସଂଘର୍ଷରେ ପ୍ରାୟ ୨୪୦ରୁ ଅଧିକ ପୁଲିସ କର୍ମଚାରୀ ଏବଂ ୨୦୦ ଜଣ ଆନ୍ଦୋଳନକାରୀ ଆହତ ହୋଇଥିବା ପୁଲିସ ଦର୍ଶାଇଛି। ପୁଲିସ କହିଛି ଯେ ଏହି ଆନ୍ଦୋଳନରେ ଅନେକ ଦୁର୍ଦ୍ଦାନ୍ତ ଓ ପୁରୁଣା ଅପରାଧୀ ସାମିଲ ଥିଲେ। ପ୍ରାୟ ୨, ୮୭୩ ଜଣ ଆନ୍ଦୋଳନକାରୀଙ୍କ ବିରୋଧରେ ହତ୍ୟା, ଲୁଟ୍ ଏବଂ ଦୁଷ୍କର୍ମ ଭଳି ଗୁରୁତର ମାମଲା ରହିଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ଫେସିଆଲ ରେକଗ୍ନିସନ ପଦ୍ଧତି ବ୍ୟବହାର କରାଯାଇଥିଲା। ଏହା ସହିତ ପୁଲିସ ସ୍ପଷ୍ଟ କରିଛି ଯେ, ଆନ୍ଦୋଳନକାରୀଙ୍କ ଉପରେ କଣ୍ଟା ଲଗା ଲାଠି ବ୍ୟବହାର କରାଯିବା ଅଭିଯୋଗ ମିଥ୍ୟା। ଭିଡିଓରେ ହାତରେ ସେଭଳି ଲାଠି ଧରଥିବା ବ୍ୟକ୍ତି ଆନ୍ଦୋଳନକାରୀ ବୋଲି ଜଣାପଡ଼ିଛି। ଏହି ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସୁପ୍ରିମକୋର୍ଟ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କମିଟିରେ ଜଣେ ପୂର୍ବତନ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି, ପୂର୍ବତନ ଡିଜିପି ଏବଂ ସିବିଆଇ ମୁଖ୍ୟ ସଦସ୍ୟ ରହିବେ। ଏହି କମିଟି ସିସିଟିଭି ଫୁଟେଜ୍‌ର ଯାଞ୍ଚ କରିବା ସହ ମହିଳା ଆନ୍ଦୋଳନକାରୀଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର ଏବଂ ପୁଲିସର କାର୍ଯ୍ୟାନୁଷ୍ଠାନର ସଠିକତା ଉପରେ ତଦନ୍ତ କରିବେ। ଉଲ୍ଲେଖଯୋଗ୍ୟ, ନିଟ୍ ପରୀକ୍ଷା



ସଂସ୍କାର ଦାବିରେ କୋକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଜନ୍ତର ମନ୍ତରଠାରେ ୪୯ ଦିନ ଧରି ଏହି ଆନ୍ଦୋଳନ ଚାଲିଥିଲା। ଏହି ପରିପ୍ରେକ୍ଷୀରେ ସଂସଦ ଘେରଉ ଅଭିଯାନ ବେଳେ ଜୁଲାଇ ୨୦ରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା।

# ୟୁକ୍ରେନର ରାଜଧାନୀରେ ରୁଷର କ୍ଷେପଣାସ୍ତ୍ର ମାଡ଼; ୧୦ ମୃତ

ଖାର୍କିଭ୍, ୧୮।୮(ଏଜେନ୍ସି): ୟୁକ୍ରେନର ଉତ୍ତର-ପୂର୍ବ ଖାର୍କିଭ୍ ଅଞ୍ଚଳରେ ରୁଷ ପକ୍ଷରୁ କରାଯାଇଥିବା ମିସାଇଲ୍ ଆକ୍ରମଣରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୭ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ଖାର୍କିଭ୍‌ର ପେଚେନିହି ଗ୍ରାମର ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ଆକ୍ରମଣ କରାଯାଇଥିଲା। ୟୁକ୍ରେନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ରୁଷର ଏହି ମିସାଇଲ୍ ଗୋଟିଏ ବ୍ୟସ୍ତବହୁଳ ଛକରେ ପଡ଼ିଥିଲା। ଖାର୍କିଭ୍ ଅଞ୍ଚଳରେ ଏହି ଆକ୍ରମଣରେ ୧୦ଟି ବେସରକାରୀ ବାସଗୃହ, ଗୋଟିଏ କ୍ୟାଫେ, ଏକ ଡାକଘର ଏବଂ ୭ଟି କାର୍ ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଛି। ରୁଷ ଏହି ଆକ୍ରମଣରେ ଦୁଇଟି ଛୋଟ ବାଣ୍ଡେରୋଲ୍ କ୍ରୁଜ୍ ମିସାଇଲ୍ ବ୍ୟବହାର କରିଥିବା ଜଣାପଡ଼ିଛି। ଏହି ଆକ୍ରମଣ ନେଇ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେ କହିଛନ୍ତି ଯେ, 'ଆମେ ନିଶ୍ଚିତ ଭାବରେ ରୁଷର ଏହି ଆକ୍ରମଣର ଜବାବ ଦେବୁ।' ସୂଚନାଯୋଗ୍ୟ, ଏହି ଆକ୍ରମଣ ସମ୍ପର୍କରେ ରୁଷ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ସରକାରୀ ବୟାନ ଜାରି କରାଯାଇ ନାହିଁ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଅରୁଣାଚଳ ପ୍ରଦେଶରେ ବର୍ଷା ଓ ବନ୍ୟାର ତାଣ୍ଡବ; ୧୨ ମୃତ

ଇଟାନଗର, ୧୮।୮(ଏଜେନ୍ସି): ଅରୁଣାଚଳ ପ୍ରଦେଶରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସାମ୍ପ୍ରତିକ ସୂଚନା ଅନୁଯାୟୀ, ଏହି ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୧୨ ଜଣ ପ୍ରାଣ ହରାଇଥିବା ବେଳେ ରାଜ୍ୟର ୨୮ଟି ଜିଲ୍ଲାରେ ପ୍ରାୟ ୧, ୫୫, ୮୫୮ ଜଣ ଲୋକ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ପୂର୍ବାନୁମାନ କରାଯାଇଛି। ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ଜନିତ ବନ୍ୟା ଏବଂ ଭୂସ୍ଖଳନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସ୍ଥାନୀୟ ବାସିନ୍ଦାଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ଦଳୀୟ କର୍ମୀଙ୍କୁ ହତ୍ୟା ପରେ ପଶ୍ଚିମବଙ୍ଗ ମୁହାଁ କକ୍ରୋଚ୍ ପାର୍ଟି

ବାଙ୍କୁଡା, ୧୮।୮(ଏଜେନ୍ସି): ପଶ୍ଚିମବଙ୍ଗର ବାଙ୍କୁଡା ଜିଲ୍ଲାରେ ଜଣେ କକ୍ରୋଚ ଜନତା ପାର୍ଟି (ସିଜେପି) କର୍ମୀ ଏବଂ ତାଙ୍କ ପିତାଙ୍କ ଉପରେ ବର୍ବରୋଚିତ ଆକ୍ରମଣ ହୋଇଛି। ଆକ୍ରମଣ ପରେ କର୍ମୀଙ୍କ ପିତାଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ଏବେ ରାଜନୈତିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ସିଜେପିର 'ସ୍କୁଲ୍ ଠିକ୍ କରୋ' ଅଭିଯାନର ଅଂଶସ୍ୱରୂପ ଅଗଷ୍ଟ ୧୩ ରେ ୨୭ ବର୍ଷୀୟ କର୍ମୀ ଶେଖ ଅବଦୁଲ ହାଫିଜ୍ ନିଜ ଗ୍ରାମର ଏକ ପ୍ରାଥମିକ ବିଦ୍ୟାଳୟର ଶୋଚନୀୟ ଅବସ୍ଥା ଉପରେ ଭିଡିଓ ରେକର୍ଡ କରିଥିଲେ। ଏହାର କିଛି ଘଣ୍ଟା ପରେ, ପ୍ରାୟ ୧୦୦ ରୁ ୧୫୦ ସଶସ୍ତ୍ର ଲୋକ ତାଙ୍କ ଘର ଘେରଉ କରିଥିଲେ। ସେମାନେ ହାଫିଜଙ୍କୁ ମାଡ଼ ମାରିବା ସହ ଫୋନରୁ ଭିଡିଓ ଡିଲିଟ୍ କରିବାକୁ ବାଧ୍ୟ କରିଥିଲେ। ହାଫିଜଙ୍କ ପିତା ଜନାବ ମାଫିକ ପୁଅକୁ ବଞ୍ଚାଇବାକୁ ଯାଇ ଆହତ ହୋଇଥିଲେ। ଆକ୍ରମଣର ଦୁଇ ଘଣ୍ଟା ପରେ ପୁଲିସ ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। କିନ୍ତୁ ଅଗଷ୍ଟ ୧୫ ତାରିଖ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମାଫିକଙ୍କର ମୃତ୍ୟୁ ଘଟିଥିଲା। ପଶ୍ଚିମବଙ୍ଗ ପୁଲିସ ମାଫିକଙ୍କ ଉପରେ

- **ସ୍କୁଲର ଦୟନୀୟ ଅବସ୍ଥା ପଦାରେ ପକାଇବାରୁ ହତ୍ୟା**
- **ଅଭିଯୁକ୍ତଙ୍କୁ ଧରିବା ଲାଗି ୧୦ ଦିନର ମହଲତ ଦେଲା କକ୍ରୋଚ ପାର୍ଟି**

ହୋଇଥିବା ଆକ୍ରମଣକୁ ଅସ୍ୱୀକାର କରିଛି। ତାଙ୍କର ମୃତ୍ୟୁ ରକ୍ତଚାପଜନିତ ସମସ୍ୟା ଯୋଗୁଁ ହୋଇଛି ବୋଲି ପୁଲିସ କହିଛି। ଏହି ଘଟଣାକୁ ନେଇ ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ କ୍ଷୋଭ ପ୍ରକାଶ କରିଛନ୍ତି। ସେ ସରକାରଙ୍କୁ ୧୦ ଦିନର ସମୟ ଦେଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିବା, ପୁଲିସର ଅବହେଳା ବିରୋଧରେ ତଦନ୍ତ, ପୀଡିତ ପରିବାରକୁ ୨୪ ଘଣ୍ଟିଆ ସୁରକ୍ଷା, ମୃତ ମାଫିକଙ୍କ ନାମରେ ଗ୍ରାମରେ ଏକ



ଆଧୁନିକ ବିଦ୍ୟାଳୟ ନିର୍ମାଣ ଭଳି ୪ ଦଫା ଦାବି ସେ ରଖିଛନ୍ତି। ଦାବି ପୂରଣ ନହେଲେ ବାଙ୍କୁଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ସିଜେପି ଚେତାବନୀ ଦେଇଛି। ତେବେ ଏହି ମାମଲାରେ ପୁଲିସ ବିଜେପି ନେତା ଅଷ୍ଟମ ମାଝୀଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବିଜେପିର ସମ୍ପୃକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

## ଓଡ଼ିଶା କ୍ଷତି ସହିବ ଲକ୍ଷଲକ୍ଷ କୋଟି ଟଙ୍କା

# ତେଜିଲା ଖଣି ଆଇନ ପ୍ରତ୍ୟାହାର ଦାବି

- ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି
- ରାଜ୍ୟସହ ବିଶ୍ୱାସଘାତକତା କରିଛନ୍ତି ବିଜେପି ସାଂସଦ
- ଓଡ଼ିଶା ବନ୍ଦ ଲାଗି କଂଗ୍ରେସ ଓ ବାମପନ୍ଥୀଙ୍କ ଚେତାବନୀ



ଭୁବନେଶ୍ୱର,୧୮।୮ (ସମିସ): ଓଡ଼ିଶାର ସ୍ୱାର୍ଥ ବିରୋଧୀ ଏମ୍ଏମ୍‌ଡିଆର୍ ଆଇନ୍-୨୦୨୬ ବିରୋଧରେ ରାଜ୍ୟରେ ସୃଷ୍ଟି ହୋଇଛି ଜନମତ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ମେଳି ବାନ୍ଧୁଛନ୍ତି ରାଜ୍ୟର ବିରୋଧୀ ଦଳ। ବିଜେଡି ଏହି ଆଇନକୁ ବିରୋଧ କରିଥିବାବେଳେ ଏବେ କଂଗ୍ରେସ ଓ ବାମପନ୍ଥୀମାନେ ମଧ୍ୟ ଏହି ଆଇନ ପ୍ରତ୍ୟାହାର ଦାବି କରିଛନ୍ତି। ଏହି କ୍ରମରେ ମଙ୍ଗଳବାର କଂଗ୍ରେସ ଭବନଠାରେ ଇଣ୍ଡି ମେଣ୍ଟର ସହଯୋଗୀ, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍ଏଲ୍) ଲିବରେସନ, ଫରୱାର୍ଡ ବ୍ଲକ୍, ଏନ୍‌ସିପି ଓ ଏସ୍‌ପି ସହ କଂଗ୍ରେସର ନେତାମାନେ ଏକାଠି ହୋଇଛନ୍ତି। ରାଜ୍ୟର ସାମ୍ପ୍ରତିକ ଜନ ସମସ୍ୟା ଓ ବିଜେପି ସରକାରର ଜନବିରୋଧୀ ନୀତି ଉପରେ ଆଲୋଚନା କରି ଏହି ଆଇନ୍ ଦ୍ୱାରା ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ଅଧିକାର ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଦଳମାନେ ମତ ପ୍ରକାଶ କରିଛନ୍ତି।

ଏହି ଆଇନ ଦ୍ୱାରା ଓଡ଼ିଶା ଆର୍ଥିକ ଭାବରେ ଏକ ବିପର୍ଯ୍ୟସ୍ତ ଅବସ୍ଥାକୁ ସମ୍ମୁଖୀନ ହେବେ, କର୍ପୋରେଟ ଲୁଣ୍ଠନ ବୃଦ୍ଧି ପାଇବ ଏବଂ ଆଦିବାସୀ ଜନଜାତି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ବିଜେପିର ସାଂସଦମାନେ ସଂସଦରେ ଏହି ବିଲ୍ କୁ ସମର୍ଥନ କରି ରାଜ୍ୟବାସୀଙ୍କୁ ବିଶ୍ୱାସଘାତକତା କରିଛନ୍ତି। ୨୦ ଅଗଷ୍ଟ ପରେ ବିଭିନ୍ନ ଇଣ୍ଡିଆ ମେଣ୍ଟ ଦଳମାନେ ପୁନର୍ବାର ଆଲୋଚନା କରି ମିଳିତ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରିବେ। ଲୋକଙ୍କ ମୁଖ୍ୟ ସମସ୍ୟାକୁ କେନ୍ଦ୍ର କରି ଧାରାବାହିକ ପ୍ରଚାର ଓ ଆନ୍ଦୋଳନ କରାଯିବ। ଲୋକଙ୍କ ନ୍ୟାୟସଙ୍ଗତ ଦାବି ଓ ଅଧିକାର ପାଇଁ ସମସ୍ତ ବିଜେପିର ନୀତି ବିରୋଧରେ ଥିବା ସମସ୍ତ ବିରୋଧୀ ଦଳ, ଗଣତାନ୍ତ୍ରିକ ଶକ୍ତି, ସାମାଜିକ ସଂଗଠନ, କୃଷକ, ଶ୍ରମିକ, ଯୁବ, ଛାତ୍ର ଓ ମହିଳାମାନେ ଏକତ୍ରିତ ହୋଇ ଆଗେଇ ଆସିବାକୁ ବୈଠକରେ ଆହ୍ୱାନ କରାଯାଇଛି। ଏହା ବ୍ୟତୀତ ପାଠ୍ୟପୁସ୍ତକରେ ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ସହ ଶିକ୍ଷକମାନଙ୍କ ଦାବିକୁ ସମର୍ଥନ ଘୋଷଣା ହୋଇଛି। ସେହିପରି ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ସରକାର ଘୋଷଣା କରିଥିବା ରିଲିଫ୍ ପ୍ୟାକେଜ୍‌କୁ ଦଳମାନେ ସମୁଦ୍ରକୁ ଶଙ୍ଖ ପାଣି ବୋଲି କହିଛନ୍ତି। ପ୍ରତି ଏକର ଚାଷରେ କ୍ଷତି ସର୍ବନିମ୍ନ ୨୫ ୦୦୦ଟଙ୍କା ରୁ ଅଧିକ ହୋଇଥିବାବେଳେ ସରକାର ଏକର ପିଛା ୧,୦୦୦ରୁ କମ୍ ସହାୟତା ଘୋଷଣା କରିବା ବିପନ୍ନ ଚାଷୀଙ୍କ କ୍ଷତ ଉପରେ ଆଘାତ ସଦୃଶ ଏବଂ ନିର୍ମମ ଉପହାସ ବୋଲି ଦଳମାନେ କହିଛନ୍ତି।

ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ ଓ ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ପ୍ରତାପ ବାରିକଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ସନ୍ତୋଷ ସିଂ ସାଲୁଜା, ଅରବିନ୍ଦ ଦାସ, ଯମେଶ୍ୱର ସାମନ୍ତରାୟ, ଜୟନ୍ତ ଦାସ, ବଦ୍ରୀ ନାରାୟଣ ଦାଶ ଏବଂ ମହେନ୍ଦ୍ର ପରିଡ଼ା ପ୍ରମୁଖ ବିଭିନ୍ନ ଦଳର ନେତାମାନେ ଯୋଗଦେଇଥିଲେ।

## ବଢ଼ୁଛି ଜଳସ୍ତର, ୧୫ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

### ସନ୍ଧ୍ୟା ୬ଟାରେ ଜଳସ୍ତର ୬୧୯.୯୭ ଫୁଟ୍, ପ୍ରବେଶ କରୁଛି ୨.୨୮ ଲକ୍ଷ କ୍ୟୁସେକ୍ ଜଳ

ସମ୍ବଲପୁର, ୧୮।୮ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା ଓ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ୨ ଲକ୍ଷରୁ ଅଧିକ ହେବାପରେ ଆଜି ପର୍ଯ୍ୟାୟକ୍ରମେ ଆଉ ୮ଟି ଗେଟ୍ ଖୋଲାଯାଇଛି। ଗତକାଲି ୭ଟି ଗେଟ୍ ଖୋଲା ଥିବାବେଳେ ଆଜି ପୂର୍ବାହ୍ନ ୧୦ଟା ୪୫ ମିନିଟ୍ ସମୟରେ ୩ଟି ଗେଟ୍ ଏବଂ ଅପରାହ୍ନ ୨ଟାବେଳେ ଆଉ ୪ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇ ଥିଲା। ଏହାପରେ ପୁଣି ସନ୍ଧ୍ୟା ୬ଟା ୨୦ ମିନିଟ୍ ସମୟରେ ଆଉ ଗୋଟିଏ ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପ୍ରତି ମୋଟ୍ ୧୫ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ୨ ଲକ୍ଷ କ୍ୟୁସେକ୍ ଉପରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି।

ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୯.୯୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୦ଟି ଏବଂ ଡାହାଣ ପାର୍ଶ୍ୱର ୫ଟି ଏହିଭଳି ମୋଟ ୧୫ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୨୮,୪୫୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୫୩,୮୦୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୧୯,୩୮୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧୪୫୬ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୪୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୦,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୪୯,୭୯୯ କ୍ୟୁସେକ୍, ଖଇରମାଳଠାରେ ୨,୭୩,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୭୯,୭୫୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧,୭୩,୮୧୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୪୦.୧୭ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୯.୬୨ ମିମି ବର୍ଷା ରେକର୍ଡ କରାଯାଇଛି।

## ଅଙ୍ଗନୱାଡି ପିଲାଙ୍କ ପୋଷଣ ତଥ୍ୟ ସଂଗ୍ରହ କରିବେ ଏନଏସ୍ଏସ୍ ସ୍ୱେଚ୍ଛାସେବୀ

ଭୁବନେଶ୍ୱର, ୧୮।୮(ସମିସ): ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନରତ ପିଲାଙ୍କ ପୋଷଣ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବେ ଏନଏସ୍ଏସ୍ ସ୍ୱେଚ୍ଛାସେବୀ। ଏନେଇ ଆଜି ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ରାଜ୍ୟ ଏନଏସ୍ଏସ୍ ଶାଖା, ଉଚ୍ଚଶିକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜୟଦେବ ଭବନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମହିଳା ଓ ଶିଶୁ ବିକାଶ ବିଭାଗ ବିଭାଗର ଶାସନ ସଚିବ ମୃଣାଳିନୀ ଦର୍ଶାଲ, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ର, ଉପ ଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ଏନଏସ୍ଏସ୍ ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ କୁମାର କୁଶୱାହ ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ମାର୍ଗଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୬ ହଜାର ମହିଳା ଏନଏସ୍ଏସ୍ ସ୍ୱେଚ୍ଛାସେବୀ ୨୩ ହଜାର ଅଙ୍ଗନୱାଡି କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କ ପୋଷାଣ ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିବେ।

## 'ବନ୍ୟାଞ୍ଚଳରେ ଶୁଖିଲା ଓ ରନ୍ଧା ଖାଦ୍ୟ ଦେବାରେ ସରକାର ବିଫଳ'

ଭୁବନେଶ୍ୱର,୧୮।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବନ୍ୟାଞ୍ଚଳ ଗସ୍ତ ଲୋକଙ୍କ ସୁବିଧା ପାଇଁ କମ୍, ନିଜ ପ୍ରଚାର ପ୍ରସାର ପାଇଁ ବେଶୀ ଉଦ୍ଦିଷ୍ଟ। ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ବେଳେ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚାଇବାରେ ଓ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କ୍ଷେତ୍ରରେ ବିଫଳ ହେବା ପରେ କେବଳ ନିଜ ପ୍ରଚାର ଲକ୍ଷ୍ୟରେ ବନ୍ୟାଞ୍ଚଳକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ବନ୍ୟା ପ୍ରଭାବିତ ଲୋକଙ୍କ କଟା ଘାରେ ଚୂନ ସଦୃଶ୍ୟ ହୋଇଛି ବୋଲି ବିଜେଡି କହିଛି।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି କହିଥିଲେ ଯେ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ, ରାଜନୀତି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଦୁର୍ଭାଗ୍ୟଜନକ। ଯେତେବେଳେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବନ୍ୟା ଜଳ ପଶିଯିବାରୁ ଲୋକେ ହନ୍ତସନ୍ତ ହେଉଥିଲେ, ସେତେବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଭୋଜିଭାତରେ ମାତିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ନିକଟରେ ଶୁଖିଲା ଖାଦ୍ୟ ବା ରନ୍ଧା ଖାଦ୍ୟ ପହଞ୍ଚିପାରି ନଥିଲା। ଏହି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଲୋକଙ୍କ ସୁବିଧା ପାଇଁ କମ୍ ନିଜ ରାଜନୀତି ପାଇଁ ଅଧିକ ଥିଲା ବୋଲି ସ୍ପଷ୍ଟ ହୋଇଛି । ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ ଓ ସୁଜାତା ସାହୁ ମୁଖ୍ୟମନ୍ତ୍ରୀଙ୍କ ଅପେକ୍ଷାରେ ଥିଲେ ସୁଦ୍ଧା ସେମାନଙ୍କୁ ଛାଡି ବିଜେପି ନେତାଙ୍କୁ ଧରି ସେହି ଅଞ୍ଚଳ ଗସ୍ତ କରିବା କେବଳ ରାଜନୀତି ଛଡା ଆଉ କିଛି ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତରେ ବନ୍ୟା ପ୍ରଭାବିତ ଲୋକଙ୍କ ସହିତ କମ୍ ସମୟ ଦେଇଥିବା ବେଳେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଧିକ ସମୟ ଯାଇଥିଲା । ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ମୋଟରସାଇକେଲ ଚଳାଉଥିବା ବେଳେ ମୁଖ୍ୟମନ୍ତ୍ରୀ ତାଙ୍କ ପଛରେ ବସି ବନ୍ୟାଞ୍ଚଳ ପରିଦର୍ଶନରେ ଯାଉଥିବା ଦୃଶ୍ୟ କେବଳ ସାମାଜିକ ଗଣମାଧ୍ୟମରେ ରିଲ ପାଇଁ ଉଦ୍ଦିଷ୍ଟ ଥିଲା । ବିନା ହେଲମେଟରେ ମୋଟରସାଇକେଲରେ ଯିବା ଟ୍ରାଫିକ ନିୟମକୁ ଉଲ୍ଲଙ୍ଘନ କରିଛି। ଖୋଲାଖୋଲି ହୋଇଥିବା ଏହି ନିୟମ ଉଲ୍ଲଙ୍ଘନ ପାଇଁ ରାଜ୍ୟର ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ଡ. ମହାନ୍ତି ପ୍ରଶ୍ନ କରିବା ସହ ଗତକାଲିର ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତ ଅନ୍ତସାର ଶୂନ୍ୟ ଥିଲା ବୋଲି ସେ ଅଭିଯୋଗ କରିଛନ୍ତି।

### ଲୋକଙ୍କ ସୁବିଧା କମ୍, ପ୍ରଚାର ବେଶି: ବିଜେଡି

## ତୃତୀୟ ଦିନରେ ଶିକ୍ଷକ ଓ ଅଧ୍ୟାପକଙ୍କ ଆନ୍ଦୋଳନ



ଭୁବନେଶ୍ୱର, ୧୮।୮(ସମିସ): ଶିକ୍ଷକ ଦାବି ଦିବସରୁ ଆରମ୍ଭ ହୋଇଥିବା ଶିକ୍ଷକ ଓ ଅଧ୍ୟାପକଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ବର୍ଷାରେ ଭିଜିବା ସହ ରାତିରେ ରାସ୍ତାରେ ଶୋଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ଧାରଣା ଜାରି ରଖିଛନ୍ତି। ବିଦ୍ୟାଳୟରେ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଥିବାବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଚରମବାଣୀ ଦିଆଯାଇଥିବାରୁ ଅଭିଭାବକଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି।

ସଂଗଠନର ପ୍ରମୁଖ ଦାବି ହେଲା ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ସହ ଅବସର ନେଇଥିବା ବା ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ କରିବା। ସେହିପରି ପେନସନ୍ ସହିତ ଅବସରକାଳୀନ ସୁବିଧା, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ପୁରୁଣା ପେନସନ୍ ପ୍ରଦାନ, ୬ଟି ନୋସନାଲ୍ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ଗ୍ରେଡପେ ଅସଙ୍ଗତି ଦୂରୀକରଣ, ଅବସର ବୟସ ସୀମା ୬୨କୁ ବୃଦ୍ଧି, ବେସରକାରୀ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ, ଛାତ୍ରବୃତ୍ତି, ଶିକ୍ଷା ଉପକରଣ, ପୋଷାକ ଓ ସାଇକେଲ୍ ପରି ସମସ୍ତ ସୁବିଧା ଯୋଗାଇବାକୁ ଦାବି କରାଯାଉଛି। ମାତ୍ର ସରକାର ଦାବି ପୂରଣ କରିବା ପାଇଁ ବାରାମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛନ୍ତି। କାଳକ୍ଷେପଣ ନୀତି ସଦୃଶ ଏକ କମିଟି ଗଠନ କରି ୬ ମାସରେ ରିପୋର୍ଟ ଦେବାକୁ କହିଥିବାବେଳେ ଏହାକୁ ପୁଣି ୬ ମାସ ବୃଦ୍ଧି କରିଛନ୍ତି। ଏହା ଓଡ଼ିଶାର ଶିକ୍ଷା ଓ ଶିକ୍ଷକ ସମାଜ ପାଇଁ କଳା ଇତିହାସ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଶିକ୍ଷକ ଓ ଅଧ୍ୟାପକଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଦ୍ରି ନାରାୟଣ ପାତ୍ର ଓ ଅଶ୍ୱିନି ପାତ୍ର ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଦାବି ପୂରଣରେ ସରକାରଙ୍କ କାଳକ୍ଷେପଣ ନୀତିକୁ ତୀବ୍ର ସମାଲୋଚନା କରିଛନ୍ତି।

## ଏସ୍‌ସି ଓ ଏସ୍‌ଟି ପିଲାଙ୍କ ପାଇଁ 'ବିଦେଶୀ ଶିକ୍ଷାବୃତ୍ତି'

ଭୁବନେଶ୍ୱର, ୧୮।୮(ସମିସ): ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗର ଛାତ୍ରଛାତ୍ରୀମାନେ ବିଦେଶରେ ଉଚ୍ଚଶିକ୍ଷା ପାଇଁ ରାଜ୍ୟ ସରକାର ନୂତନ ଛାତ୍ରବୃତ୍ତି ଯୋଜନା ଆରମ୍ଭ କରିଛନ୍ତି। କ୍ୟୁଏସ୍ ର୍‌ୟାଙ୍କିଙ୍ଗ୍‌ରେ ଶ୍ରେଷ୍ଠ ୨୦୦ ସ୍ଥାନରେ ଥିବା ବିଦେଶୀ ଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ଓ ପିଏଚ୍‌ଡି ପଢ଼ିବା ପାଇଁ 'ବିଦେଶୀ ଶିକ୍ଷାବୃତ୍ତି' ପ୍ରଦାନ କରିବେ। ପରିବାରର ବାର୍ଷିକ ଆୟ ୧୨ ଲକ୍ଷ ବା କମ୍ ଥିବା ପିଲାମାନେ ଏହି ଯୋଜନା ପାଇବାକୁ ଯୋଗ୍ୟ ବିବେଚିତ ହେବେ। ବର୍ଷକୁ ସର୍ବାଧିକ ୫୦ ଜଣ ଏସ୍‌ଟି ଓ ଏସ୍‌ସି ପିଲାଙ୍କୁ ସହାୟତା ପ୍ରଦାନ କରାଯିବ। ୨୦୨୪-୨୫ ଏବଂ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଓଏସ୍ଏସ୍ ପୋର୍ଟାଲ୍‌ରେ ଚଳିତ ମାସ ଶେଷ ସୁଦ୍ଧା ଆବେଦନ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ନୂତନ ମାର୍ଗଦର୍ଶିକା ଅନୁଯାୟୀ, ପିଏଚ୍‌ଡି ପାଇଁ ସର୍ବାଧିକ ୨ ବର୍ଷ ଏବଂ ପିଜି ପାଇଁ ୧ରୁ ୨ ବର୍ଷ ଅବଧି ରହିଛି। ସେହିପରି ପିଏଚ୍‌ଡି ପାଇଁ ପିଜିରେ ଏବଂ ପିଜି ପାଇଁ ସ୍ନାତକରେ ଅତି କମ୍‌ରେ ୬୫% ମାର୍କ ଥିବା ଆବଶ୍ୟକ। ପିଏଚ୍‌ଡି ପାଇଁ ବୟସ ସୀମା ୪୦ ଓ ପିଜି ପାଇଁ ୩୫ ବର୍ଷ ଧାର୍ଯ୍ୟ କରାଯାଇଛି। ଉଭୟ ପାଠ୍ୟକ୍ରମ ପାଇଁ ବର୍ଷକୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ମିଳିବ।

### ଅଦାଲତ ଅବମାନନା ମାମଲାରେ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

## ୩ ଦିନରେ ଆଦେଶ କାର୍ଯ୍ୟକାରୀ ନ ହେଲେ ଗିରଫ ହେବେ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ

କଟକ, ୧୮।୮(ସମିସ): ଅଦାଲତଙ୍କ ଆଦେଶ ଅବମାନନା ମାମଲାରେ ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଲିଙ୍ଗରାଜ ରୋଡ୍ ପାସେଞ୍ଜର ହଲ୍ଟ ଫାଟକ ନିକଟରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ କାର୍ଯ୍ୟର ମୂଲ୍ୟ ବୃଦ୍ଧି ବାବଦ ସୁଧ ପ୍ରଦାନ କରିବାକୁ ଗତ ୨୦୨୫ ଜୁନ ୨୦ରେ ଦିଆଯାଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇ ନଥିବାରୁ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଆସନ୍ତା ୩ଦିନ ମଧ୍ୟରେ ଅଦାଲତଙ୍କ ଉପରୋକ୍ତ ଆଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି ଆଦେଶ ପାଳନ ନ ହୁଏ, ତେବେ ପ୍ରତିପକ୍ଷ ପୂର୍ତ୍ତ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ଭୁବନେଶ୍ୱର ଡିସିପି ୪୮ ଘଣ୍ଟା ପାଇଁ ତାଙ୍କ କାର୍ଯ୍ୟାଳୟରୁ ଗିରଫ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଷ୍ଠା ଇଞ୍ଜିନିୟରିଂ ଲିମିଟେଡ୍ ତରଫରୁ ଦାୟର ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଲିଙ୍ଗରାଜ ରୋଡ୍ ନିକଟସ୍ଥ ଫ୍ଲାଏଓଭର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଶ୍ରମିକ ମଜୁରୀ ଓ ଅନ୍ୟାନ୍ୟ ଖର୍ଚ୍ଚ ବୃଦ୍ଧି ବାବଦକୁ ୨.୭୯ କୋଟି ଟଙ୍କାର ପ୍ରାପ୍ୟ ୨୦୧୮ ମସିହାରୁ ଅଟକି ରହିଥିଲା। ପୂର୍ବରୁ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ମୂଳ ବାକି ଟଙ୍କା ୨୦୨୧ରେ ପଇଠ କରାଯାଇଥିଲା, ମାତ୍ର ଦୀର୍ଘ ୩ବର୍ଷ ବିଳମ୍ବରେ ଏହା ପ୍ରଦାନ କରାଯାଇଥିବାରୁ କମ୍ପାନୀ ସୁଧ ଦାବି କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ୨୦୨୫ ଜୁନ୍ ୨୦ ତାରିଖରେ ହାଇକୋର୍ଟ ଏହି ମାମଲାର ରାୟ ଦେଇ ୨୦୧୮ ଜୁନ୍ ୨୯ରୁ ୨୦୨୧ ଜୁଲାଇ ୩୦ ପର୍ଯ୍ୟନ୍ତ ସମୟସୀମା ପାଇଁ ୨.୭୯ କୋଟି ଟଙ୍କା ଉପରେ ବାର୍ଷିକ ୯% ହାରରେ ସୁଧ ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥ ଦୁଇ ମାସ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଆସନ୍ତା ଅଗଷ୍ଟ ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

## ଭଦ୍ରକ ଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୮।୮(ସମିସ): ହାଇକୋର୍ଟଙ୍କ ପୂର୍ବରୁ ରହିଥିବା ନିର୍ଦ୍ଦେଶ ସତ୍ତ୍ୱେ ଜଣେ କର୍ମଚାରୀଙ୍କୁ ଆରଏସିପି ସୁବିଧା ପ୍ରଦାନ କରା ନଯିବା ଭଦ୍ରକ ସ୍ପେସାଲ ପ୍ଲାନିଂ କର୍ତ୍ତୃପକ୍ଷ (ଏସପିଏ) ପାଇଁ ମହଙ୍ଗା ପଡିଛି। ଭଦ୍ରକ ଜିଲ୍ଲାପାଳ ଓ ସ୍ପେସାଲ ପ୍ଲାନିଂ କର୍ତ୍ତୃପକ୍ଷଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ଦିନ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏସପିଏ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ପ୍ରତିପକ୍ଷ କର୍ମଚାରୀ ଅଭୟ କୁମାର ଦାସଙ୍କୁ ଏସପିଏ ପକ୍ଷରୁ ଆରଏସିପି ସୁବିଧା ପ୍ରଦାନ ପାଇଁ ଗତ ୨୦୨୫, ମେ ୧୨ରେ ଏସପିଏକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ବଦଳରେ ଏସପିଏ ପକ୍ଷରୁ ଉପରୋକ୍ତ ରାୟର ପୁନର୍ବିଚାର ପାଇଁ ଆବେଦନ ଦାୟର କରିଥିଲା। ଏପରି ଅର୍ଥ ମଞ୍ଜୁର କରିବା ପାଇଁ ଏସପିଏର କ୍ଷମତା ନାହିଁ ବୋଲି ଦର୍ଶାଇଥିଲା। ଜିଲ୍ଲାପାଳ ମୁଖ୍ୟ ଥିବା ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ଏପରି ସୁବିଧା ପ୍ରଦାନ କରିବା ପାଇଁ ପ୍ରାଧିକୃତ ଅଧିକାରୀ। ଏଥି ସହିତ ଟ୍ରଷ୍ଟକୁ ସରକାର ଏପରି କ୍ଷମତା ପ୍ରଦାନ କରିଛନ୍ତି ଓ ଏଥି ପାଇଁ ସରକାରୀ ଅନୁମୋଦନ ଆବଶ୍ୟକ ନୁହେଁ ବୋଲି ଶୁଣାଣି ବେଳେ ଜଣା ପଡିଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୨୧ ତାରିଖକୁ ସ୍ଥିର ହୋଇଛି। ପ୍ରତିପକ୍ଷ ଶ୍ରୀ ଦାସଙ୍କ ତରଫରୁ ଆଇନଜୀବୀ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ମାମଲା ପରିଚାଳନା କରୁଛନ୍ତି।

### ସେମିକଣ୍ଡକ୍ଟର କ୍ଷେତ୍ରକୁ ଫୋକସ

## ୩୫ ପ୍ରତିଶତ ସବସିଡି ଦେବେ ଓଡ଼ିଶା ସରକାର

- ମୋଟ ୭୫ ପ୍ରତିଶତ ମିଳିବ ସରକାରୀ ପ୍ରୋତ୍ସାହନ
- ରାଜ୍ୟର ୫ କମ୍ପାନୀର ପ୍ରକଳ୍ପକୁ ମିଳିଛି ଅନୁମୋଦନ

ଭୁବନେଶ୍ୱର,୧୮।୮(ସମିସ): ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ ଆକୃଷ୍ଟ ପାଇଁ ନିକଟରେ ସେମିକଣ୍ଡକ୍ଟର ନୀତିର ତୃତୀୟ ସଂଶୋଧନକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏହିକ୍ରମରେ ସେମିକଣ୍ଡକ୍ଟର ଶିଳ୍ପକୁ ଓଡ଼ିଶାରେ ଆହୁରି ବିକଶିତ କରିବା ଲାଗି ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। କେନ୍ଦ୍ର ସରକାର ସେମିକନ ୨.୦ ଅଧୀନରେ ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ ସର୍ବାଧିକ ଆର୍ଥିକ ସହାୟତା ୫୦ ପ୍ରତିଶତରୁ ୪୦ ପ୍ରତିଶତକୁ କମାଇଥିବାବେଳେ ଓଡ଼ିଶା ନିଜ ଅଂଶର ସବସିଡିକୁ ୨୫ ପ୍ରତିଶତରୁ ବଢ଼ାଇ ୩୫ ପ୍ରତିଶତ କରିବ। ଫଳରେ ଯୋଗ୍ୟ ପ୍ରକଳ୍ପଗୁଡ଼ିକୁ କେନ୍ଦ୍ର ଓ ରାଜ୍ୟ ମିଶି ମୋଟ ୭୫ ପ୍ରତିଶତ ପର୍ଯ୍ୟନ୍ତ ସରକାରୀ ପ୍ରୋତ୍ସାହନ ମିଳିବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ ପୂର୍ବରୁ ଏ କ୍ଷେତ୍ରରେ କେନ୍ଦ୍ର ସରକାର ୫୦ ପ୍ରତିଶତ ଏବଂ ରାଜ୍ୟ ସରକାର ୨୫ ପ୍ରତିଶତ ଦେଉଥିଲେ। ଏବେ କେନ୍ଦ୍ରର ଅଂଶ ୪୦ ପ୍ରତିଶତକୁ ହ୍ରାସ ପାଇଥିବାରୁ ରାଜ୍ୟ ନିଜର ଅଂଶକୁ ୩୫ ପ୍ରତିଶତ କରିବ। ଏହାଦ୍ୱାରା ଓଡ଼ିଶାକୁ ଆସୁଥିବା ସେମିକଣ୍ଡକ୍ଟର ୟୁନିଟ୍‌ଗୁଡ଼ିକ ପାଇଁ ମୋଟ ସବସିଡିରେ କୌଣସି ହ୍ରାସ ହେବ ନାହିଁ। ତେବେ ରାଜ୍ୟର ଏହି ସୁବିଧା ପାଇବା ପୂର୍ବରୁ ସଂପୃକ୍ତ କମ୍ପାନୀଗୁଡ଼ିକୁ କେନ୍ଦ୍ରର ସେମିକନ ୨.୦ କାର୍ଯ୍ୟକ୍ରମ ଅଧୀନରେ ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ସୂଚନାଯୋଗ୍ୟ ଯେ ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ ଆକୃଷ୍ଟ କରିବା ନେଇ ଏବେ ବିଭିନ୍ନ ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ତୀବ୍ର ହୋଇଛି। ଗୁଜରାଟରେ ଟାଟା ଇଲେକ୍ଟ୍ରୋନାଇଜ ସେମିକଣ୍ଡକ୍ଟର ଫ୍ୟାବ୍ ଓ ମାଇକ୍ରନର ଆସେମ୍ବ୍ଲି-ଟେଷ୍ଟିଂ ପ୍ରକଳ୍ପ ଭଳି ବଡ଼ ନିବେଶ ହେଉଥିବାବେଳେ ଉତ୍ତରପ୍ରଦେଶ ମଧ୍ୟ ଏହି କ୍ଷେତ୍ରକୁ ଆକୃଷ୍ଟ କରିବା ପାଇଁ ଆର୍ଥିକ ଓ ଭିତ୍ତିଭୂମି ପ୍ରୋତ୍ସାହନ ଦେଉଛି। ଏପର୍ଯ୍ୟନ୍ତ ଓଡ଼ିଶାରେ ୫ଟି କମ୍ପାନୀର ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିସାରିଛି। ସେଥିମଧ୍ୟରୁ ୨ଟି ପ୍ରକଳ୍ପ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଅଧିନରେ ସହାୟତା ପାଇବାରେ ସଫଳ ହୋଇଛି। ଏହି ପ୍ରକଳ୍ପ ଗୁଡ଼ିକର ମୂଲ୍ୟ ପ୍ରାୟ ୧୪ ହଜାର କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି।

# ୫୭ ମାମଲାର ବିଚାର ଶେଷ, ମାଓନେତା ଆଜାଦ ଖଲାସ

- ୧୫ ବର୍ଷ ପରେ ଜେଲ୍‌ରୁ ମୁକ୍ତି ପାଇଁ ବାଟ ଫିଟିଲା
- ପାରଳାଖେମୁଣ୍ଡି ସ୍ୱତନ୍ତ୍ର ଅଦାଲତରେ ଶେଷ ମାମଲାର ରାୟ



ପାରଳାଖେମୁଣ୍ଡି, ୧୮।୮ (ସମିସ) : ବିଭିନ୍ନ ମାଓବାଦୀ ହିଂସା ମାମଲାରେ ଦୀର୍ଘ ୧୫ ବର୍ଷ ୨ ମାସ ରୁ ଉର୍ଦ୍ଧ ସମୟ ଧରି ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିବା ମାଓନେତା ଡୋନା କେଶବ ରାଓ ଓରଫ ଆଜାଦ ସମସ୍ତ ୫୭ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡିରେ ଗଠିତ ସ୍ୱତନ୍ତ୍ର ଅଦାଲତରେ ତାଙ୍କ ବିରୋଧରେ ଥିବା ଶେଷ ମାମଲାର ମଧ୍ୟ ଶୁଣାଣି ଶେଷ ହୋଇଛି। ଏହାପରେ ତାଙ୍କ ଜେଲ୍‌ରୁ ମୁକ୍ତି ପାଇଁ ଆଇନଗତ ପ୍ରକ୍ରିୟାର ବାଟ ଫିଟିଛି। ଆଜାଦଙ୍କ ବିରୋଧରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ମୋଟ ୪୯ଟି ମାମଲା ରହିଥିଲା। ସେଥିମଧ୍ୟରୁ ଗଜପତିରେ ୧୯, ରାୟଗଡ଼ାରେ ୩, କନ୍ଧମାଳରେ ୧୫ ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଠାରେ ରହିଥିବା ସ୍ୱତନ୍ତ୍ର କୋର୍ଟରେ ୧୩ଟି ମାମଲା ଥିଲା। ତେବେ ଆନ୍ଧ୍ରରେ ଥିବା ସମସ୍ତ ୧୩ ଗୋଟି ମାମଲାର ଶୁଣାଣିରେ ନିର୍ଦ୍ଦୋଷରେ ଖଲାସ ହୋଇ ସାରିଥିବା ବେଳେ ଓଡିଶାର ୩୭ଟି ମାମଲାରୁ ମଧ୍ୟ ଖଲାସ ହୋଇଛନ୍ତି। ସୂଚନା ପ୍ରକାରେ ଆଜାଦ ଆନ୍ଧ୍ର ପ୍ରଦେଶର ପୁରାତନ ରାଜଧାନୀ ହାଇଦ୍ରାବାଦ ଠାରେ ୨୦୧୧ରେ ଡିଜିଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ। ସେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ ମଞ୍ଜୁଷା ମଣ୍ଡଳମ୍‌ର ଗାଙ୍ଗୁୱାଡା ଗ୍ରାମରେ ଆତ୍ମସମର୍ପଣ ପରେ ରହିଆସୁଥିଲେ। ତେବେ ତାଙ୍କୁ ଓଡିଶା ପୋଲିସ୍ ୨୯ ମଇ ୨୦୧୧ ତାରିଖରେ ତଦନ୍ତ ପାଇଁ ଉଠାଇ ନେଇଥିଲା। ସେବେ ଠାରୁ ଆଜାଦଙ୍କୁ ବେଆଇନ ଭାବେ ଗିରଫ କରାଯାଇଥିବା ତାଙ୍କ ମାଆ ଦୁନା କାମୁଲୁଆମ୍ମା ବିଭିନ୍ନ ସ୍ତରରେ ଅଭିଯୋଗ କରି ଆସୁଥିଲେ। ଅନ୍ୟପକ୍ଷରେ ମାମଲାଗୁଡ଼ିକର ବିଚାର ଦୀର୍ଘଦିନ ଧରି ଶେଷ ହୋଇପାରୁନଥିବାରୁ ତାଙ୍କ ଓକିଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ତ୍ୱରିତ ବିଚାର ପାଇଁ ସୁପ୍ରିମକୋର୍ଟ ସ୍ୱତନ୍ତ୍ର ଅଦାଲତ ଗଠନ କରି ଅଗଷ୍ଟ ୩୧ ସୁଦ୍ଧା ଶୁଣାଣି ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ପାରଳାଖେମୁଣ୍ଡିରେ ସ୍ୱତନ୍ତ୍ର ଅଦାଲତ ଗଠନ କରାଯାଇ ମାମଲାଗୁଡ଼ିକର ଶୁଣାଣି କରାଯାଇଥିଲା। ଆଉ ପର୍ଯ୍ୟାୟ କ୍ରମେ ଓଡିଶାର ତିନୋଟି ଜିଲ୍ଲାରେ ଥିବା ମାମଲା ଗୁଡିକର ବିଚାରଣା ହେଉଥିଲା ଏବଂ ଆଜାଦ୍ ମଧ୍ୟ କଡା ସୁରକ୍ଷା ବଳୟରେ କୋର୍ଟରେ ହାଜର ହେଉଥିଲେ। ପୂର୍ବରୁ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କେତେକ ମାମଲାରେ ଆଜାଦଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ତେବେ ଆଜି ଶେଷ ମାମଲାରେ ମଧ୍ୟ ଖଲାସ ହେବା ପରେ ପାରଳାଖେମୁଣ୍ଡି ସ୍ୱତନ୍ତ୍ର କୋର୍ଟରେ ଥିବା ୫୭ଟି ମାମଲାର ବିଚାର ପ୍ରକ୍ରିୟା ଶେଷ ହୋଇଛି। ମାଓନେତା ସବ୍ୟସାଚୀ ପଣ୍ଡାଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଆଜାଦଙ୍କ ବିରୋଧରେ ଗଜପତି ଜିଲ୍ଲାର ବିଭିନ୍ନ ଥାନାରେ ମାଓ ହିଂସା ସମ୍ପର୍କିତ ମାମଲା ରହିଥିଲା । ଅଡବା ଥାନା ଅନ୍ତର୍ଗତ ପାଣିଗଣ୍ଡା ବିଟ୍ ହାଉସ୍ ଉଡ଼ାଇବା, ପୁଲିସ ସହ ଗୁଳିବିନିମୟ, ଠିକାଦାର କ୍ୟାମ୍ପ ଉପରେ ଆକ୍ରମଣ ଓ ସରକାରୀ ବସ୍ ପୋଡ଼ିବା ଭଳି ଘଟଣାରେ ତାଙ୍କ ବିରୋଧରେ ମାମଲା ଥିଲା। ୨୦୧୧ରେ ଜିଲ୍ଲାରେ ଥାନା ଉପରେ ଆକ୍ରମଣ, ନିଆଁ ଲଗାଇବା ଓ ଅସ୍ତ୍ରଶସ୍ତ୍ର ଲୁଟ୍ ଘଟଣା ଭଳି ସଙ୍ଗୀନ ମାମଲା ଗୁଡିକରେ ଜଡିତ ଥିବା ନେଇ ପୁଲିସ ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲ୍‌ରେ ରଖାଯାଇଥିଲା। ଆଜାଦଙ୍କ ଓକିଲ ସ୍ୱରୂପ କୁମାର ପାଳଙ୍କ ସୂଚନାନୁସାରେ, ସ୍ୱତନ୍ତ୍ର ଅଦାଲତରେ ଚାଲିଥିବା ବିଚାର ପ୍ରକ୍ରିୟାରେ ତାଙ୍କ ବିରୋଧରେ ଥିବା ସମସ୍ତ ମାମଲାର ଶୁଣାଣି ଶେଷ ହୋଇଛି। ଶେଷ ମାମଲାରେ ମଧ୍ୟ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିବାରୁ ଏବେ ତାଙ୍କ ମୁକ୍ତି ପାଇଁ ଆଇନଗତ ପ୍ରକ୍ରିୟା ଆରମ୍ଭ ହୋଇଛି।

ସକାଳ THE SAKALA



• ଥାଲାସେମିଆ ରୋଗରେ ପୀଡ଼ିତ ୫ ବର୍ଷର ତ୍ରିନାଥ

# ସହାୟତା ଅପେକ୍ଷାରେ ପରିବାର



ରାସଗୋବିନ୍ଦପୁର,୧୮ ।୮ (ସମିସ): ଜନ୍ମରୁ ଥାଲାସେମିଆ ଭଳି ଗୁରୁତର ରୋଗରେ ପୀଡ଼ିତ ହୋଇ ଜୀବନ ସହ ସଂଘର୍ଷ କରୁଛି ୫ ବର୍ଷର ତ୍ରିନାଥ ବେହେରା। ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ୍ ଝାଟିଅଡା ଗ୍ରାମର ପ୍ରଶାନ୍ତ କୁମାର ବେହେରା ଓ ସୁଭଦ୍ରା ବେହେରାଙ୍କ ପୁଅ ତ୍ରିନାଥ। ତ୍ରିନାଥ ଜନ୍ମ ହେବା ପରଠାରୁ ତାଙ୍କ ପରିବାର ନାକିଚୁଆ ପଞ୍ଚାୟତ ଅନ୍ତର୍ଗତ ରାଇଶୋଳ ଗ୍ରାମରେ ରହୁଛନ୍ତି। ରୋଗାକ୍ରାନ୍ତ ଶିଶୁର ଚିକିତ୍ସା ପାଇଁ ପରିବାର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପରିବାର ପକ୍ଷରୁ କୁହାଯାଇଛି ଯେ, ତ୍ରିନାଥଙ୍କ ମା'ଙ୍କୁ ବିବାହ ପରେ ସ୍ୱାମୀ ହାତ ଛାଡ଼ି ରାଜ୍ୟ ବାହାରକୁ ଚାଲିଯାଇଛନ୍ତି। ସେଠାରୁ ସେ ଆଉ ନା ପୁଅର ଖବର ନେଉଛନ୍ତି, ନା ସ୍ତ୍ରୀଙ୍କ କଥା ବୁଝୁଛନ୍ତି। ଅଭାବ ଅନଟନ ମଧ୍ୟରେ ତ୍ରିନାଥଙ୍କ ଦେଖାଶୁଣା ତାଙ୍କ ମାଆ ଓ ପରିବାର ଲୋକେ କରୁଛନ୍ତି। ତ୍ରିନାଥର ଚିକିତ୍ସା ଓ ପରିବାରର ଆର୍ଥିକ ସମସ୍ୟାକୁ ନେଇ ତାଙ୍କ ବାପା ହାଡ଼ିବନ୍ଧୁ ବେହେରା ସହଯୋଗ କରୁଛନ୍ତି। ଏ ପର୍ଯ୍ୟନ୍ତ ତ୍ରିନାଥ ସରକାରୀ ଭତ୍ତା କିମ୍ବା ଅନ୍ୟକୌଣସି ସହାୟତା ପାଇପାରି ନ ଥିବା ଜଣାପଡ଼ିଛି। ଥାଲାସେମିଆ ରୋଗରେ ପୀଡିତ ଏହି ନିରୀହ ଶିଶୁ ପାଇଁ ସରକାରୀ ସହାୟତା ଓ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି।

# ୬୭ ଲିଟର ମଦ ଜବତ, ୪ ଗିରଫ

କୁଆମରା,୧୮ ।୮ (ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ପୃଥକ ସ୍ଥାନରେ ଚଢ଼ଉ କରାଯାଇ ୩ ମହିଳା ସମେତ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଛି। ଗୋପବନ୍ଧୁନଗର ବ୍ଲକ ବରଡିହି ପଞ୍ଚାୟତ ଦେବଗାଁର ଚିତ୍ତ ସିଂଙ୍କଠାରୁ ୨୦ ଲିଟର, ସୁକାନ୍ତି ମଲ୍ଲିକଙ୍କଠାରୁ ୧୫ ଲିଟର ମଦ ଜବତ ହୋଇଥିବାବେଳେ ଗୋଡାବାଲିବିର ଗ୍ରାମର ଫୁଲମଣୀ ମୁର୍ମୁଙ୍କଠାରୁ ୨୦ ଲିଟର ଓ ପାର୍ବତୀ ହେମ୍ବ୍ରମଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ ହୋଇଛି। ଖୁଣ୍ଟା ଅବକାରୀ ଥାନା ଓଆଇସି ଅଞ୍ଜନ ଜେନା, ଏଏସ୍ଆଇ କୃଷ୍ଣସୁନ୍ଦର ସେଠୀ, ପାର୍ବତୀ ମାରାଣ୍ଡି, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

• ଦେଶୀମଦ କାରଖାନା ଉପରେ ଅବକାରୀ ଚଢ଼ଉ

# ୪୭୦୦ କେଜି ମହୁଲପୋଚ ନଷ୍ଟ ୪୬୦ ଲିଟର ରନ୍ଧାମଦ ଜବତ

ବୈଶିଙ୍ଗା, ୧୮ ।୮ (ସମିସ): ବୈଶିଙ୍ଗା ଥାନା ଅଧୀନ ହାତୀପତୁକା ଓ ଭିତରଶୋଳ ଅଞ୍ଚଳର ଜଙ୍ଗଲିଆ ସ୍ଥାନରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ବେତନଟୀ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଜବତ କରାଯାଇ ନଷ୍ଟ କରାଯାଇଛି। ହାତୀପତୁକା ଓ ଏହା ଆଖପାଖ ଅଞ୍ଚଳରେ ଦୀର୍ଘଦିନ ଧରି ଚୋରା ଦେଶୀମଦ ପ୍ରସ୍ତୁତି ଚାଲିଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ଏହାକୁ ଆଧାର କରି ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଏକ ଦଳ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଉକ୍ତ ଅଞ୍ଚଳରେ ଚଢ଼ଉ କରିଥିଲେ। ଅବକାରୀ ଟିମ୍‌କୁ ଦେଖି ମଦ ପ୍ରସ୍ତୁତିରେ ସମ୍ପୃକ୍ତ ଥିବା ଲୋକେ ଜଙ୍ଗଲ ଭିତରକୁ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରୁ ପ୍ରାୟ ୪ ହଜାର ୭ ଶହ କେଜି ମହୁଲପୋଚ ଓ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ରଖାଯାଇଥିବା ୪୬୦ ଲିଟର ରନ୍ଧାମଦ ଜବତ କରାଯାଇଥିଲା। ଏଥିସହିତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ, ପ୍ଲାଷ୍ଟିକ ଡ୍ରମ୍, ଆଲୁମିନିୟମ ଡେକଚି ଆଦି ଜବତ କରାଯାଇଥିଲା। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

# ରାଧାକୃଷ୍ଣ ବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନ

ପୁରୁଣିଆ,୧୮ ।୮ (ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆସ୍ଥ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ "ନିଶା ମୁକ୍ତ ଭାରତ ଅଭିଯାନ' ଆନୁକୂଲ୍ୟରେ ଏକ ସାମୂହିକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜକୁ ନିଶା ମୁକ୍ତ କରିବା ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ନିଶା ଦ୍ରବ୍ୟ ସେବନ ନ କରିବା ଓ ଅନ୍ୟମାନଙ୍କୁ ଏଥିରୁ ଦୂରେଇ ରଖିବା ପାଇଁ ଶପଥ ନେଇଥିଲେ। ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ନିଶାର କୁପରିଣାମ ବିଷୟରେ ବୁଝାଇବା ସହ ସେମାନଙ୍କୁ ସମାଜରେ ସଚେତନତାର ବାର୍ତ୍ତାବହ ସାଜିବାକୁ ଆହ୍ୱାନ ଦେଇଥିଲେ।



ମୟୂରଭଞ୍ଜରେ ବନ୍ୟା ପରିଚାଳନାର ଉଚ୍ଚସ୍ତରୀୟ ସମୀକ୍ଷା

# ବନ୍ୟା ପରବର୍ତ୍ତୀ ବ୍ୟବସ୍ଥା ସୁଦୃଢ଼ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ବାରିପଦା,୧୮ ।୮ (ସମିସ):



ନିକଟରେ ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି, କ୍ଷୟକ୍ଷତି, ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସ୍ଥିତି ସମୀକ୍ଷା କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବନ୍ୟା ପ୍ରଭାବିତ ପରିବାରର ସ୍ଥିତି, ରିଲିଫ୍ ବଣ୍ଟନ, ଭିତ୍ତିଭୂମିର କ୍ଷୟକ୍ଷତି, ଯୋଗାଯୋଗ ବ୍ୟବସ୍ଥାର ପୁନଃସ୍ଥାପନ ଓ ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଶେଷକରି ବଡ଼ସାହି, ବେତନଟୀ ଓ ରାସଗୋବିନ୍ଦପୁର ବ୍ଲକ ସମେତ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳର ସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ମନ୍ତ୍ରୀ ଡା ମହାପାତ୍ର ବନ୍ୟା ପରବର୍ତ୍ତୀ ବ୍ୟବସ୍ଥା ସୁଦୃଢ଼ କରିବା ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ଥିବା କଚ୍ଚା ଘରକୁ ପର୍ଯ୍ୟାୟକ୍ରମେ ପକ୍କା ଘରରେ ରୂପାନ୍ତର କରିବା ଦିଗରେ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପ୍ରଭାବିତ ଲୋକଙ୍କ ଆବାସ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ଆବାସ ଯୋଜନାରେ ସାମିଲ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରାସ୍ତା ନିର୍ମାଣ ସମୟରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ଉପଯୁକ୍ତ ଭାବେ ବିଚାରକୁ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଅଥବା ଅବ୍ୟବସ୍ଥିତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ଯେପରି ଜଳବନ୍ଦୀ କିମ୍ବା ମନୁଷ୍ୟକୃତ ବନ୍ୟା ପରିସ୍ଥିତି ସୃଷ୍ଟି ନ ହୁଏ, ସେଥିପ୍ରତି ସମ୍ପୃକ୍ତ ବିଭାଗ ସତର୍କ ରହିବା ସହ ଆବଶ୍ୟକ ସୁଧାରମୂଳକ ପଦକ୍ଷେପ ନେବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଥିଲେ।

ବନ୍ୟା ସମୟରେ ଓ ବନ୍ୟା ପରବର୍ତ୍ତୀ ସମୟରେ ରାସ୍ତା, ପାନୀୟଜଳ ଯୋଗାଣ, ଜଳସେଚନ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମିର ପୁନଃସ୍ଥାପନ କାର୍ଯ୍ୟ ତ୍ୱରିତ ଓ ଗୁଣାତ୍ମକ ଭାବେ ସମ୍ପାଦନ କରିବାକୁ ଗ୍ରାମ ନିର୍ମାଣ ବିଭାଜନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଜଳସେଚନ, କ୍ଷୁଦ୍ର ଜଳସେଚନ ସମେତ ସମସ୍ତ ସମ୍ପୃକ୍ତ ଲାଇନ୍ ବିଭାଗକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ବନ୍ୟା ପରେ ବିଦ୍ୟୁତ୍ ସେବା ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାର ପୁନଃସ୍ଥାପନ ଓ ସ୍ୱାଭାବିକୀକରଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ଲୋକଙ୍କୁ ଆବଶ୍ୟକ ସେବା ଶୀଘ୍ର ଉପଲବ୍ଧ କରାଇବାକୁ ସମ୍ପୃକ୍ତ ବିଭାଗକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ଜିଲ୍ଲାର ବନ୍ୟା ପରିସ୍ଥିତି, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ, କ୍ଷୟକ୍ଷତି ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ପ୍ରସ୍ତୁତ ପାୱାରପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ ଓ ବଡ଼ସାହି ବିଧାୟକ ସନାତନ

## ପ୍ରଭାବିତ ଅଞ୍ଚଳର କଚ୍ଚା ଘରକୁ ପକ୍କା ଘରରେ ରୂପାନ୍ତରଣ

ବିଜୁଳିଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାୟକ ଓ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଜିଲ୍ଲା ଜରୁରିକାଳୀନ ଅଧିକାରୀ ତାପସ ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ସମସ୍ତ ଜିଲ୍ଲାସ୍ତରୀୟ ମୁଖ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଶିମିଳିପାଳରେ ବାଘ ଆକ୍ରମଣରେ ୨ ବଳଦ ମୃତ

ବାରିପଦା, ୧୮ ।୮ (ସମିସ): ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ପିଠାବଟା ନର୍ଥ ରେଞ୍ଜ ଅଞ୍ଚଳରେ ଏକ ବାଘର ଚଳପ୍ରଚଳ ଦେଖିବାକୁ ମିଳିଛି। ପ୍ରାୟ ୫ରୁ ୬ ଦିନ ତଳେ ତାରାଯୋଡ଼ି ଗ୍ରାମ ନିକଟସ୍ଥ ଚନ୍ଦ୍ରିପଡ଼ିଆ ଅଞ୍ଚଳରେ ଏହି ବାଘଟି ଦୁଇଟି ଗୋରୁଙ୍କୁ ଆକ୍ରମଣ କରି ମାରିଦେଇଥିବା ଘଟଣା ସାମ୍ନାକୁ ଆସିଛି। ମିଳିଥିବା ସୂଚନା ମୁତାବକ, ପ୍ରାୟ ୩ରୁ ୪ ବର୍ଷ ବୟସର ଏକ କଳାବାଘର ବାଲିଡିହା ବିଟ୍ ଓ ହଳଦୀବଣି ବିଟ୍ ଅଞ୍ଚଳରେ ଗତିବିଧି ରହିଛି। ତାରାଯୋଡ଼ି ଗ୍ରାମର ଚନ୍ଦ୍ରିପଡ଼ିଆ ନିକଟରେ ବାଘଟି ଦୁଇଟି ଗୋରୁଙ୍କୁ ଆକ୍ରମଣ କରି ମାରି ଦେଇଥିବାବେଳେ ଗୋଟିଏ ଗୋରୁକୁ ଆଂଶିକ ଭାବେ ଖାଇଥିଲା। ବର୍ତ୍ତମାନ ଏହି ଅଞ୍ଚଳରେ ଘୁଷୁରି, ହରିଣ ଆଦି ଶିକାର ପାଇଁ ତଳ ଅଞ୍ଚଳକୁ ଓହ୍ଲାଉଥିବାରୁ ଖାଦ୍ୟ ସନ୍ଧାନରେ ବାଘଟି ଏହି ପାଖକୁ ଆସିଥିବା ଅନୁମାନ କରାଯାଉଛି। ଆଗାମୀ ନଭେମ୍ବର-ଡିସେମ୍ବର ମାସ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ବାଘର ଚଳପ୍ରଚଳ ରହିବା ସମ୍ଭାବନା ରହିଛି। ଘଟଣା ପରେ ବନ କର୍ମଚାରୀ ଘଟଣାସ୍ଥଳରେ କ୍ୟାମେରା ଖଞ୍ଜି ଦୁଇଦିନ ଧରି ତୀକ୍ଷ୍ଣ ନଜର ରଖିଥିଲେ।



## କୋର୍ ଏରିଆରେ ପ୍ରବେଶ, ଗୃହପାଳିତ ପଶୁ ନ ଛାଡ଼ିବାକୁ ବନ ବିଭାଗର ଚେତାବନୀ

କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି କିମ୍ବା ଲୋକଙ୍କ ଆକ୍ରୋଶକୁ ରୋକିବା ପାଇଁ ବନ କର୍ମଚାରୀ ଉକ୍ତ ସ୍ଥାନକୁ ଜଗି ରହିଥିଲେ। ବାଘ ଗୋରୁ ମାରି ଖାଇବା ଘଟଣାକୁ ନେଇ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକ ସୁମିତ କୁମାର କର କହିଛନ୍ତି ଯେ, ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ପାଇଥିବାରୁ ଏହା ଏକ ସ୍ୱାଭାବିକ ଘଟଣା। ଏଥିପାଇଁ ଆତଙ୍କିତ ହେବାର କୌଣସି କାରଣ ନାହିଁ। ଉପନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ, ଶିମିଳିପାଳରେ ପ୍ରତି ମାସରେ ପ୍ରାୟ ୪ରୁ ୫ଟି ଏଭଳି ଗୋରୁ ଶିକାର ମାମଲା ସାମ୍ନାକୁ ଆସୁଛି। ବାଘ ନିଜର ଶିକାର କରିବା ପରେ ତାକୁ ଖାଇବାକୁ ସୁଯୋଗ ଦିଆଯାଏ। ସେହି ସ୍ଥାନରେ କୌଣସି ପ୍ରକାର ବିଭ୍ରାଟ ସୃଷ୍ଟି କରାଯାଏନାହିଁ ଓ ସେଥିପାଇଁ ବନ ବିଭାଗ ଟିମ୍ ଦ୍ୱାରା ନିରନ୍ତର ମନିଟରିଂ କରାଯାଉଛି। ଏଥିସହିତ ଗୋରୁ ମାଲିକଙ୍କୁ ଆର୍ଥିକ କ୍ଷତିରୁ ରକ୍ଷା କରିବା ପାଇଁ ତୁରନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଉଛି। ଘଟଣାସ୍ଥଳ ସର୍ଭେ ପରେ ପ୍ରାଣୀ ଚିକିତ୍ସକଙ୍କ ସାର୍ଟିଫିକେଟ୍ ଆଧାରରେ ହିତାଧିକାରୀଙ୍କୁ ସରକାରୀ ନିୟମ ଅନୁସାରେ ତୁରନ୍ତ କ୍ଷତିପୂରଣ ଦିଆଯାଉଛି। ଅନ୍ୟପକ୍ଷରେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀଙ୍କୁ ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉଛି। ଲୋକମାନଙ୍କୁ ଜଙ୍ଗଲର ଭିତର ଅଞ୍ଚଳ (କୋର ଏରିଆ)କୁ ମଣିଷ କିମ୍ବା ଗୋରୁଗାଈ ନ ଛାଡ଼ି ବାହାର ସୀମାନ୍ତ ଅଞ୍ଚଳରେ ଚରାଇବା ପାଇଁ ନିବେଦନ କରାଯାଇଛି।

# ସ୍ୱାଧୀନତା ଦିବସ ଅବସରରେ ଭଲିବଲ ଟୁର୍ଣ୍ଣାମେଣ୍ଟ

ବାରିପଦା,୧୮ ।୮ (ସମିସ): ସ୍ଥାନୀୟ ପୁଲିସ ପଡିଆରେ ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ପୁଲିସ ଆରଆଇ ଆଲୋକ କୁମାର କାନୁନଗୋଙ୍କ ସହଯୋଗରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ପୁଲିସ ଦଳ ୨-୦ ସେଟରେ ଜିଲ୍ଲା ହୋମଗାର୍ଡ ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ସଞ୍ଜୟ ମହାନ୍ତ, ଜଗତ ଜୀବନ ସେଠୀ, ପୁନିତ ପାଲ, ସୌରଭ ପ୍ରଧାନ, ଅଭୟଜିତ ମହାନ୍ତି, ବାଦଲ ବିନ୍ଧାଣି ଓ ବସନ୍ତ ନାଏକ ପୁରସ୍କୃତ ହୋଇଥିଲେ। ରାଜେଶ ଦାସ, ଗୌରାଙ୍ଗ ମହାନ୍ତ, ନିରଞ୍ଜନ ନାଏକ, ଚନ୍ଦ୍ରମୋହନ ଦଳେଇ, ରାଜେନ୍ଦ୍ର ନାଥ ନାଏକ ଓ ଏନଆଇଏସ କୋଚ ମନୋରଞ୍ଜନ ଜୀଉ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ, ଫୁଟବଲ ସମ୍ପାଦକ ଅମର କୁମାର ସେଠୀ, ସହ ସମ୍ପାଦକ ଅମ୍ବିକା ରାଉତ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସରଜେଣ୍ଟ ଗୌତମ ପ୍ରଧାନ, ହୋମଗାର୍ଡ ଆରଆଇ ସରୋଜ କୁମାର ବେହେରା, ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ବିକାଶ କୁମାର ବାରିକ, ସମ୍ପାଦକ ସ୍ୱରାଜ କୁମାର ରାଜ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ. ସୁଭାଶିଷ ନାୟକ, ପୂର୍ବତନ କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଭାନୁପ୍ରତାପ ଭଞ୍ଜଦେଓ, କ୍ରୀଡ଼ା ଶିକ୍ଷକ ନାରାୟଣ ପୋଦାର, ପ୍ରଭାସ ସାହୁ, ଶାନ୍ତିଲତା ଜୀଉ, ହିମାଂଶୁ ରାଜ ଓ ଦୀପକ ମୁଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



• ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ସାନନ୍ଦଙ୍କ ନିବେଦନ

# ଫର୍ମ-୬ ସହିତ ଘୋଷଣା ଫର୍ମ, ଦାବି/ ଆପତ୍ତି ଦାଖଲ ଶେଷ ତାରିଖ ବୃଦ୍ଧି କରାଯାଉ

ବାରିପଦା, ୧୮ ।୮ (ସମିସ): ଏସଆଇଆର ପ୍ରକ୍ରିୟାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଫର୍ମ-୬ ସହିତ ଘୋଷଣା ଫର୍ମ ଦାଖଲ କରିବାର ଶେଷ ଦିବସ ବୁଧବାର ୧୯ ତାରିଖକୁ ଧାର୍ଯ୍ୟ କରାଯାଇଛି। ସେହିପରି ଦାବି ଓ ଆପତ୍ତି ଦାଖଲ କରିବାର ଶେଷ ତାରିଖ ମଧ୍ୟ ୧୯ ତାରିଖ ରଖାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ଗତ କିଛିଦିନ ଧରି ଲଘୁଚାପଜନିତ ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତି ଗୁରୁତର ରୂପ ଧାରଣ କରିଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ଓ ଯାତାୟାତ ବ୍ୟାହତ ହୋଇଥିବାରୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଏପରିକି କେତେକ ବିଦ୍ୟାଳୟ ଗୃହକୁ ବନ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଉଛି। ଏଥିସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଯାତାୟାତ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଥିବାରୁ ସରକାରୀ ସ୍ତରରେ କାର୍ଯ୍ୟରତ ବିଏଲଓ ବର୍ଷା ଓ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ଫଳରେ ସେମାନେ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ ସଠିକ୍ ଭାବେ ସମ୍ପାଦନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅସ୍ୱାଭାବିକ ପରିସ୍ଥିତିରେ ନିର୍ବାଚନ ସମ୍ବନ୍ଧୀୟ ଫର୍ମ-୬ ସହିତ ଘୋଷଣା ଫର୍ମ ଦାଖଲ ଓ ଦାବି/ଆପତ୍ତି ପ୍ରକ୍ରିୟାରେ ସାଧାରଣ ଜନତା ଓ ସମ୍ପୃକ୍ତ କର୍ମଚାରୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ସମୟସୀମା ବୃଦ୍ଧି କରିବା ଅତ୍ୟନ୍ତ ଆବଶ୍ୟକ। ବର୍ତ୍ତମାନର ବର୍ଷା ଓ ବନ୍ୟା ପରିସ୍ଥିତିକୁ ବିଚାରକୁ ନେଇ ଫର୍ମ-୬ ସହିତ ଘୋଷଣା ଫର୍ମ ଦାଖଲ, ଦାବି/ଆପତ୍ତି ଦାଖଲର ଶେଷ ଦିବସ ୧୯ ତାରିଖ ପରିବର୍ତ୍ତେ ଅତିରିକ୍ତ ୧୫ ଦିନ ସମୟ ବୃଦ୍ଧି ପାଇଁ ରାଜ୍ୟ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାରାଣ୍ଡି ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ହେମକାନ୍ତ ସଏଙ୍କୁ ନିବେଦନ କରିଛନ୍ତି।

• ଗୋରୁ ବୋଝେଇ ପିକଅପ୍ ଦୁର୍ଘଟଣାଗ୍ରସ୍ତ

# ୭ ବଳଦ ମୃତ, ୭ ଜୀବିତ ଉଦ୍ଧାର

ମହୁଲଡିହା/ଠାକୁରମୁଣ୍ଡା,୧୮ ।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଆନନ୍ଦପୁର-କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥର ହାଣ୍ଡିଫୁଟା ଛକ ନିକଟରେ ମଙ୍ଗଳବାର ଭୋର ସମୟରେ ଗୋରୁ ବୋଝେଇ ପିକ୍‌ଅପ୍ ଓଲଟିପଡ଼ିବାରୁ ୭ଟି ବଳଦର ମୃତ୍ୟୁ ଘଟିଥିବାବେଳେ ୭ଟି ବଳଦକୁ ଜୀବିତ ଉଦ୍ଧାର କରାଯାଇଛି। ଘଟଣା ପରେ ଗାଡ଼ି ଛାଡ଼ି ଚାଳକ ଜଙ୍ଗଲ ଭିତରକୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ,ମଙ୍ଗଳବାର ଭୋର ପ୍ରାୟ ୩ଟା ସମୟରେ ଠାକୁରମୁଣ୍ଡା ପୁଲିସ ଆନନ୍ଦପୁର-ଠାକୁରମୁଣ୍ଡା ରାସ୍ତାରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ହାଣ୍ଡିଫୁଟା



ଛକ ନିକଟରେ ଏକ ଗୋରୁ ବୋଝେଇ ଗାଡ଼ି ପୁଲିସ ଗାଡ଼ିକୁ ଦେଖି ଚାଳକ ଦ୍ରୁତ ବେଗରେ ଚାଲିଯିବାକୁ ଉଦ୍ୟମ କରିଥିଲା। ତେବେ ଦ୍ରୁତ ଗତିରେ ଯିବା ସମୟରେ ଚାଳକ ଭାରସାମ୍ୟ ହରାଇବାରୁ ଗାଡ଼ିଟି ରାସ୍ତାକଡ଼ରେ ଓଲଟି ପଡ଼ିଥିଲା। ଗାଡ଼ି ଓଲଟିବା ପରେ ପୁଲିସ ପହଞ୍ଚି ଗାଡ଼ି ଭିତରେ ଥିବା ବଳଦଙ୍କୁ ଉଦ୍ଧାର କରିଥିଲା। ଏଥିରେ ୭ଟି ବଳଦର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୭ଟି ବଳଦକୁ ଉଦ୍ଧାର କରାଯାଇଛି। ଅନ୍ଧାରର ସୁଯୋଗ ନେଇ ଚାଳକ ଗାଡ଼ି ଛାଡ଼ି ନିକଟସ୍ଥ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ପଶୁ ଚିକିତ୍ସା ଅଧିକାରୀ ପ୍ରୀତିରଞ୍ଜନ ସାହୁ ପହଞ୍ଚି ଉଦ୍ଧାର ହୋଇଥିବା ବଳଦଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନ୍ୟପକ୍ଷରେ ମୃତ ବଳଦଙ୍କୁ ଜେସିବି ସାହାଯ୍ୟରେ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ପୋତି ଦିଆଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଓ ଉଦ୍ଧାର ହୋଇଥିବା ବଳଦଙ୍କୁ ଠାକୁରମୁଣ୍ଡା ଥାନାକୁ ଆଣିଛି। ଘଟଣାସ୍ଥଳରେ ଠାକୁରମୁଣ୍ଡା ଥାନା ଆଇଆଇସି ଶରତ ମହାଳିକ ଓ ଏଏସଆଇ ଅମରେନ୍ଦ୍ର ବାରିକ ତଦନ୍ତ କରିଥିଲେ।

# ପଞ୍ଚାୟତକୁ ନିଜସ୍ୱ ଜମି ଦାନ

କୁଆମରା,୧୮ ।୮ (ସମିସ): ଜୟପୁର ପଞ୍ଚାୟତକୁ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗିରିଶ ଚନ୍ଦ୍ର ରାୟଙ୍କ ପୁଅ ମାନବେନ୍ଦ୍ର ରାୟ ପଞ୍ଚାୟତ କାର୍ଯ୍ୟାଳୟକୁ ତିନି ଡେସିମିଲି ଜମି ଦାନ କରି ନିଜର ମହତ ପଣିଆ ଦେଖାଇଛନ୍ତି। ୧୯୬୭ରେ ରାୟ ପରିବାର ପକ୍ଷରୁ ଦାନ ହୋଇଥିବା ଜମିରେ ପଞ୍ଚାୟତ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ସେଠାରେ ସ୍ଥାନ ଅଭାବ ଯୋଗୁଁ ବିଭିନ୍ନ କାର୍ଯ୍ୟରେ ବାଧା ଉପୁଜିବାରୁ ପୁଣି ସ୍ୱର୍ଗତ ଗିରିଶ ରାୟଙ୍କ ପୁତ୍ର ମାନବେନ୍ଦ୍ର ପବିତ୍ର ସ୍ୱାଧୀନତା ଦିବସ ଅବସରରେ ତିନି ଡେସିମିଲି ଜମି ଦାନ କରିଛନ୍ତି। ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ଅଞ୍ଚଳବାସୀ। ମାନବେନ୍ଦ୍ର ଜଣେ ଅବସରପ୍ରାପ୍ତ ବିଦ୍ୟୁତ ବିଭାଗ କର୍ମଚାରୀ ଥିଲେ। ସରପଞ୍ଚ ମମତା ସିଂ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସମସ୍ତ ୱାର୍ଡ ମେମ୍ବର, ବହୁ ଯୁବ ନେତା ଉପସ୍ଥିତ ରହି ଜମି ଗ୍ରହଣ କରିଛନ୍ତି।

ବାରିପଦା-ଭଞ୍ଜପୁର ରେଳ ଲାଇନ୍ ଦବିବା ପ୍ରସଙ୍ଗ

# ଉଚ୍ଛେଦ ହେଲା ୨୫ ଘର, ମରାମତି ଜାରି

ବାରିପଦା, ୧୮ ।୮ (ସମିସ):



ଲଗାତର ଭାରି ବର୍ଷା ଯୋଗୁଁ ଭଞ୍ଜପୁର-ବେତନଟୀ ରେଳ ଲାଇନ୍‌ର ୫୨/୦୨ରୁ ୫୨/୦୩ ମଧ୍ୟରେ ରେଳଲାଇନ ଦବିଥିବାରୁ ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାର ରେଳ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ରେଳ ଧାରଣା ତଳୁ ମାଟି ଧୋଇଯାଇଥିବାରୁ ସମ୍ପୂର୍ଣ୍ଣ ସୁରକ୍ଷା ଯାଞ୍ଚ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ମିଳିବା ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ ସ୍ୱାଭାବିକ କରାଯିବ ନାହିଁ ବୋଲି ରେଳବାଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ରବିବାରଠାରୁ ରାତିସାରା ରେଳ ବିଭାଗର ଇଞ୍ଜିନିୟରିଂ ଟିମ୍ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଘଟଣାସ୍ଥଳରେ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟର ତଦାରଖ କରୁଛନ୍ତି। ସୋମବାର ଡିଆରଏମ୍ ନିଜେ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବର୍ତ୍ତମାନ ବର୍ଷା ଥମିଥିବାରୁ ପୁନରୁଦ୍ଧାର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଓ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଟ୍ରାକ୍‌କୁ ସମ୍ପୂର୍ଣ୍ଣ କରାଯିବାର ସମ୍ଭାବନା ରହିଛି। ତେବେ ସମ୍ପୂର୍ଣ୍ଣ ସୁରକ୍ଷିତ ଫିଟ୍‌ନେସ୍ ସାର୍ଟିଫିକେଟ୍ ମିଳିବା ପରେ ହିଁ ଟ୍ରେନ୍ ଚଳାଚଳ ପୂର୍ବାବସ୍ଥାକୁ ଫେରିବ। ବାଙ୍ଗିରିପୋଷିରୁ ରୁପସା ପର୍ଯ୍ୟନ୍ତ ରେଳପଥର ଉଭୟ ପାଶ୍ୱର୍ ଜବରଦଖଲ ପାଇଁ ଜଳ ନିଷ୍କାସିତ ନ ହୋଇ ଜମି ରହିବା ଫଳରେ ମାଟି ଧସି ରେଳ ଲାଇନ ଦବିଥିବା କୁହାଯାଉଛି। ରେଳବାଇ ଅଧିକୃତ ସ୍ଥାନରେ ବେଆଇନ ନିର୍ମାଣ ଜଳ ନିଷ୍କାସନରେ ବାଧା ଆଣୁଥିବାରୁ ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ପାଇଁ ରେଳ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଇତିମଧ୍ୟରେ ଶୁନଗଡିଆର ୨୫ରୁ ଉର୍ଦ୍ଧ୍ୱ ଘର ଉଚ୍ଛେଦ ସହିତ ମାଟିରେ ମିଶିଛି। ବନ୍ଧ ତଳୁ ପଥରଗୁଣ୍ଡ, ମୋରମ ଆଦି ବସ୍ତାରେ ଭର୍ତ୍ତି କରି ମରାମତି ସ୍ଥଳକୁ ସୁଦୃଢ଼ କରାଯାଉଛି। ମରାମତି ସରି ନ ଥିବାରୁ ବାଙ୍ଗରିପୋଷି-ପୁରୀ ଏକ୍ସପ୍ରେସ୍ ଓ ବାଙ୍ଗରିପୋଷି-ରୁପସା/ବାଲେଶ୍ୱର ମେମୁ ଟ୍ରେନ ମଙ୍ଗଳବାର ମଧ୍ୟ ବାତିଲ ହୋଇଛି। ଶାଲିମାର-ଭଞ୍ଜପୁର ଟ୍ରେନ୍‌କୁ ରୁପ୍‌ସା ପର୍ଯ୍ୟନ୍ତ ଚଳାଚଳ କରାଯାଇ ସେଠାରୁ ଶର୍ଟ ଟର୍ମିନେଟ୍ କରାଯାଇଛି। ଯାତ୍ରୀଙ୍କୁ ସୁବିଧା ପ୍ରଦାନ ପାଇଁ ରୁପ୍‌ସା-ବେତନଟୀ ମଧ୍ୟରେ ବିଶେଷ ଶଟଲ୍ ସେବା ଚାଲୁ ରଖାଯାଇଛି। ଏହି ଶଟଲ୍ ରୁପ୍‌ସାରୁ ୯:୪୦, ୧୫:୨୫ ଓ ୧୮:୨୫ ଘଣ୍ଟାରେ ଛାଡିବା ସହିତ ବେତନଟୀରୁ ୧୧:୦୦, ୧୬:୩୦ ୧୯:୧୫ରେ ଛାଡିବା ସମୟ ଧାର୍ଯ୍ୟ

• ରେଳପଥର ଉଭୟ ପାର୍ଶ୍ୱରେ ଜବରଦଖଲରୁ ଜଳ ନିଷ୍କାସନ ସମସ୍ୟା
• ଦ୍ୱିତୀୟ ଦିନ ମଧ୍ୟ ଟ୍ରେନ୍ ବାତିଲ
• ବେତନଟୀ-ରୁପସା ମଧ୍ୟରେ ପାସେଞ୍ଜର ସେବା ପାଇଁ ନୂଆ ଟ୍ରେନ୍

ହୋଇଛି। ଏହି ଶଟଲ୍ ବ୍ୟବସ୍ଥା ସୁରକ୍ଷା ଓ ପରିଚାଳନା ସ୍ଥିତି ଉପରେ ନିର୍ଭର କରି ଆଗକୁ ଚାଲିବ। ରେଳବାଇ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ସୂଚନା ଦେଇଛନ୍ତି ଯେ ସେମାନେ ପରିବର୍ତ୍ତିତ ବ୍ୟବସ୍ଥାକୁ ଧ୍ୟାନରେ ରଖି ଯାତ୍ରା ଯୋଜନା କରନ୍ତୁ। ସମ୍ପୂର୍ଣ୍ଣ ଲାଇନ୍ ଚଳାଚଳ ଉପଯୁକ୍ତ ହେବା ମାତ୍ରେ ହିଁ ସମସ୍ତ ଟ୍ରେନ୍ ସେବା ପୁନଃ କାର୍ଯ୍ୟକ୍ଷମ ହେବ ବୋଲି ରେଳବାଇ ସୂଚନା ଦେଇଛନ୍ତି।

# ଆଣ୍ଠୁଏ ପାଣିରେ ଛାତ୍ରଛାତ୍ରୀ; ସ୍କୁଲ ଗୃହ ଜରାଜୀର୍ଣ୍ଣ

ତୁରୁମୁଙ୍ଗା, ୧୮।୮ (ସମିସ)



ପିଢ଼ି ପରେ ପିଢ଼ି ଶିକ୍ଷାଦାନ ପରମ୍ପରାରେ କୌଣସି ବ୍ୟବସ୍ଥାଗତ ପରିବର୍ତ୍ତନ ହେଉନାହିଁ। ଯାହା କିଛି ଯୋଜନା କିମ୍ବା ବିକାଶ କଥା କୁହାଯାଉଛି କାଁ ଭାଁ କାଗଜକଲମରେ ଦୃଶ୍ୟମାନ ହେଉଥିଲା ବେଳେ ପିଲାଙ୍କୁ ଉତ୍ତମ ଭିତ୍ତିଭୂମି ମଧ୍ୟରେ ପାଠ ପଢ଼ାଇବାର ଲକ୍ଷ୍ୟ ଏବେ ବି ବହୁ ଦୂର ସଦୃଶ ରହିଛି। ସେନେଇ ଶିକ୍ଷାର ପ୍ରସାର ଏବଂ ବିକାଶର ପଦ୍ମ ଆହୁରି କିଛି ପାଦ ଘୁଞ୍ଚି ଯାଉଥିବା ଦୃଶ୍ୟମାନ ହେଉଛି। ହୁଏତ, ଆଜିକାର ଶିକ୍ଷକ ଏବଂ ଅଧିକାରୀମାନେ ଏଭଳି କିଛି ପରିବେଶରେ ପାଠ ମଧ୍ୟ ପଢ଼ିଥିବେ ବୋଲି ଚର୍ଚ୍ଚା ପରିସରକୁ ଆସୁଛି। ଛୋଟ ପିଲାମାନେ କାନ୍ଧରେ ଝୁଲା ଧରି କର୍ଦ୍ଦମାକ୍ତ ରାସ୍ତା ଏବଂ ବର୍ଷା ପାଣିରେ ଭିଜି ଭିଜି ଅତ୍ୟନ୍ତ ଦୁର୍ଦ୍ଦଶା ମଧ୍ୟରେ ଶ୍ରେଣୀଗୃହରେ ବସି ପାଠ ପଢ଼ିବା ଦୃଶ୍ୟ ଆଜିକାର ଶିକ୍ଷକଙ୍କ ପିଢ଼ି ପାଇଁ ନୂଆ ନୁହେଁ। ସେଭଳି କିଛି ଅନୁଭୂତିକୁ ଏଇ ପିଢ଼ିର ଛୁଆମାନେ ମଧ୍ୟ ପାଢ଼ ପଢ଼ିବା ପାଇଁ ସାଉଁଟୁଥିବା ଦୃଷ୍ଟିକୁ ଆସିଛି।

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ବୁଢୀକାପୁଡି ପଞ୍ଚାୟତ ପୁରନ୍ଦରପୁର ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଦେଖିବାକୁ ମିଳିଛି ଏଭଳି ଚିତ୍ର। ବିଦ୍ୟାଳୟ ପରିସରରେ ଆଁଠୁଏ ଆଁଠୁଏ ପାଣି ଜମି ରହିଥିବାରୁ ପାଣି ଭିତରେ ପଶି ଛାତ୍ରଛାତ୍ରୀମାନେ ସ୍କୁଲକୁ ଯାଇ ପାଠ ପଢିବାକୁ ବାଧ୍ୟ ହେଉଛନ୍ତି। କେହି କେହି ଅଭିଭାବକ ନିଜ ପିଲାଙ୍କୁ ସାଙ୍ଗରେ ନେଇ କାନ୍ଧରେ ବୋହି ପାଣି ପାର କରାଇ ସ୍କୁଲକୁ ନେଉଛନ୍ତି। ବର୍ଷା ଆରମ୍ଭ ହେବା ଦିନଠାରୁ ଏଭଳି ସମସ୍ୟା ଲାଗି ରହିଛି। ପାଣି ଭିତରେ ଯିବାଆସିବା କରିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଡ୍ରେସ୍, ବହି ଓ ବସ୍ତାନି ଭିଜିଯାଉଛି। ଏଥିସହ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ମଧ୍ୟ ବିପଦପୂର୍ଣ୍ଣ ଭାବରେ କୋମଳମତି ଶିଶୁ ଗର୍ଭବତୀ ଓ ପ୍ରସୂତି ଯାଉଛନ୍ତି। କେବଳ ବିଦ୍ୟାଳୟ ପରିସର ନୁହେଁ, ଶ୍ରେଣୀଗୃହର ଅବସ୍ଥା ମଧ୍ୟ ଚିନ୍ତାଜନକ। ଶ୍ରେଣୀଗୃହର କାନ୍ଥ ଫାଟିଥିବା ବେଳେ ଛାତରୁ ବର୍ଷା ପାଣି ଗଳୁଛି। ସମସ୍ୟା ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ମିଳି ନଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ରାସ୍ତାର ଡ୍ରେନ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ନଥିବା ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ପାତ୍ର କହିଛନ୍ତି। ଏଭଳି ସ୍ଥିତିରେ ପିଲାମାନଙ୍କୁ ସ୍କୁଲକୁ ନେବାଆଣିବାରେ ଅଭିଭାବକମାନେ ମଧ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ବିଦ୍ୟାଳୟ ପରିସରରୁ ଜଳ ନିଷ୍କାସନ ସହ ଶ୍ରେଣୀଗୃହ ମରାମତି କରାଯାଇ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ପରିବେଶ ଯୋଗାଇବାକୁ ଅଭିଭାବକ ପ୍ରଫୁଲ୍ଲ ମୁଣ୍ଡା, ବିଜୟ ମହାରଣା, ଅଭିମନ୍ୟୁ ମୁଣ୍ଡା, ଟଙ୍କଧର ପାତ୍ର ପ୍ରମୁଖ ଦାବି କରିଛନ୍ତି।

**ପିଢ଼ି ପରେ ପିଢ଼ି ସମାନ ଅବସ୍ଥା**
**ଯାଇନି ପ୍ରାଥମିକ ଶିକ୍ଷାର ଦୁରବସ୍ଥା**
**ପଢ଼ିବା ପାଇଁ ପାଣି ସର ସର ପିଲାଏ**

# ଧୋଇଗଲା ପୋଲ; ୧୫ ଗାଁ ବିଚ୍ଛିନ୍ନ



କେନ୍ଦୁଝର, ୧୮।୮ (ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ବିରିକଳା-ଲୁଙ୍ଗାଝର ରାସ୍ତାର କଖାରୁଆ ନାଳ ଉପରେ ଲଗାଣ ବର୍ଷା ଯୋଗୁଁ ବନ୍ୟାଜଳ ପ୍ରବାହିତ ହୋଇ ପୋଲଟି ଧୋଇଯାଇଛି। ଫଳରେ ତରମାକାନ୍ତ ଓ ସାହାରପୁର ପଞ୍ଚାୟତର ପ୍ରାୟ ୧୫ ଖଣ୍ଡ ଗାଁ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏହି ରାସ୍ତାରେ ଯାତାୟାତ ବନ୍ଦ ହୋଇଯିବାରୁ ଅତି ଜରୁରୀ ସମୟରେ ଆମ୍ବୁଲାନ୍ସ ସେବା ମଧ୍ୟ ପ୍ରଭାବିତ ହୋଇଛି। ଅସୁସ୍ଥ ରୋଗୀ, ଗର୍ଭବତୀ ମହିଳା ଓ ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ଲୋକଙ୍କ ପାଇଁ ଏହା ଗୁରୁତର ସମସ୍ୟା ସୃଷ୍ଟି କରିଛି। ଅନ୍ୟପକ୍ଷରେ, ଏଠାରେ ନିର୍ମାଣାଧୀନ ପୋଲର କାମକୁ ୫ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ଏହା ଏଯାବତ୍ ସମ୍ପୂର୍ଣ୍ଣ ହୋଇନାହିଁ। ମନ୍ଥର ଗତିରେ ନିର୍ମାଣ କାମ ଚାଲୁଥିବାରୁ ପ୍ରତିବର୍ଷ ବର୍ଷା ଋତୁରେ ଅଞ୍ଚଳବାସୀଙ୍କୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବିରିକଳାରୁ ଲୁଙ୍ଗାଝର ରାସ୍ତାରେ ଯୋଗାଯୋଗ ଏବେ ବି ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହିଛି। ପୋଲ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ତ୍ୱରାନ୍ୱିତ କରାଯିବା, ଭାଙ୍ଗିଯାଇଥିବା ପୋଲର ଶୀଘ୍ର ମରାମତି କରିବା ଏବଂ ଲୋକଙ୍କ ଯାତାୟାତ ସହ ଜରୁରୀ ସେବାକୁ ସ୍ୱାଭାବିକ କରିବାକୁ ଲୋକେ ଦାବି କରିଛନ୍ତି।

# ଦୋକାନ ଚୋରିକୁ ବିତିଲା ଏକ ସପ୍ତାହ, ପୁଲିସ୍ ହାତ ଖାଲି

ହାଟଡ଼ିହୀ,୧୮।୮ (ସମିସ): ନନ୍ଦିପଦା ଥାନା ଜଳକଳଙ୍ଗ ବଜାରରେ ଗତ ମଙ୍ଗଳବାର ରାତିରେ ଚକ୍ରଧର ଓଝାଙ୍କ ଜଳଖିଆ ଦୋକାନ ସାମ୍ନା ପାଖ କବାଟର ତାଲା ଭାଙ୍ଗି ଦୋକାନ ଭିତରୁ ୪ଟି ଜାଳେଣି ଗ୍ୟାସ୍ ସିଲିଣ୍ଡର କିଛି ଦୁର୍ବୃତ୍ତ ଚୋରି କରିଥିଲେ। ଏନେଇ ବୁଧବାର ସକାଳେ ଦୋକାନୀ ଚକ୍ରଧର ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ସନ୍ଧାନୀ କୁକୁର ସାହାଯ୍ୟରେ ଛାନଭିନ୍ କରିଥିଲା। ଆଜିକୁ ଏକ ସପ୍ତାହ ବିତିବାକୁ ବସିଥିଲେ ସୁଦ୍ଧା ଏଯାଏଁ ଚୋରି ସାମଗ୍ରୀ କିମ୍ବା ଚୋରଙ୍କ ବାବଦରେ କୌଣସି ସନ୍ଧାନ ମିଳିପାରିନାହିଁ। ଏଭଳି ସାମାନ୍ୟ ଚୋରି ଘଟଣାର ପର୍ଦ୍ଦାଫାସରେ ବିଳମ୍ବ ଘଟୁଥିବାରୁ ଚୋରିର ଶିକାର ହେଉଥିବା ଲୋକେ ପୁଲିସର ପାରିବାପଣିଆ ଉପରେ ଅଙ୍ଗୁଠି ଉଠାଇଛନ୍ତି। ଅପରାଧୀର ଚୋରି ସକ୍ଷମତା ଆଗରେ ପୁଲିସର ତଦନ୍ତ ଦକ୍ଷତା ଫେଲ୍ ମାରୁଥିବା କୁହାଯାଇଛି। ପୂର୍ବରୁ ଏହି ବଜାରରୁ ଅନେକ ଥର ଦୋକାନ ଭାଙ୍ଗି ସାମଗ୍ରୀ ଲୁଟ୍ ହେବା ସହ ଛୋଟ ବଡ଼ ଯାନବାହନ ଆଦି ଚୋରି ହୋଇଛି। ଏଭଳି ଚୋରିର ପର୍ଦ୍ଦାଫାସ ହେଲେ ଆଗକୁ ଚୋରି ପ୍ରତି ଚୋରଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇପାରନ୍ତା ବୋଲି ସାଧାରଣରେ କୁହାଯାଇଛି। ଏନେଇ ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, କିଛିଦିନ ଧରି ନନ୍ଦିପଦା ଥାନା ସହ ପାଖ ଥାନାଞ୍ଚଳର ବିଭିନ୍ନ ସ୍ଥାନରେ ଏଭଳି ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଛି। ଏସବୁ ପ୍ରତି ପୁଲିସ୍ ତଦନ୍ତ କରୁଥିବା ବେଳେ ନଜର ମଧ୍ୟ ରଖିଛି। ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି କହିଛନ୍ତି।

# ପୂର୍ବତନ ବିଧାୟକ ଧନୁର୍ଜୟ ଲାଗୁରୀଙ୍କ ପତ୍ନୀ ବିୟୋଗ



ଚମ୍ପୁଆ, ୧୮।୮ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆର ପୂର୍ବତନ ବିଧାୟକ ଧନୁର୍ଜୟ ଲାଗୁରୀଙ୍କ ପତ୍ନୀ ସାବିତ୍ରୀ ଲାଗୁରୀଙ୍କ ଗତକାଲି ରାତିରେ ୭୩ ବର୍ଷ ବୟସରେ ତାଙ୍କ ରାମଲାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ମେଳାପୀ ଓ ଧର୍ମପ୍ରାଣା ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବଡ଼ପୁଅ ପୂର୍ବତନ ସାଂସଦ ତଥା ବର୍ତ୍ତମାନର ରାଜ୍ୟ ଆଦିବାସୀ କଂଗ୍ରେସର ସଭାପତି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ବୋହୂ ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରୀ, ମଝିଆଁ ପୁଅ ବରିଷ୍ଠ ଓଏଏସ୍ ଅଧିକାରୀ ବଳବନ୍ତ ନାରାୟଣ ସିଂ ଲାଗୁରୀ, ସାନପୁଅ ଡାକ୍ତର ଅନନ୍ତ ନାରାୟଣ ସିଂ ଲାଗୁରୀ, ନାତିନାତୁଣୀ, ଦିଅର ମୋତିଲାଲ ସିଂ ଲାଗୁରୀ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ନବଜ୍ୟୋତି ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସେହିପରି ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ଧନୁର୍ଜୟ ସିଦ୍ଧୁ, ଜଗନ ସାହୁ, ଜିଲ୍ଲା କଂଗ୍ରେସର କାର୍ଯ୍ୟକର୍ତ୍ତା ଏବଂ ଚମ୍ପୁଆର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସେଠାରେ ଉପସ୍ଥିତ ଥିଲେ। ବନ୍ଧୁ ପରିଜନଙ୍କ ଉପସ୍ଥିତିରେ ବଡ଼ପୁଅ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ (ବୁବୁ) ମୁଖାଗ୍ନି ଦେଇଥିଲେ।

# ବନ୍ୟା ବିପନ୍ନଙ୍କୁ ପଲିଥିନ୍ ବଣ୍ଟନ



ହାଟଡ଼ିହୀ,୧୮।୮ (ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ ଅଧୀନସ୍ଥ ନଦୀକୂଳ ଜନବସତିଗୁଡ଼ିକରେ ବନ୍ୟାଜଳ ମାଡି ପନିପରିବା ଫସଲ, ଧାନଚାଷ ଆଦି କ୍ଷତି କରିଥିବା ବେଳେ କିଛି ଲୋକଙ୍କ ମାଟି ଘର ମଧ୍ୟ ଭୁଶୁଡ଼ି ପଡ଼ିଛି। ଲଗାଣ ବର୍ଷାରେ ଆଇତିପୁର ପଞ୍ଚାୟତର ଆଇତିପୁର, ରାଘବପୁର, ନୂଆଗାଁ, ରତକଣା, ଅମୃତପୁର, ମଧୁପୁର ଆଦି ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସରକାରୀ ବ୍ୟବସ୍ଥା ଅନୁଯାୟୀ, ଡ଼ଅଁର ଆରଆଇ ଲଳିତ କୁମାର ନାଏକ ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷୟକ୍ଷତିର ଆକଳନ କରି ବନ୍ୟା ବିପନ୍ନଙ୍କୁ ପ୍ରାଥମିକ ସ୍ତରରେ ପଲିଥିନ୍ ବା ଜରି ପାଲ ଯୋଗାଇ ଦେଇଛନ୍ତି। ସୋମବାର ଅପରାହ୍ନରେ ଆରଆଇ ସୁପରଭାଇଜର ହୃଦାନନ୍ଦ ସାହୁଙ୍କ ଉପସ୍ଥିତିରେ ଡଅଁର ଆରଆଇ ଶ୍ରୀ ନାଏକ ଆଇତିପୁର ଗ୍ରାମର ୧୫୭ଜଣ ଏବଂ ଗେଡ଼ମା ପଞ୍ଚାୟତର କାମେଶ୍ୱରପୁର ଗ୍ରାମର ୭ଜଣ ବନ୍ୟା ବିପନ୍ନଙ୍କୁ ପଲିଥିନ୍ ବଣ୍ଟନ କରିଛନ୍ତି। ଏହି ସମୟରେ ଅମିନ କଳାକର ଜେନା ଓ ଏକାଦଶୀ ମଲ୍ଲିକ ଉପସ୍ଥିତ ଥିଲେ।

**ଖଣିଜ ଚୋରା କାରବାର**

# ହାଇୱା, ବୋଲେରୋ ଓ ସ୍କର୍ପିଓ ଜବତ, ୬ ଗିରଫ

ଯୋଡ଼ା, ୧୮।୮ (ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅଧୀନ ପିଢ଼ପୋଖରୀ ମାଲଙ୍ଗଟୋଲି ଅଞ୍ଚଳରେ ଖଣିଜ ଚୋରା କାରବାର ଅଭିଯୋଗରେ ବାମେବାରୀ ପୁଲିସ ବିଳମ୍ବିତ ରାତିରେ ଚଢ଼ଉ କରି ବଡ଼ ସଫଳତା ପାଇଛି। ଖଣିଜ ବୋଝେଇ ତିନୋଟି ହାଇୱା ଟ୍ରକ ସହ ଚୋରା କାରବାରରେ ବ୍ୟବହୃତ ଦୁଇଟି ବୋଲେରୋ ଓ ଗୋଟିଏ ସ୍କର୍ପିଓ ଜବତ କରାଯାଇଛି। ଏହି ଘଟଣାରେ ୬ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଜବତ ହୋଇଥିବା ହାଇୱାଗୁଡ଼ିକର ନମ୍ବର ଓଡି-୧୪-ଏକେ-୩୭୬୯, ଓଡି-୧୪-ଏକେ-୩୨୨୭ ଓ ଓଡି-୦୯-ଭି-୬୯୨୧। ସେହିପରି ଦୁଇଟି ବୋଲେରୋର ନମ୍ବର ଓଡି-୦୯-ପିକ୍ୟୁ-୨୯୯୪ ଓ ଓଡି-୧୪-ଏକେ-୪୭୦୩, ଏବଂ ସ୍କର୍ପିଓର ନମ୍ବର ଓଡି-୦୯-କେ-୨୭୮୭ ବୋଲି ଜଣାପଡ଼ିଛି। ଚୋରା କାରବାରରେ ସମ୍ପୃକ୍ତ ଅଭିଯୁକ୍ତମାନେ ହେଲେ କେନ୍ଦୁଝର ଜିଲ୍ଲା ବାରୁହଟିଂର ଅବଦୁଲ ତନବୀର (୪୫), ଶାସ୍ତ୍ରୀନଗର, ବାନେଇକଳାର ସାତ୍ୟକୀ ପ୍ରିୟଦର୍ଶନ ବେହେରା (୪୪), ସୁଶୀଲକାନ୍ତ ଦଳେଇ (୪୩), ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଗୋପୁରସାହିର ବଂଶୀ ପାତ୍ର (୧୯), ଲହୁଣୀପଡ଼ା ଥାନା ଭୁତୁଡ଼ାର ସୁଧୀର ବାରିକ (୨୮), ରେଙ୍ଗାଲି ଥାନା ମହୁଲଡିହାର ବିକାଶ ବାରିକ (୨୧)। ଜବତ ଖଣିଜର ପରିମାଣ ପ୍ରାୟ ୧୧୫.୫ ମେଟ୍ରିକ ଟନ୍ ବୋଲି ଆକଳନ କରାଯାଇଛି। ବାମେବାରୀ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜବତ ଖଣିଜ କେଉଁଠାରୁ ଉତ୍ତୋଳନ ହୋଇଥିଲା, ଏହାର ପରିବହନ ଓ ଚୋରା କାରବାର ପଛରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।



# ରଙ୍ଗାସ ସେବା ସମବାୟ ପରିଚାଳନା ସମିତି ଭାଙ୍ଗିଲା

ଆନନ୍ଦପୁର, ୧୮।୮ (ସମିସ): ଚାଷୀମାନଙ୍କୁ ଋଣ ଓ ସାର ଯୋଗାଇବାରେ ପାତରଅନ୍ତର ଏବଂ ସରକାରୀ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ରଙ୍ଗାସ ସେବା ସମବାୟ ପରିଚାଳନା ସମିତିକୁ କେନ୍ଦୁଝର ଜିଲ୍ଲା ସମବାୟ ନିବନ୍ଧକ ଭାଙ୍ଗି ଦେଇଥିବା ଜଣାଯାଇଛି। ଏନେଇ ଚାଷୀଙ୍କ ପକ୍ଷରୁ ଆନନ୍ଦପୁର ଏଆରସିଏସ ଓ ଉପଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ରଙ୍ଗାସ ସେବା ସମବାୟ ସମିତି ସଂପାଦକ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀକୁ ବେଖାତିର୍ କରି ଚାଷୀଙ୍କୁ ହଇରାଣ ହରକତ କରୁଥିବା ଶତାଧିକ ଚାଷୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। କୃଷି ଋଣ ଖିଲାପ ଚାଷୀଙ୍କୁ ସାର ଦିଆଯିବ ନାହିଁ ଓ ଖରିଫ ଧାନ ବିକିବା ପାଇଁ ପଞ୍ଜୀକରଣ କରିପାରିବେ ନାହିଁ ବୋଲି ସମିତିର ସଂପାଦକ ରୋକଠୋକ ମନାକରି ହଇରାଣ ହରକତ କରିବା ସହିତ ଧମକଚମକ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଖବର ପାଇବା ପରେ ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଘଟଣାସ୍ଥଳକୁ ଯାଇ ଚାଷୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏବାବଦରେ ଶ୍ରୀ ସାହୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଓ କେନ୍ଦୁଝର ସେବା ସମବାୟ ମୁଖ୍ୟ ପର୍ଶୁରାମ୍ ପାତ୍ରଙ୍କ ସହିତ ଆଲୋଚନା କରିଛନ୍ତି। ତୁରନ୍ତ ଏହାର ନିରପେକ୍ଷ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀଙ୍କ ପକ୍ଷରୁ ରବିନ୍ଦ୍ର କୁମାର ପାତ୍ର, ହେମନ୍ତ କୁମାର ପେରେଇ, ସଦାଶିବ ସେନାପତି, ମନ୍ମଥ ପାତ୍ର, କୋଦଣ୍ଡ ପାତ୍ର, ଦିଲ୍ଲୀପ କୁମାର ସ୍ୱାଇଁ, ବାବାଜୀ ଚରଣ ଖୁଣ୍ଟିଆ, ରାମଚନ୍ଦ୍ର ଜେନା ଦାବି ଜଣାଇଛନ୍ତି।

**ସମ୍ପାଦକଙ୍କ ମନମାନି ଯୋଗୁଁ ଚାଷୀଙ୍କ ଅସନ୍ତୋଷ**

**ଆଡ୍‌ମିସନ ଫିଂଛାଡ଼ ଦାବି**

# ଚାଲି ଚାଲି ଆସିଲେ, ଜିଲ୍ଲାପାଳଙ୍କୁ ଦେଲେ ଦାବିପତ୍ର

କେନ୍ଦୁଝର, ୧୮।୮ (ସମିସ): କେନ୍ଦୁଝର ସଦର ବ୍ଲକ ରାଇସୁଆଁ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରଛାତ୍ରୀମାନେ ଆଡମିସନ ଏବଂ ରି ଆଡମିସନ ଫି ଛାଡ଼ କରିବାକୁ କେନ୍ଦୁଝର ଜିଲ୍ଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ରଛାତ୍ରୀମାନେ ରାଇସୁଆଁଠାରୁ ପାଦରେ ଚାଲିଚାଲି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷଠାରୁ ରାଜ୍ୟ ସରକାର ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ଘୋଷଣା କରିଛନ୍ତି। ମାତ୍ର ଏସବୁ ନିୟମ କେବଳ ସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମହାବିଦ୍ୟାଳୟଗୁଡିକରେ ଲାଗୁ ହୋଇଥିବାବେଳେ ଘରୋଇ ଏବଂ ସେଲ୍ଫ ଫାଇନାନସିଙ୍ଗ କଲେଜଗୁଡିକରେ ଆଡ଼ମିସନ, ରି ଆଡ଼ମିସନ ଏବଂ ଅନ୍ୟାନ୍ୟ ଫି ଆଦାୟ ହେଉଛି। ରାଇସୁଆଁ ମହାବିଦ୍ୟାଳୟ ଯୁକ୍ତ ଦୁଇ ଅନୁଦାନପ୍ରାପ୍ତ ହୋଇଥିବାରୁ ଏଠାରେ ସରକାରୀ ଘୋଷଣା ମୁତାବକ ଫି ଛାଡ଼ ରହିଛି; କିନ୍ତୁ ଯୁକ୍ତ ଦୁଇରେ ଥିବା ସେଲ୍ଫ ଫାଇନାନସିଙ୍ଗ କୋର୍ସ ପାଇଁ ମଧ୍ୟ ଫି ଆଦାୟ ହେଉଛି। ସେହିଭଳି ଏଠାକାର ଯୁକ୍ତ ତିନି ମହାବିବିଦ୍ୟାଳୟ ଏବେ ସମ୍ପୂର୍ଣ ଘରୋଇ ଓ ସେଲ୍ଫ ଫାଇନାନସିଙ୍ଗ କଲେଜ ହୋଇଥିବାବେଳେ ଯୁକ୍ତ ୩ କଲେଜରୁ ଫି ଆଦାୟ ବେନିୟମ କହି ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଘରୋଇ କଲେଜର ଫି ଛାଡ଼ କିମ୍ବା କଲେଜକୁ ସରକାର ଗ୍ରାଣ୍ଟ ଇନ ଏଡ଼ ଦେଇ ଫି ଛାଡ଼ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ସଦର ଉପଖଣ୍ଡ ପୁଲିସ ଅଧିକାରୀ, ଟାଉନ ଥାନାଧିକାରୀ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରି ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ।




# ‘ଶିଳ୍ପୀକା’ର ବାର୍ଷିକୋତ୍ସବ ‘ଡାର୍କ ଟୁ ଲାଇଟ୍’



ଆନନ୍ଦପୁର, ୧୮।୮ (ସମିସ): ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ‘ଶିଳ୍ପୀକା’ର ‘ଅନ୍ଧାରରୁ ଆଲୁଅ’ ବାର୍ଷିକ ଉତ୍ସବରେ ବୀଣାପାଣି କଳା ନିକେତନ, ଶାଳପଡ଼ା ନୃତ୍ୟାନୁଷ୍ଠାନର ଶିଳ୍ପୀମାନେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନିଖୁଣ ଅଭିନୟ କରି ପ୍ରଶଂସିତ ହୋଇଛନ୍ତି। ଅଭିନେତ୍ରୀ ମିଲି ମହାନ୍ତି, ଛନ୍ଦିତା ପାଢ଼ୀ, ମୋନିକା ଦାଶ, ଲିଜାରାଣୀ ସାହୁ, ଗାୟତ୍ରୀ ସାମଲ ଦେବହୁତି ପଟ୍ଟନାୟକ, ପରିଣତି ଚକ୍ର, ସାୟନି ନାୟକ ଅରସ୍ମିତା ତ୍ରିପାଠୀ, କ୍ରିଷ୍ଣା ପ୍ରିୟଦର୍ଶିନୀ ସାହୁ, ବିନୋଦ ଓଝା, ନୃତ୍ୟାଭିନୟ “ଆମ ସଂସ୍କୃତି ଆମ ହାତରେ “ଏ କଥା ଯୁଗ ଯୁଗର “ବେଶ ଚମତ୍କାର ଢଙ୍ଗରେ ପରିବେଷଣ କରିଥିଲେ। ମା’ର ପଣତ କାନିରେ ସାରା ସଂସାରର ଦୁଃଖକୁ ବାନ୍ଧି କିପରି ପରିବାର ପୋଷଣ କରିଛି ତାହା ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ଉପସ୍ଥିତ ମଞ୍ଚରେ ବହୁ ମାନଗଣ୍ୟ ବ୍ୟକ୍ତିଙ୍କ ସହିତ ବିଧାୟକ ଅରୁଣ ସାହୁ, ସଂସ୍କୃତି ବିଭାଗର ସହ ନିର୍ଦ୍ଦେଶକ ଅକ୍ଷୟ ସେଠୀ, ଶିଳ୍ପୀକାର ସମ୍ପାଦକ ବାସୁଦେବ ନାଥ ଓ ସମ୍ପାଦିକା ତଥା ନିର୍ଦ୍ଦେଶିକା ପାର୍ବତୀ ବାରିକ ନୃତ୍ୟ ଗୁରୁ ନୃତ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିଳ୍ପୀକାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ‘ଉଲ୍ଲାସ’ ତାଲିମ ଶିବିର




ହାଟଡ଼ିହୀ,୧୮।୮ (ସମିସ): ହାଟଡ଼ିହୀ ବିଇଓଙ୍କ କାର୍ଯ୍ୟାଳୟରେ ଉଲ୍ଲାସ ତାଲିମ୍ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଇଓ ରାଜୀବ କୁମାର ଦଳେଇ, ବିଆରସି ତଥା ଏବିଇଓ ପ୍ରମୋଦ କୁମାର ନାୟକ, ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଏମଆଇଏସ୍ କୋଡ଼ିନେଟର ସବ୍ୟସାଚୀ ସାଉ, ବିଆରଟି ବିଶ୍ୱଭୂଷଣ ରାଉଳ ପ୍ରମୁଖ ତାଲିମ୍ ପ୍ରଦାନ କରିଥିଲେ। ବ୍ଲକର ୨୧ଜଣ ସିଆରସିସିଙ୍କ ମଧ୍ୟରେ ୧୯ ଜଣ ଉପସ୍ଥିତ ଥିଲେ। ଉଲ୍ଲାସ ତାଲିମ୍ ମାଧ୍ୟମରେ ସମସ୍ତଙ୍କୁ ସାକ୍ଷର କରିବା ଏବଂ ଦେଶକୁ ସଶକ୍ତ କରିବା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଥିଲା ବୋଲି ବିଇଓ ରାଜୀବ ଦଳେଇ କହିଥିଲେ। ଅତ୍ୟାଧୁନିକ ଯୁଗରେ ସମସ୍ତ ନିରକ୍ଷରଙ୍କୁ କିଭଳି ଡ଼ିଜିଟାଲ ମାଧ୍ୟମରେ ସାକ୍ଷର କରିହେବ ସେନେଇ କୁହାଯାଇଥିଲା।

# ସର୍ଭିସ୍‌ରୋଡ୍ ମରାମତି ଦାବିରେ ଶତାଧିକ ମହିଳାଙ୍କ ପ୍ରତିବାଦ



ଯୋଡ଼ା, ୧୮।୮ (ସମିସ): କେନ୍ଦୁଝର ଜିଲ୍ଲା ୫୨୦ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ରୁଗୁଡ଼ିସ୍ଥିତ ଟପାଡ଼ିହି ସର୍ଭିସ ରୋଡ଼ର ଶୋଚନୀୟ ଅବସ୍ଥାକୁ ନେଇ ମଙ୍ଗଳବାର ଶତାଧିକ ଗ୍ରାମବାସୀ ଓ ମହିଳା ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି। ଏହାର ତୁରନ୍ତ ମରାମତି ଦାବିରେ ଗ୍ରାମବାସୀ ସର୍ଭିସ ରୋଡ଼କୁ ଆଂଶିକ ଅବରୋଧ କରିଥିଲେ। ଖବର ପାଇ ରୁଗୁଡ଼ି ପୁଲିସ ପ୍ରତିବାଦକାରୀଙ୍କ ସହ ଆଲୋଚନା କରିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୨୦୨୨ରେ ମଣ୍ଟେକାର୍ଲୋ ନାମକ ଠିକାସଂସ୍ଥା ପକ୍ଷରୁ ସର୍ଭିସ ରୋଡ଼ ନିର୍ମାଣ କରାଯାଇଥିଲା। ନିୟମିତ ମରାମତି କରାଯାଇ ନଥିବାରୁ ବର୍ତ୍ତମାନ ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଏହି ସମସ୍ୟା ନେଇ ଲୋଇଡ଼ାପଦା ପଞ୍ଚାୟତ ସରପଞ୍ଚ ବିଳାସିନୀ ଓରାମ ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ଏନ୍‌ଏଚ୍‌ଆଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତେବେ ରାସ୍ତା ମରାମତିର ଦାୟିତ୍ୱକୁ ନେଇ ଏନ୍‌ଏଚ୍‌ଆଇ ଓ ଖଣି କମ୍ପାନୀଗୁଡ଼ିକ ମଧ୍ୟରେ ଦାୟିତ୍ୱ ଠେଲାଠେଲି ଚାଲିଥିବାରୁ ସ୍ଥାୟୀ ସମାଧାନ ହୋଇପାରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଅଗଷ୍ଟରେ ମଧ୍ୟ ଗ୍ରାମବାସୀ ରାସ୍ତା ଉପରେ ଧାନ ଗଛ ରୋପଣ କରି ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାସ୍ତାର ଗୋଟିଏ ପାର୍ଶ୍ୱ ଓଡ଼ିଶା ମାଇନିଂ କର୍ପୋରେସନ୍ (ଓଏମ୍‌ସି) ଏବଂ ଅନ୍ୟ ପାର୍ଶ୍ୱ ଏନ୍‌ଏଚ୍‌ଆଇ ପକ୍ଷରୁ ନିର୍ମାଣ କରାଯିବା ନେଇ ସମ୍ମତି ପ୍ରକାଶ ପାଇଥିଲା। ମାତ୍ର ଏକ ବର୍ଷ ବିତିଯାଇଥିଲେ ମଧ୍ୟ କାମରେ ଦୃଶ୍ୟମାନ ଅଗ୍ରଗତି ନହେବାରୁ ଗ୍ରାମବାସୀ ପୁଣି ଆନ୍ଦୋଳନକୁ ଓହ୍ଲାଇଥିଲେ। ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଓ ଆଞ୍ଚଳିକ ପ୍ରବନ୍ଧକ ଆସନ୍ତା ଏକ ମାସ ମଧ୍ୟରେ ସ୍ଥାୟୀ ନିର୍ମାଣ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏହାସହ ବର୍ଷା ଋତୁ ଶେଷ ହେବା ପର୍ଯ୍ୟନ୍ତ ନିୟମିତ ମରାମତି ନେଇ ସମନ୍ୱୟ ବୈଠକ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ଚମ୍ପୁଆ-ରିମୁଳି ଏନ୍‌ଏଚ୍ ୨୦ରେ ଧାନ ତଳି ରୋଇଲେ




ଚମ୍ପୁଆ, ୧୮।୮ (ସମିସ): ଚମ୍ପୁଆରୁ ରିମୁଳି ପର୍ଯ୍ୟନ୍ତ ଜାତୀୟ ରାଜପଥ-୨୦ର ଦୁରବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ଏବେ ତୀବ୍ର ହେବାରେ ଲାଗିଛି। ରାସ୍ତାରେ ଶହ ଶହ ଖାଲଖମା ସୃଷ୍ଟି ହୋଇଥିବା ବେଳେ ବର୍ଷା ପାଣି ଜମି ଅନେକ ସ୍ଥାନରେ କାଦୁଅ ପରିସ୍ଥିତି ସୃଷ୍ଟି ହୋଇଛି। ରାସ୍ତାର ଏଭଳି ଦୟନୀୟ ଅବସ୍ଥାକୁ ନେଇ ଶେଷରେ ଲୋକେ ଅଭିନବ ଢଙ୍ଗରେ ଧାନ ତଳି ରୋଇ ପ୍ରତିବାଦ କରିଛନ୍ତି। ରାସ୍ତାରେ ବଡ଼ ବଡ଼ ଖାଲ ହୋଇଥିବାରୁ ଯାନବାହନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହେଉଛି। ବର୍ଷା ସମୟରେ ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ଗଭୀରତା ଜଣାପଡୁନାହିଁ। ଫଳରେ ଛୋଟ ଗାଡ଼ିଠାରୁ ଆରମ୍ଭ କରି ବସ୍ ଓ ମାଲବାହୀ ଯାନ ପର୍ଯ୍ୟନ୍ତ ଚଳାଚଳ କରିବାରେ ସମସ୍ୟା ଉପୁଜୁଛି। ଏଥିସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି। ରାସ୍ତାର ଦୁରବସ୍ଥା ଯୋଗୁଁ ଯାତ୍ରୀବାହୀ ବସ୍‌ଗୁଡ଼ିକ ଖାଲରେ ପଡ଼ି କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଛି। ରିମୁଳିରୁ ଚମ୍ପୁଆର ଦୂରତା ପ୍ରାୟ ୧୨ କିଲୋମିଟର ହୋଇଥିଲେ ମଧ୍ୟ ରାସ୍ତାର ଅବସ୍ଥା ଏତେ ଖରାପ ଯେ ବସ୍‌ଗୁଡ଼ିକୁ ବାସୁଦେବପୁର ଦେଇ ପ୍ରାୟ ୨୨ କିଲୋମିଟର ବୁଲି ଯାତାୟାତ କରିବାକୁ ପଡୁଛି। ଏହା ଯାତ୍ରୀଙ୍କ ସମୟ ଓ ଅର୍ଥ ଉଭୟ ବଢ଼ାଇ ଦେଉଛି। ଚମ୍ପୁଆ-ରିମୁଳୀ ଜାତୀୟ ରାଜପଥ ଝାଡ଼ଖଣ୍ଡକୁ ସଂଯୋଗ କରୁଥିବାରୁ ଏହି ରାସ୍ତା ଉପରେ ପ୍ରତିଦିନ ଶହ ଶହ ମାଲବାହୀ ଟ୍ରକ୍ ଯାତାୟାତ କରୁଛି। ଭାରୀ ଯାନବାହନ ଚଳାଚଳ ଯୋଗୁଁ ରାସ୍ତାର ଅନେକ ସ୍ଥାନରେ ଖାଲଖମା ଆହୁରି ଗଭୀର ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ରାସ୍ତାର ଦୁରବସ୍ଥା ପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଲୋକେ ରାସ୍ତାର ଖାଲ ଓ କାଦୁଅରେ ଧାନ ତଳି ରୋଇଥିଲେ। ଏହି ଅଭିନବ ପ୍ରତିବାଦ ମାଧ୍ୟମରେ ଲୋକେ ରାଜରାସ୍ତାକୁ ନେଇ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ରାସ୍ତାର ଖାଲଖମା ପୂରଣ କରି ସ୍ଥାୟୀ ମରାମତି କରିବା ସହ ଯାତାୟାତକୁ ସୁଗମ କରିବାକୁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ବିଭାଗର ଏଇଇ ପ୍ରହ୍ଲାଦ ମୁଣ୍ଡା କହିଛନ୍ତି, ଖାଲଗୁଡ଼ିକରେ ଚିପ୍ସ ଓ ଡଷ୍ଟ ପକାଇ ମରାମତି କାର୍ଯ୍ୟ ଆରମ୍ଭ କରାଯିବ। ପାଗ ଶୁଖିଲା ଓ ଖରା ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ପିଚୁ କାମ କରାଯିବ।

ସକାଳ
THE SAKALA

# ସମ୍ପାଦକୀୟ



ପିଲାମାନଙ୍କୁ ଅର୍ଥ ନୁହେଁ, ବରଂ ଖୁସି ସାଉଁଟିବାର ଶିକ୍ଷା ଦିଅନ୍ତୁ। ତା' ହେଲେ ସେମାନେ ଯେକୌଣସି ବିଷୟକୁ ଅର୍ଥ ସହିତ ତୁଳନା ନ କରି ତା'ର ମୂଲ୍ୟ ବୁଝିପାରିବେ।
-ଷ୍ଟିଭ୍ ଜବ୍ସ

## ଅସ୍ୱାସ୍ଥ୍ୟକର ଧୋବାତୁଠ

ଓଡ଼ିଆରେ ଏକ ଲୋକକଥା ଅଛି - ଗାଁ ପରିମଳ ଧୋବାତୁଠରୁ ଜଣାପଡ଼େ। ଅର୍ଥାତ୍ ଗାଁମୁଣ୍ଡରେ ଥିବା ଜଳାଶୟ ଯଦି ଅପରିଷ୍କାର ତେବେ ଗାଁର ପରିବେଶ ସଫାସୁତୁରା ନ ଥିବା ସ୍ୱାଭାବିକ। ଏହି ଲୋକକଥା ବିଜଡ଼ିତ ଅବଧାରଣା ଆମ ରେଳ ବିଭାଗ ପ୍ରତି ଅଧିକ ପ୍ରଯୁଜ୍ୟ। ପ୍ରାୟ ୧୨ ବର୍ଷ ତଳେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ 'ସ୍ୱଚ୍ଛ ଭାରତ ଅଭିଯାନ'। ନେତା, ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ତାରକା ଓ ବୁଦ୍ଧିଜୀବୀମାନେ ହାତରେ ଝାଡୁଧରି ରାସ୍ତାଘାଟ ସଫା କରୁଥିବାର ଫଟୋଚିତ୍ର ଯେତିକି ମନୋରାଞ୍ଜକ ଥିଲା, ତା'ଠାରୁ ବେଶୀ ଆଶା ସଞ୍ଚାର କରିଥିଲା। କିନ୍ତୁ ମାତ୍ର ପାଞ୍ଚବର୍ଷରେ ଏହି ଅଭିଯାନର ଶତପ୍ରତିଶତ ସଫଳତା ଘୋଷଣା କେବଳ କାଗଜ କଲମରେ ସୀମିତ ରହିଯାଇଛି ଏବଂ ସ୍ଥିତିରେ ସୁଧାର ଆସିବା ବଦଳରେ ଆହୁରି ବିଗିଡ଼ିଛି। ଭାରତୀୟ ଯୋଗାଯୋଗର ଜୀବନରେଖା କୁହାଯାଉଥିବା ରେଳବାଇ(ଧୋବାତୁଠ)ରୁ ସ୍ୱଚ୍ଛ ଭାରତ(ଗାଁ ପରିମଳ) ଅଭିଯାନ କେତେ ସଫଳ ହୋଇଛି ତାହା ବୁଝାପଡୁଛି।

ସଂସଦର ସଦ୍ୟ ସମାପ୍ତ ମୌସୁମୀ ଅଧିବେଶନରେ ଉପସ୍ଥାପିତ ସିଏଜି(କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ୍) ରିପୋର୍ଟ ଭାରତୀୟ ରେଳବାଇ ପରିଚାଳିତ ବିଭିନ୍ନ ଷ୍ଟେସନ୍‌ର ସ୍ୱଚ୍ଛତା ସମ୍ପର୍କିତ ଯେଉଁ ତଥ୍ୟ ଦେଇଛି ତାହା ଯେତିକି ନୈରାଶ୍ୟଜନକ ତା'ଠାରୁ ଅଧିକ ଆଶ୍ଚର୍ଯ୍ୟଜନକ। ଆଶ୍ଚର୍ଯ୍ୟଜନକ ଏଇଥିପାଇଁ ଯେ 'ସ୍ୱଚ୍ଛ ଭାରତ ଅଭିଯାନ'ର ମୁଖ୍ୟ ଲକ୍ଷ୍ୟ ଥିଲା ରେଳବାଇର ସ୍ୱଚ୍ଛତା। ହଜାର ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇ ମଧ୍ୟ ରେଳଷ୍ଟେସନ୍‌ମାନଙ୍କର ସ୍ୱଚ୍ଛତାରେ ଅବନତି ନୈରାଶ୍ୟଜନକ ନିଶ୍ଚୟ। ସିଏଜି ରିପୋର୍ଟ ଅନୁଯାୟୀ ଭାରତରେ ମାତ୍ର ୧୧% ରେଳଷ୍ଟେସନ୍‌ର ପିଇବା ପାଣି ସ୍ୱଚ୍ଛ ପଦବାଚ୍ୟ। ବାକି ୮୯% ଷ୍ଟେସନ୍‌ରେ ଉପଲବ୍ଧ ପିଇବା ପାଣିରେ ଇକୋଲି ନାମକ ଜୀବାଣୁର ଉପସ୍ଥିତି ମିଳିଛି। ୨୦୧୯-୨୦୨୪ ମଧ୍ୟରେ ହୋଇଥିବା ଏହି ସର୍ବେକ୍ଷଣରେ ରେଳବାଇ ଯାତ୍ରୀସୁବିଧାରେ ଗୁରୁତର ଅବନତି ଘଟିଥିବା ଜଣାପଡ଼ିଛି। ଶୌଚାଳୟ, ବିଶ୍ରାମାଗାର ସୁବିଧା ଆଦି ବିଷୟରେ ଉଲ୍ଲେଖ ନ କରିବା ବରଂ ଭଲ।

ଏହି ରିପୋର୍ଟ ପାଇବା ପରେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ହଠାତ୍ ତତ୍ପର ହୋଇଉଠିଛି। ପ୍ରାୟ ୨୦ ହଜାର ଷ୍ଟେସନ୍‌ରେ ଯେପରି ବିଶୁଦ୍ଧ ପଇବା ପାଣି ଉପଲବ୍ଧିକୁ ସୁନିଶ୍ଚିତ କରାଯାଇପାରିବ ସେଥିପାଇଁ ନିର୍ଦ୍ଦେଶ ଦେଇଛି। ଷ୍ଟେସନ୍ ଓ ଟ୍ରେନ୍‌ରେ ଉପଲବ୍ଧ ପିଇବା ପାଣିର ବିଶୁଦ୍ଧତା ବା ଗୁଣାତ୍ମକ ମାନ ନିୟମିତ ଯାଞ୍ଚ କରିବା ଏବଂ ନିର୍ଦ୍ଦେଶକ ମଣ୍ଡଳି ବୈଠକରେ ଉପସ୍ଥାପନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ଏହା କେବଳ ତାଳିପକା କାମ ବୋଲି କୁହାଯାଇପାରେ। ସବୁ ଷ୍ଟେସନ୍‌ରେ ଯାତ୍ରୀମାନଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ୨୦୦୩ ମସିହାରେ ନୀତି ପ୍ରଣୟନ ହୋଇଥିଲା। ଇତିମଧ୍ୟରେ ଦୁଇ ଦଶନ୍ଧି ଅତିକ୍ରାନ୍ତ ହୋଇସାରିଛି। ବ୍ୟୟବରାଦ ମଧ୍ୟ ବଢ଼ିଛି। କିନ୍ତୁ ସେବାର ମାନ ବଢ଼ିବା ବଦଳରେ ହ୍ରାସ ପାଇଛି।

ମୌଳିକ ଗୁଣାତ୍ମକ ସେବା ବା ସୁବିଧା ଯୋଗାଇଦେବାର ଖର୍ଚ୍ଚ ଯାତ୍ରୀମାନଙ୍କଠାରୁ ପରୋକ୍ଷରେ ଆଦାୟ ହେଉଛି; ଅଥଚ ଯାତ୍ରୀମାନେ ମୌଳିକ ସୁବିଧାରୁ ବଞ୍ଚିତ। ଏପରିକି ନୂଆଦିଲ୍ଲୀ, ହାଓଡ଼ା, ହଜରତ୍ ନିଜାମୁଦ୍ଦିନ୍, ସିକନ୍ଦରାବାଦ୍, ଏମ୍‌ଜିଆର ଚେନ୍ନାଇ, ଅହମ୍ମଦାବାଦ୍, ଛତ୍ରପତି ଶିବାଜୀ ଟର୍ମିନାଲ୍, ବେଙ୍ଗାଲୁରୁ ଭଳି ବଡ଼ ବଡ଼ ଷ୍ଟେସନ୍‌ରେ ମଧ୍ୟ ସ୍ୱଚ୍ଛତା ମାନଦଣ୍ଡ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଛନ୍ତି। ଏପରି କେତେକ ଷ୍ଟେସନ୍ ରହିଛି ଯେଉଁଠାରେ ଗତ ଦଶନ୍ଧି ମଧ୍ୟରେ ଯାତ୍ରୀ ସମାଗମ ୧.୦୩ କୋଟିରୁ ୧୧.୪୭ କୋଟିକୁ ବୃଦ୍ଧି ପାଇଛି ଏବଂ ରାଜସ୍ୱ ସଂଗ୍ରହ ବାର୍ଷିକ ୭୧୦ କୋଟି ଟଙ୍କା ଟପିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରେଳବାଇ ସାମଗ୍ରିକ ଭାବେ କେବଳ ସ୍ୱଚ୍ଛତା ବାବଦରେ ୭୦୯.୨୦ କୋଟି ଟଙ୍କା ଖର୍ଚ୍ଚ କରିଛି। ଏହାସତ୍ତ୍ୱେ ଧୋବାତୁଠମାନଙ୍କରେ ଅସ୍ୱଚ୍ଛତା ବିରାଜମାନ କରୁଛି।

ଅର୍ଦ୍ଧସହରାଞ୍ଚଳର ରେଳଷ୍ଟେସନ୍ ଚିତ୍ର ଆହୁରି ଦୟନୀୟ। କେଉଁଠି ବସିବା ପାଇଁ ସ୍ଥାନ ନଥିବା ବେଳେ ଆଉ କେଉଁଠି ଶୌଚାଳୟ ହିଁ ନାହିଁ। କେଉଁଠି ପାଣି ସଂଯୋଗ ଅଛି କିନ୍ତୁ ଟାବ୍ ନାହିଁ। ଯେଉଁଠି ଟାବ୍ ଅଛି ସେଠାରେ ପାଣି ଆସୁନାହିଁ। ଗ୍ରାମାଞ୍ଚଳ ଷ୍ଟେସନ୍‌ଗୁଡ଼ିକର ସ୍ଥିତି ଏବଂ ସାମଗ୍ରିକ ଭାବେ ପରିମଳ ଅବସ୍ଥା କ'ଣ ହୋଇଥିବା ଅନୁମେୟ। ଏହା ଯେ କେହି ବି ସ୍ୱୀକାର କରିବ ଯେ ଏବେ ମଧ୍ୟ ଜନବସତି ସଂଲଗ୍ନ ଟ୍ରେନ୍ ଲାଇନ୍‌ଗୁଡ଼ିକ ମୁକ୍ତାକାଶ ଶୌଚାଳୟ ହୋଇରହିଛି। ଟ୍ରେନ୍ ଭିତରେ ବାତାନୁକୂଳିତ ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ, ତକିଆ, ତଉଲିଆ, କମ୍ବଳ, ଚଦର ଆଦିର ସଫାସୁତୁରା ପ୍ରତି ଧ୍ୟାନ ଦିଆ ଯାଉ ନଥିବା ଜାତୀୟ ଗଣମାଧ୍ୟମରେ ସ୍ଥାନ ପାଇବା ପରେ ବାଧ୍ୟ ହୋଇ ରେଳବିଭାଗ ତାଳିପକା ସଫେଇ ଦେଇଥିଲେ। ଅସ୍ୱଚ୍ଛ ରେଳବାଇର ଯେଉଁ କାରଣଗୁଡ଼ିକ ସିଏଜି ଦର୍ଶାଇଛନ୍ତି ସେଥିମଧ୍ୟରୁ ପରିମଳ ସମ୍ପର୍କିତ ବିଭାଗୀୟ ଅଧିକାରୀମାନଙ୍କର ନିୟମିତ ତନଖିରେ ଅବହେଳା, ଯାତ୍ରୀଙ୍କ ଅଭିଯୋଗକୁ ଅଣଦେଖା, ଅବ୍ୟବସ୍ଥିତ ପରିଚାଳନା ଆଦି ରହିଛି। ତେଣୁ ଉପରୋକ୍ତ ନିର୍ଦ୍ଦେଶନାମା କେତେଦୂର ଓ କେତେ ସମୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ତାହା ସନ୍ଦେହରେ।

ପରିବେଶ, ସ୍ୱଚ୍ଛତା ଆଦି ମାନଦଣ୍ଡରେ ଭାରତ ବିଶ୍ୱ ସ୍ୱଚ୍ଛତା ତାଲିକାର ତଳଆଡୁ ଦ୍ୱିତୀୟରେ ରହିଛି। ଏଥିପାଇଁ ରିପୋର୍ଟ ପ୍ରସ୍ତୁତକାରୀଙ୍କୁ ଦୋଷ ଦେଲେ ସମସ୍ୟା ସମାଧାନ ହୋଇଯିବ ନାହିଁ। ସ୍ୱଚ୍ଛ ଭାରତ ଅଭିଯାନର ବାସ୍ତବ ସ୍ଥିତି ଓ ରୂପରେଖ କ'ଣ ତାହା ପରଖିବା ପାଇଁ ସିଏଜି ରିପୋର୍ଟକୁ ଏକ ଆଇନା ଭାବେ ଉପଯୋଗ କରାଯାଇପାରିବ। ଆଇନାକୁ ଅଯଥା ଦୋଷ ଦେଲେ ଲୋକହସା ହେବା ସାର ହେବ। ଗାଁ ପରିବେଶ ପ୍ରତି ଭଲ ଧାରଣା ସୃଷ୍ଟି କରିବାକୁ ହେଲେ ପ୍ରଥମେ ଧୋବାତୁଠକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଆବଶ୍ୟକ।

## ସହରରେ ବନ୍ୟା: ଇନ୍ଦ୍ର ଦୋଷୀ ନା ଆମ ଢାଞ୍ଚା?

ଡ.ପୀୟୂଷ ରଞ୍ଜନ ରାଉତ




ଆମେ ବର୍ତ୍ତମାନ ଚନ୍ଦ୍ରପୃଷ୍ଠରେ ପହଞ୍ଚିଗଲୁଣି, ହେଲେ ଅସରାଏ ବର୍ଷା ହେଲେ ଆମ ସହରରେ ବନ୍ୟା ଆଉ ବର୍ଷା, ନହେଲେ ମରୁଡ଼ି। ଦିନ ଥିଲା - କୁହା ଯାଉଥିଲା 'ବେଙ୍ଗ ବୋବେଇଲେ କଟକ ବୁଡିବ'। ହେଲେ ଲାଗୁଛି ଏବେ ବେଙ୍ଗ ବୋଧେ ଆମର ସବୁ ସହରରେ ବୋବାଉଛନ୍ତି। ବର୍ଷା ଜଳ ନିଷ୍କାସନ ବର୍ତ୍ତମାନ କେବଳ କଟକର ସମସ୍ୟା ନୁହେଁ, ବରଂ ଭୁବନେଶ୍ୱର, ପୁରୀ, ସମ୍ବଲପୁର, ରାଉରକେଲା, ବାଲେଶ୍ୱର, ପୁରୀ ଆଦି ଛୋଟବଡ଼ ନାମୀଦାମୀ ସହର ଅସରାଏ ବର୍ଷାରେ ଉବୁଟୁବୁ। ଗବେଷଣାରୁ ଜାଣିବାକୁ ମିଳୁଛି ବିଶ୍ୱର ବହୁ ସହରାଞ୍ଚଳ ଏବେ ଉତ୍ତପ୍ତ ଓ ଜଳାର୍ଣ୍ଣବ ସମସ୍ୟା ଘେରରେ। ଏହାର କାରଣ ଗବେଷଣାରୁ ପ୍ରମାଣିତ ହୋଇସାରିଲାଣି ଯେ ଜଳବାୟୁ ପରିବର୍ତ୍ତନ, ପୃଥିବୀର ତାପମାତ୍ରା ବୃଦ୍ଧି, ସ୍ଥାନୀୟ ପରିବେଶ ଏବଂ ଏହାକୁ ସୁହାଇଲା ଭଳି ସ୍ଥାନୀୟସ୍ତରରେ ନିମ୍ନମାନର ସହର ଯୋଜନା, ଅଣକୌଶଳୀ ପ୍ରଶାସନ, ସ୍ଥାଣୁ ଯାନ୍ତ୍ରିକ ନିର୍ମାଣ କାର୍ଯ୍ୟ ଏବଂ ସମସ୍ୟାକୁ ଭୁଲିବାର ବାହାନା।

ବର୍ଷା ହେଲେ ଆମେ ସହର ସେହି ପୁରୁଣା ପ୍ରଶ୍ନର ଉତ୍ତର ଖୋଜି ଉଠେ - କ'ଣ ପାଇଁ ଜଳାର୍ଣ୍ଣବ? କ'ଣ ପାଇଁ ରାସ୍ତା, ଘାଟ, ନାଳ, ନର୍ଦ୍ଦମା ସବୁ ଏକାକାର? ଏହା ମଧ୍ୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଉଭୟ ପରିବେଶରେ ବସବାସ କରୁଥିବା ମଣିଷର ଜୀବନଶୈଳୀକୁ ପ୍ରଭାବିତ କରୁଛି। କିନ୍ତୁ ଆମ ଜନପ୍ରତିନିଧି, ପୌର ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ଗଣମାଧ୍ୟମରେ ପୂର୍ବପ୍ରସ୍ତୁତ ଉତ୍ତର ପୁନରାବୃତ୍ତି କରିଦିଅନ୍ତି। ଯଥା ଏହି ପରିସ୍ଥିତିରେ ଯାହା ସମ୍ଭବ ତାହା ସେମାନେ କରୁଛନ୍ତି, ଏହା ଏକ ସାଧାରଣ ବର୍ଷା ନୁହେଁ; ଏହା ବହୁବର୍ଷର ରେକର୍ଡ ଭାଙ୍ଗିଦେଇଛି ଅବା ସ୍ଥାନୀୟ କାରଣ, ଯେପରି ଜରି ଓ ଅଳିଆ ଆବର୍ଜନା ନାଳ ଅବରୋଧ କରିବା ହେତୁ ଏପରି ଜଳାର୍ଣ୍ଣବ ସମସ୍ୟା ସୃଷ୍ଟି ହୋଇଛି; ଆମର ସମସ୍ତ କର୍ମଚାରୀ ନିୟୋଜିତ ଏହାର ସମାଧାନ ବାଟ ବାହାର କରିବା ପାଇଁ। ହେଲେ ଆଶ୍ଚର୍ଯ୍ୟର ବିଷୟ ଏହି ଅନୁଷ୍ଠାନମାନେ କେବେ କୁହନ୍ତି ନାହିଁ ଭୁଲ ଢଙ୍ଗରେ ରାସ୍ତା ନିର୍ମାଣ, ଉଡ଼ନ୍ତା ପୋଲ, ରାସ୍ତାକୁ ଦୁଇ ଭାଗରେ ବିଭକ୍ତ କରୁଥିବା କଂକ୍ରିଟ ବାଡ଼, ସହରରେ ଗଢ଼ି ଉଠୁଥିବା ଅଟ୍ଟାଳିକା, ରାସ୍ତା ନିର୍ମାଣରେ ଯାନ୍ତ୍ରିକ ତ୍ରୁଟି, ଭୁଲ ଅଭିକଳ୍ପନା, ଭୁଲ ନିର୍ମାଣଶୈଳୀ, ଭୁଲ ପରିଚାଳନା ଏବଂ ସବୁଠାରୁ ମୁଖ୍ୟ ସହରର ଭୌଗୋଳିକ ସ୍ଥିତିକୁ ଅଣଦେଖା କରି ଗଢ଼ି ଉଠିଥିବା କୋଠାବାଡ଼ି ଏଥିପାଇଁ ବହୁମାତ୍ରାରେ ଦାୟୀ ବୋଲି। ସେହିପରି କେହି ଉତ୍ତର ଦିଅନ୍ତି ନାହିଁ ପ୍ରତିବର୍ଷ କେତେ ଟଙ୍କା କୋଉ ନାଳ ସଫା ଅବା ତିଆରି କରିବାରେ ଖର୍ଚ୍ଚ ହେଉଛି। ଏହା ମଧ୍ୟ ତର୍ଜମା କରନ୍ତି ନାହିଁ ହଜିଯାଇଥିବା ପ୍ରାକୃତିକ ନାଳ ଅବା ସନ୍ତସନ୍ତିଆ ଜାଗା ହେଉଛି ଏହାର ମୁଖ୍ୟ ଜାରଣ।

ଦୁର୍ଭାଗ୍ୟର ବିଷୟ ଆମ ସହର ପରିଚାଳନାରେ ନିୟୋଜିତ ବ୍ୟକ୍ତିବିଶେଷ ସମ୍ଭବତଃ ଜାଣିବା ପାଇଁ ମଧ୍ୟ ପ୍ରସ୍ତୁତ ନୁହନ୍ତି ଆମ ସହର ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନି ବର୍ଷା ଜଳକୁ ନିୟନ୍ତ୍ରଣ କରିବା ପାଇଁ। ନାଳ ତିଆରି ଅବା ସଫା କରିବା ହେଉଛି କେବଳ ଖର୍ଚ୍ଚ କରିବାର ଏକ ମାଧ୍ୟମ; କିନ୍ତୁ ସମସ୍ୟାର ସମାଧାନ ପାଇଁ ସବୁକିଛି ନୂତନ ଭାବେ ଆରମ୍ଭ କରିବାକୁ ପଡ଼ିବ ଏବଂ ବର୍ଷା ଜଳ ପରିଚାଳନାକୁ ନୂତନ ଦୃଷ୍ଟିରେ ଦେଖିବାକୁ ହେବ। କିଛିବର୍ଷ ପୂର୍ବେ ବର୍ଷା ଜଳ ଗୋଟେ ନିୟମ ଅନୁସାରେ ପ୍ରବାହିତ ହେଉଥିଲା। ସେ ସମୟ ବର୍ତ୍ତମାନ ଇତିହାସ। ଯଦି ଏଥିପାଇଁ ପୌର ପ୍ରଶାସନକୁ ଦାୟୀ କରିବା, ତେବେ ସେ ତୁରନ୍ତ ଦାୟୀ କରିବେ ଭୁଲ ସହର ଯୋଜନା ପାଇଁ, ଛତୁ ଫୁଟିଲା ଭଳି କୋଠା ବାଡ଼ି, ଇତ୍ୟାଦି ଇତ୍ୟାଦି ହୋଇ ଶେଷରେ ସାଧାରଣ ଜନତାଙ୍କ ଭୁଲ ବୋଲି କୁହାଯିବ। ସମାଧାନର ସୂତ୍ର ଆକାଶକୁ ଉପଗ୍ରହ ପଠେଇବା ଭଳି ବିଜ୍ଞାନ ନୁହେଁ। ସାଧାରଣ ନଗର ଯୋଜନା ଯଥା ପ୍ରଥମେ ନାଳମାନଙ୍କ ଯୋଜନା ପ୍ରସ୍ତୁତ କଲା ବେଳେ ଭୌଗୋଳିକ ସ୍ଥିତିକୁ ଧ୍ୟାନ ଦେବାର ଅଛି। ଦ୍ୱିତୀୟତଃ, ତଳିଆ ଅଞ୍ଚଳରେ କୋଠାବାଡ଼ି କରିବାକୁ ଉତ୍ସାହିତ ନକରିବା ଏବଂ ତୃତୀୟତଃ, ଯେଉଁମାନେ ଆଇନ ମାନୁନାହାନ୍ତି ସେମାନଙ୍କ ଉପରେ ଆଇନ ଅନୁସାରେ ଦୃଷ୍ଟାନ୍ତମୂଳକ ପଦକ୍ଷପ ନେବା ଦରକାର। ଯେପରି ସହର ମଧ୍ୟରେ ଯାତାୟାତ ପାଇଁ ରାସ୍ତା ତିଆରି ହେଉଛି ସେହିଭଳି ଭାବେ କେନାଲ ମଧ୍ୟ ନିର୍ମାଣ କରାଯାଉ।

ସହର ବଢ଼ିବା ସହିତ ରାସ୍ତା ଘାଟ ବଢ଼ିଲା। ସହର ମଧ୍ୟରେ ଥିବା ସନ୍ତସନ୍ତିଆ ଜାଗା ଧୀରେ ଧୀରେ ହଜିଗଲେ ଏବଂ ସେହିମାତ୍ରାରେ କେନାଲର ପରିଧି ବଢ଼ିଲା ନାହିଁ। ଅର୍ଥାତ ବର୍ଷ ବର୍ଷ ଧରି ସହରର ପରିଧି ବଢୁଛି, ରାସ୍ତାର ଦୂରତ୍ୱ ମଧ୍ୟ ବଢ଼ିଛି ଏବଂ ବୃତ୍ତାକାର ରାସ୍ତାର ପରିକଳ୍ପନା ହୋଇଛି। କିନ୍ତୁ ସେହିଭଳି ଭାବେ କେନାଲ ତିଆରି ହୋଇ ପାରୁନାହିଁ ବର୍ଷା ଜଳକୁ ସଂରକ୍ଷଣ କରିବା ପାଇଁ। ତେଣୁ ଦ୍ରୁତସହରୀକରଣକୁ ଦୃଷ୍ଟିରେ ରଖି ସହର ମଧ୍ୟରେ କୃତ୍ରିମ ସନ୍ତସନ୍ତିଆ ଏବଂ ପର୍ଯ୍ୟାପ୍ତ ମାତ୍ରାରେ କୂଅ ନିର୍ମାଣ କରାଯାଉ ବର୍ଷା ଜଳକୁ ଅମଳ କରିବା ପାଇଁ। ଏହାସହିତ ସହର ମଧ୍ୟରେ ପ୍ରବାହିତ ପ୍ରାକୃତିକ ନାଳମାନଙ୍କୁ କୃତ୍ରିମ କେନାଲ ମାଧ୍ୟମରେ ସଂଯୋଗ କରିବା ସହିତ ନଦୀରେ ବନ୍ୟାଜଳ ପରିଚାଳନା ଭଳି ସହର ମଧ୍ୟରେ ପ୍ରବାହିତ ପ୍ରାକୃତିକ ନଦୀ ଓ ନାଳ ଓ କୃତ୍ରିମ କେନାଲ, ପୋଖରୀ, କୂଅମାନଙ୍କ ପରିଚାଳନାର ଆବଶ୍ୟକତା ରହିଛି।

ତେଣୁ ସ୍ୱଳ୍ପସମୟରେ ଅଧିକ ବର୍ଷା ହେବାକୁ ଦୋଷ ଦେବା ଠିକ ନୁହେଁ। ଏଭଳି ପରିସ୍ଥିତିର ମୁଖ୍ୟ କାରଣ ଜଳବାୟୁ ପରିବର୍ତ୍ତନ। ଏହାର ଅର୍ଥ ତିନି ମାସର ଯେତିକି ବର୍ଷା ହେବା କଥା ଏବେ ଏହା ବାସ୍ତରୀ ଘଣ୍ଟା ଅବା ଏହାଠାରୁ କମ ସମୟରେ ହେଇଯାଉଛି। ଏହି ଜଳକୁ ଅମଳ କରିବାର କୌଶଳ ଏବଂ ଦକ୍ଷତା ବୃଦ୍ଧି କରିବାର ଆବଶ୍ୟକତା ଅଛି। ଏହି ପରିପ୍ରେକ୍ଷୀରେ ବିଶ୍ୱର ବହୁ ସହର ବର୍ତ୍ତମାନ ନିଜର ସହର ଯୋଜନାକୁ ଜଳବାୟୁ ପରିବର୍ତ୍ତନ ଏବଂ ବିଜ୍ଞାନ ଦୃଷ୍ଟିକୋଣରୁ ଦେଖିବାକୁ ଆରମ୍ଭ କଲେଣି। ହଲାଣ୍ଡ ସମୁଦ୍ର ପତ୍ତନଠାରୁ ତଳେ ଥାଇ ମଧ୍ୟ କେନାଲ ସଂଯୋଗୀକରଣ ମାଧ୍ୟମରେ ବନ୍ୟାକୁ ଇତିହାସ କରିପାରିଛି। ଏଥିପାଇଁ ସହର ଯୋଜନା ପ୍ରସ୍ତୁତ ପ୍ରଣାଳୀରେ ଆମୂଳଚୂଳ ପରିବର୍ତ୍ତନର ଆବଶ୍ୟକତା ରହୁଛି। ଆମକୁ ଚେଷ୍ଟା କରିବାର ଅଛି ରାସ୍ତା ଭଳି କେନାଲ ସୃଷ୍ଟି କରି ପ୍ରାକୃତିକ ନାଳ ସହିତ ସଂଯୋଗୀକରଣ କରିବା ଏବଂ ବର୍ଷା ଜଳକୁ ନିଷ୍କାସନ ଅପେକ୍ଷା କ୍ଷୁଦ୍ର ଜଳପ୍ରପାତ ଆକାରରେ ଜଳ ଅମଳ ଲରିବା। ପରବର୍ତ୍ତୀ ସମୟରେ ଏହାକୁ ସହର ମଧ୍ୟରେ ବ୍ୟବହାର କରିବା। ଆଶା ଭବିଷ୍ୟତରେ ବର୍ଷା ଜଳ ନିଷ୍କାସନ ଭୁବନେଶ୍ୱର ସମେତ ଅନ୍ୟ ସହରମାନଙ୍କୁ ନୂତନ ଦିଗ ନିଶ୍ଚିତ ଦେବ।

(ନଗର ଯୋଜନା ବିଶେଷଜ୍ଞ)
ଭୁବନେଶ୍ୱର, ମୋ: ୯୪୩୭୧୭୬୭୧୭

## କୋଇଲା ଗ୍ୟାସୀକରଣ

ଇଂ ମାୟାଧର ସ୍ୱାଇଁ



ପୃଥିବୀ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଭଳି ଏକ ଜଟିଳ ପ୍ରତିକୂଳ ପାରିବେଶିକ ପରିସ୍ଥିତି ଦେଇ ଗତି କରୁଛି। ଏହାର ମୂଳରେ ଅଛି କଳ କାରଖାନା ଓ ଯାନବାହନରୁ ନିର୍ଗତ ଅଙ୍ଗାରକାମ୍ଳ ଓ ଅନ୍ୟ ସବୁଜ ଗୃହ ଗ୍ୟାସ। ଏଥିମଧ୍ୟରୁ ଅଙ୍ଗାରକାମ୍ଳର ପ୍ରଭାବ ହେଉଛି ସର୍ବାଧିକ। ଏହା ସାଧାରଣତଃ ଜୀବାଶ୍ମ ଇନ୍ଧନର ଦହନ ଯୋଗୁଁ ବାୟୁମଣ୍ଡଳକୁ ଯାଇଥାଏ। ଜୀବାଶ୍ମ ଇନ୍ଧନ ମଧ୍ୟରେ କୋଇଲା ହେଉଛି ପ୍ରମୁଖ, ଯାହା ଅଧିକାଂଶ ଶିଳ୍ପ ଏବଂ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ବ୍ୟବହୃତ ହୁଏ। ଅନ୍ୟ ଇନ୍ଧନ ଅପେକ୍ଷା କୋଇଲା ହେଉଛି ଶସ୍ତା ଏବଂ ଅଧିକାଂଶ ଦେଶରେ ଏହା ଭୂଗର୍ଭରେ ଗଚ୍ଛିତ ଥିବାରୁ ଏହାର ବ୍ୟବହାର ହେଉଛି ଅଧିକ। ବିଦ୍ୟୁତ୍ ଉତ୍ପାଦନରେ ଭାରତରେ ତାପଜ ବିଦ୍ୟୁତ୍‌ର ଅଂଶ ହେଉଛି ପ୍ରାୟ ୭୦ ପ୍ରତିଶତ ଏବଂ ସମଗ୍ର ପୃଥିବୀର ଆକଳନରେ ସମାନ ସ୍ଥିତି ମଧ୍ୟ ଅଛି।

ଜଳବାୟୁ ପରିବର୍ତ୍ତନ ସହିତ କୋଇଲା ବ୍ୟବହାରର ସିଧାସଳଖ ସମ୍ପର୍କ ଅଛି। ଏଣୁ କୋଇଲା ବ୍ୟବହାରକୁ ହ୍ରାସ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ସମ୍ମିଳନୀରେ ପ୍ରସ୍ତାବ ଦିଆଯାଇଛି। କିନ୍ତୁ କୋଇଲା ଉପରେ ଅଧିକାଂଶ ଦେଶର ଅର୍ଥନୀତି ନିର୍ଭର କରିଥାଏ। କାରଣ ଏହା ହେଉଛି ଶିଳ୍ପ ଉଦ୍ୟୋଗ ଏବଂ ବିଦ୍ୟୁତ୍ ଉତ୍ପାଦନର ମୁଖ୍ୟ ଇନ୍ଧନ। ଏହି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରୁ ମୁକୁଳିବାର ଏକ ଉପାୟ ହେଉଛି କୋଇଲାର ପରିବଶ ପ୍ରତିକୂଳ ଗୁଣକୁ ଦମନ କରି ଏହାର ଇନ୍ଧନ ଶକ୍ତିକୁ ବ୍ୟବହାର କରିବା। ଏହା ହେଉଛି କୋଇଲା ଗ୍ୟାସୀକରଣ, ଅର୍ଥାତ୍ କୋଇଲାକୁ ଗ୍ୟାସରେ ପରିଣତ କରି ବ୍ୟବହାର କରିବା। ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଏହା ବ୍ୟାବସାୟିକ ଭାବେ ବ୍ୟବହୃତ ହେଲାଣି।

କୋଇଲା ଗ୍ୟାସୀକରଣ ହେଉଛି ଏକ ରାସାୟନିକ ପ୍ରକ୍ରିୟା, ଯାହା କୋଇଲା ଓ ଲିଗ୍‌ନାଇଟ୍‌କୁ ଭାଙ୍ଗି ଏକ ସାଂଶ୍ଳେଷିକ ଗ୍ୟାସରେ ପରିଣତ କରେ। ଏହି ଗ୍ୟାସକୁ ସାଧାରଣରେ ସିନ ଗ୍ୟାସ କୁହାଯାଏ। କଠିନ କୋଇଲାର ଦହନ ଯୋଗୁଁ ତୀବ୍ର ଧୂଆଁ ଓ ପାଉଁଶ ସୃଷ୍ଟି ହୁଏ। ଯାହା ହେଉଛି ପରିବେଶ ପ୍ରଦୂଷଣର କାରଣ। କିନ୍ତୁ ଗ୍ୟାସୀକରଣ ପ୍ରକ୍ରିୟାରେ ଉଚ୍ଚ ତାପମାତ୍ରା ଓ ଚାପମାନରେ କୋଇଲାର ପରମାଣିକ ବନ୍ଧନକୁ ଭାଙ୍ଗିଦେଇ ଏହାକୁ ଏକ ପରିଷ୍କାର ଗ୍ୟାସୀୟ ମିଶ୍ରଣରେ ପରିଣତ କରେ। ଗ୍ୟାସଗୁଡ଼ିକ ମଧ୍ୟରେ ମୁଖ୍ୟତଃ କାର୍ବନ ମନୋକସାଇଡ, ଉଦଜାନ ଓ ଅଙ୍ଗାରକାମ୍ଳ ଥାଏ। ଗୋଟିଏ ରିଆକ୍ଟର ମଧ୍ୟକୁ ଗୁଣ୍ଡ କୋଇଲା ଦିଆଯାଏ ଏବଂ ତା' ମଧ୍ୟକୁ ଅମ୍ଳଜାନ କିମ୍ବା ବାୟୁ ସହିତ ଉଚ୍ଚ ତାପମାତ୍ରରେ ବାଷ୍ପ ଛଡ଼ାଯାଏ। ଅମ୍ଳଜାନକୁ ନିୟନ୍ତ୍ରଣ କରି କୋଇଲାର ଆଂଶିକ ଜାରଣ କରାଯାଏ ଏବଂ ଏଥିରୁ ସିନ୍ ଗ୍ୟାସ ଉତ୍ପନ୍ନ ହୁଏ। ଏହି ଗ୍ୟାସ ଇନ୍ଧନ ଭାବେ ବ୍ୟବହୃତ ହୁଏ ଏବଂ ଏଥିରୁ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ପ୍ରଦୂଷକ ନିର୍ଗତ ହୁଏ ନାହିଁ। ଏହାକୁ ବ୍ୟବହାର କରି ମିଥାନଲ, ୟୁରିଆ, ଏମୋନିଆ, ଉଦଜାନ ଓ ସାଂଶ୍ଳେଷିକ ପ୍ରାକୃତିକ ଗ୍ୟାସ ମଧ୍ୟ ଉତ୍ପାଦନ କରାଯାଏ। ଉଲ୍ଲେଖନୀୟ ଯେ ଚାଇନା କୋଇଲା ଗ୍ୟାସୀକରଣରୁ ଏହାର ୭୦ ପ୍ରତିଶତ ମିଥାନଲ ଓ ୯୦ ପ୍ରତିଶତରୁ ଅଧିକ ଏମୋନିଆ ଉତ୍ପାଦନ କରୁଛି।

ଯେଉଁ ଦେଶରେ ଅଧିକ ପରିମାଣର କୋଇଲା ଗଚ୍ଛିତ ଅଛି, ସେମାନଙ୍କ ପାଇଁ କୋଇଲା ଗ୍ୟାସୀକରଣ ହେଉଛି ବରଦାନ ସଦୃଶ। ଏହା ସାହାଯ୍ୟରେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଶ୍ରୁତି ଦିଆଯାଇଥିବା କାର୍ବନ ଉତ୍ସର୍ଜନକୁ ହ୍ରାସ କରି ହେବ। ବିଶେଷକରି ଆମ ଦେଶ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଭାରତରେ ୪୦୧ ବିଲିୟନ ଟନ୍ କୋଇଲା ଓ ୪୭ ବିଲିୟନ ଟନ ଲିଗନାଇଟ ଗଚ୍ଛିତ ଅଛି। ଦେଶରେ ବର୍ଷକୁ ପ୍ରାୟ ଏକ ବିଲିୟନ ଟନ କୋଇଲା ବ୍ୟବହୃତ ହେଉଛି ଏବଂ ଏହାର ପ୍ରାୟ ୮୦ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହୃତ ହେଉଛି। ଦେଶର ପ୍ରାଥମିକ ବ୍ୟାବସାୟିକ ଶକ୍ତିରେ କୋଇଲାର ଅଂଶ ହେଉଛି ୪୫ ପ୍ରତିଶତରୁ ଅଧିକ। ଭାରତ ପ୍ୟାରିସ ରାଜିନାମାରେ ଦେଇଥିବା ଦୁଇଟି ପ୍ରତିଶ୍ରୁତି ହେଉଛି ଯେ ଏହା ୨୦୩୦ ମସିହା ସୁଦ୍ଧା କାର୍ବନ ଉତ୍ସର୍ଜନକୁ ୨୦୦୫ ମସିହା ତୁଳନାରେ ୩୩ ରୁ ୩୫ ପ୍ରତିଶତ ହ୍ରାସ କରିବ ଏବଂ ଅଣ ଜୀବାଶ୍ମ ଇନ୍ଧନରୁ ୪୦ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ କରିବ। ଏଣୁ ଏହି ଲକ୍ଷ୍ୟ ପୂରଣ କରିବା ପାଇଁ କୋଇଲା ଗ୍ୟାସୀକରଣ ହେଉଛି ଏକ ଉତ୍କୃଷ୍ଟ ଉପାୟ, ଯାହା ଦ୍ୱାରା ଦେଶରେ କୋଇଲା ବ୍ୟବହାର ହୋଇପାରିବ ଏବଂ ପ୍ୟାରିସ ରାଜିନାମା ଅନୁଯାୟୀ ଆମର ପ୍ରତିଶ୍ରୁତି ରକ୍ଷା ହୋଇପାରିବ।

ଆମ ଦେଶରେ ବହୁ ପୂର୍ବରୁ କୋଇଲା ଗ୍ୟାସୀକରଣ ପ୍ରକ୍ରିୟା କାର୍ଯ୍ୟ କରାଯାଇଛି। ୧୯୭୦ ଦଶକରେ ସିନ୍ଦ୍ରି ସାର କାରଖାନାରେ (ବର୍ତ୍ତମାନ ଏହା ବନ୍ଦ ହୋଇଯାଇଛି) ଏହି ପ୍ରକ୍ରିୟାରେ ସାର ଉତ୍ପାଦନ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଏହାକୁ ଇନ୍ଧନ ସମେତ ଅନ୍ୟ କେତେକ ଉତ୍ପାଦ ପାଇଁ ବ୍ୟବହାର କରିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ୨୦୩୦ ମସିହା ସୁଦ୍ଧା ବାର୍ଷିକ ୧୦୦ ନିୟୁତ ଟନ୍ କୋଇଲା ଗ୍ୟାସୀକରଣର ଲକ୍ଷ୍ୟ ରଖାଯାଇଛି ଏବଂ ଏଥିପାଇଁ ୩୭୫୦୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

କୋଇଲା ଗ୍ୟାସୀକରଣ ଦ୍ୱାରା ପରିବେଶ ପ୍ରଦୂଷଣ ହ୍ରାସ ପାଇବ। ସ୍ୱଚ୍ଛ ଶକ୍ତି ଉପଲବ୍ଧ ହେବ ଏବଂ ସିନ୍ ଗ୍ୟାସକୁ ବ୍ୟବହାର କରି ୟୁରିଆ, ଏମୋନିଆ ଓ ମିଥାନଲ ଉତ୍ପାଦିତ ହେଉଥିବାରୁ ଏହିସବୁ ପଦାର୍ଥର ଆମଦାନୀ ହ୍ରାସ ପାଇବ, ଯାହା ଦେଶର ବୈଦେଶିକ ପୁଞ୍ଜିକୁ ସମୃଦ୍ଧ କରିବ। ପୁନଶ୍ଚ କାର୍ବନ ପ୍ରଯୁକ୍ତିବିଦ୍ୟାରେ ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଅନ୍ୟ କାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସକୁ ଧରି ନିଆଯାଉଛି, ଯାହାଫଳରେ ଏହା ବାୟୁମଣ୍ଡଳକୁ ଯାଇ ପାରୁନାହିଁ। ସିନ୍ ଗ୍ୟାସ ବ୍ୟବହାରରେ ଏହି ପ୍ରଯୁକ୍ତିବିଦ୍ୟା ସହଜରେ କାର୍ଯ୍ୟ କରିପାରିବ।

(ସମ୍ପାଦକ, ସାଇନ୍ସ ହେରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ମହାପ୍ରଭୁଙ୍କ ସାଗରବିଜେ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ତ୍ରେତୟା ଯୁଗରେ ଲୀଳା ସମାପ୍ତି ପରେ ଅବତାର ପୁରୁଷ ଶ୍ରୀରାମଚନ୍ଦ୍ର ପବିତ୍ର ସରଜୁ ନଦୀରେ ଜଳସମାଧି ନେଇ ବୈକୁଣ୍ଠ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଇଚ୍ଛାପ୍ରକଟ କଲେ। ଏହାଶୁଣି ପରମ ଭକ୍ତ ହନୁମାନ ନିବେଦନ କଲେ - 'ପ୍ରଭୁ! ଆପଣ ମୋତେ ଚିରଞ୍ଜୀବୀ କରି ଦେଇ ନିଜେ ବୈକୁଣ୍ଠ ପ୍ରତ୍ୟାଗମନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆପଣଙ୍କ ଅବର୍ତ୍ତମାନରେ ପୃଥିବୀରେ ବଞ୍ଚି ରହିବା ମୋ ପାଇଁ ନିରର୍ଥକ ଓ ଅସମ୍ଭବ। ଆପଣ ପରମ ଦୟାଳୁ, ଭକ୍ତବତ୍ସଳ। ଆପଣ ମୋତେ ମଧ୍ୟ ସାଙ୍ଗରେ ନେଇ ଚାଲନ୍ତୁ।' ପ୍ରଭୁ ଶ୍ରୀରାମଚନ୍ଦ୍ର କହିଲେ - 'ହନୁମାନ ତୁମେ ଚିରଞ୍ଜୀବୀ ହୋଇଥିବାରୁ ବର୍ତ୍ତମାନ ମୋ ସହ ଯିବା ସମ୍ଭବ ନୁହେଁ। କିନ୍ତୁ କଳିଯୁଗରେ ମୁଁ 'ଜଗନ୍ନାଥ' ନାମ ଧାରଣ କରି ନୀଳାଚଳରେ ଆରାଧିତ ହେବି। ତୁମେ ସେଠାରେ ସମୁଦ୍ର କୂଳରେ ଅବସ୍ଥାନ କରୁଥିବ। ପ୍ରତି ଅମାବାସ୍ୟା ଦିନ ମୋର ନାରାୟଣ ବିଗ୍ରହ ମହୋଦଧି କୂଳକୁ ସାଗର ବନ୍ଦାପନା ପାଇଁ ବିଜେ କରିବେ। ସେତେବେଳେ ତୁମେ ମୋର ଚତୁର୍ଭୁଜ ସ୍ୱରୂପ ଦର୍ଶନ କରିବାର ସୁଯୋଗ ଲାଭ କରିବ।'

ଦ୍ୱାପର ଯୁଗରେ କଂସ ପରି ଅସୁରମାନଙ୍କ କବଳରୁ ସଂସାରକୁ ରକ୍ଷା କରିବା ପାଇଁ ମହାବିଷ୍ଣୁ ବସୁଦେବ-ଦେବକୀଙ୍କ କୋଳ ମଣ୍ଡନ କରି ଗୋପାଳକୃଷ୍ଣ ସ୍ୱରୂପରେ ଜନ୍ମଗ୍ରହଣ କଲେ। ଶୂନ୍ୟବାଣୀ ଅନୁସାରେ ବସୁଦେବ ନବଜାତ ଶିଶୁକୁ ଏକ ଟୋକେଇରେ ରଖି ମୁଣ୍ଡରେ ମୁଣ୍ଡେଇ ନନ୍ଦରାଜାଙ୍କ ଗୃହକୁ ନେଇ ଯାଉଥିଲେ। ଉଗ୍ରସେନ ବସୁଦେବଙ୍କର ରାସ୍ତା ଅବରୋଧ କଲେ। ସେ ଥିଲେ କୃଷ୍ଣଙ୍କର ଅଜା ଓ କଂସଦ୍ୱାରା ନିଯୁକ୍ତ ନଗର ପ୍ରହରୀ। ତେଣୁ ଶ୍ରୀକୃଷ୍ଣଙ୍କୁ ଚତୁର୍ଭୁଜ ବିଷ୍ଣୁସ୍ୱରୂପ ଧାରଣ କରିବାକୁ ପଡ଼ିଲା। ଉଗ୍ରସେନ ଚତୁର୍ଭୁଜ ନାରାୟଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ନିବେଦନ କଲେ - 'ପ୍ରଭୁ! ଆପଣ ମୋତେ ବାରବାର ସେହି ସ୍ୱରୂପରେ ଦର୍ଶନ ଦେବା ପାଇଁ ମୁଁ ପ୍ରାର୍ଥନା କରୁଛି।' ଶ୍ରୀକୃଷ୍ଣ କହିଲେ - 'ମୁଁ ଦ୍ୱିଭୁଜ ବିଶିଷ୍ଟ ମାନବାବତାର ଗ୍ରହଣ କରିଥିବାରୁ ଆପଣଙ୍କୁ ବାରମ୍ବାର ଚତୁର୍ଭୁଜ ନାରାୟଣ ରୂପେ ଦର୍ଶନ ଦେବା ସମ୍ଭବ ନୁହେଁ। କଳିଯୁଗରେ ମୁଁ ଦାରୁବ୍ରହ୍ମ ସ୍ୱରୂପରେ ନୀଳାଚଳରେ ଆରାଧିତ ହେବି। ଆପଣ ମହୋଦଧି କୂଳରେ ବିରାଜମାନ କରି ଆରାଧିତ ହେବେ। ଭକ୍ତମାନେ ପୁଣ୍ୟ ତୀର୍ଥ ମହୋଦଧିରେ ସ୍ନାନ କରିବା ଆଗରୁ ଆପଣଙ୍କ ପୂଜାର୍ଚ୍ଚନା କରି ଅନୁମତି ପ୍ରାର୍ଥନା କରିବେ। ପ୍ରତି ଅମାବାସ୍ୟା ଦିନ ମୁଁ ସାଗର ବିଜେ କଲା ବେଳେ ଆପଣଙ୍କୁ ଚତୁର୍ଭୁଜ ନାରାୟଣ ରୂପେ ଦର୍ଶନ ଦେବି।'

କଳିଯୁଗରେ ମହାପ୍ରଭୁ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ନୀଳଚଳର ଶ୍ରୀମନ୍ଦିରରେ ବିରାଜମାନ କରୁଛନ୍ତି। ଦିନେ ଦେବୀ ଲକ୍ଷ୍ମୀ ପ୍ରିୟ ମାର୍ଗଶୀର ମାସର ଗୁରୁବାର ଦିନ ଶ୍ରୀୟା ନାମକ ଚଣ୍ଡାଳୁଣୀର ଭକ୍ତିରେ ମୁଗ୍ଧ ହୋଇ ତା' ଘରେ ପୂଜାର୍ଚ୍ଚନା ଗ୍ରହଣ କଲେ। ଏହାପରେ କିଭଳି ବଡ଼ଭାଇଙ୍କ ନିର୍ଦ୍ଦେଶମତେ ଜଗନ୍ନାଥ ଅନିଚ୍ଛା ସତ୍ତ୍ୱେ ନାନାଦି କଟୁକଥା କହି ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିର ଛାଡ଼ିବା ପାଇଁ ବାଧ୍ୟ କରିଥିଲେ ଏବଂ ଦୁଇଭାଇ ଲକ୍ଷ୍ମୀଙ୍କ ଅଭିଶାପରେ ବାରବର୍ଷ ଅଖିଆ ଅପିଆ ରହି ଶେଷରେ ସମୁଦ୍ରକୂଳରେ ମହାଲକ୍ଷ୍ମୀଙ୍କ ଉଆସରେ ପହଞ୍ଚିଲେ ତାହା ମହାତ୍ମା ବଳରାମ ଦାସ କୃତ ଲକ୍ଷ୍ମୀପୁରାଣରେ ବର୍ଣ୍ଣିତ ଓ ଲୋକପ୍ରିୟ। ମାତା ଲକ୍ଷ୍ମୀ ବଳଭଦ୍ର ଓ ଜଗନ୍ନାଥ ଅନୁରୋଧରେ ଶ୍ରୀମନ୍ଦିର ଫେରିବା ଆଗରୁ ଅଭିମାନର ସହ ତାଙ୍କ ବାପାଙ୍କ ପ୍ରତି ମହାପ୍ରଭୁ ପ୍ରୟୋଗ କରିଥିବା ଅପମାନର ଅବତାରଣା କଲେ। ଜଗନ୍ନାଥ କହିଲେ- 'ଲକ୍ଷ୍ମୀ, ପିତା ତୁଲ୍ୟ ଶ୍ୱଶୁରଙ୍କ ବିଷୟରେ ଅଶାଳୀନ ମନ୍ତବ୍ୟ ଦେଇ କରିଥିବା ଅପରାଧର ପ୍ରାୟଶ୍ଚିତ ସ୍ୱରୂପ ମୁଁ ପ୍ରତି ଅମାବାସ୍ୟା ଦିନ ମହୋଦଧିକୁ ଯାଇ ତୁମ ପିତାଙ୍କର ସଭକ୍ତି ବନ୍ଦାପନା କରିବି।'

ମହାପ୍ରଭୁ ତ୍ରେତୟା ଯୁଗରେ ହନୁମାନଙ୍କୁ, ଦ୍ୱାପରରେ ଅଜା ଉଗ୍ରସେନଙ୍କୁ ଓ କଳି ଯୁଗରେ ମାତା ଲକ୍ଷ୍ମୀଙ୍କୁ ଦେଇଥିବା କଥା ଅନୁସାରେ ଅମାବାସ୍ୟା ଦିନ ତାଙ୍କର ଚତୁର୍ଭୁଜ ନାରାୟଣ ବିଗ୍ରହ ସାଗରବିଜେ କରନ୍ତି। ସେଦିନ ମହାଜନ ସେବକମାନେ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣଙ୍କୁ ଦକ୍ଷିଣ ଘରୁ ଆଣି ରତ୍ନବେଦୀରେ ବିଜେ କରାନ୍ତି। ସେଠାରେ ଜଗନ୍ନାଥଙ୍କ ଆଜ୍ଞାମାଳ ପାଇବା ପରେ ତାଙ୍କୁ ନେଇ ଝୁଲଣ ମଣ୍ଡପ ପାଖରେ ଥିବା ପାଲିଙ୍କିରେ ବିଜେ କରିବା ପରେ ଘଣ୍ଟା, ଘଣ୍ଟ, କାହାଳିଆ ଓ ଛତର ସହ ପଟୁଆରରେ ମହୋଦଧିକୁ ବିଜେ କରନ୍ତି। ସେଠାରେ ବରୁଣରାଜଙ୍କ ତରଫରୁ ମହାପ୍ରଭୁଙ୍କ ବନ୍ଦାପନା ଓ ପଣା ସମର୍ପଣ କରାଯାଏ। ମହାପ୍ରଭୁଙ୍କ ତରଫରୁ ବରୁଣଙ୍କ ବନ୍ଦାପନା ହୁଏ। ତା' ପରେ ସେ ହନୁମାନ ଓ ଉଗ୍ରସେନଙ୍କୁ ଦର୍ଶନ ଦେଇ ଫେରିବା ବାଟରେ ଯମେଶ୍ୱର ମହାଦେବଙ୍କୁ ସଂଖୋଳି ମନ୍ଦିରକୁ ବାହୁଡ଼ା ବିଜେ କରନ୍ତି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଯାଜପୁର ବନ୍ୟା ସ୍ଥିତି ସମୀକ୍ଷା କଲା ବିଜେଡି ଟିମ୍

## 'ବନ୍ୟା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ସରକାର'

ବିଞ୍ଝାରପୁର/ମଙ୍ଗଳପୁର/କୟାଁଗୋଲା, ୧୮।୮(ସମିସ): ଚଳିତ ବର୍ଷ ବନ୍ୟାରେ ଯାଜପୁର ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କିନ୍ତୁ ବନ୍ୟା ପୂର୍ବରୁ ବା ବନ୍ୟା ପରେ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ଯେଉଁଭଳି ପଦକ୍ଷେପ ଗ୍ରହଣ କରାଯିବା କଥା ସେଭଳି କରାଯାଇନଥିବାରୁ ହଜାର ହଜାର ବିପନ୍ନ ଆଜି ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ବନ୍ୟା ପରିଚାଳନାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧିମାନଙ୍କୁ ପ୍ରଶାସନ ସାଙ୍ଗରେ ନେଇ ବନ୍ୟା ପରିଚାଳନା କରାଗଲେ ଏହାର ଲାଭ ମିଳନ୍ତା ବୋଲି ବନ୍ୟା ପରିସ୍ଥିତିର ସମୀକ୍ଷା କରିବାକୁ ଆସିଥିବା ବିଜୁ ଜନତା ଦଳର ପ୍ରତିନିଧି ମଣ୍ଡଳୀ ମତବ୍ୟକ୍ତ କରିଛନ୍ତି। ବିଞ୍ଝାରପୁର ନୂଆମାହାରାରେ ସୃଷ୍ଟି ହୋଇଥିବା ଘାଇ ଅଞ୍ଚଳକୁ ପୂର୍ବତନ ବାଚସ୍ପତି ପ୍ରଦୀପ ଅମାତଙ୍କ ନେତୃତ୍ୱରେ ଆସିଥିବା ଟିମ୍



ପରିଦର୍ଶନରେ ଆସି ଏଭଳି ସରକାରଙ୍କ ବିଫଳତା ସଂପର୍କରେ ଗଣମାଧ୍ୟମରେ ବର୍ଷିଥିଲେ। ଏହି ଘାଇ ଯୋଗୁଁ ୫ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଘାଇ ମରାମତିରେ ବିଳମ୍ବ ଯୋଗୁଁ ଏହି ଅଞ୍ଚଳରେ ପୁଣି ବନ୍ୟା ପରିସ୍ଥିତି ଦେଖାଦେଇଛି ବୋଲି ମତ ଦେଇଥିଲେ। ପ୍ରତିନିଧି ଦଳରେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ଓ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପ୍ରମୁଖ ସାମିଲ ହୋଇ ପ୍ରଶାସନ ଓ ସରକାରଙ୍କ ରିଲିଫ ଓ ଉଦ୍ଧାର କାର୍ଯ୍ୟପ୍ରକ୍ରିୟା ଉପରେ ପ୍ରଶ୍ନ କରିଥିଲେ। ଶ୍ରୀ ଅମାତ ବିଞ୍ଝାରପୁର ବିଡିଓଙ୍କ ସହ ଆଲୋଚନା କରିବା ପରେ ନୂଆମାହାରା ଘାଇ ପରିଦର୍ଶନ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଥିଲେ ଯେ, ସରକାରଙ୍କ ଅପାରଗତା ଯୋଗୁଁ ସାଧାରଣ ଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସରକାର ଓ ପ୍ରଶାସନ ଉଭୟ ତତ୍ପର ହୋଇ ଲୋକଙ୍କ ନିକଟରେ ରିଲିଫ ଓ ଆବଶ୍ୟକ ସହାୟତା ପହଞ୍ଚାଇବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ପ୍ରମିଳା ମଲ୍ଲିକ ଅଭିଯୋଗ କରି କହିଥିଲେ ସରକାର କେବଳ ବଡ଼ ବଡ଼ ଦାବି କରୁଛନ୍ତି, କିନ୍ତୁ ବାସ୍ତବରେ ବନ୍ୟାପୀଡ଼ିତଙ୍କ ଦୁର୍ଦ୍ଦଶା ଦୂର ହେଉନାହିଁ। ।

ଏହି ପ୍ରତିନିଧି ମଣ୍ଡଳୀ ସହ ଯାଜପୁରର ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଇଂ. ସୁଶାନ୍ତ କୁମାର ମିଶ୍ର, ବିଞ୍ଝାରପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ମାମିନା ମଲ୍ଲିକ, କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ଯୁବ ନେତା ବିରଜା ମଲ୍ଲିକ, ଟୁନା ବିଶ୍ୱାଳ ପ୍ରମୁଖ କୟାଁ, କମାରଡ଼ିହି, ଖାନନଗର, ଥାଲକୁଡ଼ି, ନିଜାମପୁର ଆଦି ପଞ୍ଚାୟତ ଗସ୍ତ କରି ଗ୍ରାଉଣ୍ଡ ଜିରୋରେ କିପରି ବନ୍ୟା ବିପନ୍ନମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ତାହାର ସ୍ଥିତି ପରଖିଥିଲେ। ଏଥିସହ ବ୍ଲକର କୟାଁ, କମାରଡ଼ିହି, ଖାନନଗର, ନିଜାମପୁର, ଦଉପୁର ଆଦି ପଞ୍ଚାୟତରେ ଲୋକମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେଭଳି କୌଣସି ସହାୟତା ଯୋଗେଇ ଦିଆଯାଇ ନଥିବାରୁ ବନ୍ୟା ବିପନ୍ନମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ଓଡ଼ିଶା...

ଦେଖିବାକୁ ମିଳିବା ନେଇ ଆକଳନ କରାଯାଉଛି। ତେବେ ସମ୍ପୂର୍ଣ୍ଣ ସ୍ଥିତି ଆୟତ୍ତ ପାଇଁ ଆହୁରି ତିନି ଚାରି ଦିନ ସମୟ ଲାଗିବ ବୋଲି ଶ୍ରୀ ରାଉତ କହିଛନ୍ତି। ମଙ୍ଗଳବାର ସୁଦ୍ଧା ବନ୍ୟା ଯୋଗୁଁ ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅନେକ ଅଞ୍ଚଳ ପାଣି ଘେରରେ ରହିଛି। ଏହି ୬ ଟି ଜିଲ୍ଲାର ୭୪ଟି ବ୍ଲକର ୧୩୮୧ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ଏଠାକାର ୯.୪୦ ଲକ୍ଷରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩.୭୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ୬ ଟି ଜିଲ୍ଲାରେ ସମୁଦାୟ ୪୫ଟି ଓଡ୍ରାଫ, ୮ଟି ଏନ୍‌ଡିଆରଏଫ୍ ଏବଂ ୬୫ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି।

ଅନ୍ୟପଟେ ହୀରାକୁଦରେ ଜଳସ୍ତର ବୃଦ୍ଧି ହେତୁ ୧୫ଟି ଗେଟ୍ ଖୋଲାଯାଇଛି। ଏଠାରେ ଏବେ ୬୧୯ ମିଟର ଜଳସ୍ତର ରହିଥିବା ବେଳେ ମହାନଦୀକୁ ୨ ଲକ୍ଷ ୨୮ ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଏବେ ଡ୍ୟାମ୍‌ରୁ ୨ ଲକ୍ଷ ୫୩ ହଜାର କ୍ୟୁସେକ ଜଳ ଛଡ଼ାଯାଉଛି। ଏବେ ମହାନଦୀରେ ବନ୍ୟା ସ୍ଥିତି ନାହିଁ। କିନ୍ତୁ ଆଗକୁ ଝାଡ଼ଖଣ୍ଡ ସମେତ ଛତିଶଗଡ଼ରେ ସକ୍ରିୟ ଅବପାତ ବର୍ଷା କରାଇବାର ଥିବାରୁ ହୀରାକୁଦକୁ ଅଧିକ ଜଳ ପ୍ରବେଶ କରିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦରୁ ଜଳ ନିଷ୍କାସନକୁ ବଢ଼ାଇ ଦିଆଯାଇଛି।

### ଓଲଟିଲା ବୋଟ୍...

ନିକଟରେ ହଠାତ୍ ଓଲଟିପଡିଥିଲା। ଫଳରେ ବୋଟରେ ଥିବା ୧୫ ଜଣ ପାଣିରେ ପଡ଼ିଯାଇଥିଲେ। ତେବେ ଅଗ୍ନିଶମ ବାହିନୀର କର୍ମଚାରୀଙ୍କ ଦ୍ୱାରା ଅଳ୍ପକେ ସମସ୍ତେ ଉଦ୍ଧାର ପାଇଛନ୍ତି। ଘଟଣା ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଅନ୍ୟ ଏକ ବୋଟ ଯୋଗେ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ପଲଟିଥିବା ବୋଟଟିକୁ ମଧ୍ୟ ଅଗ୍ନିଶମ ବାହିନୀ ସୁରକ୍ଷିତ ଉଦ୍ଧାର କରିଛନ୍ତି। କିନ୍ତୁ ରିଲିଫ ସାମଗ୍ରୀ ଗୁଡିକ ସବୁ ନଷ୍ଟ ହୋଇଯାଇଥିବା ଜଣାପଡିଛି।

### କାନ୍ଥ ପଡ଼ି...

ଉପରେ ଚାପି ହୋଇଯାଇଥିଲା। ଉଭୟଙ୍କୁ ଜେସିବି ସାହାଯ୍ୟରେ ଉଦ୍ଧାର କରି ବାଦାମପାହାଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ହେମଲତାଙ୍କୁ ମୃତ ଘୋଷଣା କରିଥିଲେ। ବୀରଭଦ୍ରଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ବାଦାମପାହାଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସୂଚନା ମୁତାବକ, ଗତ ୨୪ ଘଣ୍ଟାରେ ବହଳଦା ବ୍ଲକ ଅଞ୍ଚଳରେ ସର୍ବାଧିକ ୨୭୩ ମିମି ବର୍ଷା ହୋଇଥିବାବେଳେ ରାଇରଙ୍ଗପୁରରେ ୨୦୭ ମିମି ରେକର୍ଡ ହୋଇଛି। ଏହାବ୍ୟତୀତ ଜାମଦାରେ ୧୨୪ ମିମି, ବାଙ୍ଗିରିପୋଷିରେ ୧୧୨.୪ ମିମି ଓ ବିଜାତଳାରେ ୧୦୭ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଅନ୍ୟ ଅଞ୍ଚଳ ମଧ୍ୟରେ ତିରିଂରେ ୯୬.୨ ମିମି, ସାରସକଣା ଓ ବିଶୋଇରେ ୯୨ ମିମି ଲେଖାଏଁ ବୃଷ୍ଟିପାତ ରେକର୍ଡ ହୋଇଛି।

### ପ୍ରଭାବିତଙ୍କ ପାଇଁ...

ମରାମତି କରାଯିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ନଷ୍ଟ ହୋଇଯାଇଥିବା ଡଙ୍ଗା, ଜାଲ, ପୋଖରୀ ଇତ୍ୟାଦି ପାଇଁ ଆର୍ଥିକ ସହାୟତା ଦିଆଯିବ। ଇଚ୍ଛୁକ ଚାଷୀଙ୍କ ସ୍ୱଳ୍ପ ମିଆଦୀ ଖରିଫ୍ କୃଷି ଋଣକୁ ମଧ୍ୟମ ଅବଧି କୃଷି ଋଣରେ ପରିଣତ କରାଯିବ। ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ କ୍ଷତିଗ୍ରସ୍ତ ଉପକରଣ/ଯନ୍ତ୍ରପାତି କିଣିବା ପାଇଁ ୫ ହଜାର ଟଙ୍କା ଏବଂ କଞ୍ଚାମାଲ/ପ୍ରସ୍ତୁତ ସାମଗ୍ରୀ କ୍ଷତି ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯିବ। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, କେନାଲବନ୍ଧର ସାମୟିକ ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ସମସ୍ତ କ୍ଷତିଗ୍ରସ୍ତ ଭିତ୍ତିଭୂମି କ୍ଷତିର ଆକଳନ ପରେ ସ୍ଥାୟୀ ମରାମତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ/ଶୁଖିଲା ଖାଦ୍ୟ ଯୋଗାଣ ଜାରି ରହିବ। ଏହା ସହିତ ଅତିରିକ୍ତ ଭାବରେ ଆବଶ୍ୟକୀୟ ରିଲିଫ୍ ଚାଉଳ ଯୋଗାଇ ଦିଆଯିବ। ବନ୍ୟା ପ୍ରଭାବିତ ବ୍ୟକ୍ତି ବିଶେଷଙ୍କୁ ବାସନ-କୁସନ ଓ ବସ୍ତ୍ର ନିମନ୍ତେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗଣମାଧ୍ୟମକୁ ବିବୃତ୍ତି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସହିତ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ଉପସ୍ଥିତ ଥିଲେ।

### କଠୋର ଆଭିମୁଖ୍ୟ...

ଏହି କମିଟି ଯାଞ୍ଚ କରି ରିପୋର୍ଟ ଦାଖଲ କରିବ। ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ବିରୋଧରେ ରୁଜୁ ହୋଇଥିବା ଏଫଆଇଆର ସଂକ୍ରାନ୍ତ ବିସ୍ତୃତ ରିପୋର୍ଟ ଦାଖଲ କରିବା ଲାଗି କୋର୍ଟ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଧାରା ୧୪୨ ଦେଇଥିବା କ୍ଷମତା ବଳରେ ସୁପ୍ରିମ କୋର୍ଟ ଏହି ଏଫଆଇଆରଗୁଡ଼ିକୁ ଖାରଜ କରିବେ ବୋଲି ଜଣାପଡ଼ିଛି। ଏଫଆଇଆର ଖାରଜକୁ ସରକାରୀ ଓକିଲ ବିରୋଧ କରିବାରୁ ସୁପ୍ରିମ କୋର୍ଟ କହିଲେ ଯେ ସମ୍ବିଧାନର ଧାରା ୧୯ ଅନୁଯାୟୀ ପ୍ରତିବାଦ କରିବା ଲାଗି ସେମାନଙ୍କର ଅଧିକାର ରହିଛି। ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ବିପଦରେ ପକାଯାଇ ପାରିବ ନାହିଁ। ତେଣୁ ଏହା ଉପରେ ବିଚାର କରିବାକୁ ପଡ଼ିବ ବୋଲି ବେଞ୍ଚ କହିଛନ୍ତି। ଆନ୍ଦୋଳନ ବେଳେ ହିଂସାରେ ୨୮୦୦ ସମାଜବିରୋଧୀ ଲୋକ ସଂପୃକ୍ତ ଥିଲେ ଏବଂ ସେମାନଙ୍କୁ ପୁଲିସ ଚିହ୍ନଟ କରିଛି ବୋଲି ମେହେଟ୍ଟା କହିଥିଲେ।

ସୂଚନାଯୋଗ୍ୟ ଯେ ଗତ ତିନି ତାରିଖରେ ସୁପ୍ରିମ କୋର୍ଟ କହିଥିଲେ ଯେ ଯେଉଁ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ବିରୋଧରେ ଗୁରୁତର ଅପରାଧିକ ମାମଲା ରହିଛି ସେମାନଙ୍କୁ ଛାଡ଼ି ଅନ୍ୟମାନଙ୍କ ବିରୋଧରେ ଏଫଆଇଆର ପ୍ରତ୍ୟାହାର କରାଯାଇପାରିବ। ଏହାସହିତ କୋର୍ଟ ସ୍ପଷ୍ଟ କରିଥିଲେ ଯେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଲାଗି ସମ୍ବିଧାନ ଅଧିକାର ପ୍ରଦାନ କରିଛି। ତେଣୁ ସେମାନଙ୍କ ବିରୋଧରେ ପୁଲିସର ଲାଠିମାଡ଼ କିମ୍ବା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ ଦର୍ଶାଯାଇପାରିବ ନାହିଁ। ଉଲ୍ଲେଖଯୋଗ୍ୟ ଯେ ଜୁଲାଇ ୨୦ରେ ସଂସଦ ଆଡ଼କୁ ମାର୍ଚ୍ଚ କରୁଥିବା ଆନ୍ଦୋଳନକାରୀଙ୍କ ଉପରେ ପୁଲିସ ଲାଠିମାଡ଼ ସହିତ ଲୁହବୁହା ଗ୍ୟାସ ଏବଂ ଏପରିକି ପେଲେଟ୍ ଗନ୍ ମାଡ଼ କରିଥିଲା। ପୁଲିସର ଏଭଳି ଅମାନବିକ କାର୍ଯ୍ୟାନୁଷ୍ଠାନ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

### ଓଡ଼ିଶାର ୭୬% ...

ବିଭୁ ପ୍ରସାଦ ତରାଇ, ଜୁଏଲ ଓରାମ, ବଳଭଦ୍ର ମାଝୀ, ନବ ଚରଣ ମାଝୀ, ସଙ୍ଗୀତା କୁମାରୀ ସିଂହଦେଓ, ଭର୍ତ୍ତୃହରି ମହତାବ, ଅପରାଜିତା ଷଡ଼ଙ୍ଗୀ, ସମ୍ବିତ ପାତ୍ର ଓ ଅନନ୍ତ ନାୟକ ପ୍ରମୁଖ ନିଜ ସତ୍ୟପାଠରେ ସେମାନଙ୍କ ନାମରେ ରହିଥିବା ଅପରାଧ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ୧୬ ଜଣଙ୍କ ମଧ୍ୟରୁ ୯ ଜଣଙ୍କ ବିରୋଧରେ ଗୁରୁତର ମାମଲା ରହିଥିବା ଜଣାପଡ଼ିଛି। ଅନୁରୂପ ଭାବରେ ପ୍ରତାପ ଷଡ଼ଙ୍ଗୀ ଓ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ସର୍ବାଧିକ ୯ଟି ଲେଖାଏଁ ମାମଲା ରହିଥିବାବେଳେ ପ୍ରଦୀପ ପୁରୋହିତ, ରୁଦ୍ର ନାରାୟଣ ପାଣି ଓ ବୈଜୟନ୍ତ ପଣ୍ଡାଙ୍କ ବିରୋଧରେ ୮ଟି ଲେଖାଏଁ, ଧର୍ମେନ୍ଦ୍ର ପ୍ରଧାନଙ୍କ ନାମରେ ୫ଟି ଏବଂ ସୁକାନ୍ତ ପାଣିଗ୍ରାହୀଙ୍କ ନାମରେ ୪ଟି ମାମଲା ରହିଥିବା ଜଣାପଡ଼ିଛି।

ବରିଷ୍ଠ ଆଇନଜୀବୀ ତଥା ଆମିକସ କ୍ୟୁରି ବିଜୟ ହାନସାରିଆଙ୍କ ତଥ୍ୟ ଅନୁସାରେ ୨୫୧ ଜଣ ଲୋକସଭା ସାଂସଦ ଏବଂ ୭୫ ଜଣ ରାଜ୍ୟସଭା ସାଂସଦଙ୍କ ବିରୋଧରେ ଗୁରୁତର ମାମାଲା ରହିଛି। ଅଭିଯୁକ୍ତ ୨୫୧ ଲୋକସଭା ସାଂସଦଙ୍କ ମଧ୍ୟରୁ ୧୭୦ ଜଣଙ୍କ ବିରୋଧରେ ଅତି ଗୁରୁତର ଅପରାଧିକ ମାମଲା ରହିଛି। ଯେଉଁଥିରେ ଅତିକମରେ ୫ ବର୍ଷ କିମ୍ବା ତା'ଠାରୁ ଅଧିକ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ସେହିଭଳି ରାଜ୍ୟସଭାର ୨୩୩ ସଦସ୍ୟଙ୍କ ମଧ୍ୟରୁ ୭୫ ଜଣଙ୍କ ବିରୋଧରେ ମାମଲା ଥିବାବେଳେ ୪୦ ଜଣଙ୍କ ନାମରେ ଗୁରୁତର ଅଭିଯୋଗ ରହିଛି। କେରଳ (୯୫%) ଏବଂ ତେଲେଙ୍ଗାନା (୮୨%) ପରେ ଓଡ଼ିଶା (୭୬%) ଦେଶର ଶୀର୍ଷ ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି। ଝାଡ଼ଖଣ୍ଡରେ ୭୧% ଏବଂ ତାମିଲନାଡୁରେ ୬୭% ସାଂସଦଙ୍କ ନାମରେ ମାମଲା ରହିଥିବା ବେଳେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଏହି ହାର ପ୍ରାୟ ୫୦% ରହିଛି। ଅନୁରୂପ ଭାବରେ ଦେଶର ୨୮ଟି ରାଜ୍ୟ ମଧ୍ୟରୁ ୧୪ ଜଣ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମଧ୍ୟ ଅପରାଧିକ ମାମଲା ରହିଛି। ବର୍ତ୍ତମାନ ସୁଦ୍ଧା ଦେଶର ବିଭିନ୍ନ କୋର୍ଟରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ମୋଟ ୪,୧୯୨ଟି ମାମଲା ବିଚାରାଧୀନ ରହିଛି। ୨୦୨୫ ବର୍ଷ ମଧ୍ୟରେ ୧,୨୪୩ଟି ମାମଲାର ସମାଧାନ ହୋଇଥିବା ବେଳେ ୧,୦୫୦ଟି ନୂଆ ମାମଲା ରୁଜୁ ହୋଇଛି। ପ୍ରତି ଜିଲ୍ଲାରେ ସ୍ୱତନ୍ତ୍ର ଏମପି/ଏମଏଲଏ କୋର୍ଟକୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆମିକସ କ୍ୟୁରି ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୨୩ ମସିହାରେ ସୁପ୍ରିମକୋର୍ଟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ହାଇକୋର୍ଟଗୁଡ଼ିକୁ ସ୍ୱତନ୍ତ୍ର ବେଞ୍ଚ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏବେ ବି ବହୁ ସଂଖ୍ୟକ ମାମଲା ପଡ଼ି ରହିଥିବାରୁ କୋର୍ଟ ଏହା ଉପରେ କଡ଼ା ନଜର ରଖିବାକୁ ଆବେଦନ କରାଯାଇଛି।

### ସୁପ୍ରିମକୋର୍ଟରେ ପୁଣି...

ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଯୁକ୍ତି ରଖି ଏହା ଏକ ସେବା ସମ୍ପର୍କିତ ମାମଲା ହୋଇଥିବାରୁ ଏଥିରେ ଜନସ୍ୱାର୍ଥ ମାମଲା ଗ୍ରହଣୀୟ ନୁହେଁ ବୋଲି କହିଥିଲେ । ଏହାସହ ରାଜ୍ୟ ସରକାର ପ୍ରକାଶ ସିଂ ଗାଇଡଲାଇନ୍‌ର କୌଣସି ଉଲ୍ଲଙ୍ଘନ କରିନାହାନ୍ତି ବୋଲି ସେ ଯୁକ୍ତି ବାଢ଼ିଥିଲେ। ମାତ୍ର ଅଦାଲତ ଏହି ପ୍ରସଙ୍ଗରେ ଆମିକସ କ୍ୟୁରି ତଥା ବରିଷ୍ଠ ଆଇନଜୀବୀ ରାଜୁ ରାମଚନ୍ଦ୍ରନ୍‌ଙ୍କ ମତ ମଧ୍ୟ କୋର୍ଟ ଲୋଡ଼ିଥିଲେ। ସେ ଜନସ୍ୱାର୍ଥ ମାମଲାକୁ ସମର୍ଥନ କରିବା ସହ ଡିଜିପି ଚୟନ ପ୍ରକ୍ରିୟାରେ ଗାଇଡଲାଇନ୍ ଉଲ୍ଲଙ୍ଘନ ହୋଇଥିବା ନେଇ ଯୁକ୍ତି ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ପୂର୍ବରୁ ଓଡ଼ିଶା ଡିଜିପି ଚୟନ ସମ୍ପର୍କିତ ବୈଠକ ନକରିବାକୁ ୟୁପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ସମସ୍ତଙ୍କ ନଜର ସେପ୍ଟେମ୍ବର ୨ର ଶୁଣାଣି ଉପରେ। ରାଜ୍ୟ ସରକାରଙ୍କ ଜବାବ ରେକର୍ଡରେ ଆସିବା ପରେ ସୁପ୍ରିମକୋର୍ଟ ଏହି ନିଯୁକ୍ତି ପ୍ରକ୍ରିୟାକୁ ନେଇ କି ମତ ଦେଉଛନ୍ତି ଏବଂ ଆଗାମୀ ଦିନରେ ୟୁପିଏସ୍‌ସି ଚୟନ ପ୍ରକ୍ରିୟା ଆଗକୁ ବଢ଼ିବ କି ନାହିଁ, ତାହା ଓଡ଼ିଶାର ପ୍ରଶାସନିକ ଓ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

### ମହଙ୍ଗା ମାଡ଼ରେ...

ପ୍ରଭାବିତ ହୋଇପାରେ। ଫସଲ ଉତ୍ପାଦନ ହାରାହାରି ପ୍ରାୟ ୩.୫% ପର୍ଯ୍ୟନ୍ତ ହ୍ରାସ ପାଇପାରେ। ରିପୋର୍ଟରେ କୁହାଯାଇଛି ଯେ ୨୦୨୭ର ପ୍ରଥମାର୍ଦ୍ଧରେ ବିଶ୍ୱରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ୫% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ, ଯାହା ୨୦୨୬ ର ପ୍ରଥମାର୍ଦ୍ଧରେ ୨.୮% ରହିଥିଲା। ଏହି ଚେତାବନୀ ଭାରତ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ, କାରଣ କୃଷି ଦେଶର ଅର୍ଥନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରେ। କମ୍ ବର୍ଷା ଫସଲ ଉତ୍ପାଦନ ହ୍ରାସ କରିପାରେ। ଏହାବ୍ୟତୀତ, ଯୁଦ୍ଧ ପୂର୍ବରୁ ମହଙ୍ଗା ସାର ମୂଲ୍ୟକୁ ଆହୁରି ବୃଦ୍ଧି କରିପାରେ। ରିପୋର୍ଟ ଅନୁଯାୟୀ, ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଭାରତ ସରକାରଙ୍କ ଉପରେ ସବସିଡି ବୋଝ ୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ବଜାରରେ ବର୍ତ୍ତମାନ ଅଦା ଓ ରସୁଣ କିଲୋ ପିଛା ୨୦୦ ଟଙ୍କା ଉପରେ ରହିଛି। ସେହିପରି ପିଆଜ କିଲୋ ହଠାତ୍ ୩୫ ଟଙ୍କାରୁ ୫୦ ଟଙ୍କାକୁ ବୃଦ୍ଧି ଘଟିଛି। ମହାରାଷ୍ଟ୍ରରେ ପ୍ରବଳ ବର୍ଷାଏବଂ ଯୋଗାଣ ଜନିତ ସମସ୍ୟା ଯୋଗୁ ପିଆଜ ମୂଲ୍ୟରେ ଏପରି ବୃଦ୍ଧି ବୃଦ୍ଧି ଘଟିଛି। ତେବେ ବିଦେଶକୁ ବହୁ ପରିମାଣରେ ପିଆଜ ରପ୍ତାନି ଏଭଳି ଦର ବୃଦ୍ଧିର ମୁଖ୍ୟ କାରଣ କୁହାଯାଉଛି। ଏହାବ୍ୟତୀତ ବଜାରରେ ଚିନି ମୂଲ୍ୟ ହଠାତ୍ କିଲୋ ପିଛା ୮-୧୦ ଟଙ୍କା ବୃଦ୍ଧି ପାଇଛି। ଚିନି ମୂଲ୍ୟ ନିୟନ୍ତ୍ରଣ ସରକାରଙ୍କ ପାଇଁ ଏବେ ବଡ଼ ଚିନ୍ତାର ବିଷୟ ପାଲଟିଛି। ବଜାର ବିଶେଷଜ୍ଞମାନେ ମଧ୍ୟ ଚିନି ଦର ବୃଦ୍ଧି ପାଇଁ ସରକାରଙ୍କ ରପ୍ତାନି ନୀତିକୁ ଦାୟୀ କରୁଛନ୍ତି।

## ବାଲେଶ୍ୱର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯିବେ ସଞ୍ଜୟ

ଭୁବନେଶ୍ୱର,୧୮।୮(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ରାଜ୍ୟ ଉପସଭାପତି ସଞ୍ଜୟ ଦାସବର୍ମା ଆସନ୍ତା ୧୯ ଓ ୨୦ ତାରିଖରେ ବାଲେଶ୍ୱର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଦୁଇ ଦିନିଆ ଗସ୍ତ କରିବେ। ଏହି ଗସ୍ତ ସମୟରେ ସେ ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ସହ ବନ୍ୟା ପ୍ରଭାବିତ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ଆକଳନ କରିବେ ଏବଂ ରିଲିଫ୍ ଓ ଥଇଥାନ ବ୍ୟବସ୍ଥାର ସମୀକ୍ଷା କରିବେ। ୧୯ ତାରିଖରେ ଶ୍ରୀ ଦାସବର୍ମା ଭୋଗରାଇ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ। ଏହାପରେ ସେ ଦୁଇଦିନ ଧରି ବାଲିଆପାଳ, ବସ୍ତା ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ। ଉକ୍ତଦିନ ସନ୍ଧ୍ୟାରେ ସେ ବାଲେଶ୍ୱର ସର୍କିଟ୍ ହାଉସ୍ ଠାରେ ବିଜେଡି ଜିଲ୍ଲା ନେତୃବୃନ୍ଦଙ୍କ ସହ ବନ୍ୟା ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ ନେଇ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବେ। ୨୦ ତାରିଖରେ ସେ ବାଲେଶ୍ୱର ସଦର ଓ ସୋରୋ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ।


19001/200/2627

Government Of Odisha

PANCHAYAT SAMITI OFFICE, JHARBANDH, DIST- BARAGADA

INVITATION FOR BIDS (IFB)

Bid Identification No.01/2026-27 Panchayat Samiti, Jharbandh,Dist- Bargarh

1) The The Block development Officer, Jharbandh, Dist- Baragada on behalf of Governor of Odisha invites Percentage Rate bid in ONLINE MODE for the Building works as detailed in the Detailed Tender Call Notice (D.T.C.N) from the eligible class of contractors.

2) No of Building work: - 6 Nos.
3) Cost of Tender Paper: - Rs.10,000/-, Rs 6,000/-, Rs 4000/-
4) Class of contractor: - "B", "C" & D Class Contractor
5) Date & Time of available in web site & receipt of Bids: - 11:00 Hrs. of 18/08 /2026 to 17:00Hrs. of 31/08/2026.
6) Date of opening of Bid: - 01/09/2026 at 11:00Hrs.
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in

Block Development Officer
Jharbandh

OIPR-19001/19479/1/26-27/0001

PATTAMUNDAI MUNICIPALITY, PATTAMUNDAI

13001/1567/2627 EXPRESSION OF INTEREST (EOI)

EOI Notice No. 4928/PM, Date: 14.08.26

Sealed EOI is invited from interested reputed Travel Agencies, Fleet Operators, Authorized EV Dealers, Vehicle Aggregators and Individual Vehicle Owners for providing One (01), Electric Vehicle (EV) with Driver on monthly hiring basis for official use of Pattamundai Municipality.

The filled in EOI must submit along with non refundable paper cost of Rupees 6000.00 should be drawn in the shape of Demand Draft drawn in favour of Executive Officer Pattamundai Municipality, payable at Pattamundai & EMD amount of 10000.00 in the shape of TDR duly pledged to Executive Officer, Pattamundai Municipality. The EOI paper can be downloaded from District Website "https://kendrapara.odisha.gov.in" from 15-08-2026 5PM to 5PM of 28-08-2026 and same should be submitted by Speed Post/Courier to the undersigned by 5pm of 29-08-2026 and same will be opened at 11am of 02-09-2026 at Office of the Executive Officer Pattamundai Municipality. The Tender Inviting Authority reserves the right to cancel the EOI at any point of time without assigning any reason thereof.

Sd/-
Executive Officer
Pattamundai Municipality

OIPR-13001/13220/1/26-27/0007

ODISHA ADARSHA VIDYALAYA

BALIDHIPA, JHARBANDH, BARAGADA (ODISHA)

27001/137/2627 TENDER NOTICE 02/2026-27

Sealed Tenders are invited from the Registered and Reputed firms having GST registration for supply of Furniture, Kitchen Items & Utensils, Bed Items, Grocery, Vegetable, Non-Veg, Toilet Items, Music System & Other Assets to Boys' Hostel in OAV Balidhipa, Jharbandh. The tender forms with other particulars can be obtained from the office of the Principal, OAV Balidhipa, Jharbandh, Baragada(O) during office hour on all working days from **17.08.2026 to 09.09.2026 upto 04.00 P.M** on payment of **Rs.300/-(Non-refundable)** for each item. The details of Tender documents can also be downloaded from the District website https://baragada.odisha.gov.in/ or Vidyalaya website https://oav.edu.in/?GROUP CODE-OAVBLP The last date for submission of sealed tender papers is **09.09.2026 upto 04.00 P.M.** Vidyalaya Purchase Advisory Committee Meeting will be held on **10.09.2026 at 11.00 AM** for opening of the sealed tenders and selection of the lowest competitive firms. The Chairman of the Committee reserves the right to accept or reject one or all the tenders partially or wholly without assigning any reason thereof. Any dispute in this regard would be subjected to the Court Jurisdiction of Baragada District only.

S/d
PRINCIPAL

OIPR-27001/27259/1/26-27/0001

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JAYAPUR
e-Procurement for Building works
Bid Identification No: EERWJYP – Online -07/2026-27

25001/955/2627

Letter No. 3979 Date: 14.08.2026

01. Name of the work :: Building works
02. Total Number of works :: 02 (Two) Nos.
03. Approximate Estimated cost :: Rs. 8.40 lakhs to Rs. 16.80 lakhs (approximately)
04. Class of Contractor : "D" & "C" Class
05. Period of Completion :: within 2 months to 3 months
06. Other Details

| Procurement Officer | Bid Identification No. | Sl.No. of work in notice | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o E.E., R.W. Division, Jayapur |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Jeypore | Online Tender/07/ RWD-JYP/2026-27 | 02 Nos. | 21.08.2026 at 10.00 A.M. | 31.08.2026 up to 5.00 P.M. | 29.08.2026 up to 2.00 P.M. | 01.09.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Executive Engineer,
Rural Works Division: Jayapur

OIPR-25001/25160/1/26-27/0007



AFFIDAVIT

By virtue of an affidavit sworn before Executive Magistrate Bangomunda, dated 23.07.2026. I Amar Sahu At-asurla Po-Kapilabhata Ps-Bangomunda Dist-Balangir Odisha declare that I have changed my name from Amar Rao Jadhav to Amar Sahu. Henceforth, I shall be known as **Amar Sahu** for all purposes.

Amar Sahu

AFFIDAVIT

By virtue of an affidavit sworn before the Notary Public, Bhubaneswar, dated 18.08.2026, I, SUBARNAMALA SAHU, D/o Late Nabaghana Sahu, resident of 96, Jayasingi, Ratnapur, Dist. Ganjam, Odisha, PIN-761108, declare that I have changed my name from SUBARNAPUR SAHU to SUBARNAMALA SAHU. Henceforth, I shall be known as **SUBARNAMALA SAHU** for all purposes.

Sd/- SUBARNAMALA SAHU

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.: ELS-ANGL-OT-26-27-08

କାର୍ଯ୍ୟର ନାମ : ବିଦ୍ୟୁତ୍ ଲୋକୋ ସେଡ୍/ଅନୁଗୁଳ ଠାରେ ଆବଶ୍ୟକତା ଅନୁଯାୟୀ ଡାଟା ସଂଗ୍ରହଣ, ଗଚ୍ଛିତକରଣ, ସଂରକ୍ଷଣ ଏବଂ ପୁନଃଉତ୍ପାଦନ ତଥା ତଥ୍ୟର ଅଖଣ୍ଡତା ବଜାୟ ରଖିବା ।

ବିଜ୍ଞାପିତ ମୂଲ୍ୟ (₹) : 83,73,568.04, EMD (₹) : 1,67,500.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 5,900.00, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.26.08.2026 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.09.2026ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS)/ ଅନୁଗୁଳ

PR-375/R/26-27

AFFIDAVIT
CHANGE OF NAME (MINOR)

By virtue of an affidavit sworn before The Notary Public, Titilagarh, on dated- 18/08/2026. I, **Rajeswari Naik** (applicant name), D/o Natha Bag, permanent & current resident of AT: Kandakhal, PO: Palana, PS: Kegaon, Dist: Kalahandi, State: Odisha, PIN: 766036 declare that I have changed my minor son's name from **Ruturaja Naik** (old name) to **Raj Naik** (new name). Henceforth, he shall be known as **Raj Naik** (new name) for all future purposes.

Rajeswari Naik

AFFIDAVIT

By virtue of an affidavit sworn before the Executive Magistrate, Delang A.F.No. 1628 on dated 10/09/2025, I **DILLIP KUMAR SAHOO**, S/o Kanduri Sahoo resident of Village At- Ratanpur, Po/Ps- Delang, Dist- Puri, Odisha, Pin- 752015 declare that I have changed my minor son's name from **SUBHA SAHOO** to **SAKTI SWARUP SAHOO**. Henceforth, he shall be known as **SAKTI SWARUP SAHOO** for all future purposes.

Sd- DILLIP KUMAR SAHOO

AFFIDAVIT

By virtue of an affidavit (SL No. 1407, dtd- 09/05/2025) sworn before The Executive Magistrate, Khordha. I, **Supriya Majhi,** D/o- Sankarshan Majhi, resident of At- Samantarapur, PO- Goda, PS- Begunia, Dist- Khordha, Odisha declare that I have changed my name from **Sumitra Majhi** (old name) to **Supriya Majhi** (new name). Henceforth, I shall be known as **Supriya Majhi** (new name) for all purposes.

Supriya Majhi

AFFIDAVIT

I, Saikh Sikandar, aged about 47 years, S/o- SK Nuruhak, resident of At- Plot No-882, Sikharchandi Nagar, Patia, Ps- Infocity, Bhubaneswar, Dist- KHURDA, Odisha, PIN- 751024, do hereby declare by this affidavit No. 1687, dtd-18/08/2026, that now onwards I shall be known as **SK SIKANDAR** for all future purposes.

AFFIDAVIT

By virtue of an affidavit before Executive Magistrate, Bhubaneswar on dtd 05.08.26, I, ANIL KUMAR ROUT, S/o.: Late Judhistir Rout, resident of Bhubaneswar, Odisha, do here by solemnly affirm that my son's correct name is VEDANT ADITYA ROUT, born on 15.08.201. His fresh birth certificate Registration No: 147/2015, Date: 11.02.2015, UBRN No: 21RB386-0225-0001476-2015, Date of Issue: 25.06.2026 bears the name VEDANT ADITYA ROUT instead of VEDANTA ADITYA ROUT. I declare that VEDANT ADITYA ROUT and VEDANTA ADITYA ROUT are one and the same person. Henceforth, his correct name shall be known as **VEDANT ADITYA ROUT** for all purposes.

Sd/- ANIL KUMAR ROUT

**ଧସିଲା ଶାକୁଆ ଓ କୁଞ୍ଜିବଣିଆ ଭେଡ଼ିବନ୍ଧ**

# ବୁଢ଼ାବଳଙ୍ଗ ନଦୀ ଆଁରେ ଶାକୁଆ ଓ କାଉଚି ଗ୍ରାମ



ବଡ଼ସାହି, ୧୮।୮(ସମିସ): ଲଗାତର ୩ଟି ବନ୍ୟାରେ କୁଞ୍ଜିବଣିଆ ନିକଟରେ ଗଙ୍ଗାହାର ନଦୀର ଭେଡିବନ୍ଧ ୩ଟି ସ୍ଥାନରେ ଧସିଛି। ଏଥିପାଇଁ କୁଞ୍ଜିବଣିଆଠାରୁ ପାଳପାଟଣା ପର୍ଯ୍ୟନ୍ତ ରାସ୍ତାରେ ପାଣି ଶୁଖିବା ନାଁ ଧରୁନି। ଚାଷଜମି ମଧ୍ୟ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ପ୍ରଶାସନ ପକ୍ଷରୁ ଏହାକୁ ମରାମତି କରିବା ପାଇଁ ପ୍ରୟାସ ଜାରି ରହିଥିବାବେଳେ ନଦୀରେ ପାଣି ଭର୍ତ୍ତି ଥିବାରୁ ଏହା ସମ୍ଭବ ହେଉନାହିଁ। ଫଳରେ ତଳିଆ ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି ଲୋକ ନିଜ ଘରର ସୁରକ୍ଷା ପାଇଁ ରାତିରେ ଏହି ଭେଡିବନ୍ଧକୁ କାଟି ଦେଇଥିବା ଅଭିଯୋଗ ହେଉଛି। ସେହି ଲୋକଙ୍କ ସୁରକ୍ଷା ପାଇଁ ସେମାନଙ୍କୁ ତତ୍କାଳୀନ ସରକାରଙ୍କ ସମୟରେ କଲୋନୀ ଘର ଯୋଗାଇ ଦିଆଯାଇଥିବାବେଳେ ସେମାନେ ସେଠାରେ ନ ରହି ନଦୀ ପାଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରି ନିଜେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଉଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଉଥିବାବେଳେ ଯୁଦ୍ଧକାଳୀନ ଭିତ୍ତିରେ ଏହାର ସ୍ଥାୟୀ ମରାମତି କରାଯାଇ ସ୍ୱାଭାବିକ କରା ନ ଗଲେ ବଡସାହି-ବୈଶିଙ୍ଗା ରାସ୍ତାକୁ ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସେହିପରି ଶାକୁଆ ନିକଟରେ ବୁଢାବାଳଙ୍ଗ ନଦୀର ଭେଡିବନ୍ଧ ମଧ୍ୟ ୩ଟି ସ୍ଥାନରେ ଭାଙ୍ଗିଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ନଦୀରେ ପାଣି ଭର୍ତ୍ତି ହୋଇଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହାର ପ୍ରଭାବରେ ୩ ଓ ୪ ନମ୍ବର ୱାର୍ଡ ସହିତ ଶାକୁଆ ଓ କାଉଚିର ୨ ହଜାର ପାଖାପାଖି ଲୋକ ପ୍ରଭାବିତ ହେବେ ବୋଲି ଜଣାଯାଇଛି। ଏହାକୁ ମଧ୍ୟ ଦୃଷ୍ଟିରେ ରଖି ତୁରନ୍ତ ଏହାର ସ୍ଥାୟୀ ମରାମତି ଅବଶ୍ୟକ ହୋଇପଡ଼ିଛି। ଏତଦବ୍ୟତୀତ ବର୍ଷାଦିନ ଆସିଲେ ଉପରଶାକୁଆ ଗ୍ରାମର ୫୦ଟି ପାଖାପାଖି ପରିବାର ବିଭିନ୍ନ ପ୍ରକାର ଆଶଙ୍କା ମଧ୍ୟରେ ଭୟଭୀତ ଅବସ୍ଥାରେ ଦିନ କାଟିଥା'ନ୍ତି। ଏହି ଗ୍ରାମଟି ସମ୍ପୂର୍ଣ୍ଣ ବୁଢାବଳଙ୍ଗ ନଦୀ କୂଳରେ ଅବସ୍ଥିତ ହୋଇଥିବାରୁ ମାଟି ଅତଡା ଧସି ପ୍ରାୟ ୫୦ ଫୁଟରୁ ଊର୍ଦ୍ଧ୍ୱ ଗର୍ତ୍ତ ଗ୍ରାମ ଭିତରକୁ ପଶି ଆସିଛି। ଯାହାକି ଗୃହପାଳିତ ପଶୁ ଓ ଛୋଟଛୋଟ ପିଲା, ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି। ଏହି ଗ୍ରାମଟି ନଦୀ ଗର୍ଭରେ ଲୀନ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଯାହକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭଞ୍ଜବାଟୀ ଓ ବାଘୁଆପାଳରେ ଆଡିବନ୍ଧ ନିର୍ମାଣ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ବାରମ୍ବାର ଅଭିଯୋଗ ହୋଇଥିଲେ ସୁଦ୍ଧା ପ୍ରଶାସନ ନିକଟରୁ କିଛି ସୁଫଳ ମିଳିନାହିଁ। ସେହିପରି କାଉଚି ଆଡିବନ୍ଧ ଅଧପନ୍ତରିଆ ହୋଇ ପଡ଼ିରହିଛି। କାଉଚି ଆଡିବନ୍ଧର ପୂର୍ଣ୍ଣାଙ୍ଗୀକରଣ ସହିତ ଉପରଶାକୁଆ ଗ୍ରାମର ଆଡିବନ୍ଧ ନିର୍ମାଣ କରିବାକୁ ସମିତି ସଭ୍ୟ ରମାକାନ୍ତ ସାହୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ସହିତ ବଡସାହି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଲଗାଣ ବର୍ଷାରେ କରଞ୍ଜିଆ ଜଳବନ୍ଦୀ



କରଞ୍ଜିଆ, ୧୮।୮(ସମିସ): କରଞ୍ଜିଆ ଓ ଏହା ଆଖପାଖ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି। ଅବିରତ ବର୍ଷା ଯୋଗୁଁ ସାଧାରଣ ଜନଜୀବନ ବେଶ୍ ପ୍ରଭାବିତ ହୋଇଥିବାବେଳେ ସହରର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଲଗାଣ ବର୍ଷା ସାଙ୍ଗକୁ ଦେଓ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରୁ ବର୍ତ୍ତାୟ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଫଳରେ ତଳିଆ ଅଞ୍ଚଳ ଜଳମଗ୍ନ ରହିଛି। ଅନ୍ୟପକ୍ଷରେ ପ୍ରବଳ ବର୍ଷା ଯୋଗୁଁ କେତେକ ସ୍ଥାନରେ ମାଟି ଘର ଭାଙ୍ଗିଥିବା ସୂଚନା ମିଳିଛି। ଫଳରେ କରଞ୍ଜିଆ ସହରର ଆଇଟିଡିଏ କଲୋନୀ, ଶ୍ରୀଶ୍ରୀ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପରିସର, ପାଖୁଟ ସାହି, ଗୁଡ଼ିସାହି, ଗୋଡ଼ସାହି ଓ ସିମିଗା ସମେତ ବିଭିନ୍ନ ଅଞ୍ଚଳରେ ବର୍ଷାଜଳ ଜମି ରହିଛି। ସହରକୁ ପାନୀୟଜଳ ଯୋଗାଣ କରୁଥିବା ମୁଖ୍ୟ କେନ୍ଦ୍ର ସମେତ ହରିଶ୍ଚନ୍ଦ୍ର ଆଦର୍ଶ ଶ୍ମଶାନ ମଧ୍ୟ ବନ୍ୟାଜଳ ଘେରରେ ରହିଥିବା ଦେଖିବାକୁ ମିଳିଛି। ଦୀର୍ଘ ସମୟ ଧରି ଜଳ ନିଷ୍କାସନ ହୋଇ ନ ଥିବାରୁ ଯାତାୟାତ ସମେତ ଲୋକଙ୍କ ଦୈନନ୍ଦିନ ଜୀବନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଜଳ ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତିରେ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇବାକୁ ସାଧାରଣରେ ଦାବି ହୋଇଛି।

## ଶୁଣିଲାନି ପ୍ରଶାସନ, ରାସ୍ତା ଖୋଳି ପାଣି ନିଷ୍କାସନ କଲେ ଗ୍ରାମବାସୀ



ଶୁକ୍ରୁଳି, ୧୮।୮(ସମିସ):ଶୁକ୍ରୁଳି ବ୍ଲକ ଯାମୁନ୍ତି ପଞ୍ଚାୟତରେ ଲଗାଣ ବର୍ଷାରେ ମୃଗରାଜ ମହାନ୍ତ, ପ୍ରଭାକର ମହାନ୍ତ, ମୁନସିରାମ ମହାନ୍ତ, ହରି ମହାନ୍ତ, ଦୁବରାଜ ମହାନ୍ତ, ସ୍ୱର୍ଗତ ଶଙ୍କର୍ଷଣ ମହାନ୍ତ, ସ୍ୱର୍ଗତ ଚୈତନ ମହାନ୍ତ ଏଇମିତି ଛଅରୁ ସାତ ପରିବାର ଦୟନୀୟ ଅବସ୍ଥାରେ ରହୁଥିଲେ। ଘର ଭିତରେ ଆଣ୍ଠୁଏ ପାଣି ଲହଡ଼ି ଭାଙ୍ଗୁଥିଲା। ସ୍ଥାନୀୟ ସରପଞ୍ଚ, ମେମ୍ବର ସମେତ ଶୁକ୍ରୁଳି ବ୍ଲକ ଅଧିକାରୀଙ୍କ ସହ ତହସିଲ ଅଧିକାରୀଙ୍କୁ ଅବଗତ କରାଇଥିବା ସତ୍ତ୍ୱେ କେହି ଶୁଣିଲେ ନଥିଲେ। ରିଲିଫ୍ ଦେବା ତ ଦୂରର କଥା କେମିତି ଅଛନ୍ତି ଅନାଇବାକୁ ବି ଗଲେ ନାହିଁ। ଦୟନୀୟ ଅବସ୍ଥାରେ ରହୁଥିବା ସମ୍ପୃକ୍ତ ପରିବାର ଉପାୟ ନ ପାଇ ଗ୍ରାମରେ କିଛି ଯୁବକଙ୍କ ସହଯୋଗରେ ନିଜ ଖର୍ଚ୍ଚରେ ଜେସିବି ସାହାଯ୍ୟରେ ରାସ୍ତା ଖୋଳି ପାଣିନିଷ୍କାସନ କରିଥିବାର ଦେଖଯାଇଛି। ପାଣି ନିଷ୍କାସନ ଥିବା କୋଲଭଟି ମାଟି ପୋତି ହୋଇଯାଇଥିଲା ଏବଂ ଗ୍ରାମର ଦୁଇପାର୍ଶ୍ୱରେ ଥିବା ରାସ୍ତା ଉଚ୍ଚତା ଅଧିକ ଏବଂ କିଛି ନ୍ୟସ୍ତ ସ୍ୱାର୍ଥ, ନୀଚମନା, ହୃଦୟବିହୀନ ବ୍ୟକ୍ତିଙ୍କ ଯୋଗୁଁ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଥିଲା। ଏ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି ଗ୍ରାମବାସୀ।

**ବଢ଼ିଲା ଦେଓ ଜଳଭଣ୍ଡାରର ଜଳସ୍ତର**

## ଛଡ଼ାଗଲା ପାଣି, ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ସୂଚନା

କରଞ୍ଜିଆ,୧୮।୮(ସମିସ): ଲଗାଣ ବର୍ଷା ଯୋଗୁଁ କରଞ୍ଜିଆସ୍ଥ ଦେଓ ଜଳଭଣ୍ଡାରରେ ଜଳସ୍ତର ବଢ଼ିଛି। ଜଳଭଣ୍ଡାରର ଜଳସ୍ତର ଓ ନଦୀର ଜଳପ୍ରବାହ ଉପରେ ଦେଓ ହେଡ୍ ୱାର୍କ୍ସ ଡିଭିଜନ ପକ୍ଷରୁ ନିରନ୍ତର ନଜର ରଖାଯାଉଛି। ବିଭାଗ ପକ୍ଷରୁ ସୋମବାର ସକାଳ ୯ଟାସୁଦ୍ଧା ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଦେଓ ଜଳଭଣ୍ଡାରର ଜଳସ୍ତର ୪୧୦.୭୩ ମିଟର ରହିଥିଲା। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ ସ୍ତର ୪୧୨ ମିଟର ହୋଇଥିବାବେଳେ ସେତେବେଳେ ୫,୦୩୧.୭୨ ହେକ୍ଟରମିଟର ଜଳ ମହଜୁଦ ଥିଲା। ଏହା ମୋଟ ଜଳଧାରଣ କ୍ଷମତାର ପ୍ରାୟ ୮୪.୫୦ ପ୍ରତିଶତ। ସକାଳ ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୪୨୫.୯ ଘନମିଟର ଜଳ ପ୍ରବେଶ କରୁଥିବାବେଳେ ସମାନ ପରିମାଣରେ ଜଳ ନିଷ୍କାସନ କରାଯାଉଥିଲା। ତେବେ ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୪୧୦.୧୪ ମିଟରକୁ ହ୍ରାସ ପାଇଥିଲା। ଏହି ସମୟରେ ଜଳଭଣ୍ଡାରରେ ୪୪୧୮.୮୨ ହେକ୍ଟରମିଟର ଜଳ ରହିଥିଲା, ଯାହା ମୋଟ ଜଳଧାରଣ କ୍ଷମତାର ପ୍ରାୟ ୭୭.୧୩ ପ୍ରତିଶତ। ସେତେବେଳେ ପ୍ରତି ସେକେଣ୍ଡରେ ୩୧୬.୯ ୨ଘନମିଟର ଜଳ ପ୍ରବେଶ କରୁଥିବାବେଳେ ୩୦୦.୮୬୪ ଘନମିଟର ଜଳ ନିଷ୍କାଶିତ ହେଉଥିଲା। ଲଗାଣ ବର୍ଷା ଯୋଗୁଁ ଜଳଭଣ୍ଡାର ଅଞ୍ଚଳରେ ୧୭୧.୫ ମିଲିମିଟର ବର୍ଷା ରେକର୍ଡ ହୋଇଛି। କେନାଲ ହେଡ୍ ରେଗୁଲେଟର ମାଧ୍ୟମରେ ଜଳ ନିଷ୍କାଶନ ବନ୍ଦ ରହିଥିଲେ ମଧ୍ୟ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ଏହି ପରିସ୍ଥିତିରେ ଦେଓ ନଦୀର ତଳମୁଣ୍ଡରେ ଥିବା ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ନଦୀର ଜଳପ୍ରବାହ ଓ ଜଳଭଣ୍ଡାରର ସ୍ଥିତି ଉପରେ ବିଭାଗୀୟ ଅଧିକାରୀମାନେ ନଜର ରଖିଛନ୍ତି।



**● ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଛନ୍ତି ମିନତୀ**

## ଦିବ୍ୟାଙ୍ଗ ଭତ୍ତା ଓ ତିନିଚକିଆ ଗାଡ଼ିରୁ ବଞ୍ଚିତ



ଶରତ, ୧୮।୮(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ପଞ୍ଚାୟତର ୯ ନମ୍ବର ୱାର୍ଡରେ ଥିବା କଲେଜ ଛକ ସାହର ମିନତୀ ବେହେରା(୨୪) ବର୍ଷେ ପୂର୍ବେ ଇଟା ଫ୍ୟାକ୍ଟ୍ରିକୁ କାମ କରିବା ପାଇଁ ଯାଇଥିଲେ। ଭଦ୍ରକରୁ ବସରେ ଆସିବା ସମୟରେ ଦୁର୍ଘଟଣା ଘଟିଥିଲା। ଫଳରେ ମିନତୀ ଗୋଟିଏ ଗୋଡ଼ ହରାଇ ଅସହାୟ ହୋଇପଡ଼ିଛନ୍ତି। ତାଙ୍କୁ ତିନିଚକିଆ ଗାଡ଼ି ଯୋଗାଇ ଦେବା ସହ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାର ଦିବ୍ୟାଙ୍ଗ ଭତ୍ତା ଦିଆଯିବାକୁ ଦାବି ହୋଇଛି। ତାଙ୍କୁ ବିଦ୍ୟାଙ୍ଗ ପ୍ରମାଣପତ୍ର ମିଳିଛି ଓ ସେଥିରେ ସେ ୮୦ ପ୍ରତିଶତ ଦିବ୍ୟାଙ୍ଗ ଥିବା ଦର୍ଶାଯାଇଥିବା ସତ୍ତ୍ୱେ ଦିବ୍ୟାଙ୍ଗ ଭତ୍ତା ଦିଆଯାଉନାହିଁ। ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଆଲୋଚନା ହେଉଛି। ତାଙ୍କୁ ସରକାରଙ୍କ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଶରତ ପଞ୍ଚାୟତର ନାଏବ ସରପଞ୍ଚ ଶ୍ରୀ ଦୁଲାରାମ ବାନାରା ଦାବି କରିଛନ୍ତି।

## ମାଟି ସିଂ ବିଧବା ଭତ୍ତାରୁ ବଞ୍ଚିତ



ଶରତ, ୧୮।୮(ସମିସ): ମାଟି ସିଂଙ୍କୁ ମିଳିନି ବିଧବା ଭତ୍ତା। କପ୍ତିପଦା ବ୍ଲକ ରାଣୀପୋଖରୀ ପଞ୍ଚାୟତ ଅନ୍ତର୍ଗତ ରଜତନଗର ରାଜସ୍ୱ ଗ୍ରାମ ସାର୍ଦ୍ଦୁସାହି ବାସିନ୍ଦା ମାଟି ସିଂଙ୍କ ସ୍ୱାମୀ ଚୁଲିଆ ସିଂ ଦୁଇବର୍ଷ ପୂର୍ବେ ମୃତ୍ୟୁବରଣ କରିଥିଲେ। ତାଙ୍କର ୭ ଜଣ ସନ୍ତାନ ଅଛନ୍ତି। ଖଲି ପତ୍ର ସିଲେଇ କଲେ ପରିବାର ଚଳେ। ଏପରି ପରିସ୍ଥିତିରେ ବିଧବା ଭତ୍ତା ନିମନ୍ତେ ବାରମ୍ବାର ପଞ୍ଚାୟତ ଓ ବ୍ଲକ ପ୍ରଶାସନ ନିକଟରେ ନିବେଦନ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଗଣମାଧ୍ୟମରେ ନିକଟରେ ପ୍ରକାଶ କରିଛନ୍ତି। ତାଙ୍କ ଘରଠାରୁ ବ୍ଲକ କାର୍ଯ୍ୟାଳୟ ପ୍ରାୟ ୪୦ କିଲୋମିଟର ଦୂର ହେତୁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯିବାରେ ଅସୁବିଧା ହେଉଥିବା ଜଣାଇଛନ୍ତି। ତାଙ୍କୁ ବିଧବା ଭତ୍ତା ପ୍ରଦାନ କରିବାକୁ ଗ୍ରାମର ଯୁବ ସମାଜସେବୀ ଜାମାଦାର ବାଲମୁଚୁ ନିବେଦନ କରିଛନ୍ତି।

## ସରସ୍ୱତୀ ବିଦ୍ୟାମନ୍ଦିର ହଷ୍ଟେଲରୁ ୬ ଛାତ୍ର ନିଖୋଜ

ସାରସକଣା, ୧୮।୮ (ସମିସ):ସାରସକଣା ବ୍ଲକ ଅନ୍ତର୍ଗତ ସାରସକଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହଷ୍ଟେଲରୁ ଗତ କାଲି ରାତିରେ ୬ ଜଣ ଅନ୍ତେବାସୀ ଛାତ୍ର ନିଖୋଜ ହୋଇଛନ୍ତି। ହଷ୍ଟେଲ ପାଚେରୀ ଡେଇଁ ଛାତ୍ରମାନେ ଯାଇଥିବା ଆଶଙ୍କା କରାଯାଉଛି। ନିଖୋଜ ଛାତ୍ରଙ୍କ ମଧ୍ୟରୁ ୪ ଜଣ ଦଶମ ଶ୍ରେଣୀ ଛାତ୍ର ନିର୍ମାଲ୍ୟ ସାହୁ, ଶୁଭମ ପତି, ଶୁଭ୍ରାଂଶୁ ନାଏକ, ରୋହିତ ବେହେରା ଓ ୨ ଜଣ ନବମ ଶ୍ରେଣୀ ଛାତ୍ର ଶୁଭମ ବେନିକ, ଓମପ୍ରସାଦ ମହାନ୍ତି। ଛାତ୍ରଙ୍କ ନିଖୋଜ ହେବାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ବେହେରାଙ୍କ କହିବାନୁଯାୟୀ, ରାତି ପ୍ରାୟ ୧୨ଟା ୧୫ରୁ ୧୨ଟା ୨୦ ମଧ୍ୟରେ ଛାତ୍ରମାନେ ହଷ୍ଟେଲରୁ ଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଙ୍କୁ ଆଖପାଖ ଅଞ୍ଚଳରେ ଖୋଜାଖୋଜି ଜାରି ରଖିଛନ୍ତି। ନିଖୋଜ ଛାତ୍ରଙ୍କ ପରିବାରବର୍ଗଙ୍କୁ ମଧ୍ୟ ଅବଗତ କରାଯାଇଛି। ଘଟଣା ସମ୍ପର୍କରେ ସୂଚନା ପାଇ ପୁଲିସ୍ ତଦନ୍ତ ଆରମ୍ଭ କରି ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ବିଦ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳରେ ସିସିଟିଭି ଫୁଟେଜ ଯାଞ୍ଚ କରାଯିବା ସହିତ ଛାତ୍ରଙ୍କ ମୋବାଇଲ ଫୋନ୍ ଟ୍ରାକ୍ କରିବାକୁ ଚେଷ୍ଟା ଚାଲିଛି। ବାରମ୍ବାର ବିଦ୍ୟାଳୟରୁ ଛାତ୍ରମାନେ ଫେରାର ହୋଇଯିବା ଘଟଣାକୁ ନେଇ ଅଭିଭାବକ କର୍ତ୍ତୃପକ୍ଷଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଛାତ୍ରଙ୍କ ସୁରକ୍ଷା ଓ ଗୁରୁକୁଳ ଶିକ୍ଷା ପଦ୍ଧତି ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଦାୟିତ୍ୱହୀନତା ପାଇଁ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପୁଲିସ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଙ୍କୁ ଯଥାଶୀଘ୍ର ଖୋଜି ବାହାର କରିବାକୁ ଚେଷ୍ଟା ଚଳାଇଛନ୍ତି ବୋଲି ପ୍ରଧାନ ଆଚାର୍ଯ୍ୟ ଶ୍ରୀ ବେହେରା କହିଛନ୍ତି।

## ସରକାରୀ ସ୍ତରରେ ଲାକୋ ବଦ୍ରାଙ୍କ ଜୟନ୍ତୀ ପାଳନ ଦାବି

ଯଶିପୁର, ୧୮।୮(ସମିସ): ଆଦିବାସୀ ହୋ ଭାଷାଭାଷୀଙ୍କର ନିଜସ୍ୱ ଲିପି ୱାରାଂଚିତି। ଯାହାକି ଏହି ଜାତିର ପରିଚୟ। ଦୀର୍ଘଦିନ ହେବ ହୋ ଭାଷା ଓ ୱାରାଂଚିତି ଲିପିର ସାମ୍ବିଧାନିକ ଓ ଓଡ଼ିଶାରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ପାଇଁ ଆନ୍ଦୋଳନ ସହିତ ଦାବି କରାଯାଉଛି। ହୋ ଭାଷାର ଲିପି ୱାରାଂଚିତିର ପ୍ରଣେତା ହେଉଛନ୍ତି ଗୁରୁ ଲାକୋ ବଦ୍ରା। ହୋ ଭାଷାରେ ସାହିତ୍ୟ ରଚନା ପାଇଁ ଲାକୋ ବଦ୍ରାଙ୍କ ଅବଦାନ ଅନେକ। ଆସନ୍ତା ସେପ୍ଟେମ୍ବର ୧୯ରେ ଗୁରୁ ଲାକୋ ବଦ୍ରାଙ୍କ ଜନ୍ମ ଜୟନ୍ତୀ। ତାଙ୍କରି ଜନ୍ମ ଜୟନ୍ତୀକୁ ସରକାରୀ ଭାବେ ପାଳନ ନିମନ୍ତେ ଆଦିବାସୀ ହୋ ସମାଜ ମହାସଭା ତରଫରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ତାଙ୍କରି ଜନ୍ମ ଜୟନ୍ତୀ ଉତ୍ସବକୁ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର କିମ୍ବା ଯଶିପୁରରେ ସରକାରୀ ସ୍ତରରେ ପାଳନ କରିବା ପାଇଁ ଆଦିବାସୀ ହୋ ସମାଜ ମହାସଭା ତରଫରୁ ବରିଷ୍ଠ ହୋ ଭାଷା ଆନ୍ଦୋଳନକାରୀ ମନୋରଞ୍ଜନ ତିରିଆ, ବିଶୋଇ ବ୍ଲକ୍ ଖଡ଼ମବେଡ଼ା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ୟାମସୁନ୍ଦର ନାଏକ, ଜାମଦା ବ୍ଲକ୍ ପାସନା ସରପଞ୍ଚ ମାଳତୀ ଆଲଡା ପ୍ରମୁଖ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବନ୍ଦେ ମାତରମ୍ କବିତା ପାଠୋତ୍ସବ

ବାରିପଦା, ୧୮।୮(ସମିସ): ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ପରିଷଦ ସଭାଗୃହରେ ବନ୍ଦେ ମାତରମ୍ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କବି ତଥା ସମାଜସେବୀ କବି ବିଷ୍ଣୁ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟିକଙ୍କ ଲେଖନୀ ସମାଜ ସୁଧାର ଦିଗରେ ବ୍ରତୀ ହେଉ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଭାଗବତ ପଣ୍ଡା ଯୋଗଦେଇ ବନ୍ଦେ ମାତରମ୍ ସଙ୍ଗୀତ ଏକ ସାଧାରଣ କବିତା ନୁହେଁ, ଜୀବନ୍ୟାସ ଦେଇପାରୁଥିବା ଭଳି ମନ୍ତ୍ର ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ବୀଣାପାଣି ପଣ୍ଡା ଯୋଗଦେଇ ସ୍ୱାଧୀନତା ଦିବସ ପାଇଁ ଆମ ପୂର୍ବସୂରୀଙ୍କ ବଳିଦାନ ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପରିଷଦର ସମ୍ପାଦକ ଇଂ ମନୋଜ ଦଳବେହେରା ସ୍ୱାଗତ ଭାଷଣ ପ୍ରଦାନ ପରେ କବି ଶଙ୍କର ଜେନା ଓ କବି ଅଶୋକ ପଲେଇଙ୍କ ମିଳିତ ସଂଯୋଜନାରେ ଆଧାତ୍ମିକ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ନରସିଂହ ବାରିକ, ଅଜୟ ପାଳ, ରଶ୍ମିତା ପାତ୍ର, ସମରେନ୍ଦ୍ର ବସା, ଜୟନ୍ତ ଦ୍ୱାରୀ, ଭାସ୍ୱତୀ ପଣ୍ଡା, ଅଜିତ ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ସାଓ, ମୀନକେତନ ମହାନ୍ତି, କାବେରୀ ମିଶ୍ର, ଡ. ଶଶୀଧର ବିଶ୍ୱାଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ନିହାରୀକା ସାହୁ ଆସରରେ ରାମଧୂନ ଗାନ କରି ଆସରକୁ ମନ୍ତ୍ରମୁଗ୍ଧ କରିଥିବାବେଳେ ବରିଷ୍ଠ ସଦସ୍ୟ କୈବଲ୍ୟ ମହାପାତ୍ର, ଆୟୁଷ ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହସମ୍ପାଦିକା ବାସନ୍ତୀଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

ଶୁକ୍ରୁଳି, (ସମିସ): ରରୁଆଁ ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟରେ ମଙ୍ଗଳବାର ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ମନ୍ମଥ କୁମାର ମହାନ୍ତ ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ତହସିଲଦାର ନିଗମାନନ୍ଦ ନାୟକ ମୁଖ୍ୟଅତିଥି, ସମାଜସେବୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆଇସିଡିଏସ୍ ପବିତ୍ରା ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅତିରିକ୍ତ ତହସିଲଦାର ନିଶା ନିବାରଣ ଉପରେ ଶପଥ ପାଠ କରାଇଥିଲେ। ଅତିଥିମାନେ ନାରୀଶକ୍ତିର ବିକାଶ ସମାଜ ଗଠନରେ ନାରୀର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହିତ ନାରୀ ଶିକ୍ଷା, ଅର୍ଥନୈତିକ ସ୍ୱାଧୀନତା, ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପକ ନିରାକାର ମହାନ୍ତ, ସରୋଜ ସାହୁ, ପୁରେନ୍ଦ୍ର ମହାନ୍ତ, ସଂଯୁକ୍ତା ଘଡେଇ, ଝରଣା ଧୀଣ୍ଡା, ମାଧୁରୀ ତୀର୍କୀ, କଲ୍ୟାଣୀ ଭୋଇ ଉପସ୍ଥିତ ରହି ଯୋଜନାକୁ ସଫଳ କରିଥିଲେ। ଶେଷ ପର୍ଯ୍ୟାୟରେ ପ୍ରେମାନନ୍ଦ ବେହେରା ବିଡିଓ ପହଞ୍ଚି ନିଶା ନିବାରଣ ଶପଥ କରାଇ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ହେବାକୁ ଉଦ୍‌ବୋଧନ ଦେଇଥିଲେ।

## ୫ଟି ବ୍ଲକ୍ ଓ ଏନ୍ଏସି ପାଇଁ ନୂଆ ପଦାଧିକାରୀ ନିଯୁକ୍ତ

**● ଯଶିପୁର ନିର୍ବାଚନମଣ୍ଡଳୀରେ ବିଜେଡିର ନୂତନ କମିଟି**

କରଞ୍ଜିଆ/ଯଶିପୁର, ୧୮।୮(ସମିସ): ବିଜୁ ଜନତା ଦଳ ପକ୍ଷରୁ ଯଶିପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନକୁ ମଜବୁତ କରିବା ଉଦ୍ଦେଶ୍ୟରେ ନୂଆ କମିଟି ଗଠନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ରଙ୍କ ପକ୍ଷରୁ ଏନେଇ ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ଆଦେଶ ଜାରି ହୋଇଛି। ଏହି ନିଯୁକ୍ତି ଅନୁଯାୟୀ, ଯଶିପୁର ନିର୍ବାଚନମଣ୍ଡଳୀ ଅଧୀନ ଯଶିପୁର ବ୍ଲକ୍, ରରୁଆଁ ବ୍ଲକ୍, ଶୁକ୍ରୁଳି ବ୍ଲକ୍, କୁସୁମୀ ବ୍ଲକ୍ ଏବଂ ଯଶିପୁର ଏନ୍ଏସି ପାଇଁ ସଭାପତିଙ୍କ ସମେତ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଓ କୋଷାଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଯଶିପୁର ବ୍ଲକ୍ ସଭାପତି ଭାବେ ଦର୍ପ ନାରାୟଣ ମହାନ୍ତ, ରରୁଆଁ ବ୍ଲକ୍ ସଭାପତି ଭାବେ ମନ୍ମଥ କୁମାର ଗିରି, ଶୁକ୍ରୁଳି ବ୍ଲକ୍ ସଭାପତି ଭାବେ ପତି କାରୁଆ, କୁସୁମୀ ବ୍ଲକ୍ ସଭାପତି ଭାବେ ସୁଲୋଚନା ହେମ୍ବ୍ରମ୍ ଏବଂ ଯଶିପୁର ଏନ୍ଏସି ସଭାପତି ଭାବେ ଶମ୍ଭୁନାଥ ମହାକୁଡ଼ ନିଯୁକ୍ତ ହୋଇଛନ୍ତି। ପ୍ରକାଶିତ ତାଲିକା ଅନୁଯାୟୀ, ପ୍ରତ୍ୟେକ ସାଙ୍ଗଠନିକ କମିଟିରେ ଏକାଧିକ ଉପସଭାପତି, ସାଧାରଣ ସମ୍ପାଦକ ଓ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ପ୍ରତ୍ୟେକ କମିଟି ପାଇଁ ଜଣେ ଲେଖାଏଁ କୋଷାଧ୍ୟକ୍ଷ ମଧ୍ୟ ନିଯୁକ୍ତ ହୋଇଛନ୍ତି। ଦଳ ପକ୍ଷରୁ ଜାରି ଆଦେଶରେ ଏହି ନିଯୁକ୍ତି ତତ୍କାଳ କାର୍ଯ୍ୟକାରୀ ହେବ ବୋଲି ଦର୍ଶାଯାଇଛି। ନୂଆ ପଦାଧିକାରୀଙ୍କ ନିଯୁକ୍ତି ପରେ ଯଶୀପୁର ନିର୍ବାଚନମଣ୍ଡଳୀରେ ବିଜେଡିର ସାଙ୍ଗଠନିକ କାର୍ଯ୍ୟକଳାପ ଆହୁରି ସୁଦୃଢ଼ ହେବ ବୋଲି ଦଳୀୟ ମହଲରେ ଆଶା ପ୍ରକାଶ ପାଇଛି।

**ପ୍ରତୀକ୍ଷାଳୟ ଉପରେ ଘର ନିର୍ମାଣ**

## ଯାତ୍ରୀ ଓ ଅଞ୍ଚଳବାସୀଙ୍କ ମନରେ ଅଘଟଣ ଆଶଙ୍କା

ବୈଶିଙ୍ଗା, ୧୮।୮(ସମିସ): ଯାତ୍ରୀଙ୍କ ପ୍ରତୀକ୍ଷାଳୟ ଏବେ ଅସୁରକ୍ଷିତ ଆଶଙ୍କା ସୃଷ୍ଟି ହୋଇଛି। ବୈଶିଙ୍ଗା ମୁଖ୍ୟ ବଜାରରେ ଥିବା ପ୍ରତୀକ୍ଷାଳୟର ଛାତ ଉପରେ ଅର୍ଦ୍ଧନିର୍ମିତ ଢାଞ୍ଚାକୁ ନେଇ ନୂଆ କରି ବିବାଦ ଦେଖାଦେଇଛି। ବର୍ଷା ହେଲେ ନିର୍ମାଣ ଅଂଶରେ ପାଣି ଜମି ରହୁଥିବାରୁ ଏହା ପ୍ରତୀକ୍ଷାଳୟର ଢାଞ୍ଚା ଉପରେ କେତେ ଚାପ ପକାଉଛି, ଏହାକୁ ନେଇ ଯାତ୍ରୀ ଓ ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏହି ନିର୍ମାଣର ବୈଧତା ନେଇ ପୂର୍ବରୁ ଅଭିଯୋଗ ହୋଇଥିବାବେଳେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଦିଆଯାଇଥିବାରୁ ଏହା ଏବେ ବର୍ଷାଦିନେ ସମସ୍ୟାର ନୂଆ କାରଣ ହୋଇଛି।

ପୂର୍ବରୁ ରାସ୍ତା ସମ୍ପ୍ରସାରଣ ସମୟରେ ଜବରଦଖଲ ଅଭିଯୋଗରେ ଦୋକାନ ଉଚ୍ଛେଦ କରାଯାଇଥିଲା। ଏପରି ସ୍ଥିତିରେ ସରକାରୀ ଜମିରେ ଥିବା ପ୍ରତୀକ୍ଷାଳୟ ଉପରେ ଅତିରିକ୍ତ ନିର୍ମାଣ ପାଇଁ କେଉଁ ଆଧାରରେ ଅନୁମତି ମିଳିଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏ ନେଇ ପୂର୍ବରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବେତନଟୀ ବ୍ଲକ ପ୍ରଶାସନକୁ ଲିଖିତ ଅଭିଯୋଗ ଦିଆଯାଇଥିଲା। ଜମିର ସ୍ୱରୂପ, ନିର୍ମାଣ ଅନୁମତି ଓ ଯୋଜନାର ନିୟମାନୁସାରେ କାର୍ଯ୍ୟ ହୋଇଛି କି ନାହିଁ, ତାହାର ତଦନ୍ତ ଦାବି କରାଯାଇଥିଲା। ଏବେ ଅର୍ଦ୍ଧନିର୍ମିତ ଢାଞ୍ଚାରେ ପାଣି ଜମିବା ସହ ପୁରୁଣା ପ୍ରତୀକ୍ଷାଳୟ ଉପରେ ଅତିରିକ୍ତ ଭାର ପଡୁଥିବା ଆଶଙ୍କା କରାଯାଉଛି। ଦିନକୁ ଶତାଧିକ ଯାତ୍ରୀ ଏଠାରେ ବସିବା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ଆଶ୍ରୟ ନେଉଥିବାରୁ କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ସଚେତନ ହେବା ଆବଶ୍ୟକ ବୋଲି ଦାବି ହୋଇଛି। ପ୍ରତୀକ୍ଷାଳୟର ଛାତ ଉପରେ ନିର୍ମାଣ କରାଯିବା ଇଞ୍ଜିନିୟରିଂ ଦୃଷ୍ଟିରୁ ସୁରକ୍ଷିତ କି ନୁହେଁ, ଏହାର ବୈଷୟିକ ଯାଞ୍ଚ କରାଯାଉ। ଏଥିସହ ଜମିର ରେକର୍ଡ, ନିର୍ମାଣ ଅନୁମତି ଓ ଯୋଜନାର ନିୟମ ଯାଞ୍ଚ କରି ତଥ୍ୟ ସାର୍ବଜନୀନ କରାଯାଉ ବୋଲି ଦାବି ହୋଇଛି। ଅଭିଯୋଗରେ ରାଜନୈତିକ ଗୋଷ୍ଠୀର ସମ୍ପୃକ୍ତି ନେଇ ମଧ୍ୟ ଦାବି ହୋଇଥିଲେ ହେଁ ଏହାର ସ୍ୱତନ୍ତ୍ର ସତ୍ୟତା ଯାଞ୍ଚ ହୋଇନାହିଁ। ତେଣୁ ପକ୍ଷପାତଶୂନ୍ୟ ତଦନ୍ତ ମାଧ୍ୟମରେ ସମସ୍ତ ତଥ୍ୟ ସାମ୍ନାକୁ ଆଣିବାକୁ ଦାବି ହୋଇଛି।



# ‘ଆବାସ’ ଉପହାସ: ତାଲିକାରୁ କଟୁଛି ଯୋଗ୍ୟ ହିତାଧିକାରୀଙ୍କ ନାମ

ଆନନ୍ଦପୁର, ୧୮।୮ (ସମିସ)

କେନ୍ଦ୍ର ଏବଂ ରାଜ୍ୟ ସରକାର “ସମସ୍ତଙ୍କ ପାଇଁ ଆବାସ’ ନାରା ଦେଉଥିବା ବେଳେ ତୃଣମୂଳ ସ୍ତରରେ ତା’ର ବିପରୀତ ଚିତ୍ର ଦେଖିବାକୁ ମିଳୁଛି । ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ପଡୁଥିବା ବେଳେ ଅଯୋଗ୍ୟ ଲୋକେ ଲାଭ ପାଉଥିବା ଅଭିଯୋଗ ବାରମ୍ବାର ଆସୁଛି । ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତ ଅନ୍ତର୍ଗତ ବିରିଡିହା ଗ୍ରାମରେ। ବିରିଡିହା ଗ୍ରାମର ବାସିନ୍ଦା ହେମଲତା ଜେନା ଜଣେ ଅତି ଗରିବ ମହିଳା । ସ୍ୱାମୀ ଦିଲ୍ଲୀପ ଜେନା ଜଣେ ଦିନ ମଜୁରିଆ । ସେ ଅତି କଷ୍ଟରେ ଦିନ କଟାଉଛନ୍ତି । ତାଙ୍କର ବର୍ତ୍ତମାନର ବାସସ୍ଥାନ ହେଉଛି ଗୋଟିଏ କାଦୁଅ ଘର । ଘରର ଛାତ ପୁରୁଣା ତ୍ରିପାଲ ଏବଂ ଚାଳଛପର ଉପରେ ଛାଇ ହୋଇଥିବା ବେଳେ ସେହି ତ୍ରିପାଲକୁ ଦଉଡ଼ିରେ ବାନ୍ଧି ରଖାଯାଇଛି। ବର୍ଷା ଦିନେ ଘର ଭିତରକୁ ପାଣି ପଶି ସବୁ ଓଦା ହୋଇଯାଉଥିବା ବେଳେ ଖରା ଦିନେ ଘର ଭିତରେ ରହିବା ଅସମ୍ଭବ ହୋଇପଡୁଛି ।

ସୂଚନା ଅନୁସାରେ, ହେମଲତାଙ୍କ ନାମ ପ୍ରଥମେ ଆବାସ ଯୋଜନା ତାଲିକାରେ ପ୍ରାଥମିକ ସ୍ଥାନ ପାଇଥିଲା । ସରକାରୀ


■ ଜରିପାଲ ତଳେ ହେମଲତା
■ ଗ୍ରାମବାସୀଙ୍କ ଧାରଣା ଚେତାବନୀ

ସର୍ଭେ ଟିମ୍ ଆସି ଯୋଗ୍ୟ ବୋଲି ବିବେଚିତ କରିଥିଲେ। ତାହାସହ ଅନେକ ଗରିବ ଲୋକଙ୍କୁ ଯୋଗ୍ୟ ତାଲିକାରେ ସାମିଲ କରିଥିଲେ ବି ରାଜନୀତି ଆକ୍ଷେପ କରି କିଛି ଯୁବକ ବ୍ଲକ ଟେବୁଲରେ ବସି ସର୍ଭେ ଆସିଥିବା କର୍ମଚାରୀଙ୍କୁ କହି ନାମଗୁଡିକ ବାଛି ବାଛି ଯୋଗ୍ୟରୁ ଅଯୋଗ୍ୟ ଦର୍ଶାଇ ତାଙ୍କ ନାମକୁ ତାଲିକାରୁ କାଟି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଏନେଇ ତାଙ୍କ ପରିବାର ଲୋକଙ୍କୁ କୌଣସି ସୂଚନା ମଧ୍ୟ ଦିଆଯାଇ ନଥିଲା। ଏ ବିଷୟରେ ସର୍ଭେ ଅଫିସର ସଂଗୀତ ନାଏକ କହିଛନ୍ତି, ପଞ୍ଚାୟତର ପିଇଓଙ୍କୁ ଦେଲା ପରେ ନାମ କଟିଛି। କଣ୍ଟିପାଳ ପିଇଓ ପୂର୍ଣ୍ଣିମା ପରିଡା ଏ ବିଷୟରେ ସେ କିଛି ଜାଣିନାହାନ୍ତି ବୋଲି କହିବା ସହ କମ୍ପ୍ୟୁଟର ପିଲା କାଟିଥିବେ ବୋଲି ହାତ ଝାଡ଼ି ଦେଇଛନ୍ତି । ବିଡିଓ ମନୋଜ କୁମାର ମହାନ୍ତ କହିଛନ୍ତି, ଯଦି କାହାର କଟାଯାଇଛି ଆଉ ଥରେ ଆପ୍ଲିକେସନ ଦିଅନ୍ତୁ ଆଉ ଥରେ ସର୍ଭେ କରାଗଲେ ତାଲିକାରେ ନାମ ପୁରାଯିବ । ସ୍ଥାନୀୟ ଗ୍ରାମବାସୀ ମଧ୍ୟ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ କହିବାନୁସାରେ, ହେମଲତା ପରି ଅନେକ ଗରିବ ଲୋକ ଯୋଜନାରୁ ବାଦ୍ ପଡୁଥିବା ବେଳେ ଅନେକ ପ୍ରଭାବଶାଳୀ ଲୋକ ଦୁଇ-ତିନି ଥର ଆବାସ ସହାୟତା ପାଇସାରିଛନ୍ତି । ସର୍ଭେ ବେଳେ ଅନିୟମିତତା ହୋଇଥିବା ନେଇ ସେମାନେ ସନ୍ଦେହ କରିଛନ୍ତି। ଗ୍ରାମବାସୀ କଣ୍ଟିପାଳ ସରପଞ୍ଚ ଏବଂ ବ୍ଲକ ପ୍ରଶାସନ ତଦନ୍ତ କରି ହେମଲତାଙ୍କ ପରି ଗ୍ରାମର ଅନେକ ଗରିବ ଯୋଗ୍ୟ ଲୋକଙ୍କ ନାମକୁ ଆବାସ ତାଲିକାରେ ସାମିଲ କରିବାକୁ ଦାବି କରିଛନ୍ତି। ଯଦି ସାତ ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆ ନଯାଏ ତେବେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ଘସିପୁରାରେ ବି ବଦଳିନି ଚିତ୍ର

ଆନନ୍ଦପୁର, ୧୮।୮ (ସମିସ): ଆନନ୍ଦପୁର ସହ ଘସିପୁରା ବ୍ଲକରେ ମଧ୍ୟ ଆବାସ ଯୋଜନାର ଉପହାସ ଦେଖିବାକୁ ମିଳିଛି। ଗଡ଼ବାନ୍ଦଗୋଡା ପଞ୍ଚାୟତ ସୁଆଁଳ ଗ୍ରାମର ସନ୍ତୋଷ ବେହେରାଙ୍କ ପରିବାର ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛନ୍ତି। ଏହି ଘଟଣା ବ୍ଲକ୍ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି । ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁ ନଥିବା ବେଳେ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପ୍ରକ୍ରିୟାରେ କୌଣସି ସ୍ୱଚ୍ଛତା ରହୁ ନଥିବା ସ୍ପଷ୍ଟ ଜଣାପଡ଼ିଛି । ଭଙ୍ଗା ଦଦରା ଘରେ ରହୁଥିବା ଘର ଲଗାଣ



ବର୍ଷା ଓ ବନ୍ୟାଜଳ ମାଡ଼ରେ ଭୁଶୁଡ଼ି ପଡିଛି। ସନ୍ତୋଷଙ୍କ ପରିବାର ନିଜ ଦାଦା ଘର ବାରଣ୍ଡାରେ ଭାଗ୍ୟକୁ ଆଦରି ପଡିରହିଛନ୍ତି । ଉପଖଣ୍ଡ ପ୍ରଶାସନ ଓ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସ୍ୱଚ୍ଛତାର ସହ ତାଲିକାରେ ସାମିଲ କରି ସରକାର ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

● ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ପ୍ରସଙ୍ଗ

# ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପକୁ ବିରୋଧ କଲା ଯୁବ କଂଗ୍ରେସ



ତୁରୁମୁଙ୍ଗା, ୧୮।୮(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍‌ରେ ପ୍ରସ୍ତାବିତ ପୋସ୍କୋ-ଜିନ୍ଦଲ ମେଗା ଷ୍ଟିଲ୍ ପ୍ରକଳ୍ପକୁ ବିରୋଧ କରିଛି ଯୁବ କଂଗ୍ରେସ। ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ଓ ଜମିହରା ହେବାକୁ ଥିବା ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ, ଥଇଥାନ ଓ ପୁନର୍ବାସ ନ କରାଗଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଯୁବ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ମଙ୍ଗଳବାର ଚେମଣା ପଞ୍ଚାୟତ ଚିଲିଦା ନାଏକ ସାହିଠାରେ ଯୁବ କଂଗ୍ରେସ ପକ୍ଷରୁ ଏକ ବୈଠକରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ପିସିସି ସାଧାରଣ ସମ୍ପାଦକ ଯାଶୀର ନୱାଜ ଆଗାମୀ ଦିନରେ ଏନେଇ ଲୋକଙ୍କ ସମର୍ଥନରେ ଏକ ପଦଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ପାଟଣା ବ୍ଲକ୍‌ର ଚେମଣା ଓ ଯମୁନାପଶି ପଞ୍ଚାୟତର ୧୨ଟି ଗ୍ରାମରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଗ୍ରାମସଭା ପ୍ରକ୍ରିୟା ଚାଲିଛି। ଏଥିମଧ୍ୟରୁ ୧୧ଟି ଗ୍ରାମରେ ଗ୍ରାମସଭା ଶେଷ ହୋଇଥିବା ବେଳେ ଯମୁନାପଶି ପଞ୍ଚାୟତର ଯମୁନାପଶି ଗ୍ରାମରେ ଆଉ ଗୋଟିଏ ଗ୍ରାମସଭା ବାକି ରହିଛି। ଶେଷ ଗ୍ରାମସଭା ପୂର୍ବରୁ ଯୁବ କଂଗ୍ରେସ ପ୍ରକଳ୍ପକୁ ଖୋଲାଖୋଲି ବିରୋଧ କରିବା ଘଟଣା ଏବେ ପାଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଧକୋଠା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କମିଟି ଗଠନ



ଆନନ୍ଦପୁର, ୧୮।୮ (ସମିସ): ଆନନ୍ଦପୁର ବ୍ଲକ ଧକୋଠା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ହୋଇଛି । ପ୍ରଧାନଶିକ୍ଷକ ବିଜୟ ସେଣ୍ଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି, ସିଆରସିସି ତପନ ଜେନାଙ୍କ ସହ ୩ଶହରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ। ଗୋଟିଏ ଗୋଷ୍ଠୀ ନିର୍ବାଚନରୁ ଓହରି ଯିବା ପରେ କମିଟି ଗଠନ କରାଯାଇଥିଲା । ବିନୋଦ ବିହାରୀ ବେହେରାଙ୍କୁ ସଭାପତି ଓ ସ୍ନେହଲତା ପଲେଇଙ୍କୁ ଉପସଭାପତି ଭାବେ ଚୟନ କରାଯାଇଛି । ସଦସ୍ୟ/ସଦସ୍ୟା ଭାବେ ଯମୁନା ପଲେଇ, ସରସ୍ୱତୀ ବାରିକ, ବବିତା ପଲେଇ, ସବିତା ସେଠି, କଣ୍ଠେଇ ଖଟୁଆ, ଯଶୋଦା ନାଇକ, ପାର୍ବତୀ ନାହାକ, ଚାନ୍ଦିନୀ ବାଳା ସାମଲ, ଦ୍ରୌପଦୀ ନାଇକ, ରାଙ୍ଗି ଖଟୁଆ, ପ୍ରଭାକର ହାଁସଦା, ପ୍ରଶାନ୍ତ ପାତ୍ର, କୁମ୍ଭ ନାଇକ ପ୍ରମୁଖ ମନୋନୀତ ହୋଇଛନ୍ତି ।

■ ବୈତରଣୀ ବନ୍ୟା ସ୍ଥିତି ଏବେ ବି ଗମ୍ଭୀର

# ହୋଇନି ଘାଇ ମରାମତି; ବନ୍ୟା ଦୁର୍ଗତ ରାସ୍ତାରେ

ଆନନ୍ଦପୁର, ୧୮।୮(ସମିସ): ବୈତରଣୀ ନଦୀରେ ବନ୍ୟାଜଳ ଦୁଇଦିନ ଧରି ଆନନ୍ଦପୁରଠାରେ



ବିପଦସଂକେତ ଉପରେ ପ୍ରବାହିତ ହେଉଥିବାରୁ ବନ୍ୟା ସ୍ଥିତି ଗମ୍ଭୀର ହୋଇପଡିଛି । ବନ୍ୟା ଜଳ ଲଗାତାର ଭାବେ ବଢୁଥିବାରୁ ନଦୀ ତଳିଆ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଥିବା ଜଣାଯାଇଛି । ବନ୍ୟା ଯୋଗୁଁ ସମଗ୍ର ଆନନ୍ଦପୁର ଉପଖଣ୍ଡରେ କ୍ଷୟକ୍ଷତି ହୋଇଛି। ତିନି ସପ୍ତାହ ଧରି ବନ୍ୟା ପରିସ୍ଥିତି ଲାଗିରହିଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବନ୍ୟାଞ୍ଚଳରେ କ୍ଷତିଗ୍ରସ୍ତ ଡହକବିକଳ ହେଉଥିବା ଚିତ୍ର ହୃଦୟ ବିଦାରକ ହୋଇଛି । ଜଳ ସମ୍ପଦ ବିଭାଗ ରିଙ୍ଗ ରୋଡରେ ହୋଇଥିବା ଘାଇ ମରାମତି ୭ ଦିନ ମଧ୍ୟରେ ହେବ ବୋଲି କଣ୍ଟ ଦେବାର ୨୦ ଦିନ ବିତିଯାଇଛି । ଘାଇ ମରାମତି କରିପାରି ନଥିବାରୁ ଆନନ୍ଦପୁର ସହରରେ ବନ୍ୟା ଜଳ ପଶି ସହର ତଳି ଅଞ୍ଚଳରେ ରହୁଥିବା ପ୍ରାୟ ୫୦ ପରିବାରଙ୍କ ଘରେ ଏବେବି ବନ୍ୟା ଜଳ ପଶି ରହିଛି । ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ ନଦୀରେ ଚଳିତ ବର୍ଷର ତୃତୀୟ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆନନ୍ଦପୁର ରାଜଘାଟଠାରେ ବୈତରଣୀ ଜଳସ୍ତର ବିପଦସଂକେତ ଅତିକ୍ରମ କରିଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂତ୍ରରୁ ସୂଚନା ମିଳିଛି। ବୈତରଣୀ



ଜଳସ୍ତର ବୃଦ୍ଧି ପାଉଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି ।

# ଗୋରୁମହିଷାଣିରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ରାମଦୋଳି ୟୁଥ ପାୱାର ଆସୋସିଏସନ

ରାଇରଙ୍ଗପୁର/ଗୋରୁମହିଷାଣି,୧୮।୮ (ସମିସ): ଗୋରୁମହିଷାଣି ଅଞ୍ଚଳ ଐତିହାସିକ ଭାବେ ଲୁହାପଥର ଭଣ୍ଡାର ପାଇଁ ପରିଚିତ। ଏଭଳି ଐତିହାସିକ ଓ ଶିଳ୍ପଗତ ଗୁରୁତ୍ୱ ଥିବା ଗୋରୁମହିଷାଣି ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଏକ ସୁବ୍ୟବସ୍ଥିତ ବସ୍‌ଷ୍ଟାଣ୍ଡ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ବିଜାତଳା ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକେ ନିଜର ବିଭିନ୍ନ କାର୍ଯ୍ୟ ସହ ବିଶେଷକରି ଗୋରୁମହିଷାଣି ଥାନାକୁ ଯିବା ଓ ଅନ୍ୟ ସ୍ଥାନକୁ ଯାତାୟାତ ପାଇଁ ଗୋରୁମହିଷାଣି ଉପରେ ନିର୍ଭର କରନ୍ତି । କିନ୍ତୁ ବସ୍‌ଷ୍ଟାଣ୍ଡର ଅଭାବ ଯୋଗୁଁ ଯାତ୍ରୀ ବର୍ଷା, ଖରା ଓ ଅନ୍ୟାନ୍ୟ ପ୍ରତିକୂଳ ପାଗରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଗୋରୁମହିଷାଣିରେ ଏକ ଆଧୁନିକ ଓ ସୁବ୍ୟବସ୍ଥିତ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ଉଠିଛି। ଏହି ଜନସମସ୍ୟାକୁ ନେଇ ଆଜି ରାମଦୋଳି ୟୁଥ ପାୱାର ଆସୋସିଏସନ ପକ୍ଷରୁ ରାଇରଙ୍ଗପୁର ଡାକ ବିଭାଗ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ପଠାଯାଇଛି । ଗୋରୁମହିଷାଣିରେ ଶୀଘ୍ର ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରି ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ଯାତାୟାତ ସମସ୍ୟା ଦୂର କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି । ସଂଗଠନର ପ୍ରତିଷ୍ଠାତା ସୁରେନ୍ଦ୍ର ମୁଣ୍ଡା ଏହି ଦାବି ଉପରେ ସରକାର ତୁରନ୍ତ ଦୃଷ୍ଟି ଦେବେ ବୋଲି ଆଶା ପ୍ରକାଶ କରିଛନ୍ତି ।

# ଜିଲ୍ଲା ସାମ୍ବାଦିକ ସଙ୍ଘର ବାର୍ଷିକ ଅଧିବେଶନ ପାଇଁ ପ୍ରସ୍ତୁତି ବୈଠକ

ରାଇରଙ୍ଗପୁର,୧୮।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ ନିମନ୍ତେ ବାମନଘାଟି ଉପଖଣ୍ଡସ୍ତରୀୟ ପ୍ରସ୍ତୁତି ବୈଠକ ଉପସଭାପତି ଖୁଦିରାମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ନଭେମ୍ବର ମାସ ୧୩ ତାରିଖ ରବିବାର ଦିନ ରାଇରଙ୍ଗପୁରରେ ସଙ୍ଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ



ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହାକୁ ସଫଳ ଆୟୋଜନ କରିବା ନିମନ୍ତେ ଏକ କୋର କମିଟି ଗଠନ କରାଯାଇଛି। ଏଥିରେ କଳିଙ୍ଗ ୟୁନିଅନ ଅଫ ୱାର୍କିଂ ଜର୍ଣ୍ଣାଲିଷ୍ଟର କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯିବା ସହିତ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏ ଅବସରରେ ଜିଲ୍ଲା ସଙ୍ଘର ପାଞ୍ଚ ଜଣ ସକ୍ରିୟ ସଭ୍ୟଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର ହୋଇଛି । ଏଥିସହିତ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ନିମନ୍ତେ ଏକ ଦାବିପତ୍ର ସ୍ଥାନୀୟ ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ କଳିଙ୍ଗ ୟୁନିଅନ ଅଫ ୱାର୍କିଂ ଜର୍ଣ୍ଣାଲିଷ୍ଟର ରାଜ୍ୟ ସଭାପତି ମନୋଜ ଦାସ ଯୋଗଦେଇ ସୁଚିନ୍ତିତ ମତ ରଖିଥିଲେ। ସଙ୍ଘର ବରିଷ୍ଠ ସଭ୍ୟ ସୌରଭ ପଟ୍ଟନାୟକ, ତୁଷାର ମହାନ୍ତ, ଅନଶନ ମହାନ୍ତ, ସୁଜିତ ପଟ୍ଟନାୟକ, ବିଶ୍ୱରଞ୍ଜନ ପାଲ, ପ୍ରଦୀପ ମହାନ୍ତ, ମେଘନାଦ ହେମ୍ବ୍ରମ, ଅନୱାର ହୁସେନ, ସୁବ୍ରତ ମହାନ୍ତି, ସୁମିତ ଦାସ, ଅମୀୟ ମହାନ୍ତି, ଶକ୍ତିକାନ୍ତ ଦାସ, ସ୍ୱପ୍ନକାନ୍ତ କାନୁନଗୋ, ନିରୋଜ ସାହୁ ଯୋଗ ଦେଇଥିବାବେଳେ ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ହରିଚନ୍ଦନପୁର ଓ ଘଟଗାଁ ବ୍ଲକ୍‌ରେ ବୃକ୍ଷରୋପଣ ଅନିୟମିତତା

ଆନନ୍ଦପୁର, ୧୮।୮ (ସମିସ): କେନ୍ଦୁଝର ଜିଲ୍ଲାର ପଣ୍ଡାପଡା ଓ ହରିଚନ୍ଦନପୁରରେ ବୃକ୍ଷ ରୋପଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବୃକ୍ଷରୋପଣ ପାଇଁ ଆସିଥିବା ଚୁନ ଓ କୀଟନାଶକ ଔଷଧ ପଣ୍ଡପଡାସ୍ଥିତ ମୌଳିକ ଟସର ବିଜାଗାରରେ ପଡି ପଡି ନଷ୍ଟ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଟସର ଚାଷ ଆରମ୍ଭ ସମୟରେ



ପୋକ ଦାଉରୁ ରକ୍ଷା କରିବା ପାଇଁ ଚୁନ ଓ ବ୍ଲିଚିଙ୍ଗ ମିଶାଇ ଗଛ ମୂଳରେ ପକାଯାଇ ନଥିବା ଜଣାପଡିଛି । ଅନାବଶ୍ୟକ କୀଟ ପତଙ୍ଗ ମାରିବା ପାଇଁ ଆସିଥିବା ରୋଗ ପ୍ରତିଷେଧକ ଔଷଧ କୋଠରୀ ଭିତରେ ପଡି ପଡି ବ୍ୟବହାର ଅନୁପଯୋଗୀ ହୋଇଗଲାଣି। ଏବେ ବୃକ୍ଷରୋପଣ ସ୍ଥାନରେ ଛେଳି ଚରୁଛି । ରେଶମ ଶିଳ୍ପ ବିଭାଗର ଅବହେଳା ପାଇଁ କୌଣସି ସ୍ଥାନରେ ଗଛ ବଞ୍ଚି ନାହିଁ । ପ୍ରକାଶଯୋଗ୍ୟ ଯେ ଟସର ଚାଷପାଇଁ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବୁଡାଖମଣ, ତେନ୍ତୁଳାପଶି ଗ୍ରାମରେ ଘଟଗାଁ ବ୍ଲକ ଅନ୍ତର୍ଗତ କମାରଗୁଡା, ବିନିଦା, ସୁନାଟାଙ୍ଗିରୀ ଓ ପନାସିଆ ଅଞ୍ଚଳରେ ମନରେଗାରେ ରେଶମ ଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ଅଧୀନରେ ୨୦୨୨-୨୩ରେ ହେକ୍ଟର ହେକ୍ଟର ଜମିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଅର୍ଜୁନ ଅସନ ଚାରା ରୋପଣ କରାଯାଇଥିଲା। ଚତୁର୍ଥ ବର୍ଷରେ ଗଛ ଦେଖିବାକୁ ମିଳୁନାହିଁ। ଯେଉଁ କେତେକ ଗଛ ରହିଛି ସାର ଏବଂ ରକ୍ଷଣାବେକ୍ଷଣ ଅଭାବରୁ ୩ ବର୍ଷ ପରେ ଗଛ ଗୁଡିକ ୩ରୁ ୪ ଫୁଟ ହୋଇ ରହିଛି। ଘଟଗାଁ ବ୍ଲକ ବିନିଦା ଗ୍ରାମରେ ୧୮ ଲକ୍ଷ ଟଙ୍କା ଅନୁଦାନରେ ୧୦ ହେକ୍ଟର ଜମିରେ ଅର୍ଜୁନ ଅସନ ବୃକ୍ଷ ରୋପଣ କରାଯାଇଥିଲା। ଗଛ ମରି ଯାଇଥିବା ଘଟଗାଁ ବ୍ଲକ ବିନିଦା ଗ୍ରାମବାସୀ କହିଛନ୍ତି। ଅସନ ଅର୍ଜୁନ ବୃକ୍ଷ ନ ଥାଇ ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷ ରକ୍ଷଣା ବେକ୍ଷଣ ଏବଂ ଜଗାରଖା ବାବଦରେ କିପରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଗଲା ତାହା ତଦନ୍ତ ସାପେକ୍ଷ। ୮୦ ପ୍ରତିଶତ ଗଛ ବଞ୍ଚିବା ରିପୋର୍ଟ ପରେ ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷ ରକ୍ଷଣାବେକ୍ଷଣ, ଜଗାରଖା ବାବଦ ଖର୍ଚ୍ଚ ମନରେଗାରୁ ଦିଆଯାଇଥାଏ; ତେବେ ଆଦୌ ଗଛ ନଥିବାବେଳେ କିପରି ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷ ରକ୍ଷଣାବେକ୍ଷଣ, ଜଗାରଖା ବାବଦ ଖର୍ଚ୍ଚ ମଞ୍ଜୁର କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୃକ୍ଷରୋପଣରେ ବ୍ୟାପକ ଅନୀୟମିତତା ହୋଇଥିଲେ ହେଁ କେଉଁ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଭୁଲ ରିପୋର୍ଟ ଦେବା ପରେ ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷ ରକ୍ଷଣାବେକ୍ଷଣ ବାବଦ ଅର୍ଥ ଦିଆଯାଇଛି ତାହା ତଦନ୍ତ ହେଲେ ଜଣାପଡିବ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ନିଜ ଜିଲ୍ଲାରେ ଯୁବକ ଯୁବତୀମାନେ କାମ ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କିନ୍ତୁ ମନରେଗା ଯୋଜନାରେ ଲକ୍ଷାଧିକ ଟଙ୍କା ଉଠାଇ ସବୁ ଆତ୍ମସାତ କରି ଦେଉଥିବା ମନେ ହେଉଛି । ବୃକ୍ଷ ରୋପଣ ଖର୍ଚ୍ଚ ହୋଇଥିବା ଅର୍ଥ ସମ୍ପୂର୍ଣ୍ଣ ଅପବ୍ୟୟ ହୋଇଛି। ରେଶମ ଶିଳ୍ପ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ହରିଲୁଟ ବାବଦ ଅର୍ଥ ଆଦାୟ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଛି ।

# ବିଶୋଇ ବଜାରରେ ‘ନୋ-ପାର୍କିଂ’ ବୋର୍ଡ ନ ଥାଇ କଟୁଛି ଚାଲାଣ

ବିଶୋଇ,୧୮।୮ (ସମିସ): ବିଶୋଇ ବଜାର ମୁଖ୍ୟ ମାର୍କେଟରେ ରାସ୍ତା କଡ଼ରେ ଛିଡା ହୋଇଥିବା ଦୁଇଚକିଆ ଯାନରୁ ବିଶୋଇ ପୁଲିସ ଦ୍ୱାରା ଅନଲାଇନ ଚାଲାଣ କଟାଯାଉଛି । ତେବେ ପୁଲିସ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନରେ କୌଣସି ‘ନୋ ପାର୍କିଂ’ ବୋର୍ଡ ନ ଥିବାବେଳେ ଅଦିନିଆ ଚାଲାଣ କାଟିବା ପଦକ୍ଷେପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ୪୯ ନଂ ଜାତୀୟ ରାଜପଥ ବିଶୋଇ ବଜାର ବାହାର ଦେଇ ବାଇପାସ ହେବା ପରେ ବିଶୋଇ ବଜାର ବିର୍ସା ମୁଣ୍ଡା ଛକ ଏବେ ଅଞ୍ଚଳର ମୁଖ୍ୟ ମାର୍କେଟ ଭାବେ ପରିଗଣିତ। ଏହି ଅଞ୍ଚଳରେ ବହୁ ସଂଖ୍ୟାରେ ଦୋକାନ ରହିଥିବାବେଳେ ଲୋକେ ଦୋକାନ ସମ୍ମୁଖ ରାସ୍ତା କଡ଼ରେ ଗାଡ଼ି ଠିଆ କରି ଜିନିଷ କିଣିଥା’ନ୍ତି । କିଛି ସମୟରେ ପୁଲିସ ହଠାତ ବଜାର ଅଞ୍ଚଳକୁ ଧସେଇ ପଶି ରାସ୍ତା କଡରେ ଠିଆ ହୋଇଥିବା ବାଇକ୍ ନମ୍ବର ପ୍ଲେଟକୁ ଫୋଟ ଉଠାଇ ଅନଲାଇନ ଚାଲାଣ କାଟୁଛି । ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଗୋଟିଏ ପଟେ ପୁଲିସ ଏଭଳି ପଦକ୍ଷେପ ଗ୍ରହଣ କରୁଥିବାବେଳେ ଅନ୍ୟପଟେ ବଜାର ମଧ୍ୟରେ କୌଣସି ସ୍ଥାନରେ ‘ନୋ-ପାର୍କିଂ’ ବୋର୍ଡ ନ ଥାଇ ପୁଲିସ ଅନଲାଇନ ଚାଲାଣ କାଟିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ କରାଯାଇଛି । ବିଶୋଇ ଅଞ୍ଚଳରେ କୌଣସି ସ୍ଥାନରେ ପାର୍କିଂ ବ୍ୟବସ୍ଥା ନଥିବାବେଳେ ବାଇକ ଚାଳକ କେଉଁ ସ୍ଥାନରେ ବାଇକ ରଖିବେ, ସେନେଇ ପ୍ରଶାସନକୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ପ୍ରଥମେ ବଜାର ମଧ୍ୟରେ ପାର୍କିଂ ବ୍ୟବସ୍ଥା କରିବା ପାଇଁ ଲୋକେ ଦାବି କରିଛନ୍ତି ।

# ପୁରିନ୍ଦା ଜଙ୍ଗଲରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବେତନଟୀ, ୧୮।୮ (ସମିସ): ବେତନଟୀ ଥାନା ଅନ୍ତର୍ଗତ ପୁରିନ୍ଦା ଜଙ୍ଗଲରୁ ସୋମବାର ଅପରାହ୍ନରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଅଞ୍ଚଳର ସ୍ୱର୍ଗତ ଷଣ୍ଢ ହେମ୍ବ୍ରମଙ୍କ ପତ୍ନୀ ହୀରା ହେମ୍ବ୍ରମ (୩୮) । ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ଝିଆଁ ରୁଙ୍କୁ ହେମ୍ବ୍ରମଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀଙ୍କ ଦେହାନ୍ତ ପରେ ହୀରା ଦୀର୍ଘ ୧୫ ବର୍ଷ ଧରି ପୁରିନ୍ଦା ଗ୍ରାମସ୍ଥ ନିଜ ମା’ ଚମ୍ପୁ ସୋରେନଙ୍କ ଘରେ ରହୁଥିଲେ । ରବିବାର ଟଙ୍କା ପଇସାକୁ ନେଇ ମା’ ଓ ଝିଅଙ୍କ ମଧ୍ୟରେ ବଚସା ହୋଇଥିଲା । ସୋମବାର ସକାଳେ ହୀରା କାମ କରିଥିବା ଲୋକଙ୍କଠାରୁ ଟଙ୍କା ଆଣିବାକୁ ଯାଉଛି କହି ଘରୁ ବାହାରିଥିଲେ। ମଧ୍ୟାହ୍ନ ସମୟରେ ସ୍ଥାନୀୟ ଲୋକେ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବାବେଳେ ଏକ ଶାଳ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ


ବେତନଟୀ, ୧୮।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ କେ.ସି.ପୁର ଫାଣ୍ଡି ଅଞ୍ଚଳରେ ବେଆଇନ ବାଲି ପରିବହନ ଅଭିଯୋଗରେ ଏକ ଟ୍ରାକ୍ଟର ଜବତ ହେବା ସହ ଏହାର ମାଲିକ ଓ ଚାଳକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି । ଗାଡ଼ି ମାଲିକ ନିୟମାନୁଯାୟୀ ଜରିମାନା ଦେଇ ମାମଲା ସମାଧାନ କରିବାକୁ ମନା କରିବାରୁ ଖଣି ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମୟୂରଭଞ୍ଜ ଜୁନିୟର ମାଇନିଂ ଅଫିସର ଭବାନୀ ଶଙ୍କର ପାତ୍ର କେ.ସି. ପୁର ଫାଣ୍ଡି ପରିଦର୍ଶନ କରି ସେଠାରେ ପୂର୍ବରୁ ଅଟକ ଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଆନୁଷ୍ଠାନିକ ଭାବେ ପୁନଃ ଜବତ କରି ସୁରକ୍ଷିତ ଭାବେ କେ.ସି.ପୁର ଫାଣ୍ଡି ହେପାଜତରେ ରଖିଥିଲେ। ପରେ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମାବଳୀ ଓଏମଏମସି ଆଇନ ୨୦୧୬ର ଧାରା ୫୧(୧),(୪) ଅଧୀନରେ ନିର୍ଦ୍ଧାରିତ ଜରିମାନା ପୈଠ କରି ମାମଲା ରଫାଦଫା କରିବାକୁ ଗାଡ଼ି ମାଲିକଙ୍କ ସହ ଯୋଗାଯୋଗ କରାଯାଇଥିଲା । ମାଲିକ ଉକ୍ତ ଜରିମାନା ଦେବାକୁ ମନା କରିଥିଲେ। ଖଣି ଅଧିକାରୀଙ୍କ ଲିଖିତ ଏତଲା କ୍ରମେ ବେତନଟୀ ଥାନା ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ ମାମଲା ରୁଜୁ କରିଛନ୍ତି । ଘଟଣାର ତଦନ୍ତ ଭାର ଏଏସଆଇ ରତ୍ନାକର ବାରିକଙ୍କୁ ନ୍ୟସ୍ତ କରାଯାଇଛି ।

## ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲା ଭଞ୍ଜସେନା

# ଡିଏସ୍‌ଡବ୍ଲୁଓ, ଡିଡବ୍ଲୁଓ ଓ ଡିଇଓଙ୍କୁ ଭେଟିଲେ ପ୍ରତିଷ୍ଠାତା

ବାରିପଦା, ୧୮।୮ (ସମିସ)

ବର୍ଷା ଓ ବନ୍ୟା ପରବର୍ତ୍ତୀ ସ୍ଥିତିରେ ମୟୂରଭଞ୍ଜ ଜିଲ୍ଲାର ଅଙ୍ଗନବାଡି କେନ୍ଦ୍ରଠାରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ମଙ୍ଗଳବାର ଭଞ୍ଜସେନା ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଆଦିବାସୀ ବହୁଳ ତଥା ଘଞ୍ଚ ଜଙ୍ଗଲ ପାହାଡ଼ ଘେରା ମୟୂରଭଞ୍ଜ ଜିଲ୍ଲାରେ ଶତକଡା ୮୦ ଭାଗରୁ ଉର୍ଦ୍ଧ୍ୱ ଗରିବ, ଖଟିଖିଆ, ଦିନମଜୁରିଆଙ୍କ ସହିତ ବହୁ ମଧ୍ୟବିତ୍ତ ପରିବାର ନିଜ ପିଲାଙ୍କୁ ଶିକ୍ଷିତ କରିବା ନିମନ୍ତେ ଅଙ୍ଗନବାଡି କେନ୍ଦ୍ରଠାରୁ ଆରମ୍ଭ କରି ଉଚ୍ଚପ୍ରାଥମିକ, ଉଚ୍ଚବିଦ୍ୟାଳୟ, କେଜିଭିବି ବାଳିକା ବିଦ୍ୟାଳୟ, ଆଦର୍ଶ ଓ ଏକଲବ୍ୟ ସ୍କୁଲ ସହିତ ଏସଟିଏସି/ମାଇନରଟି ବିଭାଗର ଆଶ୍ରମ, ଏସଏସଡି ବାଳିକା



ବିଦ୍ୟାଳୟ ଉପରେ ନିର୍ଭର କରନ୍ତି । ପ୍ରଥମତଃ ଉପଯୁକ୍ତ ଭିତ୍ତିଭୂମି, ଶିକ୍ଷକ/କର୍ମଚାରୀ ଅଭାବଠାରୁ ମୌଳିକ ବ୍ୟବସ୍ଥାର ସନ୍ତୁଳନ ବିଗଡିଯିବା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାର ପାଖାପାଖି ୮ ଲକ୍ଷରୁ ଉର୍ଦ୍ଧ୍ୱ ଗରିବ ଛାତ୍ରଛାତ୍ରୀ ଉନ୍ନତ ଶିକ୍ଷା ଗ୍ରହଣରୁ ବଞ୍ଚିତ ହେଉଛନ୍ତି ।

ଦୀର୍ଘଦିନ ଧରି ଲଗାଣ ବର୍ଷା ଯୋଗୁଁ ଘଞ୍ଚ ଜଙ୍ଗଲ ପାହାଡ଼ ଘେରା ମୟୂରଭଞ୍ଜରେ ବିଭିନ୍ନ ପ୍ରଜାତିର ବିଷାକ୍ତ ସରୀସୃପ ଓ କୀଟ ଶିକ୍ଷାନୁଷ୍ଠାନରେ ବିପଦ ସୃଷ୍ଟି କରୁଛନ୍ତି । ଏହାଦ୍ୱାରା ଗରିବ ମଧ୍ୟବିତ୍ତ ପରିବାରର ନିରୀହ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ଆଶଙ୍କା ଉପଲବ୍ଧି କରି ଆଜି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜିଲ୍ଲାର ସଦର ମହକୁମା ବାରିପଦାଠାରେ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପ୍ରମୁଖଙ୍କୁ ଭେଟି ଜିଲ୍ଲାର ୫୧୨୩ଟି ଅଙ୍ଗନୱାଡିଠାରୁ ଦ୍ୱାଦଶ ଶ୍ରେଣୀ ଶିକ୍ଷାଦାନ ବ୍ୟବସ୍ଥାରେ ସମସ୍ତ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ସରୀସୃପ ଓ ବିଷାକ୍ତ କୀଟଠାରୁ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ବିପଦସଙ୍କୁଳ ଶ୍ରେଣୀ ଗୃହରେ ଶିକ୍ଷାଦାନ କରିବା ପରିବର୍ତ୍ତେ କୌଣସି ସୁରକ୍ଷିତ ଜାଗାରେ ଶିକ୍ଷାଦାନ କରିବା, ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଉଭୟ ବାହାରେ ଓ କ୍ଲାସରୁମ୍‌ରେ ନିୟମିତ ବ୍ଲିଚିଙ୍ଗ ପାଉଡର, ସେନିଟାଇଜ ବ୍ଲାକ୍ ଫିନାଇଲ ସିଞ୍ଚନ କରିବା, ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବା ଓ ଭୋଜନ ପ୍ରଦାନ ସମୟରେ ସ୍ୱଚ୍ଛତାକୁ ସମ୍ପୂର୍ଣ୍ଣ ଗୁରୁତ୍ୱ ପ୍ରଦାନ କରିବା, ଅଙ୍ଗନବାଡିଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନର ଭିତର ଓ ବାହାରର ଫଟୋ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରିବା ସହିତ ଅନ୍ୟାନ୍ୟ ସମସ୍ତ ଆନୁସଙ୍ଗିକ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି। ତେବେ ବିଭାଗୀୟ ଜିଲ୍ଲା ପ୍ରମୁଖ ତାଙ୍କ ତରଫରୁ ପ୍ରଚେଷ୍ଟା କରୁଛନ୍ତି ଓ ଆଗକୁ ମଧ୍ୟ ଦାବିଗୁଡ଼ିକର ସଫଳ ସମାଧାନ ପାଇଁ ଶତପ୍ରତିଶତ ପ୍ରଚେଷ୍ଟା କରିବାର ଦୃଢ ପ୍ରତିଶ୍ରୁତି ଶ୍ରୀ ଜେନାଙ୍କୁ ଦେଇଛନ୍ତି ବୋଲି ଭଞ୍ଜସେନା ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

24001/410/2627

# ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No RDM-LAA-NGH-0004-2026**-31082 / **R&DM, Dated:20.07.2026**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ନୟାଗଡ ଜିଲ୍ଲାର ବୃଉଙ୍ଗ ଜଳ ସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ **ମୌଜା – ପେଁପରଡ଼ା** , ଥାନା- ଦଶପଲ୍ଲା ନଂ-୧୮୯, ତହସିଲ - ଦଶପଲ୍ଲା, ଜିଲ୍ଲା - **ନୟାଗଡ** ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୧୪୬.୩୭୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ବୃଉଙ୍ଗ ଜଳ ସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

**୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ନିର୍ବାହୀ ଯନ୍ତ୍ରୀ, ବୃଉଙ୍ଗ ଜଳ ସେଚନ ପ୍ରକଳ୍ପ, ଦଶପଲ୍ଲା ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** - ସାର୍ବଜନୀନ ଉଦ୍ଦେଶ୍ୟରେ ବୃଉଙ୍ଗ ଜଳ ସେଚନ ପ୍ରକଳ୍ପ, ଦଶପଲ୍ଲା ର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ପୁନଃବସତି ଓ ଥଇଥାନ ଅଧିକାରୀ, ବୃଉଙ୍ଗ ଜଳ ସେଚନ ପ୍ରକଳ୍ପ, ଦଶପଲ୍ଲା ।

**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ନୟାଗଡ | ଦଶପଲ୍ଲା | ପେଁପରଡ଼ା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୪୬.୩୭ | ଏ. ୧୪୬.୩୭ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ -ଅର୍ଜନ ଅଧିକାରୀ, ବୃଉଙ୍ଗ ଜଳ ସେଚନ ପ୍ରକଳ୍ପ, ଦଶପଲ୍ଲା ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ନୟାଗଡ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

### ଭୂମି ଅନୁସୂଚୀ

ମୌଜା-ପେଁପରଡ଼ା, ଥାନା ନମ୍ବର : ୧୮୯, ତହସିଲ ନମ୍ବର : ୨୧୭, ତହସିଲ : ଦଶପଲ୍ଲା, ଜିଲ୍ଲା : ନୟାଗଡ

ରୟତି ଜମି ସମ୍ବନ୍ଧୀୟ ବିବରଣୀ

| କ୍ର. ନ | ଖାତା ନମ୍ବର | ଜମି ରେକର୍ଡ ଧାରୀ ଙ୍କ ନାମ ଓ ଠିକଣା | ପ୍ଲଟ ନମ୍ବର | କିସମ | ମୋଟ ରକବା | ଭୂଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | କଳାମତୀ ମଳିକ, ବିମଳା ମଳିକ ପି: ଗୋବିନ୍ଦ ମଳିକ, ଲକ୍ଷ୍ମଣ ମଳିକ ପି: ରାଜନ ମଳିକ, ଯଜ୍ଞେଶ୍ୱର ମଳିକ ପି: ଯାଦବ ମଳିକ ଜା: କନ୍ଧ ବା: ଭଗାମୁଣ୍ଡା | ୬୭ | ତଇଲା ଏକ | ୦.୧୫ | ୦.୧୫ | |
| ୨ | ୩ | କୁମାରୀ କଅଁର ପି:ଭାର୍ଜନ ଦେହୁରୀ ଜା: କନ୍ଧ ବା: ଯରକିବାଡି | ୪୫୨ | ଶାରଦ ଏକ | ୦.୩୧ | ୦.୩୧ | |
| | | | ୧୮୧ | ଶାରଦ ଦୁଇ | ୦.୧୧ | ୦.୧୧ | |
| | | | ୨୦୬ | ଶାରଦ ଦୁଇ | ୦.୩୪ | ୦.୩୪ | |
| | | | ୨୩୨ | ତଇଲା ଏକ | ୦.୨୨ | ୦.୨୨ | |
| | | | ୧୪୯ | ଶାରଦ ଦୁଇ | ୦.୫୧ | ୦.୫୧ | |
| | | | ୧୫୭ | ଶାରଦ ଦୁଇ | ୦.୬୭ | ୦.୬୭ | |
| | | | ୨୨ | ଶାରଦ ଦୁଇ | ୦.୦୮ | ୦.୦୮ | |
| | | | ୨୪ | ଶାରଦ ଦୁଇ | ୦.୧୧ | ୦.୧୧ | |
| | | | ୩୭ | ଶାରଦ ଦୁଇ | ୦.୯୨ | ୦.୯୨ | |
| | | | ୪୧ | ଶାରଦ ଦୁଇ | ୦.୫୪ | ୦.୫୪ | |
| | | | ୩୫୭ | ଶାରଦ ଦୁଇ | ୦.୨୫ | ୦.୨୫ | |
| | | | ୯୧ | ଶାରଦ ତିନି | ୦.୧୫ | ୦.୧୫ | |
| | | | ୩ | ଶାରଦ ତିନି | ୦.୨୩ | ୦.୨୩ | |
| | | | ୧୩ | ଶାରଦ ତିନି | ୦.୨୩ | ୦.୨୩ | |
| | | | ୧୮ | ଶାରଦ ତିନି | ୦.୦୪ | ୦.୦୪ | |
| | | | ୧୦୧ | ତଇଲା ଏକ | ୦.୧୧ | ୦.୧୧ | |
| | | | ୫୫ | ତଇଲା ଏକ | ୦.୫୨ | ୦.୫୨ | |
| | | | ୮୯ | ତଇଲା ଏକ | ୦.୫୨ | ୦.୫୨ | |
| | | | ୫୪ | ତଇଲା ଦୁଇ | ୦.୨୦ | ୦.୨୦ | |
| | | | ୩୬ | ତଇଲା ଦୁଇ | ୦.୩୯ | ୦.୩୯ | |
| | | | ୪୩ | ଘରବାରି | ୦.୩୬ | ୦.୩୬ | |
| ୩ | ୪ | ସୁରେନ୍ଦ୍ର ଦେହୁରି, ଉଗ୍ରେସନ ଦେହୁରି ପି: ଜୟ ଦେହୁରି, ମୁକୁତା ଦେହୁରୀ ସ୍ୱା: ଶଙ୍କିର୍ଷନ ଦେହୁରୀ ଜା: କନ୍ଧ ବା: ନିଜଗାଁ | ୬ | ଶାରଦ ତିନି | ୦.୩୬ | ୦.୩୬ | |
| | | | ୧୯ | ଶାରଦ ତିନି | ୦.୧୬ | ୦.୧୬ | |
| | | | ୭ | ଛୋଟ ଜଙ୍ଗଲ | ୦.୪୮ | ୦.୪୮ | |
| ୪ | ୫ | ଜୟ ଦେହୁରି, ନକୁଳ ଦେହୁରି ପି: ନିଳାଦ୍ରି ଦେହୁରି, ସୁନାମତୀ ଦେହୁରି ସ୍ୱା: ମହେଶ୍ୱର ଦେହୁରି ଜା: କନ୍ଧ ବା: ନିଜଗାଁ | ୧୦୫ | ଘରବାରି | ୦.୦୭ | ୦.୦୭ | |
| | | | ୧୦୬ | ଘରବାରି | ୦.୦୭ | ୦.୦୭ | |
| | | | ୧୦୭ | ଘରବାରି | ୦.୦୭ | ୦.୦୭ | |
| ୫ | ୬ | ଜୟ ଦେହୁରୀ ପି: ଶଙ୍କିର୍ଷନ ଦେହୁରୀ, ମୁକୁତା ଦେହୁରୀ ସ୍ୱା: ସଙ୍କିର୍ଷନ.. ଦେହୁରୀ, ସୁନାମତୀ ଦେହୁରୀ ସ୍ୱା: ମହେଶ୍ୱର ଦେହୁରୀ, ଭଗବତୀ ଦେହୁରୀ, ସୋଭାମତୀ ଦେହୁରୀ ପି: ମହେଶ୍ୱର ଦେହୁରୀ, ନକୁଳ ଦେହୁରୀ ପି: ନିଳାଦ୍ରି ଦେହୁରୀ ଜା: କନ୍ଧ ବା: ନିଜଗାଁ | ୧୪ | ଶାରଦ ଦୁଇ | ୦.୧୫ | ୦.୧୫ | |
| | | | ୧୬ | ଶାରଦ ଦୁଇ | ୦.୩୮ | ୦.୩୮ | |
| | | | ୨୦ | ଶାରଦ ଦୁଇ | ୦.୨୩ | ୦.୨୩ | |
| | | | ୪୦ | ଶାରଦ ଦୁଇ | ୦.୪୬ | ୦.୪୬ | |
| | | | ୨୫୨ | ଶାରଦ ଦୁଇ | ୦.୦୭ | ୦.୦୭ | |
| | | | ୨୫୩ | ଶାରଦ ଦୁଇ | ୦.୦୭ | ୦.୦୭ | |
| | | | ୪୫୯ | ଶାରଦ ଦୁଇ | ୦.୪୩ | ୦.୪୩ | |
| | | | ୪୬୦ | ଶାରଦ ଦୁଇ | ୦.୨୩ | ୦.୨୩ | |
| | | | ୯୨ | ଶାରଦ ଦୁଇ | ୦.୩୯ | ୦.୩୯ | |
| | | | ୧୨୬ | ଶାରଦ ଦୁଇ | ୦.୮୬ | ୦.୮୬ | |
| | | | ୧୭ | ଶାରଦ ତିନି | ୦.୧୧ | ୦.୧୧ | |
| | | | ୯୫/୪୮୭ | ଶାରଦ ତିନି | ୦.୬୦ | ୦.୬୦ | |
| | | | ୧୧ | ଶାରଦ ତିନି | ୦.୧୯ | ୦.୧୯ | |
| | | | ୧୫ | ଶାରଦ ତିନି | ୦.୧୨ | ୦.୧୨ | |
| | | | ୮ | ଶାରଦ ତିନି | ୦.୫୧ | ୦.୫୧ | |
| | | | ୧୨ | ଶାରଦ ତିନି | ୦.୪୪ | ୦.୪୪ | |
| | | | ୭୧ | ତଇଲା ଏକ | ୦.୨୭ | ୦.୨୭ | |
| | | | ୧୨୪ | ତଇଲା ଏକ | ୦.୦୫ | ୦.୦୫ | |
| | | | ୧୮୨ | ଶାରଦ ତିନି | ୦.୧୪ | ୦.୧୪ | |
| | | | ୧୮୪ | ତଇଲା ଦୁଇ | ୧.୦୬ | ୧.୦୬ | |
| | | | ୧୮୯ | ଶାରଦ ଦୁଇ | ୦.୧୪ | ୦.୧୪ | |
| | | | ୨୩୧ | ତଇଲା ଏକ | ୦.୧୧ | ୦.୧୧ | |
| | | | ୧୯୬ | ଶାରଦ ଦୁଇ | ୦.୨୫ | ୦.୨୫ | |
| | | | ୧୬୧ | ତଇଲା ଏକ | ୦.୦୭ | ୦.୦୭ | |
| | | | ୮୬ | ଘରବାରି | ୦.୦୧ | ୦.୦୧ | |
| ୬ | ୯ | ଜଳେଶ୍ୱର ପଧାନ, ମହେଶ୍ୱର ପଧାନ ପି: ଗୁରୁବାରି ପଧାନ ଜା: କନ୍ଧ ବା: ମୁଣ୍ଡୁଳି | ୧୦୦ | ଶାରଦ ଦୁଇ | ୦.୩୯ | ୦.୩୯ | |
| ୭ | 10 | ଯୁଯେଷ୍ଟି ନାଏକ, ଚନ୍ଦ୍ରମଣି ନାଏକ, ଇନ୍ଦ୍ରମଣି ନାଏକ, ସୂର୍ଯ୍ୟମଣି ନାଏକ ପି: ଦାସ ନାଏକ, ରେବତୀ ନାଏକ ସ୍ୱା: ଦାସ ନାଏକ ଜା: ପାଣ ବା: ନିଜଗାଁ | ୪୩୭ | ଶାରଦ ଏକ | ୦.୨୬ | ୦.୨୬ | |
| | | | ୪୩୬ | ଶାରଦ ଦୁଇ | ୦.୩୬ | ୦.୩୬ | |
| | | | ୨୧୪ | ଶାରଦ ଦୁଇ | ୦.୨୩ | ୦.୨୩ | |
| | | | ୨୧୧ | ଶାରଦ ତିନି | ୦.୩୦ | ୦.୩୦ | |
| | | | ୧୯୮ | ଶାରଦ ଦୁଇ | ୦.୩୬ | ୦.୩୬ | |
| | | | ୫୧ | ଘରବାରି | ୦.୨୭ | ୦.୨୭ | |
| ୮ | ୧୧ | ଯୋଗେନ୍ଦ୍ର ଦେହୁରୀ ପି: ଶିଶୁ ଦେହୁରୀ, ରବୀନ୍ଦ୍ର ଦେହୁରୀ, ଛବିନ୍ଦ୍ର ଦେହୁରୀ, କବିଚନ୍ଦ୍ର ଦେହୁରୀ ପି: ଉପେନ୍ଦ୍ର ଦେହୁରୀ, ମହାଦେଇ ଦେହୁରୀ ସ୍ୱା: ଶିଶୁ ଦେହୁରୀ ଜା: କନ୍ଧ ବା: ନିଜଗାଁ | ୨୪୯ | ଶାରଦ ଦୁଇ | ୦.୧୭ | ୦.୧୭ | |
| | | | ୨୭୦ | ଶାରଦ ଦୁଇ | ୦.୨୦ | ୦.୨୦ | |
| | | | ୨୭୩ | ଶାରଦ ଦୁଇ | ୦.୦୮ | ୦.୦୮ | |
| | | | ୨୭୭ | ଶାରଦ ଦୁଇ | ୦.୩୬ | ୦.୩୬ | |
| | | | ୧୪୧ | ଶାରଦ ଦୁଇ | ୦.୧୯ | ୦.୧୯ | |
| | | | ୧୪୫ | ଶାରଦ ଦୁଇ | ୦.୧୦ | ୦.୧୦ | |
| | | | ୧୫୬ | ଶାରଦ ଦୁଇ | ୦.୧୬ | ୦.୧୬ | |
| | | | ୧୭୧ | ଶାରଦ ଦୁଇ | ୦.୧୪ | ୦.୧୪ | |
| | | | ୩୫୮ | ଶାରଦ ଦୁଇ | ୦.୧୫ | ୦.୧୫ | |
| | | | ୩୫୯ | ଶାରଦ ଦୁଇ | ୦.୨୦ | ୦.୨୦ | |
| | | | ୩୬୦ | ଶାରଦ ଦୁଇ | ୦.୧୭ | ୦.୧୭ | |
| | | | ୩୯୧ | ଶାରଦ ଦୁଇ | ୦.୧୫ | ୦.୧୫ | |
| | | | ୪୩୪/୪୯୫ | ଶାରଦ ତିନି | ୦.୨୩ | ୦.୨୩ | |
| | | | ୪୫୬ | ଶାରଦ ତିନି | ୦.୫୨ | ୦.୫୨ | |
| | | | ୪୫୮ | ଶାରଦ ତିନି | ୦.୩୫ | ୦.୩୫ | |
| | | | ୨୭୭/୪୯୩ | ଶାରଦ ତିନି | ୦.୧୩ | ୦.୧୩ | |
| | | | ୧୫୯ | ଶାରଦ ତିନି | ୦.୦୬ | ୦.୦୬ | |
| | | | ୧୬୬ | ଶାରଦ ତିନି | ୦.୧୨ | ୦.୧୨ | |
| | | | ୨୮୧ | ଶାରଦ ତିନି | ୦.୨୦ | ୦.୨୦ | |
| | | | ୨୯୧ | ତଇଲା ଏକ | ୦.୩୪ | ୦.୩୪ | |
| | | | ୨୨୯ | ତଇଲା ଏକ | ୦.୧୧ | ୦.୧୧ | |
| | | | ୨୪୫ | ତଇଲା ଏକ | ୦.୫୪ | ୦.୫୪ | |
| | | | ୧୫୮ | ତଇଲା ଏକ | ୦.୧୦ | ୦.୧୦ | |
| | | | ୧୫୧ | ତଇଲା ଏକ | ୦.୧୮ | ୦.୧୮ | |
| | | | ୩୪୫ | ଶାରଦ ଏକ | ୦.୩୨ | ୦.୩୨ | |
| | | | ୩୫୦ | ଶାରଦ ଦୁଇ | ୦.୨୦ | ୦.୨୦ | |
| | | | ୩୫୩ | ଶାରଦ ଦୁଇ | ୦.୦୮ | ୦.୦୮ | |
| | | | ୧୨୧/୪୮୯ | ତଇଲା ଦୁଇ | ୦.୦୪ | ୦.୦୪ | |
| ୯ | ୧୩ | ଦୁର୍ଯ୍ୟୋଧନ ସାହୁ ପି: ହରି ସାହୁ, ରଙ୍କନିଧି ସାହୁ, ବାସୁଦେବ ସାହୁ ପି: ବୈଷ୍ଣବ ସାହୁ ଜା: ଶୁଣ୍ଡି ବା: ମଞ୍ଜାରି | ୪୦୯ | ଶାରଦ ଏକ | ୦.୪୮ | ୦.୪୮ | |
| | | | ୪୧୦ | ଶାରଦ ଏକ | ୦.୨୦ | ୦.୨୦ | |
| | | | ୩୪୩ | ଶାରଦ ଏକ | ୦.୦୬ | ୦.୦୬ | |
| | | | ୪୧୧ | ଶାରଦ ଏକ | ୦.୨୭ | ୦.୨୭ | |
| | | | ୪୧୭ | ଶାରଦ ଦୁଇ | ୦.୧୪ | ୦.୧୪ | |
| | | | ୩୯୨ | ଶାରଦ ଦୁଇ | ୦.୧୬ | ୦.୧୬ | |
| | | | ୪୦୮ | ଶାରଦ ଦୁଇ | ୦.୬୬ | ୦.୬୬ | |
| ୧୦ | ୧୪ | ଦେବାର ନାଏକ ପି:ଦଣ୍ଡୁଆ ନାଏକ ଜା: ପାଣ ବା: ନିଜଗାଁ | ୬୫ | ଘରବାରି | ୦.୦୨ | ୦.୦୨ | |
| ୧୧ | ୧୫ | କୃଷ୍ଣଚନ୍ଦ୍ର ଦେହୁରି, ପ୍ରତାପ କୁମାର ଦେହୁରି, ସୁଷମା କହଁର, ତିଳୋତମା ଦେହୁରି, ରୀତିମା ମଳିକ ପି: ନକୁଳ ଦେହୁରି ଜା: କନ୍ଧ ବା: ନିଜଗାଁ | ୧୦୪/୪୮୫ | ଘରବାରି | ୦.୦୪ | ୦.୦୪ | |
| ୧୨ | ୧୬ | ନକୁଳ ଦେହୁରୀ ପି: ନିଳାଦ୍ରି ଦେହୁରୀ, ଭଗବତୀ ଦେହୁରୀ, ଶୋଭାବତୀ ଦେହୁରୀ ପି: ମହେଶ୍ୱର ଦେହୁରୀ, ସୁନାମତୀ ଦେହୁରୀ ସ୍ୱା: ମହେଶ୍ୱର ଦେହୁରୀ ଜା: କନ୍ଧ ବା: ନିଜଗାଁ | ୨୫ | ଶାରଦ ତିନି | ୦.୪୪ | ୦.୪୪ | |
| | | | ୯୫ | ଶାରଦ ତିନି | ୦.୮୭ | ୦.୮୭ | |
| | | | ୯୬ | ଶାରଦ ତିନି | ୦.୫୧ | ୦.୫୧ | |
| | | | ୯୮ | ତଇଲା ଏକ | ୦.୯୮ | ୦.୯୮ | |
| | | | ୯୪ | ତଇଲା ଏକ | ୧.୬୦ | ୧.୬୦ | |
| | | | ୨୬ | ତଇଲା ଦୁଇ | ୦.୪୪ | ୦.୪୪ | |
| | | | ୯୯ | ତଇଲା ଦୁଇ | ୨.୬୪ | ୨.୬୪ | |
| | | | ୯୭ | ଘରବାରି | ୦.୦୫ | ୦.୦୫ | |
| ୧୩ | ୧୭ | ନିରଞ୍ଜନ ସାହୁ ପି:ବୃନ୍ଦାବନ ସାହୁ ଜା: ଶୁଣ୍ଡି ବା: ନିଜଗାଁ | ୩୨ | ଶାରଦ ଦୁଇ | ୦.୫୯ | ୦.୫୯ | |
| | | | ୨୯ | ତଇଲା ଦୁଇ | ୦.୪୧ | ୦.୪୧ | |
| ୧୪ | ୧୮ | ନିରଞ୍ଜନ ସାହୁ ପି: ବୃନ୍ଦାବନ ସାହୁ ଜା: ଶୁଣ୍ଡି ବା: ମଞ୍ଜାରି, ସୁଚିତ୍ରା ସାହୁ ସ୍ୱା: ବିଶ୍ୱମ୍ବର ସାହୁ, ଅରୁଣ କୁମାର ସାହୁ, ଅଶ୍ୱିନୀ କୁମାର ସାହୁ ପି: ବିଶ୍ୱମ୍ବର ସାହୁ ଜା: ଶୁଣ୍ଡି ବା: ଜାମୁସାହି | ୩୪୨ | ଶାରଦ ଏକ | ୦.୦୯ | ୦.୦୯ | |
| | | | ୪୦୧ | ଶାରଦ ଏକ | ୦.୮୯ | ୦.୮୯ | |
| | | | ୪୦୭/୪୯୮ | ଶାରଦ ଦୁଇ | ୦.୫୭ | ୦.୫୭ | |
| ୧୫ | ୧୯ | ପାଣୁ ଜାନି ପି:ମହେଶ୍ୱର ଜାନି ଜା: କନ୍ଧ ବା: ନିଜଗାଁ | ୧୩୩ | ଶାରଦ ତିନି | ୦.୨୩ | ୦.୨୩ | |
| | | | ୧୮୩ | ତଇଲା ଦୁଇ | ୦.୮୫ | ୦.୮୫ | |
| | | | ୧୮୫ | ତଇଲା ଦୁଇ | ୦.୧୫ | ୦.୧୫ | |
| ୧୬ | ୨୦ | ଗୋପବନ୍ଧୁ ଦେହୁରି ପି: ଫଗୁଚରଣ ଦେହୁରି, ମଙ୍ଗୁଳି ଦେହୁରୀ, ସନ୍ୟାସି ଦେହୁରୀ ପି: କହ୍ନେଇ ଦେହୁରୀ, ବିନୋଦିନୀ ଦେହୁରି ସ୍ୱା: ପ୍ରଫୁଲ୍ଲ ଦେହୁରି, କମିଶନ ଦେହୁରି, ଯୋଗେଶ୍ୱର ଦେହୁରି ପି: ପ୍ରଫୁଲ୍ଲ ଦେହୁରି ଜା: କନ୍ଧ ବା: ନିଜଗାଁ | ୧୩୯ | ଶାରଦ ଦୁଇ | ୦.୧୦ | ୦.୧୦ | |
| | | | ୧୪୪ | ଶାରଦ ଦୁଇ | ୦.୧୧ | ୦.୧୧ | |
| | | | ୧୫୫ | ଶାରଦ ଦୁଇ | ୦.୧୬ | ୦.୧୬ | |
| | | | ୨୭୯ | ଶାରଦ ଦୁଇ | ୦.୧୧ | ୦.୧୧ | |
| | | | ୧୩୭/୪୭୪ | ଶାରଦ ଦୁଇ | ୦.୧୫ | ୦.୧୫ | |
| | | | ୨୨୩/୪୮୧ | ଶାରଦ ଦୁଇ | ୦.୩୫ | ୦.୩୫ | |
| | | | ୨୨୧/୪୮୩ | ଶାରଦ ଦୁଇ | ୦.୧୨ | ୦.୧୨ | |
| | | | ୨୬୭ | ଶାରଦ ତିନି | ୦.୧୪ | ୦.୧୪ | |
| | | | ୨୯୩ | ତଇଲା ଏକ | ୦.୩୪ | ୦.୩୪ | |
| | | | ୨୯୭ | ତଇଲା ଏକ | ୦.୪୯ | ୦.୪୯ | |
| | | | ୧୧୯/୪୭୩ | ଘରବାରି | ୦.୦୫ | ୦.୦୫ | |
| ୧୭ | ୨୧ | ସୁମିତ୍ରା ଦେହୁରି ସ୍ୱା: ବନ୍ଧୁଆ ଦେହୁରି, ଅଶୋକ ଦେହୁରି, ଆରତ ଦେହୁରି ପି: ବନ୍ଧୁଆ ଦେହୁରି, ବିରବର ଦେହୁରୀ ପି: କଦମ୍ବ ଦେହୁରୀ ଜା: କନ୍ଧ ବା: ନିଜଗାଁ | ୧୩୭ | ଶାରଦ ଦୁଇ | ୦.୧୯ | ୦.୧୯ | |
| | | | ୧୩୯/୪୭୭ | ଶାରଦ ଦୁଇ | ୦.୦୩ | ୦.୦୩ | |
| | | | ୨୧୯ | ଶାରଦ ଦୁଇ | ୦.୧୩ | ୦.୧୩ | |
| | | | ୧୫୫/୪୮୦ | ଶାରଦ ଦୁଇ | ୦.୧୪ | ୦.୧୪ | |
| | | | ୨୮୦ | ଶାରଦ ଦୁଇ | ୦.୧୧ | ୦.୧୧ | |
| | | | ୨୬୮ | ଶାରଦ ତିନି | ୦.୧୩ | ୦.୧୩ | |
| | | | ୨୯୩/୪୮୨ | ତଇଲା ଏକ | ୦.୩୪ | ୦.୩୪ | |
| | | | ୨୯୮ | ତଇଲା ଏକ | ୦.୧୦ | ୦.୧୦ | |
| | | | ୨୨୪ | ତଇଲା ଦୁଇ | ୦.୧୧ | ୦.୧୧ | |
| | | | ୨୯୫ | ତଇଲା ଦୁଇ | ୦.୨୨ | ୦.୨୨ | |
| | | | ୧୧୯ | ଘରବାରି | ୦.୦୫ | ୦.୦୫ | |
| ୧୮ | ୨୨ | ବାସୁଦେବ ଯାନୀ, ତୁଳସୀ ଯାନୀ ପି: ରେଞ୍ଜା ଯାନୀ, ନୃପତି ଯାନୀ ସ୍ୱା: ରେଞ୍ଜା ଯାନୀ ଜା: କନ୍ଧ ବା: ନିଜଗାଁ | ୩୯୫ | ଶାରଦ ଏକ | ୦.୮୨ | ୦.୮୨ | |
| | | | ୪୨୮ | ଶାରଦ ଏକ | ୨.୪୨ | ୨.୪୨ | |
| | | | ୪୩୧ | ଶାରଦ ଦୁଇ | ୧.୨୫ | ୧.୨୫ | |
| | | | ୩୪ | ଶାରଦ ଦୁଇ | ୦.୮୫ | ୦.୮୫ | |
| | | | ୧୪୭ | ଶାରଦ ଦୁଇ | ୦.୪୧ | ୦.୪୧ | |
| | | | ୧୫୦ | ଶାରଦ ତିନି | ୦.୩୩ | ୦.୩୩ | |
| | | | ୩୫ | ଶାରଦ ତିନି | ୦.୧୭ | ୦.୧୭ | |
| | | | ୪୩୨ | ଶାରଦ ତିନି | ୧.୫୪ | ୧.୫୪ | |
| | | | ୪୪୨ | ଶାରଦ ତିନି | ୦.୬୪ | ୦.୬୪ | |
| | | | ୪୪୩ | ତଇଲା ଏକ | ୦.୩୩ | ୦.୩୩ | |
| | | | ୭୩ | ତଇଲା ଏକ | ୦.୫୮ | ୦.୫୮ | |
| | | | ୧୫୨ | ତଇଲା ଏକ | ୦.୨୦ | ୦.୨୦ | |
| | | | ୨୯୦ | ତଇଲା ଏକ | ୦.୪୫ | ୦.୪୫ | |
| | | | ୭୮ | ଘରବାରି | ୦.୧୦ | ୦.୧୦ | |
| | | | ୫୩ | ଘରବାରି | ୦.୦୫ | ୦.୦୫ | |
| ୧୯ | ୨୩ | ଋଷି କୁମାର ନାଏକ ପି: ବିଦେଶୀ ନାଏକ, ଦୟାନିଧି ନାଏକ, କୃପାନିଧି ନାଏକ, ଉଲ୍ଲାସ ନାଏକ, ବୈଦେହୀ ନାଏକ ପି: ସହଦେବ ନାଏକ, କମଳା ନାଏକ ସ୍ୱା: ସତ୍ୟବାନ ନାଏକ, ମନୋଜ ନାଏକ, ସମୀର ନାଏକ ପି: ସତ୍ୟବାନ ନାଏକ ଜା: ପାଣ ବା: ନିଜଗାଁ | ୪୬ | ତଇଲା ଏକ | ୦.୦୭ | ୦.୦୭ | |
| | | | ୫୦ | ଘରବାରି | ୦.୦୬ | ୦.୦୬ | |
| ୨୦ | ୨୪ | ବିରବର ଦେହୁରୀ ପି: କଦମ୍ବ ଦେହୁରୀ, ସୁମିତ୍ରା ଦେହୁରି ସ୍ୱା: ବନ୍ଧୁଆ ଦେହୁରି, ଅଶୋକ ଦେହୁରି, ଆରତ ଦେହୁରି ପି: ବନ୍ଧୁଆ ଦେହୁରି ଜା: କନ୍ଧ ବା: ନିଜଗାଁ | ୭୪ | ତଇଲା ଏକ | ୦.୨୦ | ୦.୨୦ | |
| ୨୧ | ୨୫ | ଅଲେଖ ଦେହୁରି, ସରସ୍ୱତୀ ମାଝି, ଅପର୍ତ୍ତି ନାୟକ ପି: ବିଶ୍ୱମ୍ବର ଦେହୁରି ଜା: କନ୍ଧ ବା: ନିଜଗାଁ | ୪୫୧ | ଶାରଦ ଏକ | ୦.୩୯ | ୦.୩୯ | |
| | | | ୧୮୦ | ଶାରଦ ଦୁଇ | ୦.୨୧ | ୦.୨୧ | |
| | | | ୨୩୦ | ତଇଲା ଏକ | ୦.୧୪ | ୦.୧୪ | |
| | | | ୧୮୮ | ଶାରଦ ଦୁଇ | ୦.୨୦ | ୦.୨୦ | |
| | | | ୨୫୧ | ଶାରଦ ଦୁଇ | ୦.୨୦ | ୦.୨୦ | |
| | | | ୯୩ | ଶାରଦ ଦୁଇ | ୦.୮୨ | ୦.୮୨ | |
| | | | ୨୩ | ଶାରଦ ଦୁଇ | ୧.୧୬ | ୧.୧୬ | |
| | | | ୩୯ | ଶାରଦ ଦୁଇ | ୦.୪୯ | ୦.୪୯ | |
| | | | ୧୭୬ | ଶାରଦ ତିନି | ୦.୧୩ | ୦.୧୩ | |
| | | | ୭୨ | ତଇଲା ଏକ | ୦.୨୧ | ୦.୨୧ | |
| | | | ୧୦୨ | ଘରବାରି | ୦.୦୬ | ୦.୦୬ | |
| | | | ୧୦୩ | ଘରବାରି | ୦.୧୨ | ୦.୧୨ | |
| | | | ୧୦୪ | ଘରବାରି | ୦.୦୭ | ୦.୦୭ | |
| | | | ୮୭/୪୬୮ | ଘରବାରି | ୦.୦୨ | ୦.୦୨ | |
| ୨୨ | ୨୬ | ଶ୍ରୀ ଗ୍ରାମଶ୍ରୁଣୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ :,ଗ୍ରାମବାସିଙ୍କ ପକ୍ଷେ ବା:, ବେନୁ ଜାନୀ ପି: ଡମେଇ ଜାନୀ ଜା: କନ୍ଧ ବା: ନିଜଗାଁ | ୧୬୯ | ଶାରଦ ଦୁଇ | ୦.୬୬ | ୦.୬୬ | |
| ୨୩ | ୨୭ | ଶ୍ରୀ ବାନ୍ଦେରୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ :,ଗ୍ରାମବାସି ପକ୍ଷେ ବା:, ବେନୁ ଜାନୀ ପି: ଡମେଇ ଜାନୀ ଜା: କନ୍ଧ ବା: ନିଜଗାଁ | ୮୧ | ଦେବସ୍ଥଳି | ୦.୦୧ | ୦.୦୧ | |
| ୨୪ | ୨୮ | ଶ୍ରୀ ମାଟିମା ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ :,ଗ୍ରାମବାସି ପକ୍ଷେ ବା:, ବେନୁ ଜାନୀ ପି: ଡମେଇ ଜାନୀ ଜା: କନ୍ଧ ବା: ନିଜଗାଁ | ୨୫୯ | ଦେବସ୍ଥଳି | ୦.୯୮ | ୦.୯୮ | |
| ୨୫ | ୨୯ | ବେନୁ ଯାନୀ ପି:ଡମେଇ ଯାନୀ ଜା: କନ୍ଧ ବା: ନିଜଗାଁ | ୧୦୮ | ଘରବାରି | ୦.୧୧ | ୦.୧୧ | |
| | | | ୧୦୯ | ଘରବାରି | ୦.୦୬ | ୦.୦୬ | |
| ୨୬ | ୩୦ | ନୃପତି ଜାନି ସ୍ୱା: ଗୌରଚନ୍ଦ୍ର ଜାନି, ସତ୍ୟନାରାୟଣ ଜାନି, ବିରଞ୍ଚି ନାରାୟଣ ଜାନି, ସୁକାନ୍ତି ମଳିକ, ଶାନ୍ତିଲତା ମାଝି, ସୁମତି ଜାନି, ବାସନ୍ତୀ ଜାନି ପି: ଗୌରଚନ୍ଦ୍ର ଜାନି, ଫୁଲ ଯାନୀ ପି: ଦଣ୍ଡୁ ଯାନୀ, ସୁମିତ୍ରା ଯାନୀ ସ୍ୱା: ଦଣ୍ଡୁ ଯାନୀ ଜା: କନ୍ଧ ବା: ନିଜଗାଁ | ୨୩୫ | ଶାରଦ ଦୁଇ | ୦.୨୫ | ୦.୨୫ | |
| | | | ୩୦୧ | ଶାରଦ ଦୁଇ | ୧.୩୬ | ୧.୩୬ | |
| | | | ୩୦୩ | ଶାରଦ ଦୁଇ | ୦.୨୮ | ୦.୨୮ | |
| | | | ୩୧୦ | ଶାରଦ ଦୁଇ | ୦.୨୯ | ୦.୨୯ | |
| | | | ୩୧୫ | ଶାରଦ ଦୁଇ | ୨.୧୮ | ୨.୧୮ | |
| | | | ୧୨୫ | ଶାରଦ ଦୁଇ | ୦.୪୧ | ୦.୪୧ | |
| | | | ୩୩୩ | ଶାରଦ ତିନି | ୦.୪୯ | ୦.୪୯ | |
| | | | ୩୦୮ | ଶାରଦ ତିନି | ୦.୧୬ | ୦.୧୬ | |
| | | | ୪ | ଶାରଦ ତିନି | ୦.୪୪ | ୦.୪୪ | |
| | | | ୫ | ଶାରଦ ତିନି | ୦.୧୩ | ୦.୧୩ | |
| | | | ୧୨୭ | ଶାରଦ ତିନି | ୦.୨୫ | ୦.୨୫ | |
| | | | ୧୨୮ | ଶାରଦ ତିନି | ୦.୮୫ | ୦.୮୫ | |
| | | | ୧୨୩ | ତଇଲା ଏକ | ୦.୦୭ | ୦.୦୭ | |
| | | | ୨୫୬ | ତଇଲା ଏକ | ୦.୧୫ | ୦.୧୫ | |
| | | | ୧ | ତଇଲା ଏକ | ୧.୧୬ | ୧.୧୬ | |
| | | | ୩୧୩ | ଶାରଦ ଦୁଇ | ୦.୭୧ | ୦.୭୧ | |
| | | | ୩୧୮ | ଶାରଦ ତିନି | ୧.୩୩ | ୧.୩୩ | |
| | | | ୮୬ | ଘରବାରି | ୦.୦୧ | ୦.୦୧ | |
| ୨୭ | ୩୧ | ଭରତ ନାଏକ ପି: ବୈରାଗି ନାଏକ ଜା: ପାଣ ବା: ଭଗାମୁଣ୍ଡା, ଯୁଯେଷ୍ଟି ନାଏକ, ଚନ୍ଦ୍ରମଣି ନାଏକ, ଇନ୍ଦ୍ରମଣି ନାଏକ, ସୂର୍ଯ୍ୟମଣି ନାଏକ ପି: ଦାସ ନାଏକ, ରେବତୀ ନାଏକ ସ୍ୱା: ଦାସ ନାଏକ ଜା: ପାଣ ବା: ନିଜଗାଁ | ୬୦ | ଶାରଦ ଦୁଇ | ୦.୧୭ | ୦.୧୭ | |
| | | | ୬୨ | ଶାରଦ ଦୁଇ | ୦.୩୮ | ୦.୩୮ | |
| | | | ୬୩ | ଶାରଦ ଦୁଇ | ୦.୩୭ | ୦.୩୭ | |
| | | | ୬୪ | ଶାରଦ ତିନି | ୦.୩୫ | ୦.୩୫ | |
| | | | ୯ | ଶାରଦ ତିନି | ୦.୨୯ | ୦.୨୯ | |
| | | | ୫୯ | ଶାରଦ ତିନି | ୦.୩୧ | ୦.୩୧ | |
| | | | ୬୬ | ତଇଲା ଏକ | ୦.୨୦ | ୦.୨୦ | |
| | | | ୫୮ | ତଇଲା ଦୁଇ | ୦.୮୩ | ୦.୮୩ | |
| | | | ୨୭୨ | ତଇଲା ଦୁଇ | ୧.୩୭ | ୧.୩୭ | |
| | | | ୬୧ | ତଇଲା ଦୁଇ | ୦.୨୯ | ୦.୨୯ | |
| ୨୮ | ୩୨ | ମଦନା ମଳିକ ସ୍ୱା: ଅନନ୍ତ ମଳିକ, ନୟନା ମଳିକ, ଲାବଣ୍ୟ ମଳିକ ପି: ଅନନ୍ତ ମଳିକ, ସୁକ.. ମଳିକ ସ୍ୱା: ହାଡିଆ ମଳିକ ଜା: କନ୍ଧ ବା: ନିଜଗାଁ | ୧୯୭ | ଶାରଦ ଦୁଇ | ୦.୪୯ | ୦.୪୯ | |
| | | | ୨୧୫ | ଶାରଦ ଦୁଇ | ୨.୧୨ | ୨.୧୨ | |
| | | | ୨୧୩ | ଶାରଦ ତିନି | ୦.୮୩ | ୦.୮୩ | |
| | | | ୨୪୩ | ତଇଲା ଏକ | ୦.୨୨ | ୦.୨୨ | |
| | | | ୨୧୬ | ତଇଲା ଦୁଇ | ୦.୪୧ | ୦.୪୧ | |
| | | | ୧୭୭ | ଶାରଦ ତିନି | ୦.୨୪ | ୦.୨୪ | |
| | | | ୮୫ | ଘରବାରି | ୦.୦୨ | ୦.୦୨ | |
| | | | ୨୩୩ | ତଇଲା ଏକ | ୦.୫୩ | ୦.୫୩ | |
| ୨୯ | ୩୩ | ହରିହର ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ, ସୁଲୋଚନା ନାଏକ ପି: ଉଦୟନାଥ ନାଏକ, କୃଷ୍ଣ ଚନ୍ଦ୍ର ନାଏକ, ତିଳୋତମା ନାଏକ ପି: ବିଶ୍ୱନାଥ ନାଏକ, କିଶୋରୀ ନାଏକ, ପ୍ରତିମା ନାଏକ, କମଳା ନାଏକ ପି: ସୋମନାଥ ନାଏକ, କୁନି ନାଏକ ପି: କଣ୍ଡ ନାଏକ, ବନିତା ନାଏକ ସ୍ୱା: ଦେବ ନାଏକ, ବିକାଶ ନାଏକ, ସୁନିମା ନାଏକ ପି: ଦେବ ନାଏକ, ମଉନା ନାଏକ ସ୍ୱା: ନାଭ ନାଏକ, ଅଶ୍ୱିନୀ ନାଏକ, ଶିବାନୀ ନାଏକ ପି: ନାଭ ନାଏକ, ସୁଲ ନାଏକ ପି: ଭାଲୁ ନାଏକ, ପଦ୍ମ ଚରଣ ବେହେରା, ଗୁପ୍ତ ଚରଣ ବେହେରା ପି: ବାନାମ୍ବର ବେହେରା ଜା: ପାଣ ବା: ନିଜିଗାଁ | ୩୭୯ | ଶାରଦ ଏକ | ୦.୯୧ | ୦.୯୧ | |
| | | | ୩୭୧ | ଶାରଦ ଏକ | ୦.୫୨ | ୦.୫୨ | |
| | | | ୪୦୭ | ଶାରଦ ଦୁଇ | ୦.୧୭ | ୦.୧୭ | |
| | | | ୩୮୩ | ଶାରଦ ଦୁଇ | ୦.୩୩ | ୦.୩୩ | |
| | | | ୩୬୯ | ଶାରଦ ଦୁଇ | ୦.୨୮ | ୦.୨୮ | |
| | | | ୩୭୦ | ଶାରଦ ଦୁଇ | ୦.୨୯ | ୦.୨୯ | |
| | | | ୩୭୭ | ଶାରଦ ଦୁଇ | ୦.୩୩ | ୦.୩୩ | |
| | | | ୩୭୮ | ଶାରଦ ଦୁଇ | ୦.୧୮ | ୦.୧୮ | |
| | | | ୪୭ | ତଇଲା ଏକ | ୦.୦୫ | ୦.୦୫ | |
| | | | ୩୮୨ | ତଇଲା ଏକ | ୦.୩୬ | ୦.୩୬ | |
| | | | ୪୯ | ଘରବାରି | ୦.୦୪ | ୦.୦୪ | |
| ୩୦ | ୩୪ | ରଘୁନାଥ ଦେହୁରୀ, ଉଦ୍ୟନାଥ ଦେହୁରୀ, ସୋମନାଥ ଦେହୁରୀ, ଲୋକନାଥ ଦେହୁରୀ ପି: ବୋଡା ଦେହୁରୀ ଜା: କନ୍ଧ ବା: ନିଜଗାଁ | ୧୭୨ | ଶାରଦ ଦୁଇ | ୦.୪୯ | ୦.୪୯ | |
| | | | ୧୭୪ | ଶାରଦ ଦୁଇ | ୦.୨୦ | ୦.୨୦ | |
| | | | ୨୦୪ | ଶାରଦ ଦୁଇ | ୦.୨୪ | ୦.୨୪ | |
| | | | ୨୦୭ | ଶାରଦ ଦୁଇ | ୧.୧୭ | ୧.୧୭ | |
| | | | ୨୧୭ | ଶାରଦ ଦୁଇ | ୦.୫୮ | ୦.୫୮ | |
| | | | ୨୨୧ | ଶାରଦ ଦୁଇ | ୦.୪୨ | ୦.୪୨ | |
| | | | ୨୨୨ | ଶାରଦ ଦୁଇ | ୦.୫୬ | ୦.୫୬ | |
| | | | ୧୪୦ | ଶାରଦ ଦୁଇ | ୦.୨୫ | ୦.୨୫ | |
| | | | ୨୬୬ | ଶାରଦ ଦୁଇ | ୦.୪୯ | ୦.୪୯ | |
| | | | ୨୬୯ | ଶାରଦ ଦୁଇ | ୦.୬୫ | ୦.୬୫ | |
| | | | ୨୮୫ | ଶାରଦ ଦୁଇ | ୦.୮୯ | ୦.୮୯ | |
| | | | ୩୨୭ | ଶାରଦ ଦୁଇ | ୦.୩୭ | ୦.୩୭ | |
| | | | ୪୪୭ | ଶାରଦ ଦୁଇ | ୦.୨୪ | ୦.୨୪ | |
| | | | ୪୬୫ | ଶାରଦ ଦୁଇ | ୦.୨୧ | ୦.୨୧ | |
| | | | ୪୩୯ | ଶାରଦ ତିନି | ୦.୩୬ | ୦.୩୬ | |
| | | | ୧୬୫ | ଶାରଦ ତିନି | ୦.୧୧ | ୦.୧୧ | |
| | | | ୨୯୪ | ତଇଲା ଏକ | ୦.୭୦ | ୦.୭୦ | |
| | | | ୧୬୦ | ତଇଲା ଏକ | ୦.୦୬ | ୦.୦୬ | |
| | | | ୧୨୦ | ତଇଲା ଏକ | ୦.୪୨ | ୦.୪୨ | |
| | | | ୨୩୯ | ତଇଲା ଏକ | ୦.୪୪ | ୦.୪୪ | |
| | | | ୨୪୧ | ତଇଲା ଏକ | ୦.୦୬ | ୦.୦୬ | |
| | | | ୨୫୮ | ତଇଲା ଏକ | ୦.୦୧ | ୦.୦୧ | |
| | | | ୨୬୧ | ଘରବାରି | ୦.୩୭ | ୦.୩୭ | |
| | | | ୧୧୮ | ଘରବାରି | ୦.୦୬ | ୦.୦୬ | |
| ୩୧ | ୩୫ | ଲକ୍ଷ୍ମଣ ମଳିକ ପି: ରାଜନ ମଳିକ, କଳାମତୀ ପ୍ରଧାନ, ନିର୍ମଳା ଜାନୀ ପି: ଗୋବିନ୍ଦ ମଳିକ, ମରୁଆ ମଳିକ ସ୍ୱା: ଗୋବିନ୍ଦ ମଳିକ ଜା: କନ୍ଧ ବା: ଭଗାମୁଣ୍ଡା | ୪୧୫ | ଶାରଦ ଏକ | ୧.୦୨ | ୧.୦୨ | |
| | | | ୪୧୩ | ଶାରଦ ଦୁଇ | ୦.୨୫ | ୦.୨୫ | |
| | | | ୪୨୦ | ଶାରଦ ତିନି | ୦.୩୫ | ୦.୩୫ | |
| | | | ୫୬ | ତଇଲା ଏକ | ୨.୩୧ | ୨.୩୧ | |
| | | | ୬୯ | ତଇଲା ଏକ | ୦.୧୪ | ୦.୧୪ | |
| | | | ୧୦ | ତଇଲା ଦୁଇ | ୦.୩୨ | ୦.୩୨ | |
| | | | ୨୮ | ତଇଲା ଦୁଇ | ୦.୪୭ | ୦.୪୭ | |

ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ...

## ୯୬.୨୩ କୋଟି ଟଙ୍କାରେ ୫୨୫ଟି ଏସିଆର ନିର୍ମାଣ ପ୍ରସଙ୍ଗ

# ବଦଳିଲା ନିଷ୍ପତ୍ତି: ଟେଣ୍ଡର ମାଧ୍ୟମରେ ହେବ କାମ

‘ସକାଳ’ ପ୍ରଭାବ

ବାରିପଦା, ୧୮।୮ (ସମିସ): ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଭୋକେସନାଲ୍ ଲ୍ୟାବ ପାଇଁ ଅତିରିକ୍ତ ଶ୍ରେଣୀ କକ୍ଷ (ଏସିଆର) ନିର୍ମାଣ କାର୍ଯ୍ୟରେ ଟେଣ୍ଡର ପ୍ରକ୍ରିୟାକୁ ଏଡ଼ାଇ ବିଭାଗୀୟ ଭାବେ କାର୍ଯ୍ୟାଦେଶ ଦେବାକୁ ନେଇ ଉଠିଥିବା ବିବାଦ ମଧ୍ୟରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓଏସଇପିଏ) ପକ୍ଷରୁ ଗତକାଲି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପରିବର୍ତ୍ତନ କରାଯାଇଛି। ପୂର୍ବ ନିର୍ଦ୍ଦେଶକୁ ଆଂଶିକ ସଂଶୋଧନ କରି ଏବେ ଏହି କାର୍ଯ୍ୟ ଡିପିସି ସ୍ତରରେ ଟେଣ୍ଡର ମାଧ୍ୟମରେ କରାଯିବ ବୋଲି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ (ଆଇଏଏସ) ନୂତନ ପତ୍ର ଜାରି କରିଛନ୍ତି।

ଚଳିତ ମାସ ୮ ତାରିଖରେ “ସକାଳ’ରେ ପ୍ରକାଶିତ ଅନୁସନ୍ଧାନ ଖବରରେ ଉଲ୍ଲେଖ କରାଯାଇଥିଲା ଯେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟରୁ ୫୨୫ଟି ଏସିଆର ନିର୍ମାଣ ପାଇଁ ୯୬.୨୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପ୍ରତି ଏସିଆର ପାଇଁ ୧୮.୩୩ ଲକ୍ଷ ଟଙ୍କା ହିସାବରେ ଏହି ଅର୍ଥ ରାଜ୍ୟର ସମସ୍ତ ଡିପିସିଙ୍କ ଆକାଉଣ୍ଟକୁ ଆରଟିଜିଏସ ମାଧ୍ୟମରେ ପଠାଯାଇଥିଲା। ଓଏସଇପିଏର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ଜାରି ହୋଇଥିବା ପୂର୍ବ ପତ୍ର (ନମ୍ବର ୮୦୩୦/ଭିଇ/୨୬ ଓ ୧୫୬୭/ଭିଇ/୨୬, ୨୩.୦୭.୨୦୨୬ରେ କୁହାଯାଇଥିଲା ଯେ, ଏହି କାର୍ଯ୍ୟ ଡିପିସି ସ୍ତରରେ ଟିସି ଓ ସିନିୟର ଟିସିଙ୍କ ମାଧ୍ୟମରେ ବିଭାଗୀୟ ଭାବେ ସମ୍ପାଦନ କରାଯିବ। ସରକାରୀ ନିୟମ ଅନୁସାରେ ୫ ଲକ୍ଷ ଟଙ୍କାରୁ ଅଧିକ ଅଟକଳ ଥିବା କାର୍ଯ୍ୟ ଟେଣ୍ଡର ଦ୍ୱାରା କରାଯିବା ଉଚିତ। ତେବେ ୧୮.୩୩ ଲକ୍ଷ ଟଙ୍କା ପ୍ରକଳ୍ପକୁ ବିନା ଟେଣ୍ଡରରେ ବିଭାଗୀୟ ଭାବେ କରାଇବା ନିୟମ ବିରୋଧ ବୋଲି ଅଭିଯୋଗ ଉଠିଥିଲା। ମଡେଲ ଅଟକଳରେ ଫାଉଣ୍ଡେସନ, ସୁପରଷ୍ଟ୍ରକଚର, ଫିନିସିଂ, ବିଦ୍ୟୁତୀକରଣ, ଗ୍ରିନବୋର୍ଡ, ଫାୟାର ଏକ୍ସଟିଙ୍ଗୁଇସର, ୱାଲ ଆଲମିରା ଆଦି ଅନ୍ତର୍ଭୁକ୍ତ ଥିବାବେଳେ ଅଟକଳ ପରିମାଣ ୫ ଲକ୍ଷରୁ ତିନିଗୁଣରୁ ଅଧିକ ଥିବା ସତ୍ତ୍ୱେ ଟେଣ୍ଡର ଡକା ଯାଇ ନ ଥିବାରୁ ଓପିଡବ୍ଲୁଡି କୋଡ ଓ ସରକାରୀ ନିୟମାବଳୀ ଉଲ୍ଲଂଘନର ଅଭିଯୋଗ ହୋଇଥିଲା। ପୂର୍ବ ନିର୍ଦ୍ଦେଶରେ ମଡେଲ ପ୍ଲାନ ଅନୁଯାୟୀ ୨୫’୦” - ୨୦’-୦” ଆକାରର କକ୍ଷ ସହିତ ୭’-୦” ବାରଣ୍ଡା, ମ୍ୟାଟ ଫିନିସ ଭିଟ୍ରିଫାଇଡ ଟାଇଲ ଫ୍ଲୋରିଙ୍ଗ, ୟୁପିଭିସି ସ୍ଲାଇଡିଂ ୱିଣ୍ଡୋ ସହ ଏମଏସ ଗ୍ରିଲ, ର୍ୟାମ୍ପ ସହ ହ୍ୟାଣ୍ଡରେଲ, ଫାୟାର ଏକ୍ସଟିଙ୍ଗୁଇସରଇତ୍ୟାଦିଅନ୍ତର୍ଭୁକ୍ତକରାଯିବବୋଲିକୁହାଯାଇଥିଲା। ଭିତ୍ତିଭୂମି ଭବିଷ୍ୟତରେ ଜି+୧ ସ୍ତର ପର୍ଯ୍ୟନ୍ତ ବିସ୍ତାର ପାଇଁ ଡିଜାଇନ କରାଯିବ ଏବଂ କାର୍ଯ୍ୟ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟ ସମୟସୂଚୀ ଅନୁଯାୟୀ ୦୧.୦୮.୨୦୨୬ ସୁଦ୍ଧା ସାଇଟ ସ୍ପେସିଫିକ ଅଟକଳ ପ୍ରସ୍ତୁତ, ୧୬.୦୮.୨୦୨୬ରୁ କାର୍ଯ୍ୟ ଆରମ୍ଭ ଓ ୩୧.୧୨.୨୦୨୬ ସୁଦ୍ଧା ହସ୍ତାନ୍ତର କରିବାକୁ କୁହାଯାଇଥିଲା। ଝାରସୁଗୁଡା ବ୍ୟତୀତ ସମସ୍ତ ଡିଇଓ-କମ-ଡିପିସିଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ଜିଲ୍ଲା କଲେକ୍ଟରମାନଙ୍କୁ ମଧ୍ୟ ଅନୁଲିପି ପଠାଯାଇଥିଲା।“ତେବେ ଏହି ଖବର ପ୍ରକାଶ ପରେ ୧୭ ଅଗଷ୍ଟରେ ଓଏସଇପିଏ ପକ୍ଷରୁ ନୂତନ ପତ୍ର (ନମ୍ବର ୯୨୧୧/ ସିଡବ୍ଲୁ/୨୬ ଓ ୧୫୬୭/ଭିଇ/୨୬, ତାରିଖ ୧୭.୦୮.୨୦୨୬) ଜାରି କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପୂର୍ବ ପତ୍ରରେ ଗାଇଡଲାଇନ ଓ ମଡେଲ ପ୍ଲାନ ଯୋଗାଇ ଦିଆଯାଇଥିଲା। ତେବେ ଏବେ ଆଂଶିକ ସଂଶୋଧନ କରି କୁହାଯାଇଛି ଯେ, ଏହି କାର୍ଯ୍ୟ ଡିପିସି ସ୍ତରରେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ନିଆଯାଇପାରିବ। ଟିସି ଓ ସିନିୟର ଟିସିଙ୍କ ମନିଟରିଂ ଓ ସୁପରଭିଜନରେ ଏହା କରାଯିବ। ଗାଇଡଲାଇନର ଅନ୍ୟ ସମସ୍ତ ନିୟମ ଯଥାବତ ରହିବ। କେବଳ ୱାର୍କ ପ୍ଲାନ ଟେଣ୍ଡର ପ୍ରକ୍ରିୟା ଅନୁଯାୟୀ ବଦଳିପାରିବ। ଝାରସୁଗୁଡା ବ୍ୟତୀତ ସମସ୍ତ ଡିଇଓ-କମ-ଡିପିସିଙ୍କୁ ଏହି ନୂତନ ନିର୍ଦ୍ଦେଶ ଦିଆଯାଇଛି ଓ ଜିଲ୍ଲା କଲେକ୍ଟରଙ୍କୁ ମଧ୍ୟ ଅନୁଲିପି ପଠାଯାଇଛି। ଶିକ୍ଷା ଓ ଗଣଶିକ୍ଷା ବିଭାଗର କମିଶନର-କମ-ସଚିବଙ୍କ ପିପିଏସଙ୍କୁ ମଧ୍ୟ ଏହି ପତ୍ରର ନକଲ ପଠାଯାଇଛି। ଏହି ନୂତନ ନିର୍ଦ୍ଦେଶ ପରେ ବିଭାଗୀୟ କାର୍ଯ୍ୟାଦେଶର ବୈଧତା ଉପରେ ଉଠିଥିବା ପ୍ରଶ୍ନର ସମାଧାନ ହେବ ବୋଲି ଆଶା କରାଯାଉଛି। ତେବେ ଏହି ପରିବର୍ତ୍ତନ କେତେ ଦୃଢ଼ତାର ସହ କାର୍ଯ୍ୟକାରୀ ହେବ ଓ ଟେଣ୍ଡର ପ୍ରକ୍ରିୟା ସଠିକ ଭାବେ ଅନୁସରଣ କରାଯିବ କି ନାହିଁ, ତାହା ଏବେ ଦେଖିବାକୁ ରହିଛି। ସମ୍ପୃକ୍ତ କର୍ତ୍ତୃପକ୍ଷ ଏ ବିଷୟରେ ଆହୁରି ସ୍ପଷ୍ଟୀକରଣ ଦେବେ କି ନାହିଁ, ତାହା ମଧ୍ୟ ଅପେକ୍ଷାର ବିଷୟ।

# ଧାମନଗର ବନ୍ୟାଞ୍ଚଳ ଗସ୍ତ କଲେ ବିଜେଡିର ବରିଷ୍ଠ ନେତା

ଧାମନଗର/ଦୋବଲ,୧୮।୮(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ନେତା, ପ୍ରାକ୍ତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ ସାହୁଙ୍କ ନେତୃତ୍ୱରେ ବିଜେଡି ଟିମ୍ ଧାମନଗର ବନ୍ୟାଞ୍ଚଳ ପରିଦର୍ଶନ କରି ଚଳିତ ବର୍ଷର ୪ର୍ଥ ବନ୍ୟାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବୈତରଣୀ ଓ ଗେଙ୍ଗୁଟି ନଦୀବନ୍ଧରେ ବନ୍ୟାବିପନ୍ନଙ୍କ ସହ ସାକ୍ଷାତ୍ କରି ସେମାନଙ୍କ ଦୁଃଖ, ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବିପଦ ସମୟରେ ଲୋକଙ୍କ ସହ ଠିଆ ହୋଇ ସେମାନଙ୍କ ସମସ୍ୟା ବୁଝିବା ଓ ସହଯୋଗର ହାତ ବଢ଼ାଇବା ହିଁ ଆମର ଦଳର ପ୍ରାଥମିକତା ବୋଲି ସେ କହିଛନ୍ତି। ସରକାର ବନ୍ୟା ଟ୍ୟୁରିଜିମ୍ ବନ୍ଦ କରି ବନ୍ୟାବିପନ୍ନ ଏବଂ ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କ କଥା ବୁଝନ୍ତୁ, ସେମାନଙ୍କୁ ପର୍ଯ୍ୟାପ୍ତ ସାହାଯ୍ୟ କରିବା ସହିତ ଚାଷର କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଏବଂ ଋଣ ଛାଡ଼ କରନ୍ତୁ ବୋଲି ଗଣମାଧ୍ୟମ ଆଗରେ ଡ. ଅରୁଣ ସାହୁ ତାଙ୍କ ପ୍ରତିକ୍ରିୟାରେ ଦାବି କରିଛନ୍ତି।



ବନ୍ୟା ଟୁରିଜିମ୍ ବନ୍ଦ କରି ବିପନ୍ନଙ୍କୁ ସହାୟତା ଦିଅନ୍ତୁ ସରକାର: ଅରୁଣ

ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତବେଳେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ନିର୍ବାଚନମଣ୍ଡଳୀ ନେତା ଡ. ସଞ୍ଜୟ ଦାସ, ଧାମନଗର ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବ୍ଲକ୍ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଭଦ୍ରକ ବ୍ଲକ୍ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦିରୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଓ ସାରଦା ପ୍ରସନ୍ନ ସାହୁ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକ, ସରପଞ୍ଚ ସୀତାକାନ୍ତ ମିଶ୍ର, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଭାରତ ବିଜୟ ଦଳେଇ, ବହୁ କାଉନ୍‌ସିଲର, ବିଜେଡି ବ୍ଲକ୍ ଓ ନଗର ସଭାପତି ପ୍ରତାପ ସାମଲ, ବିଜୟକେତନ ସାହୁ, ବିଜେଡି ନେତା ସୁଶାନ୍ତ ରାଉତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସେକ୍ ଜାଫର ଅଲ୍ଲୀ, ସେକ୍ ସୈଫୁଦ୍ଦିନ(ସୁନିଲ), ସେକ୍ ବାଟୋ, ଏମ୍‌ଡି ଫକିରୁଦ୍ଦିନ, ମୀର୍ ମୁରତୁଜା, ରମେଶ ଜେନା, ଗୌରାଙ୍ଗ ଜେନା, ସେକ୍ ଜୁଲୋ ଓ ଅନ୍ୟ ନେତୃମଣ୍ଡଳୀ ଧାମନଗର ବନ୍ୟାଞ୍ଚଳ ବୟାଙ୍ଗଡିହ, ଦୋବଲ, ରାଧାବଲ୍ଲଭପୁର, ନଦୀଗାଁ, ଧୂଷୁରୀ ଆଦି ପରିଦର୍ଶନ କରି ବନ୍ୟାରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ଭେଟି ଆଲୋଚନା କରିବା ସହିତ ସ୍ଥାନୀୟ ଅଞ୍ଚଳର ନେତୃମଣ୍ଡଳୀମାନଙ୍କ ସହ ଆଲୋଚନା କରିଛନ୍ତି। ପରେ କ୍ଷୟକ୍ଷତି ଆକଳନ କରି ଏକ ରିପୋର୍ଟ ଜିଲ୍ଲା ସଭାପତିଙ୍କ ମାଧ୍ୟମରେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି।

| | | | | | | | |
|---|---|---|---|---|---|---|---|
| ୩୨ | ୩୬ | ଲାବନ୍ୟ ଦେଇ ସ୍ୱା: ଲଡୁକେଶ୍ୱର ବେହେରା, କୁନିଲତା ସାହୁ, ମିନାକ୍ଷୀ ସାହୁ, ପ୍ରମୋଦିନୀ ବେହେରା, ସୁରେଶ ଚନ୍ଦ୍ର ବେହେରା, ସୌଦାମିନୀ ସାହୁ ପି: ଲଡୁକେଶ୍ୱର ବେହେରା, ଉଦ୍ୟନାଥ ବେହେରା ପି: ଜଗନ୍ନାଥ ବେହେରା ଜା: ତେଲି ବା: ଜରୀପାଟଣା | ୭୦ | ତଇଲା ଏକ | ୦.୩୫ | ୦.୩୫ | |
| | | | ୭୧/୪୭୨ | ତଇଲା ଏକ | ୦.୧୦ | ୦.୧୦ | |
| | | | ୩୦ | ତଇଲା ଦୁଇ | ୦.୧୫ | ୦.୧୫ | |
| ୩୩ | ୩୭ | ଶ୍ରୀ ବାନ୍ଦେରୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ସମସ୍ତ :,ଗ୍ରାମବାସି ଙ୍କ ପକ୍ଷେ ବା:, ସନାତନ ଦେହୁରୀ ପି: ପାଣୁ ଦେହୁରୀ ଜା: କନ୍ଧ ବା: ନିଜଗାଁ | ୧୬୮ | ଶାରଦ ଦୁଇ | ୦.୪୮ | ୦.୪୮ | |
| ୩୪ | ୩୮ | ଉଲ୍ଲାସ କହଁର, ନିରାଶ ମଲିକ ପି: ସନାତନ ଦେହୁରି, କୈଳାଶ କହଁର ପି: ଚୈତନ୍ୟ ଦେହୁରି ଜା: କନ୍ଧ ବା: ପେମ୍ପରଡା | ୨୪୮ | ଶାରଦ ଦୁଇ | ୦.୨୮ | ୦.୨୮ | |
| | | | ୨୭୧ | ଶାରଦ ଦୁଇ | ୦.୨୧ | ୦.୨୧ | |
| | | | ୨୭୪ | ଶାରଦ ଦୁଇ | ୦.୩୧ | ୦.୩୧ | |
| | | | ୩୪୮ | ଶାରଦ ଦୁଇ | ୦.୩୬ | ୦.୩୬ | |
| | | | ୩୫୧ | ଶାରଦ ଦୁଇ | ୦.୧୪ | ୦.୧୪ | |
| | | | ୩୫୨ | ଶାରଦ ଦୁଇ | ୦.୧୫ | ୦.୧୫ | |
| | | | ୩୫୪ | ଶାରଦ ଦୁଇ | ୦.୧୭ | ୦.୧୭ | |
| | | | ୩୫୫ | ଶାରଦ ଦୁଇ | ୦.୧୪ | ୦.୧୪ | |
| | | | ୩୫୬ | ଶାରଦ ଦୁଇ | ୦.୧୫ | ୦.୧୫ | |
| | | | ୩୬୧ | ଶାରଦ ଦୁଇ | ୦.୦୬ | ୦.୦୬ | |
| | | | ୩୬୨ | ଶାରଦ ଦୁଇ | ୦.୨୫ | ୦.୨୫ | |
| | | | ୧୪୩ | ଶାରଦ ଦୁଇ | ୦.୨୫ | ୦.୨୫ | |
| | | | ୨୮୨ | ଶାରଦ ଦୁଇ | ୦.୧୬ | ୦.୧୬ | |
| | | | ୨୮୩ | ଶାରଦ ଦୁଇ | ୦.୩୧ | ୦.୩୧ | |
| | | | ୩୯୦ | ଶାରଦ ଦୁଇ | ୦.୧୧ | ୦.୧୧ | |
| | | | ୪୫୪ | ଶାରଦ ଦୁଇ | ୦.୨୨ | ୦.୨୨ | |
| | | | ୧୪୫/୪୯୦ | ଶାରଦ ଦୁଇ | ୦.୦୯ | ୦.୦୯ | |
| | | | ୧୫୬/୪୯୨ | ଶାରଦ ଦୁଇ | ୦.୧୪ | ୦.୧୪ | |
| | | | ୪୬୭ | ଶାରଦ ଦୁଇ | ୦.୧୪ | ୦.୧୪ | |
| | | | ୪୪୬ | ଶାରଦ ତିନି | ୦.୧୧ | ୦.୧୧ | |
| | | | ୪୫୬/୪୯୬ | ଶାରଦ ତିନି | ୦.୨୩ | ୦.୨୩ | |
| | | | ୪୫୮/୪୯୭ | ଶାରଦ ତିନି | ୦.୧୫ | ୦.୧୫ | |
| | | | ୪୩୪ | ଶାରଦ ତିନି | ୦.୩୦ | ୦.୩୦ | |
| | | | ୩୨୨ | ଶାରଦ ତିନି | ୦.୧୬ | ୦.୧୬ | |
| | | | ୩୨୩ | ଶାରଦ ତିନି | ୦.୧୦ | ୦.୧୦ | |
| | | | ୩୨୪ | ଶାରଦ ତିନି | ୦.୨୮ | ୦.୨୮ | |
| | | | ୩୬୩ | ଶାରଦ ତିନି | ୦.୧୨ | ୦.୧୨ | |
| | | | ୨୭୭ | ଶାରଦ ତିନି | ୦.୫୭ | ୦.୫୭ | |
| | | | ୧୬୨ | ଶାରଦ ତିନି | ୦.୦୫ | ୦.୦୫ | |
| | | | ୧୬୩ | ଶାରଦ ତିନି | ୦.୦୭ | ୦.୦୭ | |
| | | | ୨୪୦ | ତଇଲା ଏକ | ୦.୧୦ | ୦.୧୦ | |
| | | | ୨୪୨ | ତଇଲା ଏକ | ୦.୦୯ | ୦.୦୯ | |
| | | | ୧୫୪ | ତଇଲା ଏକ | ୦.୧୫ | ୦.୧୫ | |
| | | | ୪୪୧ | ତଇଲା ଏକ | ୦.୩୯ | ୦.୩୯ | |
| | | | ୨୯୧/୪୯୪ | ତଇଲା ଏକ | ୦.୩୪ | ୦.୩୪ | |
| | | | ୧୫୧/୪୯୧ | ତଇଲା ଏକ | ୦.୧୫ | ୦.୧୫ | |
| | | | ୪୪୮ | ତଇଲା ଏକ | ୦.୦୭ | ୦.୦୭ | |
| | | | ୪୪୯ | ତଇଲା ଏକ | ୦.୨୦ | ୦.୨୦ | |
| | | | ୪୫୦ | ତଇଲା ଦୁଇ | ୦.୫୩ | ୦.୫୩ | |
| | | | ୪୬୧ | ତଇଲା ଦୁଇ | ୦.୪୪ | ୦.୪୪ | |
| | | | ୪୬୨ | ତଇଲା ଦୁଇ | ୦.୧୪ | ୦.୧୪ | |
| | | | ୪୬୩ | ତଇଲା ଦୁଇ | ୦.୧୩ | ୦.୧୩ | |
| | | | ୪୬୪ | ତଇଲା ଦୁଇ | ୦.୦୬ | ୦.୦୬ | |
| | | | ୧୨୧ | ତଇଲା ଦୁଇ | ୦.୦୩ | ୦.୦୩ | |
| | | | ୪୪୦ | ତଇଲା ଦୁଇ | ୦.୧୬ | ୦.୧୬ | |
| | | | ୪୪୪ | ତଇଲା ଦୁଇ | ୦.୩୪ | ୦.୩୪ | |
| | | | ୩୨୧ | ତଇଲା ଦୁଇ | ୦.୦୬ | ୦.୦୬ | |
| ୩୫ | ୩୯ | ସନାତନ ଦେହୁରୀ, ଚୈତନ୍ୟ ଦେହୁରୀ ପି: ପାଣୁଆ ଦେହୁରୀ, ଯୋଗେନ୍ଦ୍ର ଦେହୁରୀ, ଉପେନ୍ଦ୍ର ଦେହୁରୀ ପି: ଶିଶୁ ଦେହୁରୀ, ମହାଦେଇ ଦେହୁରୀ ସ୍ୱା: ଶିଶୁ ଦେହୁରୀ ଜା: କନ୍ଧ ବା: ନିଜିଗାଁ | ୧୬୪ | ଶାରଦ ତିନି | ୦.୦୮ | ୦.୦୮ | |
| | | | ୧୧୨ | ଘରବାରି | ୦.୦୯ | ୦.୦୯ | |
| | | | ୧୧୩ | ଘରବାରି | ୦.୦୪ | ୦.୦୪ | |
| | | | ୧୧୪ | ଘରବାରି | ୦.୦୪ | ୦.୦୪ | |
| | | | ୧୧୫ | ଘରବାରି | ୦.୦୮ | ୦.୦୮ | |
| | | | ୧୧୬ | ଘରବାରି | ୦.୦୪ | ୦.୦୪ | |
| | | | ୧୧୭ | ଘରବାରି | ୦.୦୯ | ୦.୦୯ | |
| | | | ୮୪ | ଘରବାରି | ୦.୦୨ | ୦.୦୨ | |
| ୩୬ | ୪୦ | ସାଇଁନ୍ତା ଯାନି ସ୍ୱା:ବିମ୍ବାଧର ଯାନି ଜା: କନ୍ଧ ବା: ନିଜଗାଁ | ୩୩୪ | ଶାରଦ ଏକ | ୦.୩୩ | ୦.୩୩ | |
| | | | ୩୦୪ | ଶାରଦ ଦୁଇ | ୦.୨୧ | ୦.୨୧ | |
| | | | ୩୧୨ | ଶାରଦ ଦୁଇ | ୦.୨୦ | ୦.୨୦ | |
| | | | ୩୧୪ | ଶାରଦ ଦୁଇ | ୦.୮୦ | ୦.୮୦ | |
| | | | ୩୧୭ | ଶାରଦ ଦୁଇ | ୦.୫୦ | ୦.୫୦ | |
| | | | ୩୨୫ | ଶାରଦ ଦୁଇ | ୦.୮୬ | ୦.୮୬ | |
| | | | ୩୨୯ | ଶାରଦ ଦୁଇ | ୧.୭୮ | ୧.୭୮ | |
| | | | ୩୩୦ | ଶାରଦ ତିନି | ୦.୧୮ | ୦.୧୮ | |
| | | | ୩୦୯ | ଶାରଦ ତିନି | ୦.୪୭ | ୦.୪୭ | |
| | | | ୧୨୨ | ତଇଲା ଏକ | ୦.୧୨ | ୦.୧୨ | |
| | | | ୨୪୪ | ତଇଲା ଏକ | ୦.୩୩ | ୦.୩୩ | |
| | | | ୨୬୦ | ତଇଲା ଏକ | ୦.୧୩ | ୦.୧୩ | |
| | | | ୧୧୦ | ଘରବାରି | ୦.୦୫ | ୦.୦୫ | |
| | | | ୧୧୧ | ଘରବାରି | ୦.୧୦ | ୦.୧୦ | |
| | | | ୩୩୮ | ଶାରଦ ଏକ | ୦.୪୦ | ୦.୪୦ | |
| | | | ୩୪୦ | ଶାରଦ ଏକ | ୦.୩୩ | ୦.୩୩ | |
| | | | ୩୪୧ | ଶାରଦ ଏକ | ୦.୩୩ | ୦.୩୩ | |
| | | | ୪୦୨ | ଶାରଦ ଏକ | ୦.୧୯ | ୦.୧୯ | |
| | | | ୩୪୭ | ଶାରଦ ଦୁଇ | ୦.୬୦ | ୦.୬୦ | |
| | | | ୩୩୬ | ଶାରଦ ଦୁଇ | ୦.୪୬ | ୦.୪୬ | |
| | | | ୩୯୭ | ଶାରଦ ଦୁଇ | ୦.୩୧ | ୦.୩୧ | |
| | | | ୩୯୮ | ଶାରଦ ଦୁଇ | ୦.୧୯ | ୦.୧୯ | |
| ୩୭ | ୪୧ | ଚିତ୍ରା ପ୍ରଧାନ ସ୍ୱା: ତ୍ରିନାଥ ପ୍ରଧାନ, ନିର୍ମଳା ମାଝୀ ପି: ତ୍ରିନାଥ ପ୍ରଧାନ ଜା: କନ୍ଧ ବା: ନିଜଗାଁ | ୩୯୮ | ଶାରଦ ଦୁଇ | ୦.୧୯ | ୦.୧୯ | |
| | | | ୨୦୫ | ଶାରଦ ଦୁଇ | ୦.୨୮ | ୦.୨୮ | |
| | | | ୨୫୦ | ଶାରଦ ଦୁଇ | ୦.୨୭ | ୦.୨୭ | |
| | | | ୨୧ | ଶାରଦ ଦୁଇ | ୦.୧୮ | ୦.୧୮ | |
| | | | ୧୪୬ | ଶାରଦ ଦୁଇ | ୦.୭୨ | ୦.୭୨ | |
| | | | ୧୪୮ | ଶାରଦ ଦୁଇ | ୦.୩୭ | ୦.୩୭ | |
| | | | ୧୭୦ | ଶାରଦ ଦୁଇ | ୦.୬୨ | ୦.୬୨ | |
| | | | ୧୭୫ | ଶାରଦ ଦୁଇ | ୧.୧୪ | ୧.୧୪ | |
| | | | ୧୮୬ | ଶାରଦ ତିନି | ୦.୨୦ | ୦.୨୦ | |
| | | | ୧୨୯ | ଶାରଦ ତିନି | ୦.୩୬ | ୦.୩୬ | |
| | | | ୧୩୫ | ଶାରଦ ତିନି | ୦.୫୧ | ୦.୫୧ | |
| | | | ୨୪୬ | ଶାରଦ ତିନି | ୦.୩୭ | ୦.୩୭ | |
| | | | ୨୯୨ | ତଇଲା ଏକ | ୧.୬୫ | ୧.୬୫ | |
| | | | ୪୫ | ତଇଲା ଏକ | ୦.୨୦ | ୦.୨୦ | |
| | | | ୪୪ | ତଇଲା ଏକ | ୦.୧୨ | ୦.୧୨ | |
| | | | ୭୫ | ତଇଲା ଏକ | ୦.୧୨ | ୦.୧୨ | |
| | | | ୧୫୩ | ତଇଲା ଏକ | ୦.୧୧ | ୦.୧୧ | |
| | | | ୧୩୮ | ତଇଲା ଦୁଇ | ୦.୯୮ | ୦.୯୮ | |
| | | | ୧୪୨ | ତଇଲା ଦୁଇ | ୦.୫୯ | ୦.୫୯ | |
| | | | ୧୩୦ | ତଇଲା ଦୁଇ | ୦.୭୧ | ୦.୭୧ | |
| | | | ୨୧୨ | ତଇଲା ଦୁଇ | ୦.୨୩ | ୦.୨୩ | |
| | | | ୨୬୩ | ଘରବାରି | ୦.୧୮ | ୦.୧୮ | |
| | | | ୭୯ | ଘରବାରି | ୦.୧୭ | ୦.୧୭ | |
| | | | ୭୬ | ଘରବାରି | ୦.୨୨ | ୦.୨୨ | |
| | | | ୧୩୧ | ତଇଲା ଦୁଇ | ୧.୦୪ | ୧.୦୪ | |
| | | | ୧୩୨ | ତଇଲା ଦୁଇ | ୦.୨୭ | ୦.୨୭ | |
| | | | ୭୭ | ଘରବାରି | ୦.୦୨ | ୦.୦୨ | |
| ୩୮ | ୪୨/୧ | ବିଶ୍ୱମ୍ବର ସାହୁ ପି:ବୃନ୍ଦାବନ ସାହୁ ବା: ମଞ୍ଜାରୀ. | ୧୨୬/୪୯୯ | ଶାରଦ ଦୁଇ | ୦.୭୦ | ୦.୭୦ | |
| ୩୮ | ୪୨/୧ | ବିଶ୍ୱମ୍ବର ସାହୁ ପି:ବୃନ୍ଦାବନ ସାହୁ ବା: ମଞ୍ଜାରୀ. | ୧୨୬/୪୯୯ | ଶାରଦ ଦୁଇ | ୦.୭୦ | ୦.୭୦ | |
| ୩୯ | ୪୨/୨ | ରେଣୁବାଳା ସାହୁ ସ୍ୱା:ସୁଦାମ ଚରଣ ସାହୁ ବା: ମଞ୍ଜାରି ଥାନା ଦଶପଲ୍ଲା | ୯୩/୫୦୦ | ଶାରଦ ଦୁଇ | ୦.୩୧ | ୦.୩୧ | |
| ୪୦ | ୪୨/୩ | ସୁଦାମ ଚରଣ ସାହୁ ପି:ଦୁର୍ଯ୍ୟୋଧନ ସାହୁ ଜା: ଶୁଣ୍ଢି ବା: ମଞ୍ଜାରୀ. | ୯୫/୫୦୧ | ଶାରଦ ତିନି | ୦.୫୦ | ୦.୫୦ | |
| ୪୧ | ୪୨/୪ | ବୈଦ୍ୟନାଥ ନାଏକ ପି:ମଙ୍ଗୁଲୁ ନାଏକ ଜା: ପାଣ ବା: ପେମ୍ପରଡ଼ା | ୩୭୨ | ଶାରଦ ଦୁଇ | ୦.୫୬ | ୦.୫୬ | |
| ୪୨ | ୪୨/୫ | କୃପାନିଧି ନାଏକ ପି: ସହଦେବ ନାଏକ, ଜୟନ୍ତୀ ନାଏକ ସ୍ୱା: କୃପାନିଧି ନାଏକ ଜା: ପାଣ ବା: ନିଜଗାଁ | ୩୮/୫୦୨ | ଘରବାରି | ୦.୦୪ | ୦.୦୪ | |
| ୪୩ | ୪୨/୬ | ଯୋଗେଶ୍ୱର ବେହେରା ପି: ରଘୁନାଥ ବେହେରା, ଅମରୀ ବେହେରା ସ୍ୱା: ଯୋଗେଶ୍ୱର ବେହେରା ଜା: ପାଣ ବା: ନିଜଗାଁ | ୩୮/୫୦୩ | ଘରବାରି | ୦.୦୪ | ୦.୦୪ | |
| ୪୪ | ୪୨/୭ | ବାସୁଦେବ ନାଏକ ପି: ଅଇଁଠା ନାଏକ, ଶୀଶୁଲା ନାଏକ ସ୍ୱା: ବାସୁଦେବ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୦୪ | ଘରବାରି | ୦.୦୪ | ୦.୦୪ | |
| ୪୫ | ୪୨/୮ | ନିଳକଣ୍ଠ ନାଏକ ପି: ଜଗବନ୍ଧୁ ନାଏକ, ଗୁଣ୍ଡୁ ନାଏକ ସ୍ୱା: ନିଳକଣ୍ଠ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୦୫ | ଘରବାରି | ୦.୦୪ | ୦.୦୪ | |
| ୪୬ | ୪୨/୯ | ଜଗବନ୍ଧୁ ନାଏକ ପି: ଅଗାଧୁ ନାଏକ, ରସମତି ନାଏକ ସ୍ୱା: ଜଗବନ୍ଧୁ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୦୬ | ଘରବାରି | ୦.୦୪ | ୦.୦୪ | |
| ୪୭ | ୪୨/୧୦ | ଶିବ ନାଏକ ପି: ପରିମି ନାଏକ, ପୁଷ୍ପ ନାଏକ ସ୍ୱା: ଶିବ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୦୭ | ଘରବାରି | ୦.୦୪ | ୦.୦୪ | |
| ୪୮ | ୪୨/୧୧ | ଗିରି ନାଏକ ପି: ଜଗନ୍ନାଥ ନାଏକ, ନୃପତି ନାଏକ ସ୍ୱା: ଗିରି ନାଏକ ଜା: ପାଣ ବା: ନିଜଗାଁ | ୩୮/୫୦୮ | ଘରବାରି | ୦.୦୪ | ୦.୦୪ | |
| ୪୯ | ୪୨/୧୨ | ପ୍ରହଲ୍ଲାଦ ନାଏକ ପି: ବୁଧିଆ ନାଏକ, ମମୀ ନାଏକ ସ୍ୱା: ପ୍ରହଲ୍ଲାଦ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୦୯ | ଘରବାରି | ୦.୦୪ | ୦.୦୪ | |
| ୫୦ | ୪୨/୧୩ | ବୁଧିଆ ନାଏକ ପି: ରାଉତରା ନାଏକ, ରସ ନାଏକ ସ୍ୱା: ବୁଧିଆ ନାଏକ ଜା: ପାଣ ବା: ନିଜାଗାଁ | ୩୮/୫୧୦ | ଘରବାରି | ୦.୦୪ | ୦.୦୪ | |
| ୫୧ | ୪୨/୧୪ | ସୀତାକାନ୍ତ ନାଏକ ପି: ଚନ୍ଦ୍ରମଣି ନାଏକ, ସୁକାନ୍ତି ନାଏକ ସ୍ୱା: ସୀତାକାନ୍ତ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୧୧ | ଘରବାରି | ୦.୦୪ | ୦.୦୪ | |
| ୫୨ | ୪୨/୧୫ | ଦେବରାଜ ନାଏକ ପି: ଚନ୍ଦ୍ରମଣି ନାଏକ, ସୁଷମା ନାଏକ ସ୍ୱା: ଦେବରାଜ ନାଏକ ଜା: ପାଣ ବା: ନିଁଜାଁ | ୩୮/୫୧୨ | ଘରବାରି | ୦.୦୪ | ୦.୦୪ | |
| ୫୩ | ୪୨/୧୬ | ସାରସ୍ୱତ ନାଏକ ପି: ରୁଷି ନାଏକ, ସବୀତା ନାଏକ ସ୍ୱା: ସାରସ୍ୱତ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୧୩ | ଘରବାରି | ୦.୦୪ | ୦.୦୪ | |
| ୫୪ | ୪୨/୧୭ | ଗୌତମ ନାଏକ ପି: ସହଦେବ ନାଏକ, ପଦ୍ମାବତୀ ନାଏକ ସ୍ୱା: ଗୌତମ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୧୪ | ଘରବାରି | ୦.୦୪ | ୦.୦୪ | |
| ୫୫ | ୪୨/୧୮ | ପ୍ରଶନ ନାଏକ ପି:କବିରାଜ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୧୫ | ଘରବାରି | ୦.୦୪ | ୦.୦୪ | |
| ୫୬ | ୪୨/୨୩ | ସତ୍ୟବାନ ନାଏକ ପି: ସହଦେବ ନାଏକ, କମଳା ନାଏକ ସ୍ୱା: ସତ୍ୟବାନ ନାଏକ ଜା: ପାଣ ବା: ନିଜଗାଁ | ୩୮/୫୨୦ | ଘରବାରି | ୦.୦୪ | ୦.୦୪ | |
| ୫୭ | ୪୨/୨୫ | ପଦ୍ମ ଚରଣ ବେହେରା ପି: ବାନାମ୍ବର ବେହେରା, କାଞ୍ଚନ ବେହେରା ସ୍ୱା: ପଦ୍ମ ଚରଣ ବେହେରା ଜା: ପାଣ ବା: ପେଁପରଡ଼ା | ୩୮୮/୫୨୨ | ଘରବାରି | ୦.୦୪ | ୦.୦୪ | |
| ୫୮ | ୪୨/୨୬ | ଗୁପ୍ତେଶ୍ୱର ବେହେରା ପି: ବାନାମ୍ବର ବେହେରା, ସୁମତୀ ବେହେରା ସ୍ୱା: ଗୁପ୍ତେଶ୍ୱର ବେହେରା ଜା: ପାଣ ବା: ପେଁପରଡ଼ା | ୩୮୮/୫୨୩ | ଘରବାରି | ୦.୦୪ | ୦.୦୪ | |
| ୫୯ | ୪୨/୨୭ | ରାଧିକା ନାଏକ ସ୍ୱା:ବିଜୟ କୁମାର ନାଏକ ଜା: ପାଣ ବା: ନିଜଗାଁ | ୩୮/୫୨୪ | ଘରବାରି | ୦.୦୪ | ୦.୦୪ | |
| ୬୦ | ୪୨/୨୮ | କୁନ୍ତଳା ନାଏକ ସ୍ୱା: ହରିହର ନାଏକ, ହରିହର ନାଏକ ପି: ଉଦ୍ୟନାଥ ନାଏକ ଜା: ପାଣ ବା: ନିଜଗାଁ | ୪୦୭/୫୨୫ | ଶାରଦ ଦୁଇ | ୦.୪୪ | ୦.୪୪ | |
| ୬୧ | ୪୨/୨୯ | କଂସାରୀ ନାଏକ, ସଂସାରୀ ନାଏକ ପି: ଜଗନ୍ନାଥ ନାଏକ ଜା: ପାଣ ବା: ନିଜଗାଁ | ୧୦/୪୮୬ | ତଇଲା ଦୁଇ | ୦.୨୨ | ୦.୨୨ | |
| | | | ୪୨ | ତଇଲା ଏକ | ୦.୮୦ | ୦.୮୦ | |
| | | | ୪୨/୫୨୯ | ଘରବାରି | ୦.୦୪ | ୦.୦୪ | |
| ୬୨ | ୪୨/୩୦ | ଗୋପବନ୍ଧୁ ଦେହୁରି ପି:ଫଗୁଚରଣ ଦେହୁରି ଜା: କନ୍ଧ ବା: ଜାମୁସାହି | ୪୧୮ | ଶାରଦ ଏକ | ୦.୯୬ | ୦.୯୬ | |
| | | | ୨୬୨ | ଶାରଦ ଦୁଇ | ୦.୬୧ | ୦.୬୧ | |
| | | | ୨୩୪ | ତଇଲା ଦୁଇ | ୦.୬୦ | ୦.୬୦ | |
| | | | ୪୩୫ | ଶାରଦ ଦୁଇ | ୧.୫୮ | ୧.୫୮ | |
| | | | ୪୨୫/୪୮୪ | ଶାରଦ ତିନି | ୦.୧୦ | ୦.୧୦ | |
| | | | ୪୨୪ | ଶାରଦ ତିନି | ୦.୨୭ | ୦.୨୭ | |
| | | | ୬୮ | ତଇଲା ଏକ | ୦.୧୫ | ୦.୧୫ | |
| ୬୩ | ୪୨/୩୧ | ବାସୁଦେବ ନାଏକ ପି:ଅଇଁଠା ନାଏକ ଜା: ପାଣ ବା: ପେମ୍ପରଡ଼ା | ୪୮ | ଘରବାରି | ୦.୦୯ | ୦.୦୯ | |
| | | | ୫୨ | ଘରବାରି | ୦.୧୦ | ୦.୧୦ | |
| ୬୪ | ୪୨/୩୨ | ସଂସାରି ନାଏକ ପି:ଜଗନ୍ନାଥ ନାଏକ ଜା: ପାଣ ବା: ପେଁପରଡା | ୪୬୬ | ଶାରଦ ଦୁଇ | ୦.୩୦ | ୦.୩୦ | |
| | | | ୪୪୫ | ଶାରଦ ତିନି | ୦.୩୨ | ୦.୩୨ | |
| ୬୫ | ୪୨/୩୩ | ସଂଯୁକ୍ତା ନାଏକ ସ୍ୱା:ପଞ୍ଚାନନ ନାଏକ ଜା: ପାଣ ବା: ଭଗାମୁଣ୍ଡା | ୪୧୪/୫୨୬ | ଶାରଦ ଏକ | ୧.୦୦ | ୧.୦୦ | |
| ୬୬ | ୪୨/୩୪ | ବୈଦ୍ୟନାଥ ନାଏକ ପି:ମଙ୍ଗୁଲୁ ନାଏକ ଜା: ପାଣ ବା: ଭଗାମୁଣ୍ଡା ଥା : ବାଣିଗୋଛା ଜି : ନୟାଗଡ | ୩୭୯/୫୨୭ | ଶାରଦ ଏକ | ୦.୩୪ | ୦.୩୪ | |
| ୬୭ | ୪୨/୩୫ | କିଶୋର ଦେହୁରୀ ପି:ଅରକ୍ଷିତ ଦେହୁରୀ ଜା: କନ୍ଧ ବା: ପେମ୍ପରଡା ଜି ନୟାଗଡ଼ | ୩୩୪/୫୨୮ | ଶାରଦ ଏକ | ୦.୩୯ | ୦.୩୯ | |
| ୬୮ | ୪୨/୩୬ | ଶରତ କୁମାର ନାୟକ ପି:ପଲଭ ନାୟକ ଜା: କନ୍ଧ ବା: ଟୋଲକପଟିଆ ଥାନା ଗଣିଆ | ୧୩୬ | ଶାରଦ ତିନି | ୦.୨୧ | ୦.୨୧ | |
| | | | ୧୩୩/୫୪୫ | ଶାରଦ ତିନି | ୦.୫୭ | ୦.୫୭ | |
| ୬୯ | ୪୨/୩୮ | ଇନ୍ଦିରା ସାହୁ ସ୍ୱା:ପ୍ରମୋଦ କୁମାର ସାହୁ ଜା: ଶୁଣ୍ଢି ବା: କୁଞ୍ଜବନଗଡ (ଦୁର୍ଗାବଜାର କଲୋନି) | ୩୪୪ | ଶାରଦ ଏକ | ୦.୦୩ | ୦.୦୩ | |
| | | | ୩୪୬ | ଶାରଦ ଏକ | ୦.୨୭ | ୦.୨୭ | |
| | | | ୩୯୩ | ଶାରଦ ଦୁଇ | ୦.୮୨ | ୦.୮୨ | |
| | | | ୪୨୫ | ଶାରଦ ଦୁଇ | ୦.୫୫ | ୦.୫୫ | |
| ୭୦ | ୪୨/୩୯ | ଶାରଳା ନାଏକ ସ୍ୱା: କଳାକାର ନାଏକ, କଳାକାର ନାଏକ ପି: କୁଶ ନାଏକ ଜା: ପାଣ ବା: ଭଗାମୁଣ୍ଡା | ୩୮/୫୩୧ | ଘରବାରି | ୦.୦୪ | ୦.୦୪ | |
| ୭୧ | ୪୨/୪୦ | କମଳା ନାଏକ ସ୍ୱା:ସତ୍ୟବାନ ନାଏକ ଜା: ପାଣ ବା: ଭଗାମୁଣ୍ଡା | ୩୮/୫୩୨ | ଘରବାରି | ୦.୦୪ | ୦.୦୪ | |
| ୭୨ | ୪୨/୪୧ | ଦିବାକର ନାୟକ ପି:ରବିନ୍ଦ୍ର ନାୟକ ଜା: କନ୍ଧ ବା: ତିଳାବାଡି | ୪୪/୫୪୪ | ଘରବାରି | ୦.୧୫ | ୦.୧୫ | |
| | | | ୨୮୭/୫୪୩ | ଶାରଦ ଦୁଇ | ୦.୨୫ | ୦.୨୫ | |
| ୭୪ | ୪୨/୪୩ | ଚିନ୍ତାମଣି ମାଝୀ ପି:ହୃଷିକେଶ ମାଝୀ ଜା: କନ୍ଧ ବା: ଗୋଛାବାରୀ ହା.ସା କୁଞ୍ଜବନଗଡ | ୨୫୪ | ଶାରଦ ଦୁଇ | ୦.୭୮ | ୦.୭୮ | |
| | | | ୨୫୫ | ତଇଲା ଏକ | ୦.୪୪ | ୦.୪୪ | |
| ୭୫ | ୪୨/୪୪ | ଦିବାକର ନାୟକ ପି:ରବୀନ୍ଦ୍ର ନାୟକ ଜା: କନ୍ଧ ବା: ତିଳାବାଡି | ୨୮୭ | ଶାରଦ ଦୁଇ | ୧.୨୦ | ୧.୨୦ | |
| ୭୬ | ୪୨/୪୫ | ବ୍ରଜବିହାରୀ ସାହୁ ପି:ରାମଚନ୍ଦ୍ର ସାହୁ ଜା: ତେଲି ବା: ଜାମୁସାହି | ୩୧ | ଶାରଦ ଏକ | ୦.୬୩ | ୦.୬୩ | |
| | | | ୮୦ | ଘରବାରି | ୦.୦୧ | ୦.୦୧ | |
| | | | ୪୦୦ | ଶାରଦ ଏକ | ୦.୬୭ | ୦.୬୭ | |
| | | | ୪୧୨ | ଶାରଦ ତିନି | ୦.୮୮ | ୦.୮୮ | |
| | | | ୪୧୪ | ଶାରଦ ଏକ | ୦.୨୪ | ୦.୨୪ | |
| | | | ୨୮୯ | ତଇଲା ଏକ | ୦.୩୭ | ୦.୩୭ | |
| ୭୭ | ୪୭ | ସତ୍ୟଭାମା ଦେହୁରୀ ,ସ୍ୱା -ଅରକ୍ଷିତ ଦେହୁରୀ ,ଅରକ୍ଷିତ ଦେହୁରୀ ପି-ରଘୁନାଥ ଦେହୁରୀ ,ଜା -କନ୍ଧ ,ବା -ପେଁପରଡା | ୧୩୪/୫୩୦ | ଜଙ୍ଗଲ ଦୁଇ | ୧.୫୦ | ୧.୫୦ | FRA |
| ମୋଟ ରକବା | | | | | ୧୪୬.୩୭ | ୧୪୬.୩୭ | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0138

# ୧୬ ବର୍ଷ ପରେ ଆଜି ଭାରତ-ପାକିସ୍ତାନ ମହାଲଢ଼େଇ

ଆମଷ୍ଟଲଭିନ, ୧୮।୮ (ଏଜେନ୍ସି): ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ଚାଲିଥିବା ଏଫଆଇଏଚ ପୁରୁଷ ହକି ବିଶ୍ୱକପର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ବୁଧବାର ଖେଳାଯିବ। ଯେଉଁଥିରେ ଏସିଆ ମହାଦେଶର ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି। ହକି ବିଶ୍ୱକପ ଇତିହାସରେ ଦୀର୍ଘ ୧୬ ବର୍ଷ ପରେ ଦୁଇଦଳ ପରସ୍ପର ବିରୋଧରେ ମଧ୍ୟ ଖେଳିବେ। ଏଥିପୂର୍ବରୁ ୨୦୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସଂସ୍କରଣରେ ଭାରତ ୪-୧ ଗୋଲରେ ପାକିସ୍ତାନକୁ ମାତ୍ ଦେଇଥିଲା। ଡ୍ରାଗଫ୍ଲିକର ସନ୍ଦୀପ ସିଂହ ଏହି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ଭାରତ ଏହି ବିଜୟ ସଫଳତାକୁ ଚଳିତ ବିଶ୍ୱକପରେ ରିପିଟ୍ କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଚଳିତ ବିଶ୍ୱକପରେ ପାକିସ୍ତାନଠାରୁ ଭାରତ ପାଦେ ଆଗରେ ରହିଛି। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ସୁଦ୍ଧା ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ଭାରତ ୩ ପଏଣ୍ଟ ପାଇ ଇଂଲଣ୍ଡ (୬) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଟିମ୍ ଇଣ୍ଡିଆକୁ ପ୍ରଥମେ ବୁଧବାର ପାକିସ୍ତାନକୁ ହରାଇବାକୁ ପଡ଼ିବ। ଏହାପରେ କ୍ରସ ଓଭରରେ ସମସ୍ତ ୩ଟି ଯାକ ଦଳକୁ ହରାଇ ପାରିଲେ ଭାରତ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ଅପରପକ୍ଷରେ ପାକିସ୍ତାନ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ମାତ୍ର ୧ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ଭାରତ ବିପକ୍ଷ ଶେଷ ମ୍ୟାଚରେ ବିଜୟୀ ହେଲେ ପାକିସ୍ତାନର ଆଶା କିଛିଟା ଉଜ୍ଜୀବିତ ରହିବ।

### ସ୍ପେନ୍‌କୁ ହରାଇଲା ଅଷ୍ଟ୍ରେଲିଆ

ପୁରୁଷ ହକି ବିଶ୍ୱକପ୍‌ର ଆଜି ଖେଳାଯାଇଥିବା ପୁଲ-ସି'ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧-୦ ଗୋଲରେ ଶକ୍ତିଶାଳୀ ସ୍ପେନ୍‌କୁ ପରାସ୍ତ କରିଛି। ଏହା ଫଳରେ ୨ଟି ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ଅଷ୍ଟ୍ରେଲିଆ କ୍ରସ୍ ଓଭର ଖେଳିବା ନିଶ୍ଚିତ କରିଛି। ଦଳ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଦୁର୍ବଳ ଦକ୍ଷିଣ ଆଫ୍ରିକାକୁ ଭେଟିବ। ସେହିପରି ଅନ୍ୟ ପୁଲ-ଏ'ର ଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୨-୦ ଗୋଲରେ ଜାପାନକୁ ପରାସ୍ତ କରିଛି।

ଏଫ୍‌ଆଇଏଚ୍ ମହିଳା ବିଶ୍ୱକପ୍ ହକି

# ବୃହତ୍ ବିଜୟ ସହ ପୁଲ୍ ଶୀର୍ଷରେ ଭାରତ

ଆମଷ୍ଟଲ୍‌ଭିନ୍,୧୮।୮ (ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ୬-୧ ଗୋଲ୍‌ରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ମହିଳା ହକି ବିଶ୍ୱକପ୍‌ରେ ବୃହତ୍ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଚୀନ୍‌କୁ ଗୋଲ ବ୍ୟବଧାନରେ ପଛରେ ପକାଇ ପୁଲ-ଡି'ର ଶୀର୍ଷସ୍ଥାନ ଅଧିକାର କରିଛି। ଆଜି ଖେଳାଯାଇଥିବା ପୁଲ୍-ଡି'ର ପ୍ରଥମ ମୁକାବିଲାରେ ଚୀନ୍ ୪-୨ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ୨ଟି ମ୍ୟାଚ୍‌ରୁ ଭାରତ ଓ ଚୀନ୍ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ଉନ୍ନତ ଗୋଲ ବ୍ୟବଧାନ (+୫)ରେ ଭାରତ ପୁଲ୍‌ରେ ପ୍ରଥମ ଓ ଚୀନ୍ (+୨)ରେ ଦ୍ୱିତୀୟ ସ୍ଥାନରେ ରହିଛି। ଇଂଲଣ୍ଡ (+୨) ଗୋଲ ବ୍ୟବଧାନରେ ଗୋଟିଏ ବିଜୟ ସହ ତୃତୀୟ ସ୍ଥାନରେ ରହିଛି। ଆସନ୍ତା ଶୁକ୍ରବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଡ୍ର ରଖିଲେ କିମ୍ବା ବିଜୟୀ ହେଲେ ଭାରତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବ। ଏପରିକି ଦଳ ଯଦି ୨-୦ ଗୋଲ ବ୍ୟବଧାନରେ ଇଂଲଣ୍ଡ ନିକଟରୁ ପରାଜିତ ହୁଏ, ତେବେ ମଧ୍ୟ ଦଳ କ୍ରସ୍ ଓଭରକୁ ଉନ୍ନୀତ ହେବ। ଏଠାରେ ଆଜି ଭାରତ ମହିଳା ହକି ବିଶ୍ୱକପ୍ ଇତିହାସରେ ବୃହତ୍ ବିଜୟ ହାସଲ କରିଛି।

ଆଜି ଖେଳାଯାଇଥିବା ମହିଳା ବିଶ୍ୱକପ୍‌ର ଏହି ମୁକାବିଲାରେ ଭାରତ ଆରମ୍ଭରୁ ଶେଷଯାଏ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଚୀନ୍ ସହ ଡ୍ର' ମୁକାବିଲାରୁ ଭାରତ ଯେଉଁ ଆତ୍ମବିଶ୍ୱାସ ହାସଲ କରିଥିଲା, ତାହାକୁ ଏହି ମ୍ୟାଚ୍‌ରେ କାମରେ ଲଗାଇ ଆରମ୍ଭରୁ ଆକ୍ରମଣ ରଚନା କରିଥିଲା। ଫଳରେ ନିୟମିତ ବ୍ୟବଧାନରେ ଗୋଲ କରିଥିଲା। ଖେଳର ଏକାଦଶ ମିନିଟ୍‌ରେ ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ, ୧୭ତମ ମିନିଟ୍‌ରେ ନବନୀତ କୌର, ୨୫ତମ ମିନିଟ୍‌ରେ ସୁଶିଳା ଚାନୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଭାରତ ୩-୦ ଗୋଲରେ ଅଗ୍ରଣୀ ରହିଥିଲା। ଏହା ପରେ ଦ୍ୱିତୀୟ କ୍ୱାର୍ଟରରେ ଭାରତ ଆଉ ୩ଟି ଗୋଲ



ଦେଇ ଏହି ମ୍ୟାଚ୍‌କୁ ଏକତରଫା ଭାବେ ଜିତିନେବାର ସୁଯୋଗ ସୃଷ୍ଟି କରିଥିଲା। ଦ୍ୱିତୀୟ କ୍ୱାର୍ଟରର ୩୮ତମ ମିନିଟ୍‌ରେ ଦୀପିକା, ୪୪ତମ ମିନିଟ୍‌ରେ ଅର୍ଜୁନ ପୁରସ୍କାର ବିଜେତା ଲାଲରେମସିଆମି ଓ ୪୫ତମ ମିନିଟ୍‌ରେ ସାକ୍ଷୀ ରଣା ଗୋଟିଏ ଲେଖାଏଁ ଗୋଲ ଦେଇ ଭାରତକୁ ୬-୦ ଗୋଲରେ ଅଗ୍ରଣୀ ଦେଇଥିଲେ। ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଦକ୍ଷିଣ ଆଫ୍ରିକା ପକ୍ଷରୁ କାୟାଲ ଡି ୱାଲ୍ ଗୋଟିଏ ଗୋଲ ପରିଶୋଧ କରିଥିଲେ।

**■ ଚୀନ ୪- ଇଂଲଣ୍ଡ ୨**

ପୂର୍ବରୁ ଖେଳାଯାଇଥିବା ପୁଲ୍‌ର ପ୍ରଥମ ମ୍ୟାଚ୍‌ରେ ଚୀନ୍ ୪-୨ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ଏହା ଫଳରେ ଚୀନ୍ କ୍ରସ୍ ଓଭରରେ ପ୍ରବେଶ କରିବା ରାସ୍ତା ପରିଷ୍କାର କରିନେଇଥିଲା। ଚୀନ୍ ତାହାର ଶେଷ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଏହି ମ୍ୟାଚ୍ ଜିତିବା ଲାଗି ଦଳକୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ। ଫଳରେ ପୁଲ୍‌ରେ ଚୀନ ପ୍ରଥମସ୍ଥାନ ହାସଲ କରିବା ନିଶ୍ଚିତ ଓ ଏହି ପୋଜିସନରେ କ୍ରସ୍ ଓଭରକୁ ଯିବ। କିନ୍ତୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ଜୋରଦାର ହେବ ବୋଲି ଆଶା କରାଯାଉଛି। ଇଂଲଣ୍ଡ ଯଦି ଏହି ମୁକାବିଲାରୁ ୩-୦ କିମ୍ବା ତା'ଠାରୁ ଅଧିକ ଗୋଲ ବ୍ୟବଧାନରେ ବିଜୟୀ ହୁଏ, ତେବେ ଭାରତକୁ ପଛରେ ପକାଇ ଇଂଲଣ୍ଡ କ୍ରସ୍ ଓଭର ଖେଳିବ। ଭାରତ ଯଦି ୨-୦ ଗୋଲରେ ପରାଜିତ, ମ୍ୟାଚ୍ ଡ୍ର କିମ୍ବା ବିଜୟୀ ହୁଏ, ତେବେ ଚୀନ୍ ପଛକୁ ଦ୍ୱିତୀୟ ଦଳ ଭାବେ ଭାରତ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍

# ଲକ୍ଷ୍ୟ, ଉନ୍ନତିଙ୍କ ବିଜୟ ଅଭିଯାନ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଏରେନାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିବସରେ ଭାରତୀୟ ଖେଳାଳିଙ୍କୁ ମିଶ୍ରିତ ଫଳାଫଳ ମିଳିଛି। ମଙ୍ଗଳବାର ଦୁଇ ଉଦୀୟମାନ ଖେଳାଳି ଲକ୍ଷ୍ୟ ସେନ ଓ ଉନ୍ନତି ହୁଡା ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସେହିଭଳି ମହିଳା ଡବଲ୍‌ସରେ ଭାରତର ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜୋଲି ଯୋଡ଼ି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। କିନ୍ତୁ ସିମରନ ସିଂହ ଓ କାବିପ୍ରିୟା ସେଲଭାମ ଯୋଡ଼ି ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ମିକ୍ସଡ ଡବଲ୍‌ସରେ ମଧ୍ୟ ଅସିଥ ସୂର୍ଯ୍ୟା ଓ ଅମୃତା ପ୍ରମୁଥେଶ ଯୋଡ଼ି ପ୍ରଥମ ରାଉଣ୍ଡରେ ହାରି ନିରାଶ କରିଛନ୍ତି।



ମଙ୍ଗଳବାର ଖେଳାଯାଇଥିବା ମହିଳା ସିଙ୍ଗଲ୍‌ସ ରାଉଣ୍ଡ-୬୪ର ଏକ ମ୍ୟାଚରେ ଉନ୍ନତି ୨୨-୨୦, ୨୧-୧୬ ଗେମରେ ମ୍ୟାମାର'ର ଥେଟ ହଟର ଥୁଜାରଙ୍କୁ ପରାସ୍ତ କରିଥିଲେ। ୧୮ ବର୍ଷୀୟା ଉନ୍ନତିଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୪୦ ମିନିଟ ସମୟ ଲାଗିଥିଲା। ତେବେ ପୁରୁଷ ବିଭାଗରେ ଲକ୍ଷ୍ୟ ସେନ ଏକ ବଡ଼ ବିପର୍ଯ୍ୟୟରୁ ବର୍ତ୍ତି ଯାଇଥିଲେ। ପ୍ରଥମ ରାଉଣ୍ଡରେ ଲକ୍ଷ୍ୟ ୧୬-୨୧, ୨୧-୧୮, ୨୧-୪ ଗେମରେ ଅଷ୍ଟ୍ରିଆର କଲିନ୍ସ ଫିଲିମୋନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଲକ୍ଷ୍ୟ ଆଜି ପ୍ରଥମ ଗେମରେ ୧୬-୨୧ରେ ବିଶ୍ୱ ମାନ୍ୟତାର ୧୨୮ତମ ସ୍ଥାନରେ ରହିଥିବା ଫିଲିମୋନଙ୍କ ନିକଟରୁ ହାରିଯାଇଥିଲେ। ଫଳରେ ଏକ ବଡ଼ ବିପର୍ଯ୍ୟୟର ସମ୍ଭାବନା ସୃଷ୍ଟି ହୋଇଥିଲା। କିନ୍ତୁ ପରବର୍ତ୍ତୀ ଦୁଇଟି ଗେମକୁ ଜିତି ଲକ୍ଷ୍ୟ ମ୍ୟାଚକୁ ହାତେଇ ନେଇଥିଲେ। ପାଞ୍ଚ ବର୍ଷ ତଳେ ଲକ୍ଷ୍ୟ ଏହି ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିଲେ। ତେଣୁ ଏଥର ମଧ୍ୟ ସେ ପୋଡିୟମ ଫିନିଶ ଲକ୍ଷ୍ୟରେ ରହିଛନ୍ତି। ଅପରପକ୍ଷରେ ମହିଳା ଡବଲ୍‌ସରେ ଗୋପୀଚାନ୍ଦ ଓ ତ୍ରିସା ଯୋଡ଼ି ୨୧-୧୫, ୨୧-୧୨ ଗେମରେ ଆମେରିକୀୟ ଯୋଡ଼ିଙ୍କୁ ହରାଇ ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି।

● ଦିଲ୍ଲୀ ପ୍ରିମିଅର ଲିଗ୍‌ରେ ଅଘଟଣ

# ମୁହଁରେ ବଲ୍ ବାଜି ଆଇସିୟୁରେ ଅମ୍ପାୟାର

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ଚଳିତ ଦିଲ୍ଲୀ ପ୍ରିମିଅର ଲିଗ୍ (ଡିପିଏଲ୍)ରେ ଏକ ଅଘଟଣ ଦେଖିବାକୁ ମିଳିଛି। ବ୍ୟାଟରଙ୍କ ଜୋରଦାର ସଟ୍ ଅମ୍ପାୟାରଙ୍କ ମୁହଁରେ ବାଜିବାରୁ ଶେଷରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରିବାକୁ ପଡ଼ିଛି। ଇଷ୍ଟ ଦିଲ୍ଲୀ ରାଇଡର୍ସ ଏବଂ ନ୍ୟୁ ଦିଲ୍ଲୀ ଟାଇଗର୍ସ ମଧ୍ୟରେ ଗତକାଲି ଖେଳାଯାଇଥିବା ମ୍ୟାଚରେ ଏହି ଅଘଟଣ ଘଟିଥିଲା। ୧୯୩ ରନର ଲକ୍ଷ୍ୟକୁ ପିଛା କରୁଥିବାବେଳେ ଦିଲ୍ଲୀ ଟାଇଗର୍ସର ୧୮ତମ ଓଭରରେ ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ରାଇଡର୍ସର ସ୍ପିନର ଆଶିଷ ମୀନାଙ୍କ ବଲକୁ ଟାଇଗର୍ସର ବ୍ୟାଟର ଲକ୍ଷ୍ୟ ଥାରେଜା ଷ୍ଟେପ୍ ଆଉଟ୍ କରି ଷ୍ଟ୍ରେଟ୍‌ରେ ଏକ ଜୋରଦାର ସଟ୍ ମାରିଥିଲେ। ଏହି ସମୟରେ ମୁଖ୍ୟ ଅମ୍ପାୟାର ଥିବା ଧର୍ମେଶ ଭରଦ୍ୱାଜଙ୍କ କାନମୂଳରେ ବଲଟି ଖୁବ ଜୋରରେ ମାଡ଼ ହୋଇଥିଲା। ଅମ୍ପାୟାର ଧର୍ମେଶ ସଟ୍‌ଟି ଏଡ଼ାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ବିଫଳ ହୋଇଥିଲେ। ପରେ ଧର୍ମେଶ ତୁରନ୍ତ ସହାୟତା ପାଇଁ ମେଡିକାଲ ଟିମକୁ ଡାକିଥିଲେ। ଏହାପରେ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇ ଆଇସିୟୁରେ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ଡିପିଏଲ୍‌ରେ ଦ୍ୱିତୀୟଥର ଲାଗି ବଲ୍ ଅମ୍ପାୟାର ଧର୍ମେଶଙ୍କ ଶରୀରରେ ବାଜିଛି।

# ୧୭ ଜଣଙ୍କୁ ଅର୍ଜୁନ; ଖେଳରତ୍ନ କେହି ପାଇଲେନି

ନୂଆଦିଲ୍ଲୀ,୧୮।୮ (ଏଜେନ୍ସି): ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ଜାତୀୟ କ୍ରୀଡ଼ା ପୁରସ୍କାର-୨୦୨୫' ଲାଗି କେନ୍ଦ୍ର ସରକାର ୧୭ଜଣ ଖେଳାଳିଙ୍କ ନାମ ଘୋଷଣା କରିଛନ୍ତି। କିନ୍ତୁ ଏଥିରେ ଜଣେ ହେଲେ କ୍ରିକେଟ ଖେଳାଳି ନାହାନ୍ତି। ସେହିପରି ଦେଶର ସର୍ବଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ରାଜୀବ ଗାନ୍ଧି ଖେଳରତ୍ନ ଲାଗି ସରକାର କାହାରିକୁ ଯୋଗ୍ୟ ବିବେଚିତ ମନେ କରିନାହାନ୍ତି। ଦୌଡ଼କୁଦରେ ୩ଜଣ



ତେଜସ୍ୱିନ ଶଙ୍କର, ମହମ୍ମଦ୍ ଆଜମଲ ଓ ପ୍ରିୟଙ୍କା ଗୋସ୍ୱାମୀ, ପାରା ଦୌଡ଼କୁଦରେ ଏକତା ଭ୍ୟାନ୍, ବ୍ୟାଡମିଣ୍ଟନରେ ଡବଲ୍‌ସ ଖେଳାଳି ତ୍ରିଶା ଜଲ୍ଲୀ ଓ ଗାୟତ୍ରୀ ଗୋପୀଚାନ୍ଦ, ବକ୍ସିଂରେ ନରେନ୍ଦର, ଚେସ୍‌ରେ ବିଦିଥ ଗୁଜରାଟୀ ଓ ଦିବ୍ୟା ଦେଶମୁଖ, ସୁଟିଂରେ ଅଖିଳ ଶେରାଓଁ, ବଧୀର ସୁଟିଂରେ ଧନୁଶ ଶ୍ରୀକାନ୍ତ, ପାରା ସୁଟିଂରେ ରୁଦ୍ରାଂଶ ଖାଣ୍ଡେଲୱାଲ, ହକିରେ ଲାଲରେମସିଆମି ଓ ରାଜକୁମାର ପାଲ, କବାଡିରେ ପୂଜା ଓ ସୁରଜିତ୍, ରୋଇଂରେ ଅରବିନ୍ଦ ସିଂଙ୍କୁ ଅର୍ଜୁନ ପୁରସ୍କାର ଲାଗି ମନୋନୀତ କରାଯାଇଛି। ଆଜୀବନ ଅବଦାନ ଅର୍ଜୁନ ପୁରସ୍କାର ଲାଗି ଆଇ ଅରୁମଇନାୟଗମ୍, ନିୟମିତ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଲାଗି ଦୌଡ଼କୁଦରେ ପରବିର ସିଂହ, ବକ୍ସିଂରେ ଛୋଟେଲାଲ ଯାଦବ ଓ ସୁଟିଂରେ ନେହା ନନ୍ଦକୁମାର ଚଭନଙ୍କ ନାମ ମନୋନୀତ କରାଯାଇଛି। ଆଜୀବନ ଦ୍ରୋଣାଚାର୍ଯ୍ୟ ପୁରସ୍କାର କାଟେଗୋରୀରେ ଧର୍ମେନ୍ଦ୍ର ସିଂ ଯାଦବ (ବକ୍ସିଂ) ଓ ବୀରେନ୍ଦର କୁମାର (ରେସ୍‌ଲିଂ)ଙ୍କ ନାମ ଚୟନ କରାଯାଇଛି। ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ଲାଗି ପୁଣେର ଆର୍ମି ପାରାଅଲିମ୍ପିକ୍ ନୋଡେ, ସ୍ପୋର୍ଟ୍ସ ପ୍ରୋମୋସନ ଆଣ୍ଡ ଡେଭଲେପମେଣ୍ଟ ସଂଗଠନକୁ ପ୍ରଦାନ କରାଯିବ।

# 'କ୍ରୀଡ଼ା ସାମ୍ବାଦିକଙ୍କ ପାଇଁ ଅଶୋକ ପଟ୍ଟନାୟକ ଥିଲେ ଆଦର୍ଶ'

ଭୁବନେଶ୍ୱର,୧୮।୮ (ସମିସ): ଓଡ଼ିଶା ଭାଷାର ବ୍ୟବହାର ହେଉ କିମ୍ବା ସରଳ ଭାଷାରେ ଖବର ପରିବେଷଣ କରିବାରେ କ୍ରୀଡ଼ା ସାମ୍ବାଦିକ ଡଃ ଅଶୋକ ପଟ୍ଟନାୟକ ଓଡ଼ିଶାର ଜଣେ ଅଗ୍ରଗଣ୍ୟ ବ୍ୟକ୍ତିତ୍ୱ। ସମ୍ବାଦ ପରିବେଷଣ କରିବାର ଶୈଳୀ ହେଉ କିମ୍ବା ଭାଷାର ସଂଯୋଜନା କରିବା ତାଙ୍କର ସବୁଠାରୁ ଉନ୍ନତ କଳା ଥିଲା ବୋଲି ସ୍ୱର୍ଗତ ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର କର୍ମକର୍ତ୍ତାମାନେ ସ୍ମରଣ କରିଛନ୍ତି। ଉତ୍କଳ କରାଟେ ସ୍କୁଲ ପରିସରରେ ଏଥିଲାଗି ଆୟୋଜିତ ସ୍ମୃତିଚାରଣ ସଭାରେ ଓସ୍‌ଜାର ଉପଦେଷ୍ଟା କେ. ରବି, ଏସ୍‌ଜେଏଫ୍‌ଆଇ ଉପସଭାପତି ସୁରେଶ ସ୍ୱାଇଁ, ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସମୀକ୍ଷା ପଟ୍ଟନାୟକ, ଉପସଭାପତି ସଞ୍ଜୀବ ବିଶ୍ୱାଳ, ସମ୍ପାଦକ ତପନ ସ୍ୱାଇଁ, କୋଷାଧକ୍ଷ ଦେବାଶିଷ ସାମନ୍ତରାୟ ଏବଂ ଅନ୍ୟ ସଦସ୍ୟମାନେ ସ୍ମୃତି ଚାରଣ କରିଥିଲେ। ଏହା ପରେ ଓସ୍‌ଜାର ସଦସ୍ୟମାନେ ତାଙ୍କ ସ୍ମୃତିରେ ବନ୍ଧୁକ ଚାଳନା, ବାଟୁଲି ଚାଳନା ଓ ବାହୁକୁସ୍ତି ପରି କ୍ରୀଡ଼ାରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ।




ଉତ୍କଳ କରାଟେ ସ୍କୁଲ୍‌ର ପ୍ରତିଷ୍ଠାତା ତଥା ଗୁରୁ ହରିପ୍ରସାଦ ପଟ୍ଟନାୟକ, ଓଡ଼ିଶା ଭାରୋତ୍ତୋଳନ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଓଡ଼ିଶା କରାଟେ ଡୋ ସଂଘର ସମ୍ପାଦିକା ଗୌରୀ ମହାନ୍ତି, ସପନ କୁମାର ମିଶ୍ର ଉପସ୍ଥିତ ଥିଲେ। ସମୀକ୍ଷା ପଟ୍ଟନାୟକ, ଶୁଭଲକ୍ଷ୍ମୀ ବଳ, ସୁରେଶ ସ୍ୱାଇଁ, ସର୍ବେଶ୍ୱର ମହାନ୍ତି, ସୁକେଶ ବେହେରା, ଶକ୍ତିପ୍ରସାଦ ନନ୍ଦ ଓ ଚକ୍ରଧର ମାଝି ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି।

ଜାତୀୟ ଜୁନିଅର ଜଳକ୍ରୀଡ଼ା ଉଦ୍‌ଘାଟିତ

# ପ୍ରଥମ ଦିନରେ କର୍ଣ୍ଣାଟକର ଦବ୍‌ଦବା

ଭୁବନେଶ୍ୱର, ୧୮।୮ (ଏଜେନ୍ସି): ଜାତୀୟ ଜୁନିଅର ଜଳକ୍ରୀଡ଼ାର ୫୨ତମ ସଂସ୍କରଣ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ କମ୍ପ୍ଲେକ୍ସରେ ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ସନ୍ତରଣ ମହାସଂଘ, ରାଜ୍ୟ ସନ୍ତରଣ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ୬ ଦିବସୀୟ ପ୍ରତିଯୋଗିତାରେ ୩୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୫୭୧ ସନ୍ତରଣକାରୀ ଅଂଶଗ୍ରହଣ କରିଛନ୍ତି। ୧୫-୧୬ ବର୍ଷ ବୟସରୁ କମ୍ ଏବଂ ୧୭-୧୮ ବର୍ଷରୁ କମ୍ ଦୁଇଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେଉଛି। ପ୍ରଥମ ଦିବସରେ କର୍ଣ୍ଣାଟକ ସନ୍ତରଣକାରୀଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା। କର୍ଣ୍ଣାଟକ ସନ୍ତରଣକାରୀମାନେ



ମୋଟ୍ ୧୬ଟି ପଦକ ବିଜୟୀ ହୋଇଥିଲେ। ବାଳିକା ୨୦୦ ମିଟର ଫ୍ରି-ଷ୍ଟାଇଲ ଇଭେଣ୍ଟରେ ଚର୍ଚ୍ଚିତ ସନ୍ତରଣକାରୀ ଧିନିଧି ଦେଶିଂଙ୍ଗହୁ ୨ ମିନିଟ ୦୩.୨୬ ସେକେଣ୍ଡରେ ରେସ୍ ଫିନିଶ କରି ପ୍ରଥମ ସ୍ଥାନରେ ରହିଥିଲେ। ମହାରାଷ୍ଟ୍ର ସନ୍ତରଣକାରୀମାନେ ୧୧ ପଦକ ବିଜୟୀ ହୋଇ ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଦିବସରେ ଆୟୋଜକ ଓଡ଼ିଶା ସନ୍ତରଣକାରୀମାନେ ନିରାଶ କରିଛନ୍ତି। ବାଳକ ୪ ଗୁଣା ୧୦୦ ମିଟର ଫ୍ରି-ଷ୍ଟାଇଲ ରିଲେ ରେସରେ ପଞ୍ଚମ ସ୍ଥାନରେ ରହିବା ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା।

ପୂର୍ବରୁ ମଙ୍ଗଳବାର ସକାଳେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ସନ୍ତରଣ ମହାସଂଘର ସାଧାରଣ ସମ୍ପାଦକ ମୋନାଲ ଚୋକସୀ, ରାଜ୍ୟ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ, ବାଲ୍‌ରାଜ ଶର୍ମା, ରାଜକୁମାର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ରହିଥିଲେ।

ବିଜୟ ଲକ୍ଷ୍ୟ ୩୭୨; ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୮୪/୪

# ଗଲ୍ ଟେଷ୍ଟ ବିଜୟର ଦ୍ୱାରଦେଶରେ ଭାରତ

ଗଲ୍,୧୮।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଚାଲିଥିବା ୨ ମ୍ୟାଚ୍ ବିଶିଷ୍ଟ ପ୍ରଥମ ଟେଷ୍ଟ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଆସନ୍ତାକାଲି ଏହି ମ୍ୟାଚ୍‌ର ୫ମ ତଥା ଶେଷଦିନ। ଏହି ଦିନ ବିଜୟ ହାସଲ କରିବାକୁ ହେଲେ ଶ୍ରୀଲଙ୍କାକୁ ବାକିଥିବା ୬ ୱିକେଟ ବିନିମୟରେ ଆଉ ୨୮୮ ରନ୍ ଆବଶ୍ୟକ। ସେହିପରି ଗୋଟିଏ ଦିନ ଖେଳ ବା ସର୍ବାଧିକ ୯୦ ଓଭରରେ ଭାରତକୁ ୨୮୬ ରନ୍‌ରେ ଶ୍ରୀଲଙ୍କାର ଅବଶିଷ୍ଟ ୬ଟି ୱିକେଟ ନେବାର ଆବଶ୍ୟକତା ରହିଛି। ଗଲ୍ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ର ପିଚ୍ ଟର୍ଣ୍ଣ ଓ ରିଭର୍ସ ସୁଇଂ କରୁଥିଲାବେଳେ ଭାରତ ସପକ୍ଷରେ ଏହି ମୁକାବିଲା ଯିବ ବୋଲି ଆଶା କରାଯାଉଛି।



ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତ ୧୭୮ ରନ୍‌ରେ ଆଗୁଆ ରହିଥିଲା। ଖେଳର ଚତୁର୍ଥ ଦିନରେ ଭାରତର ଦ୍ୱିତୀୟ ଇନିଂସ ୧୯୧ ରନ୍‌ରେ ଶେଷ ହୋଇଥିଲା। ଏହା ଫଳରେ ଭାରତ ମୋଟ ୩୭୧ ରନ୍‌ରେ ଅଗ୍ରଣୀ ରହିବା ପରେ ଶ୍ରୀଲଙ୍କା ଆଗରେ ୩୭୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛାକରି ଆଲୋକ ଅଭାବରୁ ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୮୪ ରନ୍ ଭରଣା କରିନେଇଛି। ଦଳ ୪୭ ରନ୍‌ରେ ଚତୁର୍ଥ ୱିକେଟ ହରାଇଥିଲେ ମଧ୍ୟ ଅଧିନାୟକ ଧନଞ୍ଜୟ ଡି'ସିଲଭା (୭୩ ବଲ୍‌ରେ ୩୧ରନ୍) ଓ ସୋନାଲ ଦିନୁଶା (୩୬ବଲ୍‌ରେ ୨୫ରନ୍) ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଭାରତର ୱିକେଟ ସଂଗ୍ରହରେ ବ୍ରେକ୍ ଲଗାଇଥିଲେ। ଏମାନେ ୫ମ ୱିକେଟରେ ୭୪ ବଲ୍‌ର ସାମ୍ନା କରି ଗୁରୁତ୍ୱପୂର୍ଣ୍ଣ ୩୭ ରନ୍ ଉଠାଇଥିଲେ। ଦଳପକ୍ଷରୁ ଓପନର ନିଶାନ ମଦୁଶଙ୍କା (୬) ପୁଣିଥରେ ଅଳ୍ପ ରନ୍‌ରେ ଆଉଟ ହୋଇଥିଲାବେଳେ ଦିନେଶ ଚାଣ୍ଡିମାଲଙ୍କ ସ୍ଥାନରେ କନକସନ ବଦଳ ଖେଳାଳି ଭାବେ ଡେବ୍ୟୁ କରିଥିବା ପାସିନ୍ଦୁ ସୁରିଆବନ୍ଦରା ଖାତା ଖୋଲିବାରେ ସମର୍ଥ ହୋଇ ପାରି ନ ଥିଲେ। ଲାହିରୁ ଉଦାରା ୧୬ ଓ କାମିନ୍ଦୁ ମେଣ୍ଡିସ୍ ୨ ରନ୍‌ରେ ଆଉଟ ହେବା ପରେ ଶ୍ରୀଲଙ୍କା ବିପଦରେ ପଡ଼ିଥିଲା। ଧନଞ୍ଜୟ ଓ ସୋନାଲ ଦୃଢ଼ ବ୍ୟାଟିଂ କରି ବିପଦକୁ ଆଜି ଟଳାଇବାରେ ସଫଳ ହୋଇଥିଲେ। ଭାରତ ପକ୍ଷରୁ ବାମହାତୀ ସ୍ପିନର ମାନବ ସୁତାର ୨ଟି, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଆଜି ବା ମଙ୍ଗଳବାର ସକାଳେ ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରି ପ୍ରଥମ ଓଭରରେ ଯଶସ୍ୱୀ ଜୟସ୍ୱାଲ (୦)ଙ୍କ ୱିକେଟ ହରାଇଥିଲା। ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ କର୍ଣ୍ଣାଟକର ଦୁଇ ବ୍ୟାଟର ଲୋକେଶ ରାହୁଲ ଓ ଦେବଦତ୍ତ ପାଡିକଲ ଇନିଂସ ସମ୍ଭାଳିଥିଲେ। ଦ୍ୱିତୀୟ ୱିକେଟରେ ଏମାନେ ୬୫ ରନ୍ ଉଠାଇଥିଲେ। ପାଡିକଲ ୪୪ ଓ ରାହୁଲ ୩୫ ରନ୍‌ରେ ଆଉଟ ହୋଇଥିଲେ। ଶୁବମନ ଗିଲ୍ (୮)ଙ୍କ ଆଉଟ ପରେ ଋଷଭ ପନ୍ତ ୬୯ବଲ୍‌ର ସାମ୍ନା କରି ୮ ଚୌକା ଓ ୨ ଛକା ସହ ଦ୍ରୁତ ୬୬ ରନ୍ କରି ଭାରତକୁ ଏକ ମଜଭୁତ ସ୍ଥିତିରେ ପହଞ୍ଚାଇବାରେ ସମର୍ଥ ହୋଇଥିଲେ। ତାଙ୍କ ପରେ ଅନ୍ୟ କୌଣସି ଖେଳାଳି ଡବଲ ଫିଗର ଛୁଇଁ ପାରି ନ ଥିଲେ। ଦଳ ୪୮.୫ ଓଭରରେ ଅଲଆଉଟ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ ଫାଷ୍ଟ ବୋଲର ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୪ଟି, ଲାହିରୁ କୁମାରା ୨ଟି ଓ ବାମହାତୀ ସ୍ପିନର ପ୍ରବାତ ଜୟସୁରିଆ ୨ଟି ୱିକେଟ ଅକ୍ତିଆର କରିଥିଲେ।

**୧୦୦ ଛକା ମାରିବାରେ ପନ୍ତ ଦ୍ରୁତତମ**

ଗଲ୍‌ରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ୱିକେଟ ରକ୍ଷକ ଋଷଭ ପନ୍ତ ୨ଟି ଛକା ମାରିଛନ୍ତି। ଏହା ଫଳରେ ସେ ଟେଷ୍ଟ କ୍ରିକେଟରେ ୧୦୦ତମ ଛକା ମାରିବାରେ ବିଶ୍ୱରେ ଦ୍ରୁତତମ ଖେଳାଳି ବିବେଚିତ ହୋଇଛନ୍ତି। ଏହି ସଫଳତା ଲାଗି ସେ ୫୧ଟି ଟେଷ୍ଟ, ୮୯ଟି ଇନିଂସ ଓ ୪୯୧୮ଟି ବଲ୍‌ର ସହାୟତା ନେଇଥିଲେ। ପୂର୍ବରୁ ରେକର୍ଡ କରିଥିବା ଆଡାମ ଗିଲକ୍ରିଷ୍ଟଙ୍କଠାରୁ ୪୧ଟି ଟେଷ୍ଟ ଓ ୪୧ଟି କମ୍ ଇନିଂସ ଓ ୧୬୬୦ କମ୍ ବଲ ଖେଳି ଟେଷ୍ଟରେ ୧୦୦ତମ ଛକା ମାରିଥିଲେ। ଏହି ମ୍ୟାଚ୍‌ରେ ନଂ-୩ରେ ବ୍ୟାଟିଂ କରିଥିବା ଦେବଦତ୍ତ ପାଡିକଲ ୨୧୧ ରନ୍ କରିଥିଲେ।



## ଦିନେଶ ଆହତ, ପାସିନ୍ଦୁ କନକସନ୍

ଗଲ୍,୧୮।୮ (ଏଜେନ୍ସି): ଭାରତର ଦ୍ୱିତୀୟ ଇନିଂସର ଚତୁର୍ଥ ଓଭରରେ ଗୋଟିଏ ବାଉଣ୍ଡାରୀ ଅଟକାଇବାକୁ ଯାଇ ଶ୍ରୀଲଙ୍କାର ଅଭିଜ୍ଞ ବ୍ୟାଟର ଦିନେଶ ଚାଣ୍ଡିମାଲ ଆହତ ହୋଇଛନ୍ତି। ସେ ଆଉ ବ୍ୟାଟିଂ କରିପାରିବେ ନାହିଁ ବୋଲି ମେଡିକାଲ ଟିମ୍ ରିପୋର୍ଟ ଦେବା ପରେ ପାସିନ୍ଦୁ ବନ୍ଦରସୁରିଆଙ୍କୁ କନକସନ ବଦଳ ଖେଳାଳି ଭାବେ ଶ୍ରୀଲଙ୍କା ଦଳରେ ସାମିଲ ହୋଇଥିଲେ। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ସେ ଟେଷ୍ଟ ଡେବ୍ୟୁ କରିଥିଲେ ମଧ୍ୟ ଖାତା ଖୋଲି ନ ପାରି ଆଉଟ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

ସକାଳ
THE SAKALA
www.sakalaepaper.com



# ସମ୍ପୂର୍ଣ୍ଣା

ବୁଧବାର,
୧୯ ଅଗଷ୍ଟ,
୨୦୨୬

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଐତିହ୍ୟ

- ୧୯୧୯ - ଆଫଗାନିସ୍ତାନ ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୪୯ - ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହେଲା।
- ୧୯୭୩- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା।
- ୧୯୭୮ - ଇରାନ୍‌ର ଏକ ସିନେମା ହଲ୍‌ରେ ନିଆଁ ଲାଗିବାରୁ ୪୨୨ ଜଣଙ୍କ ମୃତ୍ୟୁ।
- ୨୦୦୯ - ଇରାକ୍‌ରେ ସିରିଜ୍ ବୋମା ବିସ୍ଫୋରଣ ଯୋଗୁଁ ୧୦୧ ଜଣ ଲୋକଙ୍କ ପ୍ରାଣହାନି।

## ବିଶ୍ୱ ଫଟୋଗ୍ରାଫି ଦିବସ



ଗୋଟିଏ ସୁନ୍ଦର ଫଟୋ ଜୀବନର ଅଭୁଲା ସ୍ମୃତିକୁ ସବୁଦିନ ପାଇଁ ସାଇତି ରଖିଥାଏ। ପୁରୁଣା ସମୟ, ସଂସ୍କୃତି ଏବଂ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକୁ ଆମେ କେବଳ ଫଟୋ ମାଧ୍ୟମରେ ହିଁ ଦେଖିପାରୁଛୁ। କୁହାଯାଏ 'ଗୋଟିଏ ଫଟୋ ହଜାରେ ଶବ୍ଦ ସହ ସମାନ'। ଗୋଟିଏ ସୁନ୍ଦର ଫଟୋ କୌଣସି ଭାଷା ବିନା ମଧ୍ୟ ସମାଜକୁ ଏକ ବଡ଼ ବାର୍ତ୍ତା ଦେଇପାରେ। ସମୟ ବିତିଯାଏ କିନ୍ତୁ ଅତୀତର ସାଥୀ ହେଇ ରହିଯାଏ ଏଇ ଫଟୋ। ଆଜିର ଡିଜିଟାଲ ଓ ସ୍ମାର୍ଟଫୋନ ଯୁଗରେ ସମସ୍ତେ ଫଟୋଗ୍ରାଫର ସାଜିଥିଲେ ବି ଫଟୋଗ୍ରାଫି ବା ଚିତ୍ରୋତ୍ତୋଳନ ଏଭଳି ଏକ କଳା ଯେଉଁଥିରେ ଆବଶ୍ୟକ ହୋଇଥାଏ ଆବେଗ, ଉତ୍କଣ୍ଠା, କୌତୂହଳ ଓ ସୃଜନଶୀଳତାର ମିଶ୍ରିତ ପ୍ରତିଫଳନ। ଫଟୋକୁ ସାଇତି ରଖିଥିବା ମଣିଷ ହେଉ କି ଫଟୋର ସେହି ସୁନ୍ଦର ମୁହୂର୍ତ୍ତକୁ ଠିକ୍ ସମୟରେ ନିଜ କ୍ୟାମେରା ଲେନ୍ସରେ ତୋଳି ଧରିଥିବା ମଣିଷମାନଙ୍କ ପାଇଁ ବିଶ୍ୱ ଫଟୋଗ୍ରାଫି ଦିବସ ବେଶ୍ ଗୁରୁତ୍ୱ ରଖେ। ଫଟୋଗ୍ରାଫିରେ ସଉକ ରଖିଥିବା ତଥା ଏହି ବୃତ୍ତିକୁ ଆପଣେଇ ନେଇଥିବା ଫଟୋଗ୍ରାଫରମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ମାସର ୧୯ ତାରିଖକୁ 'ବିଶ୍ୱ ଫଟୋଗ୍ରାଫି ଦିବସ' ଭାବରେ ପାଳନ କରାଯାଉଛି। ଯୁଦ୍ଧର ଭୟାବହତା ହେଉ କି ଦାଦନ ଶ୍ରମିକଙ୍କ ନିର୍ଯାତନାର ଦୁଃଖ, ଆମାଜନ୍ ଜଙ୍ଗଲର ଆଦିମ ଅଧିବାସୀଙ୍କ ଜୀବନଧାରା ହେଉ କି ହିମାଳୟର ବରଫାଚ୍ଛନ୍ନ ଅଞ୍ଚଳକୁ କ୍ୟାମେରାରେ ସାଇତି ରଖିଥାନ୍ତି ଫଟୋଗ୍ରାଫରମାନେ। ପୂର୍ବରୁ ଲୋକେ ଷ୍ଟୁଡିଓ ଯାଇ ଫଟୋ ଉଠାଉଥିଲେ। ସ୍ମାର୍ଟଫୋନ୍‌ର ଜମାନାରେ ଏବେ ପ୍ରତି ଲୋକଙ୍କ ହାତରେ କ୍ୟାମେରା। ଫଟୋ ଉଠାଇବା ପାଇଁ ଆଉ ଷ୍ଟୁଡିଓ ଯିବାର ଆବଶ୍ୟକତା ନାହିଁ କି କୁଆଡ଼େ ବୁଲି ଗଲାବେଳେ ସାଙ୍ଗରେ କ୍ୟାମେରା ନେଇ ଯିବାର ଲୋଡ଼ା ନାହିଁ। ବର୍ତ୍ତମାନ ଯିଏ ଯୋଉଠି ଚାହୁଁଛି ଫଟୋ ଉଠାଇ ପାରୁଛି ଓ ସେଲ୍ଫି ନେଇପାରୁଛି। ୧୮୩୯, ଜାନୁଆରୀ ୯ ତାରିଖରେ ବିଶ୍ୱରେ ପ୍ରଥମ କରି ଫଟୋଗ୍ରାଫି ଆରମ୍ଭ ହୋଇଥିଲା। ଜୋସେଫ୍ ନାଇସଫୋର୍ ଓ ଲୁଇସ୍ ଡାଗେର୍ ନାମରେ ଦୁଇ ଜଣ ବୈଜ୍ଞାନିକ 'ଡେଗୁଏରୋଟାଇପ୍ ପ୍ରକ୍ରିୟା'ର ଆରମ୍ଭ କରିଥିଲେ। 'ଡେଗୁଏରୋଟାଇପ୍ ପ୍ରକ୍ରିୟା' ହେଉଛି ଫଟୋଗ୍ରାଫିର ପ୍ରଥମ ପ୍ରକ୍ରିୟା। ଏହି ଉଦ୍ଭାବନର ଘୋଷଣା ଫ୍ରାନ୍ସ ସରକାର ୧୯ ଅଗଷ୍ଟ, ୧୮୩୯ ମସିହାରେ କରିଥିଲେ। ଏହାକୁ ମନେ ପକାଇବା ପାଇଁ ପ୍ରତିବର୍ଷ ୧୯ ଅଗଷ୍ଟ ଦିନ 'ୱାର୍ଲଡ୍ ଫଟୋଗ୍ରାଫି ଡେ' ପାଳନ କରାଯାଇଥାଏ। ଏହା ଫଟୋଗ୍ରାଫର୍‌ମାନଙ୍କୁ ବିଭିନ୍ନ କୌଶଳ, ରଚନା ଓ ଶୈଳୀ ସହ ପରୀକ୍ଷାନିରୀକ୍ଷା କରିବାକୁ ଉତ୍ସାହିତ କରିଥାଏ। ତେବେ ୨୦୧୦ରେ ଫଟୋଗ୍ରାଫି ଦିବସ ଲୋପ୍ରିୟତା ହାସଲ କରିଥିଲା। ଏହି ଦିନ ୨୭୦ ଜଣ ଫଟୋଗ୍ରାଫର୍ ବିଶ୍ୱସ୍ତରୀୟ ଏକ ଅନ୍‌ଲାଇନ୍ ଗ୍ୟାଲେରୀରେ ନିଜର ଫଟୋଗୁଡ଼ିକୁ ସେୟାର୍ କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଦେଶର ଲୋକେ ଏହି ୱେବ୍‌ସାଇଟ୍ ପ୍ରଦର୍ଶନ କରିଥିଲେ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ସଂସ୍ଥା ପକ୍ଷରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଫଟୋଗ୍ରାଫି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥାଏ। ଫଟୋଗ୍ରାଫରମାନେ ନିଜର ସବୁଠାରୁ ଭଲ ଫଟୋଗୁଡ଼ିକୁ ସୋସିଆଲ ମିଡିଆରେ ହ୍ୟାସଟ୍ୟାଗ୍ ବ୍ୟବହାର କରି ସେୟାର କରନ୍ତି।

## ବିଶ୍ୱ ମାନବତା ଦିବସ



ପ୍ରତିବର୍ଷ ଅଗଷ୍ଟ ୧୯ ତାରିଖରେ ବିଶ୍ୱ ମାନବତା ଦିବସ ପାଳନ କରାଯାଏ। ବିପଦପୂର୍ଣ୍ଣ ପରିସ୍ଥିତିରେ (ଯେପରିକି ଯୁଦ୍ଧ, ଭୂକମ୍ପ, ବନ୍ୟା କିମ୍ବା ମହାମାରୀ ସମୟରେ) ନିଜ ଜୀବନକୁ ବାଜି ଲଗାଇ ଅନ୍ୟମାନଙ୍କୁ ସାହାଯ୍ୟ କରୁଥିବା ସେବାକାରୀଙ୍କ ନିସ୍ୱାର୍ଥପର କାର୍ଯ୍ୟକୁ ସ୍ୱୀକୃତି ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ। ୨୦୦୩ ଅଗଷ୍ଟ ମାସ ୧୯ ତାରିଖରେ ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ବିଭିନ୍ନ ଦେଶର ସମୁଦାୟ ୨୨ ଜଣ ମାନବାଧିକାର କର୍ମୀ ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରେ ଜାତିସଂଘର ସ୍ୱତନ୍ତ୍ର ମହାସଚିବ ସର୍ଗିଓ ଭିଏରା ଡି ମିଲୋ ଥିଲେ। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାର ଠିକ୍ ପାଞ୍ଚ ବର୍ଷ ପରେ ଜାତିସଂଘର ସାଧାରଣ ପରିଷଦ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ମାନବତା ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ମିଳିତ ଜାତିସଂଘର ସାଧାରଣ ପରିଷଦ ଏହି ଦିବସ ପାଳନ ଜରିଆରେ ସମସ୍ତଙ୍କୁ ଏକାଠି କରିବାର ଉଦ୍ୟମ ଜାରି ରଖିଛି। ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି, ସଂକଟ ପ୍ରଭାବିତ ଲୋକଙ୍କର ଜୀବନଧାରଣ, କଲ୍ୟାଣ ଓ ସମ୍ମାନକୁ ସମର୍ଥନ କରିବା ଏବଂ ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରାଇବା। ମଣିଷ ଯେତେଯେତେ ପ୍ରଗତି ଆଡକୁ ମାଡ଼ିଚାଲିଛି ସେତେସେତେ ସେ ମାନବିକତାଠାରୁ ଦୂରେଇ ଯାଉଛି। ଆଜିକାଲି ଲୋକେ ଅଜଣା ଲୋକଙ୍କୁ ସାହାଯ୍ୟ କରିବା ତ ଦୂର କଥା ନିଜ ରକ୍ତ ସମ୍ପର୍କୀୟଙ୍କୁ ସାହାଯ୍ୟ ସହାନୁଭୂତି ଯୋଗାଇବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଗୋଟିଏ ଦେଶ ମାନବିକତା ଭୁଲି ଅନ୍ୟ ଦେଶ ସହିତ ଯୁଦ୍ଧ କରୁଛି। ସେହିଭଳି ନିଜ ଦେଶରୁ ପ୍ରାଣ ଭୟରେ ପଳାଇ ଆସି ଅନ୍ୟ ଦେଶରେ ଆଶ୍ରୟ ନେଇଥିବା ଶରଣାର୍ଥୀମାନଙ୍କୁ ଅକଥନୀୟ ନିର୍ଯାତନା ଦେଇ ତଡ଼ିଦେବା ଘଟଣା ବିଶ୍ୱରେ ମାନବିକତା ହଜିଗଲାଣି ବୋଲି ହୃଦୟଙ୍ଗମ ହୁଏ। ଗତ କିଛି ବର୍ଷ ମଧ୍ୟରେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ମାନବସେବା କରୁଥିବା ଶତାଧିକ କର୍ମୀ ହିଂସାର ଶିକାର ହୋଇ ପ୍ରାଣ ହରାଇଛନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ଆନ୍ତର୍ଜାତୀୟ ଆଇନ ଅନୁସାରେ ଏକ ବଡ଼ ଦାୟିତ୍ୱ ଅଟେ। ଜାତି, ଧର୍ମ କିମ୍ବା ରଙ୍ଗ ନିର୍ବିଶେଷରେ କେବଳ ମଣିଷ ହିସାବରେ ପରସ୍ପରକୁ ସାହାଯ୍ୟ କରିବା ହେଉଛି ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ।

## ଆଜି ଆସିଥିଲେ

### ଡ. ସତ୍ୟନାରାୟଣ ରାଜଗୁରୁ

**ରଘୁରାଜ ରାଜଗୁରୁ**

ଓଡ଼ିଶାର ବିଶିଷ୍ଟ ଲିପିତତ୍ତ୍ୱବିତ୍, ଐତିହାସିକ, ଗବେଷକ, ପ୍ରାବନ୍ଧିକ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ଜନ୍ମ ୧୯୦୩ ମସିହା ଆଜିର ଦିନରେ ପାରଳାଖେମୁଣ୍ଡିର ରାଜଗୁରୁ ବଂଶରେ ହୋଇଥିଲା। ସେ ପଣ୍ଡିତ ହରେକୃଷ୍ଣ ରାଜଗୁରୁ ଓ ସୁନାମଣି ଦେବୀଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ। ଜନ୍ମର ମାତ୍ର ୭ ଦିନ ପରେ ସେ ତାଙ୍କ ମାଙ୍କୁ ହରାଇଥିଲେ। ଓଡ଼ିଆ, ସଂସ୍କୃତି ବ୍ୟତୀତ ତେଲୁଗୁ, ତାମିଲ୍ ଓ ହିନ୍ଦୀ ଭାଷାରେ ମଧ୍ୟ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ପାରଳା ମହାରାଜ ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଜଣେ ମୁଖ୍ୟ ସହଯୋଗୀ ଭାବରେ ଇଂଲଣ୍ଡର ରାଉଣ୍ଡ ଟେବୁଲ କନଫେରେନ୍ସରେ ଉପସ୍ଥାପିତ ମେମେର୍ୟାନଡ୍‌ମ ଲେଖିବାରେ ସେ ପାରଳା ମହାରାଜାଙ୍କୁ ସାହାଯ୍ୟ କରିଥିଲେ। ତାଙ୍କ ଦ୍ୱାରା ଲିଖିତ 'ଓଡ଼ିଶାର ଇତିହାସ', 'ଓଡ଼ିଆ ଲିପିର କ୍ରମ ବିକାଶ', 'ଓଡ଼ିଆ ଉପଭାଷା', 'ଜଗନ୍ନାଥଙ୍କ ପ୍ରାଚୀନ ଇତିହାସ', 'ଜୟଦେବ ଓ ଗୀତଗୋବିନ୍ଦ' ଆଦି ବହୁ ଉଚ୍ଚ କୋଟିର ତଥ୍ୟଭିତ୍ତିକ ପୁସ୍ତକ ଓଡ଼ିଶା ଓ ଅନ୍ୟଦେଶର ଗବେଷକଙ୍କ ଦ୍ୱାରା ପ୍ରଶଂସନୀୟ ହୋଇଅଛି। ପରିଣତ ବୟସରେ ସେ ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ବେଢ଼ାରେ ଥିବା ନୃସିଂହ ମନ୍ଦିର ଶିଳାଲେଖାକୁ ପଢ଼ି ଇଂରାଜୀରେ ଲେଖିଥିବା ପୁସ୍ତକ "Inscriptions of the Temples of Puri and Origin of Sri Purusottama Jagannath," (two vlomes) ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଦ୍ୱାରା ପ୍ରକାଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଅଛି। ତାଙ୍କ ଦ୍ୱାରା ଲିଖିତ ଆତ୍ମଜୀବନୀ "ମୋ ଜୀବନ ସଂଗ୍ରାମ" ପୁସ୍ତକ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୯୭୪ ମସିହାରେ ତାଙ୍କର ପ୍ରତିଭାକୁ ସମ୍ମାନ ଜଣାଇ ଭାରତ ସରକାର ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ। ତତ୍‌ସହିତ ଉତ୍କଳ ସାହିତ୍ୟ ସମାଜ ନାଟକ ତାଙ୍କୁ ଉତ୍କଳ ରତ୍ନରେ ସମ୍ମାନିତ କରିଛନ୍ତି। ଜର୍ମାନର Kiel and Hidelburge ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରତିଷ୍ଠିତ ସାଉଥ ଏସିଆ ରିସର୍ଚ୍ଚ ପ୍ରୋଜେକ୍ଟରେ ଜର୍ମାନ ଗବେଷକମାନଙ୍କୁ ସେ ବହୁତ ସାହାଯ୍ୟ କରିଥିଲେ। ତାଙ୍କ ଦ୍ୱାରା ପ୍ରକାଶିତ ଗ୍ରନ୍ଥ "The cult jagannath and the Regional traditions of Odisha" ଗ୍ରନ୍ଥର ମୁଖବନ୍ଧରେ ବ୍ୟାଖ୍ୟା କରାଯାଇଅଛି। ଓଡ଼ିଆ ହିଷ୍ଟୋରିକାଲ ରିସର୍ଚ୍ଚ ଜୋରନାଲ ଓ ହଲାଣ୍ଡର Kern Institute ତରଫରୁ ତାଙ୍କର ବହୁ ଇଂରାଜୀ ଲିଖିତ ଗବେଷଣା ଲବ୍ଧ ତଥ୍ୟଭିତ୍ତିକ ଲେଖା ପ୍ରକାଶ ହୋଇଅଛି। ୧୧ ଜୁନ୍, ୧୯୯୭ ମସିହାରେ ୯୪ ବର୍ଷ ବୟସରେ ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ତାଙ୍କର ଦେହାନ୍ତ ହୋଇଥିଲା।

# ସମ୍ଭାବନା



## ଇଣ୍ଟର୍ଣ୍ଣସିପ୍ ପାଇଁ ପ୍ଲାଟ୍‌ଫର୍ମ

**ପାଠପଢ଼ା ପରେ ପିଲାମାନେ କମ୍ପାନିରେ ଇଣ୍ଟର୍ଣ୍ଣସିପ୍ କରିବାକୁ ଚାହାନ୍ତି। ତେବେ ଏନେଇ କିଛି ପ୍ଲାଟ୍‌ଫର୍ମ ମଧ୍ୟ ଅଛି। ଏହାକୁ ଉପଯୋଗ କରି ଜଣେ ନିଜ ପାଇଁ ଉପଯୁକ୍ତ ଇଣ୍ଟର୍ଣ୍ଣସିପ୍ ପାଇଁ ଅବସର ଖୋଜି ପାରିବେ।**



- ନୌକରି ଡଟ୍ କମ୍ ଯୁବପିଢ଼ିଙ୍କ ଲାଗି ଏକ ଲୋକପ୍ରିୟ ଜବ୍ ସର୍ଚ୍ଚ ୱେବ୍‌ସାଇଟ୍। ଏଠାରେ ଚାକିରି ସହିତ ଇଣ୍ଟର୍ଣ୍ଣସିପ୍ କରିବାର ସୁଯୋଗ ଖୋଜିପାରିବେ। ଏଠାରେ ଯୁବପିଢ଼ିଙ୍କ ଲାଗି ଟପ୍ କମ୍ପାନିର ହଜାରେ ଇଣ୍ଟର୍ଣ୍ଣସିପ୍‌ର ସୁଯୋଗ ଅଛି।
- ସେହିପରି ଲିଙ୍କଡଇନ୍ ଏକ ସୋସିଆଲ ମିଡିଆ ପ୍ଲାଟଫର୍ମ। ଏଠାରେ ଲୋକେ ନିଜର ପ୍ରଫେସନାଲ ଆକାଉଣ୍ଟ ତିଆରି କରନ୍ତି। ଏଠାରେ ଚାକିରି ଦେବା ଏବଂ ଚାକିରି ସନ୍ଧାନ କରିବା ଯୁବପିଢ଼ିଙ୍କ ଲାଗି ଉତ୍ତମ ଚାକିରି ଓ ଇଣ୍ଟର୍ଣ୍ଣସିପ୍‌ର ବିକଳ୍ପ ମହଜୁଦ୍ ଅଛି। ଏଠାରେ ବହୁତ ଇଣ୍ଟର୍ଣ୍ଣସିପ୍‌ର ସୁଯୋଗ ମିଳିଥାଏ।
- ଇଣ୍ଟର୍ଣ୍ଣଶାଳା ମଧ୍ୟ ସବୁଠୁ ବଡ଼ ଇଣ୍ଟର୍ଣ୍ଣସିପ୍ ପ୍ଲାଟ୍‌ଫର୍ମ। ଏଠାରେ ନିଜ ପାଇଁ ଇଚ୍ଛାନୁସାରେ ଇଣ୍ଟର୍ଣ୍ଣସିପ୍‌ର ଅଫର୍ ମିଳିଥାଏ। ଇଣ୍ଟର୍ଣ୍ଣଶାଳା ପ୍ଲାଟଫର୍ମ ସହିତ ପ୍ରାୟ ୭୫ ହଜାର କମ୍ପାନି ଜଡ଼ିତ ଅଛି। ବିଶେଷକରି ଛାତ୍ରଙ୍କ ଲାଗି ଇଣ୍ଟର୍ଣ୍ଣସିପ୍ ସର୍ଚ୍ଚ କରିବାର ଏହା ଏକ ବଡ଼ ପ୍ଲାଟଫର୍ମ।
- ଇଣ୍ଟର୍ଣ୍ଣସିପ୍ ସନ୍ଧାନ କରୁଥିବା ଯୁବପିଢ଼ିଙ୍କ ଲାଗି ଇନଡିଡ୍ ମଧ୍ୟ ଏକ ପ୍ରତିଷ୍ଠିତ ଜବ୍ ସର୍ଚ୍ଚ ପ୍ଲାଟଫର୍ମ। ଏଠାରେ ବିଭିନ୍ନ ଇଣ୍ଟର୍ଣ୍ଣସିପ୍ ପାଇଁ ଆବେଦନ କରାଯାଇପାରିବ। ଇନଡିଡ୍‌ର ଇଣ୍ଟରଫେସ୍ ସହଜ। ତେଣୁ ଏହା ମାଧ୍ୟମରେ ଯୁବପିଢ଼ି ସହଜରେ ନିଜ ପାଇଁ ଇଣ୍ଟର୍ଣ୍ଣସିପ୍ ସର୍ଚ୍ଚ କରନ୍ତି।

## ଭିଡିଓ ଏଡିଟିଂ ପାଇଁ ସଫ୍ଟୱେର



**ଭିଡିଓକୁ ପ୍ରଫେସନାଲ ଲୁକ୍ ଦେବା ପାଇଁ ଠିକ୍ ଏଡିଟିଂ ଜରୁରି। କଣ୍ଟେଣ୍ଟଠୁ ଆରମ୍ଭ କରି କଲର, ଟେକ୍ସଟ୍ ଇଫେକ୍ଟ ପାଇଁ ଠିକ୍ ସଫ୍ଟୱେର ଏହି ସବୁ କାମକୁ ସହଜ କରିଥାଏ।**

**ଆଡବ ପ୍ରିମିୟର ପ୍ରୋ:** ଭିଡିଓ ଏଡିଟିଂ ପାଇଁ ବଡ଼ ବଡ଼ ସଂସ୍ଥାନରେ ସବୁଠୁ ଅଧିକ ଆଡବ ପ୍ରିମିୟର ପ୍ରୋ ସଫ୍ଟୱେରକୁ ବ୍ୟବହାର କରାଯାଏ। ଏଥିରେ ଭିଡିଓ କଟ୍, ଟ୍ରାଞ୍ଜିସନ ଲଗାଇବା, ଅଡିଓ ଏଡିଟ୍ କରିବା, କଲର୍‌କୁ ଉନ୍ନତ କରିବା ଭଳି ଅନେକ କାମ ସହଜରେ କରାଯାଇପାରିବ। ତେବେ ପ୍ରଫେସନାଲ ଭିଡିଓ ସର୍ଟ ଫିଲ୍ମ, ଇଣ୍ଟରଭ୍ୟୁ, ନ୍ୟୁଜ୍ କଣ୍ଟେଣ୍ଟ ଏଡିଟ୍ କରିବାକୁ ଚାହୁଁଥିଲେ ଏହି ସଫ୍ଟୱେର ଉତ୍ତମ।

**ଫାଇନାଲ କଟ୍ ପ୍ରୋ:** ମ୍ୟାକ୍ ବ୍ୟବହାର କରୁଥିବା ଲୋକଙ୍କ ପାଇଁ ଫାଇନାଲ କଟ୍ ପ୍ରୋ ମଜଭୁତ ଭିଡିଓ ଏଡିଟିଂ ଟୁଲ୍। ଏହାର ଇଣ୍ଟରଫେସ୍ ବ୍ୟବସ୍ଥିତ। ହାଇ କ୍ୱାଲିଟି ଭିଡିଓ ଏଡିଟ୍ କରିବା ପାଇଁ ଏଥିରେ ପ୍ରଫେସନାଲ ଫିଚର ମିଳିଥାଏ। ବିଶେଷକରି ଆପଲ ଡିଭାଇସରେ ଭିଡିଓ ଏଡିଟ୍ କରୁଥିବା ଲୋକଙ୍କ ପାଇଁ ଏହି ସଫ୍ଟୱେର ଉପଯୋଗୀ ହୋଇପାରେ।

**ଆଡବ ଆଫ୍ଟର ଇଫେକ୍ଟସ:** ଭିଡିଓରେ କେବଳ କଟିଂ ନୁହେଁ, ବରଂ ମୋସନ ଗ୍ରାଫିକ୍ସ ଓ ଭିଜୁଆଲ ଇଫେକ୍ଟ ଯୋଡ଼ିବାର ଥିଲେ ଆଫ୍ଟର ଇଫେକ୍ଟ କାମରେ ଆସିବ। ଟେକ୍ସଟ, ଆନିମେସନ, ମୋସନ ଡିଜାଇନ ଏବଂ ଅନେକ ପ୍ରକାର ଭିଜୁଆଲ ଇଫେକ୍ଟ ତିଆରି କରିବା ଲାଗି ଏହାକୁ ବ୍ୟବହାର କରାଯାଏ। ସେହିପରି ଭିଡିଓକୁ ଅଧିକ କ୍ରିଏଟିଭ୍, ଅଲଗା ଲୁକ୍ ଦେବାକୁ ଚାହୁଁଥିଲେ ଏହି ସଫ୍ଟୱେର ସାହାଯ୍ୟ କରିପାରେ।

**କ୍ୟାପ୍‌କଟ୍:** କମ୍ପ୍ୟୁଟର ତଥା ମୋବାଇଲରେ ଜଲଦି ଓ ସହଜରେ ଭିଡିଓ କଟ୍ କରିବାକୁ ଚାହୁଁଥିଲେ, କ୍ୟାପ୍‌କଟ୍ ଏକ ଭଲ ବିକଳ୍ପ। ଏଥିରେ ଟ୍ରିମିଂ, ଟେକ୍ସଟ୍, ଇଫେକ୍ଟ, ଟ୍ରାଞ୍ଜିସନ, ସୋସିଆଲ ମିଡିଆ ପାଇଁ ଜରୁରି ଅନେକ ଏଡିଟିଂ ଟୁଲ୍ ଅଛି। ବିଶେଷକରି ଇନଷ୍ଟାଗ୍ରାମ୍ ରିଲ୍ ଏବଂ ଅନ୍ୟ ସର୍ଟ ଭିଡିଓ ତିଆରି କରୁଥିବା ଲୋକଙ୍କ ପାଇଁ ଏହା ଏକ ସହଜ ବିକଳ୍ପ।

## ଷ୍ଟାର୍ଟଅପ୍ ଆରମ୍ଭ ପୂର୍ବରୁ...



**ଅନେକ ଯୁବପିଢ଼ି ଆଜିର ସମୟରେ ପଢ଼ା ପୂରା କରିବା ପରେ ଚାକିରି କରିବା ପରିବର୍ତ୍ତେ ଷ୍ଟାର୍ଟଅପ୍ ଆରମ୍ଭ କରିବାକୁ ଚାହୁଁଛନ୍ତି। ଷ୍ଟାର୍ଟଅପ୍ ଆରମ୍ଭ କରିବା ପୂର୍ବରୁ କେବଳ ମାନସିକ ସ୍ତରରେ ପ୍ରସ୍ତୁତ ହେବା ଜରୁରି ନୁହେଁ। କିଛି ଦିଗ ପ୍ରତି ଧ୍ୟାନ ଦେବା ଖୁବ୍ ଗୁରୁତ୍ୱ ବହନ କରେ।**

- ଉତ୍ତମ ତଥା ଉନ୍ନତ ବ୍ୟବସାୟ ପରିକଳ୍ପନା ରହିବା ଦରକାର। ଷ୍ଟାର୍ଟଅପ୍ ଏମିତି ହେବା ଦରକାର, ଯାହାର ମାର୍କେଟରେ ଚାହିଦା ରହିପାରିବ।
- ସେହିପରି ଟ୍ରେଣ୍ଡ ଦେଖି ବ୍ୟବସାୟ ଆରମ୍ଭ କରିବା ଉପଯୁକ୍ତ ରଣନୀତି ହୋଇ ନ ଥାଏ।
- ମାର୍କେଟ ରିସର୍ଚ୍ଚ କରିବା ବି ଖୁବ୍ ଜରୁରି। ଏକଥା ବୁଝିବା ଦରକାର ଗ୍ରାହକ କ'ଣ ଚାହୁଁଛନ୍ତି ଓ କେଉଁ ଜିନିଷକୁ ନେଇ ପ୍ରତିଯୋଗିତା ହେଉଛି। ବିନା ରିସର୍ଚ୍ଚରେ ଷ୍ଟାର୍ଟଅପ୍ ଆରମ୍ଭ କରିବା ଅନୁଚିତ।
- ପାଣ୍ଠି ମଧ୍ୟ ଷ୍ଟାର୍ଟଅପ୍ ପାଇଁ ଖୁବ୍ ଜରୁରି। ଅନେକ ସମୟରେ ଯୁବପିଢ଼ି ନିଜ ସଞ୍ଚିତ ଅର୍ଥର ଉପଯୋଗ କରନ୍ତି। ଆଉ କିଛି ବ୍ୟାଙ୍କରୁ ଋଣ ନିଅନ୍ତି। ଏ ନେଇ ଷ୍ଟାର୍ଟଅପ୍ ଇଣ୍ଡିଆ ଭଳି ସରକାରୀ ସ୍କିମ୍ ବି ସାହାଯ୍ୟ କରିପାରେ।
- ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ଅର୍ଥକୁ ପରିଚାଳନା କରିବା ଜାଣିବା ବହୁତ ଜରୁରି। ବ୍ୟବସାୟର ସଫଳତା ଖର୍ଚ୍ଚ ଓ ଲାଭର ଠିକ୍ ହିସାବ ରଖିବା ଉପରେ ହିଁ ନିର୍ଭର କରେ। ଏହାବାଦ୍ ଟିମ୍ କିଭଳି ହେବ ଓ ନେତୃତ୍ୱ କିଏ କରିବ, ତାହା ମଧ୍ୟ ଜାଣିବା ଜରୁରି।
- ଆଜିର ସମୟରେ ପ୍ରତ୍ୟେକ ଷ୍ଟାର୍ଟଅପ୍ ପାଇଁ ଡିଜିଟାଲ ମାର୍କେଟିଂ ଲୋଡ଼ା ପଡୁଛି। ସୋସିଆଲ ମିଡିଆ ଓ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ଏହା କମ୍ ଖର୍ଚ୍ଚରେ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବ।

## ପକେଟ୍ ମନି

**ଆଜିକାଲି ପିଲାଙ୍କୁ ପକେଟ୍ ମନି ଦେବା ସାଧାରଣ କଥା ପାଲଟିଛି। ତେବେ ପକେଟ୍ ମନି ପିଲାଙ୍କୁ ଖର୍ଚ୍ଚ କରିବାକୁ ଦିଆଯାଉଥିବା ଟଙ୍କା ନୁହେଁ, ବରଂ ସେମାନଙ୍କୁ ଟଙ୍କାର ମୂଲ୍ୟ, ସଂଚୟ, ବଜେଟ୍ ଓ ଦାୟିତ୍ୱବୋଧ ଖର୍ଚ୍ଚର ଅଭ୍ୟାସ ଶିଖାଇବା ପାଇଁ ଏକ ପ୍ରଭାବୀ ଉପାୟ।**

ମୁଖ୍ୟତଃ କିଶୋରାବସ୍ଥା ତଥା କଲେଜ ଗଲେ ପିଲାଙ୍କୁ ନିୟମିତ ପକେଟ୍ ମନି ବାପାମାଆ ଦିଅନ୍ତି। ତେବେ ପ୍ରାରମ୍ଭିକ ସମୟରେ ପକେଟ୍ ମନିର ଉଦ୍ଦେଶ୍ୟ କିଣାକିଣି କରିବା ନୁହେଁ। ବରଂ ଦିଆଯାଉଥିବା ଟଙ୍କାକୁ ସମ୍ଭାଳିକି ରଖିବା ଓ କିପରି ଖର୍ଚ୍ଚ କରିବେ ତାହାକୁ ବୁଝାଏ। ପକେଟ୍ ମନି ସବୁବେଳେ ପିଲାଙ୍କ ବୟସ ଏବଂ ବାସ୍ତବିକ ଆବଶ୍ୟକତା ହିସାବରେ ନିର୍ଦ୍ଧାରିତ କରିବା ଦରକାର। ସେହିପରି ପିଲାଙ୍କୁ ପଚାରିବା ଦରକାର ଯେ, ସେମାନେ ପକେଟ୍ ମନିକୁ କିଭଳି ଖର୍ଚ୍ଚ କରୁଛନ୍ତି। ଏହାକୁ ଛୋଟ ଡାଏରୀ ଓ ମୋବାଇଲ ଆପ୍‌ରେ ଖର୍ଚ୍ଚର ହିସାବ ରଖିବା ପାଇଁ କହିବା ଦରକାର। ପିଲାମାନେ ସାଙ୍ଗମାନଙ୍କଠାରୁ ପ୍ରଭାବିତ ହୁଅନ୍ତି। ତେଣୁ ସାଙ୍ଗସାଥୀଙ୍କ ସହିତ ଅନାବଶ୍ୟକ ଜିନିଷ ଉପରେ ପକେଟ୍ ମନି ଖର୍ଚ୍ଚ କରୁଥିଲେ ପଚାରିବା ଦରକାର।

ସେହିପରି ବିନା କୌଣସି କାରଣରେ ପିଲାଙ୍କୁ ଅନିୟମିତ ଟଙ୍କା ମିଳିଲେ, ସେମାନେ ତାହାର ମୂଲ୍ୟ ବୁଝିପାରନ୍ତି ନାହିଁ। ଅନ୍ୟପଟେ ପକେଟ୍ ମନି ଦେବା ପୂର୍ବରୁ ପିଲାଙ୍କୁ ୫୦-୩୦-୨୦ ନିୟମ ବୁଝାଇବା ଜରୁରି। ପକେଟ୍ ମନିର ୫୦ ପ୍ରତିଶତ ଅଂଶ ଆବଶ୍ୟକସ୍ଥଳେ, ୩୦ ପ୍ରତିଶତ ଇଚ୍ଛାନୁସାରେ ଏବଂ ୨୦ ପ୍ରତିଶତ ଅଂଶ ସଂଚୟ କରିବାକୁ ବୁଝାଇବା ଦରକାର। ଏହି ଫର୍ମୁଲା ସେମାନଙ୍କୁ ଭବିଷ୍ୟତରେ ସଞ୍ଚୟ କରିବା ଦିଗରେ ପ୍ରୋତ୍ସାହିତ କରେ। ପକେଟ୍ ମନିର ଆରମ୍ଭ ସବୁବେଳେ କମ୍ ଟଙ୍କାରୁ ଆରମ୍ଭ କରିବା ଦରକାର। ୭-୧୦ ବର୍ଷ ବୟସରେ ସପ୍ତାହକୁ ୧୦୦ ଟଙ୍କା ଦେଇପାରିବେ। ଏହାପରେ ଏହାକୁ ଧୀରେ ଧୀରେ ବଢ଼ାଇବା ଦରକାର।

